ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୨/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 2/2023 Page 16 ₹ 7.00

୪୯ଶ ଭାଗ ୨୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 217 ମୂଲ୍ୟ ₹୭/-

ନୀରଜଙ୍କୁ ସ୍ୱର୍ଣ୍ଣ ପଦକ

ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା କ୍ରମାଗତ ଦ୍ୱିତୀୟ ଡାଇମଣ୍ଡ ଲିଗ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୬ ୦୪

କାର୍ତ୍ତିକୀଙ୍କୁ ଏନ୍‌ଭାଇରନମେଣ୍ଟାଲ ଆୱାର୍ଡ

ଭାରତୀୟ ବୃତ୍ତଚିତ୍ର କ୍ଷୁଦ୍ର ଫିଲ୍ମ 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ'ର ପ୍ରଯୋଜିକା କାର୍ତ୍ତିକୀ ଗୋନସାଲଭେସ୍‌ଙ୍କୁ ମିଳିଛି ଏନ୍‌ଭାଇରନମେଣ୍ଟାଲ ଆୱାର୍ଡ।

ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

ଆଜିର ସମ୍ପାଦକୀୟ

କର୍ତ୍ତବ୍ୟରେ ଅବହେଳା

ଆଜିର ମନ୍ତବ୍ୟ

ପିଏମ୍- କିଷାନ ଯୋଜନାରେ ଚାଷୀମାନେ ବର୍ଷକୁ ୫୦ ହଜାର ଟଙ୍କା ଲେଖାଏ ପାଉଛନ୍ତି। ଏହା କେବଳ ପ୍ରତିଶ୍ରୁତି ନୁହେଁ, ଗ୍ୟାରେଣ୍ଟି ମଧ୍ୟ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ମନୁଷ୍ୟକୃତ ତ୍ରୁଟିରୁ ବାହାନଗା ଟ୍ରେନ୍ ଦୁର୍ଘଟଣା ଚର୍ଚ୍ଚା

ପୃଷ୍ଠା–୩

ପୁରୀ: ଶନିବାର ବଡ଼ଠାକୁର ବଳଭଦ୍ରଙ୍କୁ ନୀଳାଦ୍ରି ବିଜେ କରାଯାଉଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି) (ଅଧିକ ଫଟୋ ଓ ରିପୋର୍ଟ : ପୃଷ୍ଠା–୧୦)

ବିପଦ ଡାକିଲାଣି ଡେଙ୍ଗୁ

ବର୍ଷା ଦିନେ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ସହ ପାଣି ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଠିକ୍ ଭାବେ ଆବର୍ଜନା ପରିଚାଳନା କରାଯାଉ ନ ଥିବାରୁ ଡେଙ୍ଗୁ କାୟା ମେଲାଇଲାଣି। ଏବେ ରାଜ୍ୟରେ ୧୭୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ କେବଳ ୯୩ଜଣ ରହିଛନ୍ତି। ସବୁଠୁ ମୁଖ୍ୟ କଥା ହେଉଛି ସ୍ମାର୍ଟ ସିଟିର ମାନ୍ୟତା ପାଇଥିବା ରାଜଧାନୀ ଭୁବନେଶ୍ୱରରେ ୯୨ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ, ଡେଙ୍ଗୁ ଅଣାୟତ୍ତ ହୋଇପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଲେଣି ।

ଭୁବନେଶ୍ୱର, ୧।୭ (ବନ୍ଦନା ସେଠୀ)

ବର୍ଷାଋତୁ ଆରମ୍ଭରୁ ଡେଙ୍ଗୁ ରୋଗ କାୟା ବିସ୍ତାର କରିବାରେ ଲାଗିଛି। ଏ ପର୍ଯ୍ୟନ୍ତ ରାଜ୍ୟରୁ ୧୭୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ସାରିଲେଣି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୯୩ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ସ୍ମାର୍ଟସିଟି ଭୁବନେଶ୍ୱର ସଂକ୍ରମଣରେ ଆଗୁଆ ରହିଛି। ସହରରୁ ଏଯାବତ୍ ୯୨ଜଣ ଡେଙ୍ଗୁ ସଂକ୍ରମିତ ବାହାରିଛନ୍ତି। ସେହିପରି ଯାଜପୁର ଜିଲାରୁ ୧୨, ବାଲେଶ୍ୱର ଓ କଟକରୁ ୧୦ଜଣ ଲେଖାଏ, ପୁରୀରୁ ୮, ଜଗତ୍‌ସିଂହପୁର ଓ ଭଦ୍ରକରୁ ୭ଜଣ ଲେଖାଏ, ନୟାଗଡ଼ରୁ ୬ଜଣ, ରାୟଗଡ଼ାରୁ ୫ଜଣ, କୋରାପୁଟରୁ ୪ଜଣ, ମୟୂରଭଞ୍ଜ, କଳାହାଣ୍ଡି, ଝାରସୁଗୁଡ଼ା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ, କେନ୍ଦୁଝରରୁ ଜଣେ ରୋଗୀ ଚିହ୍ନଟ ହୋଇଛନ୍ତି।

ରାଜ୍ୟରେ ୧୭୫ ରୋଗୀ ଚିହ୍ନଟ

- ଖୋର୍ଦ୍ଧା ଜିଲାରେ ସର୍ବାଧିକ, ଭୁବନେଶ୍ୱରରେ ୯୨ଜଣ
- ହସ୍ପିଟାଲରେ ମାଗଣା ଟେଷ୍ଟିଂ ବ୍ୟବସ୍ଥା
- ସତର୍କତାମୂଳକ ପଦକ୍ଷେପ ନେବାକୁ ସବୁ ଜିଲାକୁ ଏସ୍‌ଓପି ଜାରି

ଗତବର୍ଷ ଜୁନ୍ ଶେଷସୁଦ୍ଧା ରାଜ୍ୟରେ ୧୨୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଭୁବନେଶ୍ୱର ସଂକ୍ରମଣରେ ଆଗୁଆ ରହିଥିଲା। ଏଥର ମଧ୍ୟ ସ୍ଥିତି ସମାନ ରହିଛି। ତେବେ ରାଜ୍ୟରେ ବଢୁଥିବା ସଂକ୍ରମଣକୁ ନେଇ ଆତଙ୍କିତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସ୍ଥିତି ଭଲ ଥିବା ସେ କହିଛନ୍ତି। ପ୍ରତିବର୍ଷ ଜୁଲାଇ, ଅଗଷ୍ଟ ବେଳକୁ ମ୍ୟାଲେରିଆ ଓ ଡେଙ୍ଗୁର ପାଦୁର୍ଭାବ ବଢିଥାଏ। ଗତବର୍ଷ ଏହି ସମୟରେ ୫ହଜାର ୪ଶହ ☞ପୃଷ୍ଠା–୪

ବସ୍‌ରେ ନିଆଁ, ଜଳିଗଲେ ୨୬ ଯାତ୍ରୀ

ବୁଲ୍‌ଧନା, ୧।୭

ମହାରାଷ୍ଟ୍ରର ନାଗପୁରରୁ ପୁଣେ ଯାଉଥିବା ବିଦର୍ଭ ଟ୍ରାଭେଲ୍ସର ଏକ ବସ୍ ଶୁକ୍ରବାର ବିଳମ୍ବିତ ରାତିରେ ବୁଲଧନାସ୍ଥିତ ସମୃଦ୍ଧି ମହାମାର୍ଗ ଏକ୍ସପ୍ରେସ୍‌ୱେରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବାରୁ ୩ ଶିଶୁଙ୍କ ସମେତ ୨୬ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅନ୍ୟ ୭ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବସ୍‌ରେ ୩୩ ଜଣ ଯାତ୍ରୀ ଥିଲେ। ରାତି ୧ଟା ୩୦ ମିନିଟ୍ ସମୟରେ ଏହା ଏକ ଲୁହା ଖୁଣ୍ଟକୁ ଧକ୍କାଦେଇ ଓଲଟି ପଡ଼ିବାରୁ ଡିଜେଲ ଟାଙ୍କିରେ ନିଆଁ ଲାଗିଯାଇଥିଲା। ଟାୟାର ଫାଟିବାରୁ ବସ୍ ଖୁଣ୍ଟକୁ ଧକ୍କା ଦେଲା ବୋଲି ଡ୍ରାଇଭର କହିଛନ୍ତି। ଦୁର୍ଘଟଣା ସମୟରେ ଅଧିକାଂଶ ଯାତ୍ରୀ ଶୋଇଥିଲେ। ବସ୍‌ଟି ଡୋର ପାର୍ଶ୍ୱକୁ ଓଲଟି ପଡ଼ିବାରୁ ଯାତ୍ରୀମାନେ ବାହାରି ପାରିଲେ ନାହିଁ ବୋଲି ପୋଲିସ କହିଛି।

ଅନ୍ୟପକ୍ଷରେ ଟାୟାର ଫାଟିବା ଯୋଗୁ ଦୁର୍ଘଟଣା ଘଟିଥିବା ଖବରକୁ ଅମରାବତୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ଖଣ୍ଡନ କରିଛି। ଦୁର୍ଘଟଣାସ୍ଥଳରେ ରବର କିମ୍ବା ଟାୟାରର କୌଣସି ଚିହ୍ନ ଦେଖିବାକୁ ମିଳି ନ ଥିବା ଆର୍‌ଟିଓ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ତେବେ ହୁଇଲ୍ ଡିସ୍କ ବଙ୍କା ହୋଇଥିବା ଦେଖାଯାଇଛି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଜଣେ ବ୍ୟକ୍ତିଙ୍କ କହିବା ଅନୁଯାୟୀ ବସ୍‌ଟି ରାସ୍ତା ଡାହାଣ ପାର୍ଶ୍ୱରେ ଥିବା ଖୁଣ୍ଟକୁ ଧକ୍କାଦେବାରୁ ଡ୍ରାଇଭର ଭାରସାମ୍ୟ ହରାଇଥିଲେ। ଫଳରେ ଏହା ଡିଭାଇଡରରେ ଧକ୍କା ହୋଇ ☞ପୃଷ୍ଠା–୪

ଜୁଲାଇ ୨୦ରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ, ୧।୭

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଶନିବାର ଏହି ସୂଚନା ଦେଇଛନ୍ତି। ଅଧିବେଶନ ସମୟରେ ଫଳପ୍ରଦ ଆଲୋଚନା ପାଇଁ ରାଜନୈତିକ ଦଳଗୁଡ଼ିକ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ସଂସଦୀୟ ସୂତ୍ର ଅନୁଯାୟୀ, ମୌସୁମୀ ଅଧିବେଶନ ପାର୍ଲାମେଣ୍ଟର ପୁରୁଣା ବିଲ୍ଡିଂରେ ଆରମ୍ଭ ହେବ ଏବଂ ମଧ୍ୟଭାଗରେ ଏହାକୁ ନୂଆ ବିଲ୍ଡିଂକୁ ସ୍ଥାନାନ୍ତର କରାଯିବ। ଏହି ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୨୮ରେ ଉଦ୍‌ଘାଟନ କରିଥିଲେ। ଅଧିବେଶନରେ ମୋଟ ୧୭ଟି ସିଟିଂ ରହିବ। ଏନ୍‌ଡିଏ ସରକାର ଏକକ ଦେୱାନି ସଂହିତା (ୟୁସିସି) କାର୍ଯ୍ୟକାରୀ କରିବା ଲାଗି ବିଲ୍ ଆଣିବେ। ନିକଟରେ ପ୍ରଧାନମନ୍ତ୍ରୀ ଭୋପାଳର ଏକ ରାଲିରେ ୟୁସିସି ପ୍ରସଙ୍ଗରେ କହିବା ପରେ ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଏହା ସରକାରଙ୍କ ଧ୍ରୁବୀକରଣ କୌଶଳ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର(ସଂଶୋଧନ) ଅଧ୍ୟାଦେଶ ପରିବର୍ତ୍ତେ ସରକାର ବିଲ୍ ଆଣିପାରନ୍ତି। ☞ପୃଷ୍ଠା–୪

ବିନା ଚକରେ ଚାଲୁଛି କାର୍

ରୋମ୍, ୧।୭

ଗାଡ଼ି ତିଆରିଠାରୁ ଆରମ୍ଭକରି ଇଲେକ୍ଟ୍ରୋନିକ୍ ଡିଭାଇସ୍ ନିର୍ମାଣ କ୍ଷେତ୍ରରେ ଟେକ୍‌ନୋଲୋଜିର ବଡ଼ ଅବଦାନ ରହିଛି। ସେହିପରି ବିଭିନ୍ନ ଅଟୋମୋବାଇଲ କମ୍ପାନୀ ଏବେ ଉନ୍ନତ ଜ୍ଞାନକୌଶଳକୁ ବ୍ୟବହାର କରି ଆଡ୍‌ଭାନ୍ସଡ ଓ ନୂଆ ପ୍ରଣାଳୀର କାର୍, ବାଇକ୍ ତିଆରି କରିବାରେ ଲାଗିଛନ୍ତି। ଏମିତି କିଛି କାର୍ ରହିଛି, ଯାହା କୌଣସି ଘରଠାରୁ କମ୍ ନୁହେଁ। ଏବେ କିନ୍ତୁ ଇଣ୍ଟରନେଟ୍‌ରେ ଏକ କାର୍ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି କାର୍‌ଟି ବିଶ୍ୱର ସବୁଠାରୁ ନିଚା କାର୍ ବୋଲି କୁହାଯାଉଛି।

ସୋସିଆଲ ମିଡିଆରେ ଛାଇଯାଇଥିବା ଏହି କାର୍‌ରେ ପ୍ରବେଶ ପାଇଁ ଡୋର୍ ନାହିଁ କି ଟାୟାର ନାହିଁ। ଏହାସତ୍ତ୍ୱେ କାର୍‌ଟି ଅବାଧରେ ଅନ୍ୟ କାର୍ ଭଳି ରାସ୍ତାରେ ଯାଉଛି। ଯଦିଓ ଏହି ନିଚା କାର୍‌ରେ କାହାରିକୁ ବସିବାର ସୁଯୋଗ ମିଳିବ ନାହିଁ କିନ୍ତୁ କାର୍‌କୁ ଦେଖି ଅନେକଙ୍କ ମନରେ କୌତୂହଳ ଜାତ ହେଉଛି। କାରାମଘେଡୋନ୍ ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ଏହାର ଭିଡିଓ ଶେୟାର କରାଯାଇଛି। ଏଥିରେ କେବଳ ବୋନେଟ୍ ଓ ୱିଣ୍ଡୋ ସେଡ୍‌ସ ରହିଛି। ଇଟାଲୀର କେତେଜଣ ଅଟୋମୋବାଇଲ୍ ☞ପୃଷ୍ଠା–୪

ଟୁଇଟରର ନୂଆ ନିୟମ

ୱାଶିଂଟନ,୧।୭: ଏଣିକି ଟୁଇଟର ୟୁଜର୍ସ ଗୋଟିଏ ଦିନରେ ଏକ ନିର୍ଦ୍ଦିଷ୍ଟ ପରିମାଣର ପୋଷ୍ଟ ଦେଖିପାରିବେ। ଶନିବାର ଟୁଇଟର ମାଲିକ ଏଲନ ମସ୍କ ଏକ ପୋଷ୍ଟ ଜରିଆରେ ଏହି ନୂଆ ନିୟମ ସମ୍ପର୍କରେ କହିଛନ୍ତି। ଉକ୍ତ ନିୟମ ଅନୁସାରେ ଟୁଇଟରର ଭେରିଫାଏଡ୍ ଆକାଉଣ୍ଟ ହୋଲ୍ଡର ଦୈନିକ ୬ ହଜାର ପୋଷ୍ଟ ଦେଖିପାରିବେ। ସେହିପରି ଅନ୍-ଭେରିଫାଏଡ୍ ଆକାଉଣ୍ଟଧାରୀ ଦୈନିକ ୬୦୦ ଏବଂ ଯେଉଁମାନଙ୍କର ନୂଆ ଅନ୍-ଭେରିଫାଏଡ୍ ଆକାଉଣ୍ଟ ସେମାନେ ଦିନକୁ ୩୦୦ ପୋଷ୍ଟ ଟୁଇଟରରେ ଦେଖିବେ। ଡେଟାର ଅପବ୍ୟବହାର ଓ ଜାଲିଆତି ରୋକିବାକୁ ଏହି ନିୟମ ଅଣାଯାଇଥିବା ମସ୍କ କହିଛନ୍ତି।

କେନିଆ ଦୁର୍ଘଟଣାରେ ୫୧ ମୃତ

ନାଇରୋବି, ୧।୭: କେନିଆରେ ଏକ ସଡ଼କ ଦୁର୍ଘଟଣାରେ ୫୧ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ଏକ ଟ୍ରକ୍ କେତେକ ଗାଡ଼ି ଓ ବଜାର ବ୍ୟବସାୟୀଙ୍କୁ ଧକ୍କା ଦେଇଥିଲା। ଲୋଧିଆନିର ରିଫ୍ଟ ଭ୍ୟାଲି ସହରରେ ଏହି ଦୁର୍ଘଟଣା ଘଟିଛି। ଗାଡ଼ିର ଭଗ୍ନାବଶେଷ ତଳେ ଆଉ କେତେଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ପ୍ରବଳ ବର୍ଷା ଲାଗିରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା କେନିଆ ରେଡ୍‌କ୍ରସ ସୋସାଇଟି ପକ୍ଷରୁ କୁହାଯାଇଛି।

ପ୍ରତି କୃଷକଙ୍କୁ ବର୍ଷକୁ ୫୦ ହଜାର ଟଙ୍କା ମିଳୁଛି: ମୋଦି

ନୂଆଦିଲ୍ଲୀ, ୧।୭: କେନ୍ଦ୍ର ସରକାର ପ୍ରତିବର୍ଷ କୃଷି ସେକ୍ଟର ପାଇଁ ୬.୫ ଲକ୍ଷ କୋଟି ଟଙ୍କା ଦେଉଛନ୍ତି। ପ୍ରତି କୃଷକ ବର୍ଷକୁ ବିଭିନ୍ନ ଯୋଜନାରେ ୫୦ ହଜାର ଟଙ୍କା ଲାଭ ପାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଏହା କେବଳ ପ୍ରତିଶ୍ରୁତି ନୁହେଁ, 'ମୋଦି ଗ୍ୟାରେଣ୍ଟି' ବୋଲି ପ୍ରଧାନମନ୍ତ୍ରୀ ୧୭ତମ ଭାରତୀୟ ସମବାୟ କଂଗ୍ରେସରେ ଉଦ୍‌ବୋଧନ ଦେଇ କହିଛନ୍ତି। ନିକଟରେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ଆକ୍ଷେପ କରି ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାର ସାର ସବ୍‌ସିଡି, ଖାଦ୍ୟଶସ୍ୟ କ୍ରୟ, ପିଏମ୍-କିଷଣ ଆଦି ଯୋଜନାରୁ ଚାଷୀ ପାଉଥିବା ଲାଭ ସମ୍ପର୍କରେ ସୂଚନା ଦେଇଥିଲେ।

ବିକ୍ଷୋଭକାରୀଙ୍କୁ ପୋଲିସର ଲାଠି

ବିହାର: ଶିକ୍ଷକ ନିଯୁକ୍ତିରେ ବାହାର ଲୋକଙ୍କୁ ଅନୁମତିର ପ୍ରତିବାଦ

ପାଟନା, ୧।୭ (ପି.ଟି.)

ବିହାରରେ ଶିକ୍ଷକ ନିଯୁକ୍ତି ଲାଗି ବାହାର ରାଜ୍ୟର ଲୋକେ ଆବେଦନ କରିପାରିବେ। ରାଜ୍ୟ ସରକାରଙ୍କ ଏଭଳି ବିବାଦୀୟ ନିଷ୍ପତ୍ତି ପ୍ରତିବାଦରେ ଶନିବାର ରାଜଧାନୀ ପାଟନାରେ ଜୋର୍‌ଦାର ବିକ୍ଷୋଭ ହୋଇଛି। ପାଟନାର କେନ୍ଦ୍ରସ୍ଥଳ ଡାକ ବଙ୍ଗଳା ଛକରେ ହଜାର ହଜାର ଯୁବତୀଯୁବକ ଏକାଠି ହୋଇ ବିକ୍ଷୋଭରେ ସାମିଲହେବା ପରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ବଳ ପ୍ରୟୋଗ କରିଥିଲା। କେତେକ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି। ପ୍ରଶାସନଠାରୁ ଅନୁମତି ନ ନେଇ ଯୁବତୀଯୁବକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହା ବେଆଇନ ବୋଲି ସେମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲୁ ବୋଲି ପାଟନା ଡିଏସ୍‌ପି ନୁରୁଲ ହକ୍ କହିଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ସରକାରଙ୍କ ମନୋଭାବର ପ୍ରତିଫଳନ ବୋଲି ସିଟିଇଟି ଏବଂ ବିଟିଇଟି ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବିକ୍ଷୋଭକାରୀମାନେ କହିଛନ୍ତି। ସେମାନେ ଶିକ୍ଷିତ ଲୋକ ଏବଂ ନ୍ୟାଯ୍ୟ ଦାବି ପାଇଁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିବାବେଳେ ପୋଲିସ ବଳ ପ୍ରୟୋଗ କରିବା ସହ ଅପରାଧୀ ଭଳି ସେମାନଙ୍କୁ ଗିରଫ କରିଛି। ସରକାର ଓ ପୋଲିସକୁ ଲଜ୍ଜା ନାହିଁ ବୋଲି ନିଯୁକ୍ତି ଆଶାୟୀ ପୂଜା ସିଂ କହିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷକ ନିଯୁକ୍ତିରେ ରାଜ୍ୟ ବାସିନ୍ଦା ନୀତି ଗ୍ରହଣ କରାଯିବ ନାହିଁ ବୋଲି ନୀତୀଶ କୁମାର ସରକାର ନିକଟରେ ଘୋଷଣା କରିଥିଲେ। ଏହାକୁ ବିରୋଧୀ ଦଳ ଭାଜପା ସମେତ ମହାମେଣ୍ଟ ସରକାରକୁ ବାହାରୁ ସମର୍ଥନ କରୁଥିବା ସିପିଆଇ(ଏମ୍‌ଏଲ୍) ଲିବରେଶନ ବିରୋଧ କରିଛି। ରାଜ୍ୟ ଭିତରେ ଶିକ୍ଷକ ନିଯୁକ୍ତି ଲାଗି ମେଧାବୀଙ୍କ ଅଭାବ ଥିବାରୁ ବାହାର ପ୍ରାର୍ଥୀଙ୍କୁ ଅନୁମତି ଦିଆଯାଇଥିବା ଶିକ୍ଷାମନ୍ତ୍ରୀ ଚନ୍ଦ୍ରଶେଖର କହିବା ପରେ ଏହା ସ୍ଥିତିକୁ ଆହୁରି ଜଟିଳ କରିଛି। ବାହାର ଲୋକଙ୍କୁ ନିଯୁକ୍ତି ପ୍ରତିବାଦରେ ୧୩ ତାରିଖରେ ଭାଜପା ବିଧାନସଭା ଅଭିଯାନ କରିବ ବୋଲି ଘୋଷଣା କରିଛି। ବିହାର ବିଧାନସଭାର ମୌସୁମୀ ଅଧିବେଶନ ଜୁଲାଇ ୧୦ରୁ ଆରମ୍ଭ ହେଉଛି। ବିହାରରେ ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ବୋଲି ବିଧାନସଭାରେ ଭାଜପା ନେତା ବିଜୟ କୁମାର ସିହ୍ନା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପାଟନାରେ ଆନ୍ଦୋଳନରତ ନିଯୁକ୍ତି ଆଶାୟୀଙ୍କ ଉପରେ ପୋଲିସର ଲାଠିଚାଳନା।

ସହମତି ବୟସ ୧୬କୁ ହ୍ରାସ କରାଯାଉ

କେନ୍ଦ୍ରକୁ କହିଲେ ମଧ୍ୟପ୍ରଦେଶ ହାଇକୋର୍ଟ

ଗ୍ୱାଲିୟର, ୧।୭

ମହିଳାମାନଙ୍କ ସହମତି ବୟସ ୧୬ ବର୍ଷକୁ ହ୍ରାସ କରିବା ନିମନ୍ତେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଗ୍ୱାଲିୟର ବେଞ୍ଚ୍ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ବର୍ତ୍ତମାନ ମହିଳାମାନଙ୍କ ସହମତି ବୟସ ୧୮ ବର୍ଷ ରଖାଯାଇଥିବାରୁ କିଶୋରମାନଙ୍କ ପ୍ରତି ଅନ୍ୟାୟ ହେବା ସହ ସାମାଜିକ ଶୃଙ୍ଖଳା ବାଧାପ୍ରାପ୍ତ ହେଉଛି ବୋଲି ହାଇକୋର୍ଟ କହିଛନ୍ତି। ୨୦୨୦ରେ ଜଣେ ନାବାଳିକାଙ୍କୁ ଏକାଧିକ ଥର ବଳାତ୍କାର କରି ଗର୍ଭବତୀ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଏତଲାକୁ ଅଦାଲତ ଖାରଜ କରିଦେବା ସହ ଉପରୋକ୍ତ ଅନୁରୋଧ କରିଛନ୍ତି। ଆଜିକାଲି ୧୪ ବର୍ଷ ବୟସର ପୁଅଝିଅ ସୋସିଆଲ ମିଡିଆ ସଚେତନତା ଓ ସହଜରେ ଇଣ୍ଟରନେଟ୍ ସଂଯୋଗରେ ଆସି ଯୌବନତ୍ୱ ପ୍ରାପ୍ତ ହେଉଛନ୍ତି। ସେଥିପାଇଁ ସେମାନେ କମ୍ ବୟସରେ ପରସ୍ପର ପ୍ରତି ଆକର୍ଷିତ ହେଉଛନ୍ତି ଓ ପରିଣାମରେ ସେମାନଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କ ସ୍ଥାପନ ହେଉଛି। ତେଣୁ ଝିଅମାନଙ୍କ ସହମତି ବୟସ ୧୮ରୁ ୧୬ ବର୍ଷକୁ ହ୍ରାସ ନେଇ କେନ୍ଦ୍ର ସରକାର ବିଚାର କରିବାକୁ ହାଇକୋର୍ଟ ଅନୁରୋଧ କରିଛନ୍ତି।

ୟୁକ୍ରେନରେ ସ୍ପେନ୍ ପ୍ରଧାନମନ୍ତ୍ରୀ

ରୁଷିଆ ମିଶାଇଲ ମାଡ଼ରେ ୩ ମୃତ

କିଭ୍,୧।୭

ରୁଷିଆ ଆକ୍ରମଣ ବିରୋଧରେ ୟୁକ୍ରେନର ଲଢ଼େଇକୁ ସମର୍ଥନ ଜଣାଇବା ପାଇଁ ଶନିବାର ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ କିଭ୍‌ରେ ପହଞ୍ଚିଛନ୍ତି। ଏହି ଲଢ଼େଇ ଯେତେଦୂର ପର୍ଯ୍ୟନ୍ତ ଚାଲିବ ମାଡ୍ରିଡ୍ ଓ ୟୁରୋପୀୟ ସଂଘର ସହଯୋଗ ୟୁକ୍ରେନ୍ ସହ ସେପର୍ଯ୍ୟନ୍ତ ରହିବ ବୋଲି ପେଡ୍ରୋ କହିଛନ୍ତି। ୟୁକ୍ରେନ୍ ପାର୍ଲାମେଣ୍ଟରେ ପେଡ୍ରୋ ଉଦ୍‌ବୋଧନ ଦେଇଥିବାବେଳେ ତାଙ୍କୁ ଷ୍ଟାଣ୍ଡିଂ ଓବେଶନ୍ ମିଳିଛି। ୟୁକ୍ରେନ୍ ଗସ୍ତବେଳେ ପେଡ୍ରୋ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟିବା ସହ ଅପରାହ୍ନରେ ମିଳିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ରୁଷିଆ ମିଶାଇଲ ମାଡ଼ରେ ୟୁକ୍ରେନ୍ ଇଲସେହ୍ନେରରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଜଣ ଆହତ ହୋଇଥିବା ୟୁକ୍ରେନୀୟ ସେନା ପକ୍ଷରୁ କୁହାଯାଇଛି।

ପେଡ୍ରୋ ସାନ୍‌ଚେଜ

କଶ୍ମୀରର ଗଣ୍ଡରୱାଲ ଜିଲାର ବାଲତଲଠାରେ ଅମରନାଥ ଯାତ୍ରୀମାନଙ୍କ ଉପରେ ସୁରକ୍ଷା ଯବାନ କଡ଼ା ନଜର ରଖିଛନ୍ତି। ୬୨ ଦିନିଆ ପବିତ୍ର ଅମରନାଥ ଯାତ୍ରା ଶନିବାର ଆରମ୍ଭ ହୋଇଛି।

ପାକିସ୍ତାନ ଜେଲରେ ୩୦୮ ଭାରତୀୟ

ଇସ୍‌ଲାମାବାଦ୍, ୧।୭

ପାକ୍ ଜେଲରେ ୩୦୮ ଭାରତୀୟ ବନ୍ଦୀ ଥିବା ଶନିବାର ପାକିସ୍ତାନ ପକ୍ଷରୁ ଏକ ସୂଚୀ ଭାରତକୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୪୨ ଜଣ ସାଧାରଣ ଲୋକଙ୍କ ସମେତ ୨୬୬ ମତ୍ସ୍ୟଜୀବୀ ଥିବା ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ଭାରତୀୟ ଜେଲରେ ମୋଟ ୪୧୭ ଜଣ ପାକିସ୍ତାନୀ ବନ୍ଦୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୪୩ ସାଧାରଣ ନାଗରିକ ଏବଂ ୭୪ ଜଣ ମାଛଧରାଳି। ତେବେ ଯେଉଁ ବନ୍ଦୀଙ୍କର ଦଣ୍ଡ ଅବଧି ଶେଷ ହୋଇସାରିଛି ସେମାନଙ୍କୁ ନିଜ ଦେଶକୁ ପଠାଇ ଦେବା ଲାଗି ପାକିସ୍ତାନ ପକ୍ଷରୁ କୁହାଯାଇଛି।

ଆଜାଦଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

ଚଣ୍ଡିଗଡ଼, ୧।୭

ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ଶନିବାର ହରିୟାଣାର ଅମ୍ବାଲାରୁ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ହରିୟାଣା ଓ ଉତ୍ତରପ୍ରଦେଶ ପୋଲିସର ମିଳିତ ଅପରେଶନ ଆରମ୍ଭ କରିଥିଲା। ଗତ ୨୮ରେ ଉତ୍ତର ପ୍ରଦେଶ ଦେଓବନ୍ଦରେ ଆଜାଦଙ୍କ ଉପରକୁ କେତେଜଣ ଗୁଳିମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ତିସ୍ତାଙ୍କୁ ୭ ଦିନ ଅନ୍ତରୀଣ ସୁରକ୍ଷା

ହାଇକୋର୍ଟରେ ନିରାଶ, ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧।୭

ସାମାଜିକ କର୍ମୀ ତିସ୍ତା ସିତଲୱାଡ୍‌ଙ୍କ ନିୟମିତ ଜାମିନ ଆବେଦନକୁ ଗୁଜରାଟ ହାଇକୋର୍ଟ ଶନିବାର ଖାରଜ କରିଦେଇଥିଲେ। ୨୦୦୨ ଗୋଧ୍ରା ପରବର୍ତ୍ତୀ ଦଙ୍ଗା ମାମଲାରେ ନିରୀହ ଲୋକଙ୍କୁ ଫସାଇବା ପାଇଁ ପ୍ରମାଣ ଜାଲିଆତି କରିଥିବା ଅଭିଯୋଗରେ ସମ୍ପୃକ୍ତ ତିସ୍ତାଙ୍କୁ ତୁରନ୍ତ ଆତ୍ମସମର୍ପଣ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ତିସ୍ତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ତାଙ୍କୁ ଗିରଫଦାରୀରୁ ୭ ଦିନ ପାଇଁ ସୁରକ୍ଷା ମିଳିଛି। ଆତ୍ମସମର୍ପଣ ପାଇଁ ହାଇକୋର୍ଟ ଅଧିକ ସମୟ ଦେବା ଆବଶ୍ୟକ ବୋଲି ଜଷ୍ଟିସ ଏ.ଏସ୍. ଓକା ଏବଂ ପି.କେ. ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ। ତେବେ ତିସ୍ତାଙ୍କୁ ସୁରକ୍ଷା ଦେବା ଲାଗି ଦୁଇ ବିଚାରପତିଙ୍କ ଭିନ୍ନ ମତ ଯୋଗୁ ପିଟିଶନ୍‌ର ଶୁଣାଣି ପାଇଁ ସିଜେଆଇଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠକୁ ପଠାଯାଇଥିଲା। ଗତବର୍ଷ ଜୁନ୍ ୨୫ରେ ଗୁଜରାଟ ପୋଲିସ ତିସ୍ତାଙ୍କୁ ଗିରଫ କରିଥିଲା। ସେପ୍ଟେମ୍ବରରେ ସେ ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ପାଇଥିଲେ।

ସିଙ୍ଗାପୁରରେ ବଢ଼ୁଛି ଆତ୍ମହତ୍ୟା

ସିଙ୍ଗାପୁର, ୧।୭

ଗତ ୨୨ ବର୍ଷ ତୁଳନାରେ ବର୍ତ୍ତମାନ ସମୟରେ ସିଙ୍ଗାପୁରରେ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୧ ଅପେକ୍ଷା ୨୦୨୨ରେ ଆତ୍ମହତ୍ୟା ଘଟଣାରେ ୨୬% ବୃଦ୍ଧି ଘଟିଛି। ତେବେ ମାନସିକ ଦୁଶ୍ଚିନ୍ତା ଅତ୍ମହତ୍ୟାର ମୁଖ୍ୟ କାରଣ ପାଲଟିଥିବା ସ୍ଥାନୀୟ ଅଣସରକାରୀ ସଙ୍ଗଠନ ପକ୍ଷରୁ କୁହାଯାଇଛି। ସିଙ୍ଗାପୁରରେ ୧୦ରୁ ୨୯ ଏବଂ ୭୦ରୁ୭୦ ବୟସ ବର୍ଗଙ୍କ କ୍ଷେତ୍ରରେ ଆତ୍ମହତ୍ୟା ଘଟଣା ଅଧିକ ଘଟୁଥିବା କୁହାଯାଉଛି। ଗତବର୍ଷ ଦେଶରେ ମୋଟ ୪୭୬ ଜଣ ଆତ୍ମହତ୍ୟା କରିଥିବାବେଳେ ୨୦୦୦ ମସିହା ପରଠାରୁ ଗତବର୍ଷ ପ୍ରଥମ ଥର ଲାଗି ସର୍ବାଧିକ ଆତ୍ମହତ୍ୟା ଘଟିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ତଥ୍ୟ ଅନୁସାରେ ସାରା ବିଶ୍ୱରେ ୧୫ରୁ ୨୯ ବୟସ ବର୍ଗର ବ୍ୟକ୍ତି ବିଶେଷ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। କିନ୍ତୁ ସିଙ୍ଗାପୁରରେ ୧୦ ବର୍ଷର ପିଲା ଆତ୍ମହତ୍ୟାକୁ ଆପଣାଇଛନ୍ତି। ଏହାର ମୁଖ୍ୟ କାରଣ ମାନସିକ ଚିନ୍ତା, ସାମାଜିକ ଚାପ ଏବଂ ଅର୍ଥାଭାବ ହୋଇଥିବା ଆତ୍ମହତ୍ୟା ନିରୋଧୀ କେନ୍ଦ୍ର ସମରିଟାନ୍ସ ଅଫ୍ ସିଙ୍ଗାପୁରର ଚିଫ୍– ଏକ୍‌ଜିକ୍ୟୁଟିଭ୍ ଗାସ୍‌ପର ଟାନ୍ କହିଛନ୍ତି। ବିଶ୍ୱରେ ବର୍ଷକୁ ୭,୦୦,୦୦୦ ଲୋକ ଆତ୍ମହତ୍ୟାରେ ପ୍ରାଣ ହାରୁଥିବା ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।

ପୋଲିସ ବିରୋଧୀ ଦଙ୍ଗା : ୨୪୦୦ ଗିରଫ

ଜଳୁଛି ଫ୍ରାନ୍ସ

ଜଳୁଥିବା ଗାଡ଼ି ନିକଟରେ ଜଣେ ବ୍ୟକ୍ତି ଯାଉଛନ୍ତି।

ପ୍ୟାରିସ, ୧।୭

ଫ୍ରାନ୍ସରେ ପୋଲିସ ଗୁଳିରେ ଜଣେ ନାବାଳକ ଡ୍ରାଇଭରଙ୍କ ମୃତ୍ୟୁ ପ୍ରତିବାଦରେ ହିଂସାତ୍ମକ ପ୍ରତିବାଦ ଜାରି ରହିଛି। ବ୍ୟାପକ ପୋଲିସ ମୁତୟନ ସତ୍ତ୍ୱେ କ୍ରମାଗତ ଚତୁର୍ଥ ରାତି ପାଇଁ ବିଭିନ୍ନ ସହରରେ ଦଙ୍ଗା ଦେଖାଦେଇଛି। ଉତ୍ତ୍ୟକ୍ତ ଲୋକେ କାର ଓ ବିଲ୍ଡିଂରେ ନିଆଁ ଲଗାଇଦେବା ସହ ଦୋକାନ ବଜାର ଲୁଟ୍‌ପାଟ କରିଛନ୍ତି। ଇତିମଧ୍ୟରେ ପୋଲିସ ୨,୪୦୦ ଜଣଙ୍କୁ ଗିରଫ କଲାଣି। ଚତୁର୍ଥ ରାତିରେ ୧,୩୧୧ ଜଣ ଗିରଫ ହୋଇଛନ୍ତି। ଶନିବାର ମୃତ ୧୭ ବର୍ଷୀୟ ଆଫ୍ରିକୀୟ ଡ୍ରାଇଭର ନହେଲ ଏମ୍.ଙ୍କ ଶେଷକୃତ୍ୟ ପାଇଁ ତାଙ୍କ ପରିବାର ଓ ସମ୍ପର୍କୀୟମାନେ ଶନିବାର ପ୍ରସ୍ତୁତି ଚଳାଇଥିବାବେଳେ ଉତ୍ତେଜନା ଦେଖାଦେଇଛି। ହିଂସା ଦମନ ପାଇଁ ୪୫,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଫ୍ରାନ୍ସ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପିଲାମାନଙ୍କୁ ଘରେ ରଖିବା ପାଇଁ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଅଭିଭାବକମାନଙ୍କୁ ଅପିଲ କରିବା ସତ୍ତ୍ୱେ ରାସ୍ତାରେ ଯୁବଗୋଷ୍ଠୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଲାଗିରହିଛି। ୨,୫୦୦ ସ୍ଥାନରେ ନିଆଁ ଲଗାଯିବା ସହ ବହୁ ଷ୍ଟୋର ଭଙ୍ଗାରୁଜା କରାଗଲାଣି। ମଙ୍ଗଳବାର ରାତିରୁ ହିଂସାକାଣ୍ଡ ଲାଗିରହିଥିବାବେଳେ ଇତିମଧ୍ୟରେ ମୋଟ ୨୪୦୦ ଜଣଙ୍କୁ ଗିରଫ କରାଗଲାଣି ବୋଲି ପୋଲିସ କହିଛି। ପ୍ୟାରିସ୍‌ଠାରୁ ଆରମ୍ଭ କରି ମାର୍ସିଲ, ଲିଓନ ଆଦି ବିଭିନ୍ନ ସହରରେ ହିଂସାଜନିତ କ୍ଷୟକ୍ଷତି ବଢ଼ିଚାଲିଛି। ଏପରିକି ଦରିଆପାରି ଫ୍ରାନ୍ସ ଅଞ୍ଚଳରେ ମଧ୍ୟ ହିଂସା ଦେଖାଦେଇଛି। ଫ୍ରେଞ୍ଚ ଗୁଏନାରେ ଗୁଳିମାଡ଼ରେ ଜଣେ ୫୪ ବର୍ଷୀୟଙ୍କର ମୃତ୍ୟୁ ଘଟିଛି। ସଂଘର୍ଷରେ ଶତାଧିକ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଆହତ ହେଲେଣି।

BYPASSING SO MANY INSTITUTIONS OF CITIES
WHY STUDENTS LOOKING FOR HIGH QUALITY EDUCATION GO TO

GIET UNIVERSITY GUNUPUR
(Estd. 1997)

The only University that offers GUARANTEE OF PLACEMENT to all students of all branches who attend minimum 90% of classes.

- We have been offering 90+% campus placement to B.Tech, B.Sc Agriculture, MBA & MCA students for past 20 years.
- Our regular recruiters are TCS, Cognizant, Wipro, Mind tree, Hexaware, Capgemini, Cavission, Piaggio, Tech Mahindra, Amazon, Jindal Steel, Accenture, HCL, IBM, Blue Star Samsung, Welspun, Aditya Birla, Suzlon, Pinnacle Info., Royal Infra, JK Paper, L&T Infotech, Invenio, Utkal Alumina, Jindal Saw, Ultratech, Birla Soft. etc. Etc.

B.Tech | B.Sc. (Ag.) | M.Tech | MBA | MCA | BBA | BCA |
B.Sc. (Nursing) | M.Sc. in Phy | Chem | Math | Biotech | Life Sc. |
MA in English | Ph.D | Diploma in Engineering (EE / Civil / Mech.)

CAREER COUNSELING AT YOUR CITY
on 2nd July 2023

City	Venue	Contact	City	Venue	Contact
Balasore	Regional Office, Balasore	9437755019	Boudh	Hotel The Kalinga	7606954555
Bargarh	Hotel Ganapathi	9556072231	Dhenkanal	Hotel Debakanya	9438322226
Berhampur	Zonal Office, Pani Tank Road	9040503456	Jagatsinghpur	Hotel Siddhi Binayak	8249848688
Bhabanipatna	Hotel Bhagirathi Inn.	8118053004	Khalikote	Apple Resort	9040402278
Bhubaneswar	Corporate Office, GIETU, Baramunda	8118053007	Malkangiri	Hotel Swagat	8118053002
Bolangir	Hotel SJ Regency	9853621190	Rajgangpur	Hotel Sun City	8118053009
Cuttack	Hotel Grand Residency	8917423315			

GIET UNIVERSITY, GUNUPUR
(A State University Approved by UGC and AICTE)
nirf 2022

www.giet.edu 8118053001 deanadmission@giet.edu

୨୦୯ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ନିଯୁକ୍ତ

ପ୍ରାଣୀଧନ ବିକାଶରେ ୫-ଟି ପ୍ରୟୋଗ ପାଇଁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧।୭(ଅନିଲ ଦାସ)

ପ୍ରାଣୀଧନ ବିକାଶ କ୍ଷେତ୍ରରେ ରୂପାନ୍ତର ଆଣିବା ପାଇଁ ପ୍ରାଣୀ ଚିକିତ୍ସକମାନେ ୫-ଟି ଉପକ୍ରମର ପ୍ରୟୋଗ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନଙ୍କୁ ପରାମର୍ଶ ଦେଇଛନ୍ତି। ଶନିବାର ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ଆୟୋଜିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ୨୦୯ ଜଣ ପ୍ରାଣୀଧନ ଚିକିତ୍ସକଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି। ନବନିଯୁକ୍ତଙ୍କ ପାଇଁ ଆୟୋଜିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା, ମିଳିତ ଉଦ୍ୟମ, ସ୍ୱଚ୍ଛତା ଓ ସମୟର ଉଚିତ ବ୍ୟବହାର ଦ୍ୱାରା ରୂପାନ୍ତର ଆସିଥାଏ। ଯୁବ ପ୍ରାଣୀ ଚିକିତ୍ସକ ଭାବେ ପ୍ରାଣୀଧନର ସ୍ୱାସ୍ଥ୍ୟ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମାଞ୍ଚଳର ଅର୍ଥନୀତିର ଉନ୍ନତି କ୍ଷେତ୍ରରେ ପ୍ରାଣୀ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଓଡ଼ିଶାର ଚାଷୀମାନଙ୍କ ଜୀବିକାରେ ବିବିଧତା ଆଣି ଅଧିକ ରୋଜଗାର ସୃଷ୍ଟି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ସରକାର ପ୍ରାଣୀଧନ ଚାଷୀମାନଙ୍କର ଜୀବିକାର ଉନ୍ନତି ପାଇଁ ନୀତି ପ୍ରସ୍ତୁତି କରିବା ସହିତ ଅନେକ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଚାଷୀ ଓ ଉଦ୍ୟୋଗୀମାନଙ୍କୁ ନୂତନ ୟୁନିଟ୍ ସ୍ଥାପନ କରିବା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ମିଶନ ଶକ୍ତିର ସଦସ୍ୟମାନଙ୍କୁ ମଧ୍ୟ ଏଥିପାଇଁ ଆର୍ଥିକ ସହାୟତା ଦିଆଯାଉଛି। ମିଶନ ମୋଡ୍‌ରେ ପ୍ରାଣୀ ସମ୍ପଦର ଟିକାକରଣ କରାଯାଉଛି। ୩,୬୦୦ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଜରିଆରେ ୩ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଯୋଡ଼ି ହୋଇ ସେମାନଙ୍କ ଉତ୍ପାଦ ବିକ୍ରୟ କରିପାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ଜିଲାର ବିଭାଗୀୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏହି ନୂତନ ନିଯୁକ୍ତି ରାଜ୍ୟରେ ପ୍ରାଣୀପାଳନ କ୍ଷେତ୍ରରେ ନିୟୋଜିତ ଚାଷୀଙ୍କ ଜୀବନରେ ଖୁସି ଏବଂ ପରିବର୍ତ୍ତନ ଆଣିପାରିବ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା କହିଛନ୍ତି, ଓଡ଼ିଶାରେ କୃଷି ଓ ପ୍ରାଣୀଧନ କ୍ଷେତ୍ରରେ ନିରବଚ୍ଛିନ୍ନ ଅଭିବୃଦ୍ଧି ହୋଇଚାଲିଛି। କୃଷି କ୍ଷେତ୍ରକୁ ରାଜ୍ୟ ସରକାର ପ୍ରତି ବର୍ଷ ବଜେଟରେ ୨୦ ପ୍ରତିଶତ ବୃଦ୍ଧି କରୁଛନ୍ତି। ପ୍ରାଣୀ ସମ୍ପଦର ବିକାଶରେ ରାଜ୍ୟରେ ଚାଷୀମାନଙ୍କ ଆୟ ୪ ଗୁଣ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

ଏହି ଅବସରରେ ୨ ଜଣ ନବନିଯୁକ୍ତ ପ୍ରାଣୀଧନ ଡାକ୍ତର ରୁକ୍ମିଣୀ ନାୟକ ଓ ଡ. ନରେନ୍ଦ୍ର ହେମ୍ବ୍ରମ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି ୫-ଟି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିଛି ବୋଲି ମତ ଦେଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଧନ୍ୟବାଦ ଦେଇଛନ୍ତି।

୪ ଜିଲାର ୧୪ ହଜାର ମତ୍ସ୍ୟଜୀବୀ ପରିବାରକୁ ୨୧.୩୪ କୋଟି ସହାୟତା

ଭୁବନେଶ୍ୱର, ୧।୭(ଅନିଲ ଦାସ)

ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା

ପ୍ରତ୍ୟେକ ପରିବାରକୁ ୧୫,୦୦୦

ବିରଳ ଅଲିଭ ରିଡ୍‌ଲେ କଇଛଙ୍କ ସୁରକ୍ଷା ନିମନ୍ତେ ଓଡ଼ିଶା ଉପକୂଳରେ ମାଛଧରା କଟକଣା ଲାଗୁ କରାଯାଇଥାଏ। ଏଥିଯୋଗୁ ଜଗତ୍‌ସିଂହପୁର ,କେନ୍ଦ୍ରାପଡ଼ା, ପୁରୀ ଓ ଗଞ୍ଜାମ ଜିଲାର ମତ୍ସ୍ୟଜୀବୀ ପ୍ରଭାବିତ ହୋଇଥାଆନ୍ତି। ଶନିବାର ଲୋକସେବା ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଜୀବିକା ସହାୟତା ପ୍ରଦାନ କରିଛନ୍ତି। ଉକ୍ତ ଜିଲାର ୧୪,୨୨୮ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରକୁ ୧୫ ହଜାର ଟଙ୍କା ଲେଖାଏ ଜୀବିକା ସହାୟତା ରାଶି ପ୍ରଦାନ କରାଯାଇଛି। ମୋଟ ୨୧.୩୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସହାୟତା ଦିଆଯାଇଛି। ପୂର୍ବରୁ ଏହି ମାଛଧରା କଟକଣା ସମୟରେ ପ୍ରଭାବିତ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରକୁ ୭୫୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଥିଲା। ଓଡ଼ିଶାର ୧୨୦ କିମି ସାମୁଦ୍ରିକ ଉପକୂଳ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ। ପ୍ରତିବର୍ଷ ହଜାର ହଜାର ମାଇଲ ଦୂରରୁ ଓଡ଼ିଶା ଉପକୂଳକୁ ସେମାନେ ଅଣ୍ଡାଦାନ ପାଇଁ ଆସିଥାନ୍ତି। ସେମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ କରିବା ନିମନ୍ତେ ଦେବୀ ନଦୀ ମୁହାଣ, ଧାମରା ମୁହାଣ, ଋଷିକୁଲ୍ୟା ନଦୀ ମୁହାଣ ଅଞ୍ଚଳରେ ନଭେମ୍ବର ୧ ତାରିଖରୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବର୍ଷସାରା ମାଛଧରା କଟକଣା ଲାଗୁ କରାଯାଇଥାଏ।

ଏହି ଅବସରରେ ୨ ଜଣ ମତ୍ସ୍ୟଜୀବୀ ଗଞ୍ଜାମରୁ ଅଧୁ କାଳିଆ ଓ କେନ୍ଦ୍ରାପଡ଼ାରୁ ଭକ୍ତ ରଞ୍ଜନ ମାହାଳି ସେମାନଙ୍କ ମତ ଦେଇ କହିଛନ୍ତି, କଇଁଛ ଅଣ୍ଡା ଦେବା ସମୟରେ ସେମାନଙ୍କ ମାଛ ଧରିବା ଉପରେ କଟକଣା ଥାଏ। ରାଜ୍ୟ ସରକାର ଏଥିପାଇଁ ସେମାନଙ୍କୁ ୭,୫୦୦ ଟଙ୍କା ଲେଖାଏ ଦେଉଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ଦୁଃଖ ବୁଝି ଏହାକୁ ୨ ଗୁଣ କରିଛନ୍ତି ଓ ସେମାନଙ୍କ ପରିବାର ମୁହଁରେ ହସ ଫୁଟାଇଛନ୍ତି।

ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ୨ ଫୁଟ୍ ବୃଦ୍ଧି

ସମ୍ବଲପୁର, ୧।୭(ଶୁଭାଶିଷ ପାଢୀ)

ଉପରମୁଣ୍ଡରେ ବର୍ଷା ସାଙ୍ଗକୁ ଛତିଶଗଡ କଲମା ବ୍ୟାରେଜର ସମସ୍ତ ଗେଟ୍ ଖୋଲିଦେବା ଫଳରେ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଜଳସ୍ତର ଶୁକ୍ରବାର ତୁଳନାରେ ୨ ଫୁଟ୍ ବଢିଛି। ଶୁକ୍ରବାର ରାତି ୯ଟାରେ ଜଳସ୍ତର ୬୦୪.୧୯ ଫୁଟ୍ ରହିଥିବା ବେଳେ ଶନିବାର ଏହା ୬୦୬.୦୨ ଫୁଟ୍‌ରେ ପହଞ୍ଚିଛି। ରାତିରେ ଏହାର ପରିମାଣ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଏବେ ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୮୫ ହଜାର ୮୯୯ କ୍ୟୁସେକ ପାଣି ପ୍ରବେଶ କରୁଛି। ଅପରପକ୍ଷେ ପାୱାର ଚ୍ୟାନେଲକୁ ୩୩.୧୫୧ ହଜାର, ଚାଷ ପାଇଁ ୧ ହଜାର ୭୭୪, ଅନ୍ୟାନ୍ୟ ୫୫୦ କ୍ୟୁସେକ ଏଭଳି ମୋଟ ୩୩ ହଜାର ୮୬୫ କ୍ୟୁସେକ ପାଣି ନିଷ୍କାସନ ହେଉଛି। ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ହୋଇ ନ ଥିବା ରେକର୍ଡ କରାଯାଇଛି।

ପଡ଼ିଆ ପଡ଼ିବ ୮ ହଜାର ହେକ୍ଟର ଚାଷଜମି

ଖଇରା, ୧।୭(ଉତ୍କଳବନ୍ଧୁ ପଣ୍ଡା)

ବିଛା ଚାଲିଛି ଭୂତଳ ପାଇପଲାଇନ

ବଟେଶ୍ୱର-ତେଲଦିଆ ରାସ୍ତାକଡ଼ ଜମିରେ ପାଇପ ବିଛା କାର୍ଯ୍ୟ ଚାଲିଛି।

ଚିନ୍ତାରେ ଖଇରା, ଔପଦା, ସୋର ବ୍ଲକର ଚାଷୀ

ବାଲେଶ୍ୱର ଜିଲା ଅଧୀନ ଖଇରା, ଔପଦା ଓ ସୋର ବ୍ଲକର କିଛି ଅଂଶ ଚାଷଜମିକୁ ଜଳସେଚିତ କରିବାକୁ ଏବେ ଭୂତଳଜଳ ପାଇପ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ହେଲେ ଠିକାଦାର ଏହାକୁ ଠିକ୍ ଢଙ୍ଗରେ କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଭାଲେଣି ପଡିଛି। ଜମିଗୁଡିକୁ ଖୋଳାଖୋଳି କରାଯିବା ପରେ ତାକୁ ଠିକ୍ ଭାବେ ପୋତି ସମାନ କରାଯାଉନାହିଁ କି ଜମି ହିଡକୁ ଠିକ୍ ଭାବେ ଦିଆଯାଉନାହିଁ। ଫଳରେ ଚଳିତବର୍ଷ ୮ହଜାର ହେକ୍ଟର ଜମି ପଡିଆ ପଡିବା ନିଶ୍ଚିତ ହୋଇଯାଇଛି। ତୁରନ୍ତ କାର୍ଯ୍ୟ କରୁଥିବା ଗୁଜରାଟ ଠିକାଦାରଙ୍କ ବେପରୁଆ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବାକୁ ହଜାର ହଜାର ଚାଷୀ ଦାବିକରିଛନ୍ତି।

ଖଇରା, ଔପଦା ଓ ସୋର ବ୍ଲକର ୯ହଜାର ୮୦୩ ହେକ୍ଟର ଚାଷଜମିକୁ ଭୂତଳ ପାଇପ ମାଧ୍ୟମରେ ଜଳସେଚିତ କରିବାକୁ ପାଖାପାଖି ୨୫୦କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଆନନ୍ଦପୁର କେନାଲ ଡିଭିଜନ ଅଧୀନକୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାୟିତ୍ୱ ଦିଆଯାଇଛି। ଆମହତା କେନାଲର ୧୨ଟି ଡିଷ୍ଟ୍ରିବ୍ୟୁଟାରିରୁ ୧୨୦କି.ମି. ମୁଖ୍ୟ ପାଇପଲାଇନ ଓ ୬୯୦ କି.ମି. ଶାଖା ପାଇପଲାଇନ ମାଧ୍ୟମରେ ପ୍ରତି ହେକ୍ଟର ଚାଷଜମିକୁ ପାଣି ମାଡିବା ପାଇଁ ଗୋଟିଏ ଗୋଟିଏ ପମ୍ପିଂ ପଏଣ୍ଟ ବ୍ୟବସ୍ଥା ଲକ୍ଷ୍ୟ ରଖାଯାଇଛି। ୧୮ମାସ ମଧ୍ୟରେ ଶେଷ ହେବାକୁ ଥିବା କାର୍ଯ୍ୟର ମନ୍ଥର ଗତି ପାଇଁ ୧୨ମାସ ମଧ୍ୟରେ ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଅଧାପନ୍ତରିଆ କାର୍ଯ୍ୟ ପାଇଁ ଏ ବର୍ଷ ଚାଷ ବ୍ୟାପକ ଭାବେ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ପରୀକ୍ଷାମୂଳକ ଭାବେ ଚଳିତବର୍ଷ ନୟାଖଣ୍ଡି ଓ ସୁଣ୍ଟିରା ଡିଷ୍ଟ୍ରିବ୍ୟୁଟାରି ଅଧୀନରେ ଆସୁଥିବା ଚାଷଜମିକୁ ଖରିଫ ଋତୁରେ ଜଳସେଚନ କରାଯିବାକୁ ପ୍ରସ୍ତୁତି ଚାଲିଛି। ଏହି କାରଣରୁ ଅନ୍ୟ ଚାଷଜମିଗୁଡିକ ନିଶ୍ଚିତ କ୍ଷତିଗ୍ରସ୍ତ ହେବା ଅବଶ୍ୟମ୍ଭାବୀ। କାରଣ ମୁଖ୍ୟ ଲାଇନରେ ୬ଫୁଟରୁ ୭ଫୁଟ ଗଭୀରତାରେ ଏବଂ ଶାଖା ଲାଇନରେ ୩.୫ ଫୁଟରୁ ୪ ଫୁଟ ଗଭୀରତାରେ ପାଇପ ବିଛା କାର୍ଯ୍ୟ ଚାଲୁରହିଛି। ଗର୍ତ୍ତଗୁଡିକୁ ଠିକ୍ ଭାବେ ସମତୁଲ କରାଯାଉ ନ ଥିବାରୁ ଜମିଗୁଡିକ କେଉଁଠି ୩ ଫୁଟ ଉଚ୍ଚ କେଉଁଠି ୩ ଫୁଟ ଖାଲୁଆ ରହିଥିବାରୁ ଚାଷକାର୍ଯ୍ୟରେ ବାଧକ ସାଜିବା ଆଶଙ୍କା ଦେଖାଦେଇଛି। ସେହିଭଳି ମହତୀପୁର, ଗୋଳିହା, ବଟେଶ୍ୱର-ମଳିହା, ଓଝାପାଖେରୀ-ଅଡା ଭଳି ୧୦ରୁ ଅଧିକ ମୁଖ୍ୟ ସଡକ ପଥକୁ କାଟି ତା' ତଳେ ପାଇପ ସଂଯୋଗ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏଗୁଡିକୁ ମରାମତି କରାଯାଉ ନ ଥିବାରୁ କାଦୁଅ ପଚ ପଚ ରାସ୍ତାରେ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଥିବା ନେଇ ଅଭିଯୋଗ ହୋଇଛି। ସେହିଭଳି ରାସ୍ତା ପାର୍ଶ୍ୱ ଡ୍ରେନ୍‌ଗୁଡିକରୁ ମାଟି ପରିଷ୍କାର କରାଯାଉ ନ ଥିବାରୁ କୃତ୍ରିମ ବନ୍ୟାକୁ ନିମନ୍ତ୍ରଣ କରୁଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ରାସ୍ତାଗୁଡିକ ପୂର୍ବବତ୍ ମରାମତି କରାଯାଉ ନ ଥିବା ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର କେନାଲ ଡିଭିଜନର ନିର୍ବାହୀଯନ୍ତ୍ରୀ ସୁଶାନ୍ତ କୁମାର ମାଝିଙ୍କୁ ଯୋଗାଯୋଗ କରିବାରେ ଚାଷୀମାନେ ଯେଭଳି କ୍ଷତିଗ୍ରସ୍ତ ନ ହେବେ ସେଥିଲାଗି ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ମନୁଷ୍ୟକୃତ ତ୍ରୁଟିରୁ ଦୁର୍ଘଟଣା ଚର୍ଚ୍ଚା

ବାଲେଶ୍ୱର/ବାହାନଗା, ୧।୭
(ମାନସ ବିଶ୍ୱାଳ/ ଅରୂପ କୁମାର ଦାସ)

ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ଆଜି ପୂରିବ ମାସେ

ସିଆର୍‌ଏସ୍ ତଦନ୍ତ ରିପୋର୍ଟ ହେବନି ସାର୍ବଜନୀନ

ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣାକୁ ଜୁଲାଇ ୨ତାରିଖ ରବିବାର ଏକ ମାସ ପୂରିବ। ଏହି ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। କେତେଜଣ ଆହତ ଘରକୁ ଫେରିଥିବାବେଳେ ଅନେକେ ଏବେବି ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ହେଲେ ଏତେ ବଡ଼ ଦୁର୍ଘଟଣାର କାରଣ କ'ଣ ତାହା ଜାଣିବା ପାଇଁ ସମସ୍ତଙ୍କ ମନରେ ଉତ୍‌କଣ୍ଠା ଜାରି ରହିଥିବାବେଳେ କମିଶନ ଅଫ୍ ରେଲ୍‌ୱେ ସେଫ୍‌ଟି(ସିଆର୍‌ଏସ୍) ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରିଛି। ତେବେ ଏହି ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ ବୋଲି ରେଳ ବିଭାଗ ମନା କରିଦେଇଛି। ଅପରପକ୍ଷରେ ମନୁଷ୍ୟକୃତ ତ୍ରୁଟିରୁ ଏଭଳି ଘଟଣା ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଥିବା ନେଇ ଚର୍ଚ୍ଚା ହେଉଛି।

ବାହାନଗା ଟ୍ରେନ୍ ଦୁର୍ଘଟଣାର କାରଣ ଜାଣିବା ପାଇଁ ଉଭୟ ରେଳ ବିଭାଗ ଏବଂ ସିବିଆଇ ପକ୍ଷରୁ ତଦନ୍ତ ଜାରି ରହିଛି। ଇତିମଧ୍ୟରେ ନିକଟରେ ସିଆର୍‌ଏସ୍ ରେଲ୍‌ୱେ ବୋର୍ଡ ତଦନ୍ତ ରିପୋର୍ଟ ଦାଖଲ କରିଛି। ହେଲେ ସିବିଆଇ ତଦନ୍ତ ଜାରି ରହିଥିବାରୁ ଏହା ଶେଷ ନ ହେବା ପର୍ଯ୍ୟନ୍ତ ସିଆର୍‌ଏସ୍ ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରିବାକୁ ରେଲ୍‌ୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ତେବେ ଏନେଇ କୌଣସି ଆନୁଷ୍ଠାନିକ ସୂଚନା ମିଳିନାହିଁ। ରେଲୱେର ଜଣେ ବରିଷ୍ଠ ଅଧିକାରୀ ଏକ ଜାତୀୟ ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି ଯେ, ସିବିଆଇ ତଦନ୍ତ ଜାରି ରହିଥିବାରୁ ଆମେ ସିଆର୍‌ଏସ୍‌ର ତଦନ୍ତ ରିପୋର୍ଟ ସାର୍ବଜନୀନ କରିବୁ ନାହିଁ। ଉଭୟ ସିଆର୍‌ଏସ୍ ଓ ସିବିଆଇର ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାହାନଗା ଦୁର୍ଘଟଣାର ତଦନ୍ତ କରୁଥିବା ଦକ୍ଷିଣ-ପୂର୍ବ ସର୍କଲ ସିଆର୍‌ଏସ୍ ଏମ୍. ଚୌଧୁରୀ ଗତ ଗୁରୁବାର ରେଲୱେ ବୋର୍ଡରେ ନିଜର ରିପୋର୍ଟ ଦାଖଲ କରିଥିଲେ। ଉକ୍ତ ରିପୋର୍ଟରେ ମାନବୀୟ ତ୍ରୁଟି ଯୋଗୁ ଟ୍ରେନ୍ ଦୁର୍ଘଟଣା ଘଟିଥିବାନେଇ ଉଲ୍ଲେଖ ଥିବା କୁହାଯାଉଛି। ସିଗ୍‌ନାଲିଂ, ଟେଲିକମ୍ ଏବଂ ଟ୍ରାଫିକ୍ ଆଦି ବିଭାଗରେ କାର୍ଯ୍ୟରତ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ଅଘଟଣ ଘଟିଛି। ଟ୍ରେନ୍ ଚଳାଚଳ ପାଇଁ ଉଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା ପାଳନ କରିବାରେ ଅଧିକାରୀମାନେ ବିଫଳ ହୋଇଛନ୍ତି ବୋଲି ରିପୋର୍ଟରେ ଲେଖାଥିବା ରେଲୱେ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

ପ୍ରକାଶ ଥାଉକି, ଗତ ଜୁନ୍ ୨ତାରିଖରେ ବାହାନଗା ଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ହାଓଡ଼ାରୁ ଚେନ୍ନାଇ ଯାଉଥିବା କରମଣ୍ଡଳ ଏକ୍ସପ୍ରେସ, ଶାଲିମାର ଏକ୍ସପ୍ରେସ୍ ଏବଂ ମାଲବାହୀ ଟ୍ରେନ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏହି ଘଟଣାର କିଛିଦିନ ପରେ ଦକ୍ଷିଣ-ପୂର୍ବ ରେଲୱେର ମହାପ୍ରବନ୍ଧକ(ଜିଏମ୍) ଅର୍ଚ୍ଚନା ଜୋଷୀଙ୍କୁ ପଦରୁ ହଟାଯାଇଛି। ତାଙ୍କ ସ୍ଥାନରେ ଅନିଲ କୁମାର ମିଶ୍ର ନୂଆ ମହାପ୍ରବନ୍ଧକ ବା ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତ ହୋଇଛନ୍ତି।

ବେଆଇନ ପାର୍କିଂ ବଢ଼ାଉଛି ଦୁର୍ଘଟଣା

- ନିର୍ମାଣ ହେବ ୯ ଟ୍ରକ୍ ଟର୍ମିନାଲ
- ୧୫୦ କୋଟି ବ୍ୟୟବରାଦ

ଭୁବନେଶ୍ୱର, ୧।୭(ଅନିଲ ଦାସ)

ରାସ୍ତାକଡ଼ରେ ବେଆଇନ ପାର୍କିଂ ଯୋଗୁ ରାଜ୍ୟରେ ସଡ଼କ ଦୁର୍ଘଟଣା ବଢୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ୯ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର, ଯାଜପୁର, କେନ୍ଦୁଝର ଏବଂ ବ୍ରହ୍ମପୁରରେ ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୋଳ ଓ ନବରଙ୍ଗପୁର ଜିଲାରେ ନିର୍ମାଣ କରିବାକୁ ଚୂଡ଼ାନ୍ତ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୧୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ପୂର୍ତ୍ତ ବିଭାଗ ଦ୍ୱାରା ଏହି ଟର୍ମିନାଲ ନିର୍ମାଣ କରାଯିବ। ଟର୍ମିନାଲ ପାଇଁ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବାକୁ ମୁଖ୍ୟଯନ୍ତ୍ରୀ (ରୋଡ୍ ଆଣ୍ଡ ବିଲ୍ଡିଂ)ଙ୍କୁ ଦାୟିତ୍ୱ ଦିଆଯାଇଛି। ଟର୍ମିନାଲ ପାଇଁ ଅତି କମ୍‌ରେ ୧୦ ଏକର ଜାଗା ଚିହ୍ନଟ କରାଯାଇଛି।

ଟର୍ମିନାଲରେ ଡ୍ରାଇଭରମାନଙ୍କ ରହଣି ନିମନ୍ତେ ଆଶ୍ରୟ ସ୍ଥଳ, ଗାଡ଼ି ମରାମତି ପାଇଁ ଗ୍ୟାରେଜ, ରେଷ୍ଟୁରାଣ୍ଟ, ପେଟ୍ରୋଲ ପମ୍ପ, ୱେବ୍ରିଜ୍, ଲୋଡିଂ ଓ ଅନ୍‌ଲୋଡିଂ ପାଇଁ ସ୍ଥାନ, ଏଟିଏମ୍, କ୍ଲିନିକ୍ ଓ ଅନ୍ୟାନ୍ୟ ସୁବିଧା ରହିବ। ନିର୍ମାଣ ପରେ ଟର୍ମିନାଲଗୁଡ଼ିକ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଚଦୁଥିବ ମାରିବ ନାହିଁ;
ଗୋଡ଼ାଉଥିବ ଧରିବ ନାହିଁ।

ପିଲାଙ୍କୁ ବାରମ୍ବାର ମାଡ଼ ଦେଲେ ତାଙ୍କର ମାଡ଼ ପ୍ରତି ଆଉ ଭୟ ରହେ ନାହିଁ। ପୁଣି ଯେଉଁଠି ଧମକାଇଲେ କାମ ହୋଇଯାଉଛି, ସେଠି ମାଡ଼ ଦେବା କି ଦରକାର ? ସେହିପରି ଭୟରେ ଦୌଡୁଥିବା ଲୋକଙ୍କୁ ଧରିପକାଇଲେ ତା'ର ଭୟ ତୁଟିଯିବ। ତେଣୁ ଗୋଡ଼ାଉଥିବ,ଧରିବନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଚାଟ ଘର ପୁଅ ଚାଟ
ଭାଟ ଘର ପୁଅ ଭାଟ।

ଶିକ୍ଷିତ ଘରର ପିଲା ଶିକ୍ଷିତ ହୋଇଥିବା ପରି ସମ୍ଭ୍ରାନ୍ତ ଘରର ପିଲା ସେହିଭଳି ହେବାର ଦେଖିବାକୁ ମିଳିଥାଏ। ଏଣୁ ଘର ଗୁଣେ ସନ୍ତାନ ବୋଲି ବୁଝିବାକୁ ହୁଏ। ତେଣୁ ବାସ୍ତବରେ ଘର ବା ବଂଶର ପ୍ରଭାବ ପୁତ୍ର ଉପରେ ପଡୁଥିବାବେଳେ ସେମାନେ ସେଇ ଅନୁସାରେ ହିଁ ଗଢ଼ି ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ନିର୍ମାତା କାର୍ତ୍ତିକୀଙ୍କୁ ଏନ୍‌ଭାଇରନମେଣ୍ଟାଲ ଆୱାର୍ଡ

ଲଣ୍ଡନ,୧।୭

ବ୍ରିଟେନ ରାଜା ଚାର୍ଲ୍ସ ୩ୟ ଏବଂ ରାଣୀ କାମିଲା ଭାରତୀୟ ବୃତ୍ତଚିତ୍ର କ୍ଷୁଦ୍ର ଫିଲ୍ମ 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ'ର ପ୍ରଯୋଜିକା କାର୍ତ୍ତିକୀ ଗୋନସାଲଭେସ୍‌ଙ୍କୁ ଏନ୍‌ଭାଇରନମେଣ୍ଟାଲ ଆୱାର୍ଡ ପ୍ରଦାନ କରିଛନ୍ତି। ବୁଧବାର ବ୍ରିଟେନର ଲାନ୍‌କାଷ୍ଟର ହାଉସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ତ୍ତିକୀଙ୍କୁ ପୁରସ୍କୃତ କରାଯାଇଛି। 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ଡକ୍ୟୁମେଣ୍ଟାରିରେ ହାତୀ ଓ ମଣିଷ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଦର୍ଶାଯାଇଛି। କାର୍ତ୍ତିକୀ ଆୱାର୍ଡକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବାବେଳେ ବୃତ୍ତଚିତ୍ର ନିର୍ମାଣରେ ସହଯୋଗ କରିଥିବା ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ବେଷ୍ଟ ଡକ୍ୟୁମେଣ୍ଟାରି ଶର୍ଟ ଫିଲ୍ମ ଭାବେ ଚଳିତବର୍ଷ ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସକୁ ଏକାଡେମୀ ଆୱାର୍ଡ ପ୍ରଦାନ କରାଯାଇଥିଲା। ୨୦୨୨ରେ କାର୍ତ୍ତିକୀଙ୍କ ନିର୍ଦ୍ଦେଶନାରେ 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ଶର୍ଟ ଫିଲ୍ମ ନିର୍ମାଣ କରାଯାଇଥିଲା। ଅନାଥ ହାତୀ ସାବକ ରଘୁ ଓ ତାକୁ ଦେଖାଶୁଣା କରୁଥିବା ଦମ୍ପତିଙ୍କ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କକୁ ନେଇ ଏହାର କାହାଣୀ ପର୍ଯ୍ୟବସିତ। ସେହିବର୍ଷ ଡିସେମ୍ବର ୮ରେ ଏହା ନେଟଫ୍ଲିକ୍ସରେ ରିଲିଜ୍ ହୋଇଥିଲା। 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ପ୍ରଥମ ଭାରତୀୟ ଶର୍ଟ ଫିଲ୍ମ, ଯାହା ଓସ୍କାର ପୁରସ୍କାରରେ ସମ୍ମାନିତ ହୋଇଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି ଧନାଧିପଙ୍କ କର୍ମଭାବକୁ ଦୃଷ୍ଟି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅର୍ଥ, ସମ୍ମାନ ଓ ସହାନୁଭୂତି ଲାଭ କରିବେ। ଆଜିର କାମ ବିଳମ୍ବ ହେବାର ସୂଚନା ରହିଛି। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ଗୋଳିଆ ରହିବ। ଅବଶ୍ୟ କିଛି ଆଲୋଚନା ଓ ସମାଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ।

ବୃଷ

ନିଜର ଲୋକଙ୍କ ସହ କଳହର ସମ୍ମୁଖୀନ ହେବେ। ବୁଧ ଓ ଶୁକ୍ରଙ୍କ ସୁପ୍ରଭାବରୁ ପ୍ରକାଶନ, ଆଇନ ଅଦାଲତ, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ଭଲ ରହିବ। ସାଙ୍ଗସାଥୀ କହିବେ ବହୁତ, କଲା ବେଳକୁ ସବୁ କିଛି ଓଲଟା କରିପାରନ୍ତି। ଜମିଜମା, କଳ କାରଖାନା, ହୋଟେଲ ଶିଳ୍ପ, ରେଷ୍ଟୁରାଣ୍ଟ ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

ମିଥୁନ

ଆଜି ଭୁଲ୍ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଆରଦ୍ରା ନକ୍ଷତ୍ର ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ପରିବହନ, ବାଣିଜ୍ୟ, ବ୍ୟବସାୟ, ସଭାସମିତି, ଜମିଜମା କ୍ଷେତ୍ରରେ ଉନ୍ନତ ମାନର ଫଳ ମିଳିବ।

କର୍କଟ

ଧନାଧିପ ଲାଭଭାବସ୍ଥ ଯୋଗୁ ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ଓ ପଦସ୍ଥ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସୃଷ୍ଟି ହେବ। ପାରିବାରିକ କ୍ଷେତ୍ରରେ ସଠିକ୍ ନିଷ୍ପତ୍ତି ଆପଣ ନେଇପାରିବେ ନାହିଁ। ସଭା ସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ରାଜନୀତି, ସାଙ୍ଗଠନିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

ସିଂହ

ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିବେଶରେ କିଛି ଗଡ଼ବଡ଼ ସୃଷ୍ଟି ହେବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। କର୍ମ କ୍ଷେତ୍ରରେ ବାଧା ଉପୁଜିବ। ତଥାପି ବ୍ୟସ୍ତ ହୁଅନ୍ତୁ ନାହିଁ, କାମ ଅଟକିବ ନାହିଁ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

କନ୍ୟା

ଆଜି ଯାହାକୁ ଯାହା କହିବେ ସବୁକିଛି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଧନାଧିପ ଧନାଭାବରୁ କର୍ମସ୍ଥ ହେତୁ ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜିହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟରେ ପ୍ରତିବନ୍ଧକଜନିତ ଦୁଶ୍ଚିନ୍ତା ବଢ଼ିପାରେ। ବନ୍ଧୁଙ୍କ ସହାୟତାରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

ତୁଳା

ଗୁରୁଚଣ୍ଡାଳ ଯୋଗଜନିତ ସମସ୍ୟା ଲାଗି ରହିଲେ ମଧ୍ୟ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ଆପଣଙ୍କ ଅତି ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପାରିବାରିକ ସ୍ଥିତି ପ୍ରାୟତଃ ପୂର୍ବପରି ରହିବ।

ବିଛା

ଗୁରୁ ଦୃଷ୍ଟି ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ନିୟନ୍ତ୍ରଣାଧୀନ ରହିବ। କିନ୍ତୁ ସାଧାରଣ କଥାରେ ଝଗଡ଼ା ସାଙ୍ଗକୁ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରାଇପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

ଧନୁ

ରାଶ୍ୟାଧିପ ପାପଯୁକ୍ତଜନିତ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ସମ୍ଭାବନା ରହଛି। କଳା ସାହିତ୍ୟ, ସଙ୍ଗୀତ ତଥା ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

ମକର

ଚତୁର୍ଥସ୍ଥାନ ପାପଯୁକ୍ତ ହେତୁ ପରିବାରରେ ଭୁଲ ବୁଝାମଣା ନେଇ ଅଶାନ୍ତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ।

କୁମ୍ଭ

ଆଜି କର୍ମଭାବସ୍ଥ ଚନ୍ଦ୍ର ହେତୁ ଅଭିଳଷିତ ଜିନିଷ ପ୍ରାପ୍ତି ହେବା ସାଙ୍ଗକୁ ବନ୍ଧୁଙ୍କ ଆଦରଣୀୟ ହେବେ। ନିଜର ଲୋକମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରି ଯାଇପାରେ।

ମୀନ

ପାପଗ୍ରହ ଦୃଷ୍ଟିବର୍ଜିତ ହେତୁ କର୍ମକ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଗତକାଲିଠାରୁ ଚେଷ୍ଟା କରୁଥିବା କାମଗୁଡିକ ଆଜି ଅପରାହ୍ନେ ଠିକ୍ ଭାବରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ, ହୋମିଓପାଥିକ ଚିକିତ୍ସାର ଜନକ ହାନିମ୍ୟାନଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦିବା ଘ.୦୧।୧୮ ଗତେ, ଧନୁ ଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ୦୭।୦୦ ଗତେ ଘ.୦୯।୩୮ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୬ ଗତେ ଘ.୦୩।୫୫ ମଧ୍ୟେ ରାହୁକାଳ।

ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଓ ଉନ୍ନୟନ କମିଶନର ମାଲକାନଗିରି ଜିଲା ଯୋଜନା ଓ ସଂଯୋଜନ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇଙ୍କୁ ପୁରସ୍କୃତ କରୁଛନ୍ତି।

ଉଲ୍ଲେଖନୀୟ କାର୍ଯ୍ୟ: ରାଜ୍ୟରେ ମାଲକାନଗିରି ପ୍ରଥମ

ମାଲକାନଗିରି,୧।୭(ଦୁର୍ଯ୍ୟୋଧନ ପାତ୍ର)

ଯୋଜନା ଓ ସଂଯୋଜନ ବିଭାଗରେ ନିଜର ଉଲ୍ଲେଖନୀୟ କାର୍ଯ୍ୟ ଲାଗି ମାଲକନଗିରି ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ହାସଲକରି ଶନିବାର ପୁରସ୍କୃତ ହୋଇଛି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ପରିସଂଖ୍ୟାନ ଦିବସ ପାଳନ ଅବସରରେ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏବଂ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଉପସ୍ଥିତିରେ ଜିଲାକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଯୋଜନା ଓ ସଂଯୋଜନ ବିଭାଗ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ପୁରସ୍କାର ଗ୍ରହଣ କରିଥିଲେ। ତେବେ ଜିଲା ପ୍ରଶାସନର ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ଏହି ପୁରସ୍କାର ମିଳିଥିବା ଜଣାପଡିଛି।

ସାଧୁ ବେଶରେ ଲୁଚିଥିଲେ ୨୨ ବର୍ଷ

ଅଭିଯୁକ୍ତ ଗୌରାଙ୍ଗ ଚନ୍ଦ୍ର ପଣ୍ଡାଙ୍କୁ ପୋଲିସ ଗିରଫ କରିନେଉଛି।

ସୁରଟରେ ତ୍ରିକୋଣୀୟ ପ୍ରେମକୁ ନେଇ ହତ୍ୟା: ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ତ୍ରିକୋଣୀୟ ପ୍ରେମକୁ ନେଇ ଗୁଜୁରାଟ ରାଜ୍ୟର ସୁରଟରେ ୨୦୦୧ରେ ଘଟିଥିବା ଏକ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ୨୨ବର୍ଷ ପରେ ଧରାପଡ଼ିଛନ୍ତି। ସୁରଟ ପୋଲିସର ଏକ ଟିମ୍ ଉତ୍ତରପ୍ରଦେଶର ମଥୁରା ନନ୍ଦଗ୍ରାମସ୍ଥିତ କୁଞ୍ଜୁକୁଟି ଆଶ୍ରମରେ ସାଧୁବେଶରେ ରହୁଥିବା ଅଭିଯୁକ୍ତ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ଓରଫ୍ ପଦ୍ମଚରଣକୁ ଗିରଫ କରିଛି। ଗୌରାଙ୍ଗଙ୍କ ଘର ବ୍ରହ୍ମପୁର ଶ୍ରୀରାମନଗର ହୋଇଥିବା ବେଳେ ସେ ଘଟଣା ପରଠାରୁ ଫେରାର୍ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଲୁଚି ରହୁଥିବା ବେଳେ ଗତ କିଛିମାସ ହେଲା ମଥୁରାରେ ସାଧୁବେଶରେ ରହୁଥିଲେ ବୋଲି ସୁରଟ ପୋଲିସ କହିଛି। ସୂଚନା ଅନୁସାରେ, ବ୍ରହ୍ମପୁର ଶ୍ରୀରାମନଗର ନିବାସୀ ଗୌରାଙ୍ଗ ସୁରଟକୁ କାମ କରିବାକୁ ଯାଇଥିଲେ। ସେ ସୁରଟର ଶାନ୍ତିନଗର ଅଞ୍ଚଳରେ ରହୁଥିଲେ। ସେଠାରେ ଜଣେ ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହି ଯୁବତୀଙ୍କ ସହିତ ଅନ୍ୟ ଜଣେ ଯୁବକ ବିଜୟ ଶିବା ଦାସଙ୍କ ସମ୍ପର୍କ ଥିବା ଗୌରାଙ୍ଗ ଜାଣିବାକୁ ପାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗୌରାଙ୍ଗ ୨୦୦୧ ସେପ୍ଟେମ୍ବର ୩ ତାରିଖରେ ବିଜୟଙ୍କୁ ହତ୍ୟା କରି ନାଳରେ ଫିଙ୍ଗି ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ହତ୍ୟା ଘଟଣା ପରେ ଗୌରାଙ୍ଗ ବ୍ରହ୍ମପୁର ପଳାଇ ଆସିଥିଲେ। ପରେ ମଥୁରା ଯାଇ ସେଠାରେ ନିଜକୁ ଗୌରାଙ୍ଗ ଚରଣ ପଣ୍ଡା ବୋଲି ପରିଚୟ ଦେଇ ସାଧୁ ବେଶରେ ରହିଥିଲେ। ଗୌରାଙ୍ଗଙ୍କୁ ଧରାଇଦେବାକୁ ସୁରଟ ପୋଲିସ ୪୫ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା। କିଛିଦିନ ତଳେ ସୁରଟ ପୋଲିସ ଗୌରାଙ୍ଗ ସମ୍ପର୍କରେ ସୂଚନା ପାଇଥିଲା। ସେ କୁଞ୍ଜୁକୁଟି ଆଶ୍ରମରେ ଚଢ଼ଉ କରି ଗୌରାଙ୍ଗକୁ ଗିରଫ କରିଥିଲା।

କିରାଣିଙ୍କୁ ମାଡ଼ମାରି ଚେୟାରରୁ ଠେଲିଦେଲେ ସିଡିପିଓ

ନବରଙ୍ଗପୁର,୧।୭
(ସଦାଶିବ ପ୍ରହରାଜ)

ନିଜ ଅଧୀନରେ କାମ କରୁଥିବା ଜଣେ ବରିଷ୍ଠ ମହିଳା କିରାଣି ସନ୍ତୋଷୀ କୁମାରୀ ମିଶ୍ରଙ୍କୁ ମାଡ଼ ମାରିବା ସହ ବସିଥିବା ଚୌକିରୁ ଠେଲିଦେଲେ ଡାବୁଗାଁ ସିଡିପିଓ ଗୀତାଞ୍ଜଳି ମହାରଣା। ମହିଳା କିରାଣିଙ୍କ ମୁଣ୍ଡ ଓ କହୁଣି କାନ୍ଥରେ ପିଟିହୋଇ ଆଘାତ ଲାଗିଛି। ଏହାର ଭିଡିଓ ଏବେ ଭାଇରାଲ ହେଉଛି। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ନବରଙ୍ଗପୁର ଜିଲା ଡାବୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଭିତରେ ଏହି ଘଟଣା ଘଟିଛି। ତେବେ ଖବର ଲେଖାଯିବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନାନୁଯାୟୀ, କାର୍ଯ୍ୟାଳୟର ଜୁନିୟର କିରାଣିଙ୍କୁ ସନ୍ତୋଷୀ ପୂର୍ବ ମାସର ଦରମା କାହିଁକି ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ମିଳିତ ଅମଲା ସଂଘ ସମୂହ ଛୁଟିରେ ଥିବାରୁ ଦରମା ବିଳମ୍ବ ହୋଇଛି। ସେମାନଙ୍କ ଉକ୍ତ ଦରମା ହେବା ପରେ ଆପଣଙ୍କୁ ଦରମା ମିଳିବ ବୋଲି କନିଷ୍ଠ କିରାଣିମାନେ ସନ୍ତୋଷୀଙ୍କୁ କହିଥିଲେ। ନିୟମିତ କାର୍ଯ୍ୟାଳୟକୁ ଆସିବା ସତ୍ତ୍ୱେ କାହିଁକି ଦରମା ହୋଇନାହିଁ ବୋଲି ସନ୍ତୋଷୀ ପାଟି କରୁଥିବାବେଳେ ସିଡିପିଓ କ୍ଷେତ୍ର ପରିଦର୍ଶନକରି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ସନ୍ତୋଷୀଙ୍କୁ ପାଟି ଚୁପ୍ କରିବା ପାଇଁ କହିବା ସହ କାର୍ଯ୍ୟାଳୟରୁ ବାହାରିଯିବାକୁ କହିଥିଲେ। ସନ୍ତୋଷୀ କିନ୍ତୁ ନିଜ ଚେୟାରରେ ବସି ରହିଥିଲେ। ସିଡିପିଓ ଉତ୍କ୍ଷିପ୍ତ ହୋଇ ହାତ ଉଠାଇବା ସହ ସନ୍ତୋଷୀଙ୍କୁ ଚେୟାରରୁ ଠେଲିଦେଇଥିବା ଭିଡିଓ ଭାଇରାଲ ହେଉଛି। ଏ ନେଇ ସନ୍ତୋଷୀଙ୍କୁ ପଚାରିବାରୁ ଦରମା ପାଇଁ କହୁଥିବାବେଳେ ସିଡିପିଓ ସିଧାସଳଖ ହାତ ଉଠାଇଲେ। ମୋ ନାମରେ ଏତଲା ଦେବେ ବୋଲି ଧମକ ଦେଇଥିବା ସନ୍ତୋଷୀ କହିଛନ୍ତି। ପୂର୍ବରୁ ଜିପିଏଫ୍ ଓ ଦରମା କରୁ ନ ଥିବାରୁ ସିଡିପିଓଙ୍କ ବିରୋଧରେ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ ବୋଲି ସେ କହିଛନ୍ତି। ସିଡିପିଓଙ୍କୁ ବଦଳି କରିବାକୁ ସେ ଦାବି କରିଛନ୍ତି। ଏନେଇ ସିଡିପିଓ ଗୀତାଞ୍ଜଳି ମହାରଣାଙ୍କୁ ପଚାରିବାରୁ ସେ ମାଡ଼ ମରିଥିବା ଘଟଣାକୁ ଖଣ୍ଡନ କରିଛନ୍ତି। ସନ୍ତୋଷୀ ଦରମା କାହିଁକି ହେଉନାହିଁ ବୋଲି କନିଷ୍ଠ କିରାଣିଙ୍କ ସହ ପାଟିକରୁଥିଲେ। ପାଟି ନ କରି ଅଫିସରୁ ଚାଲିଯିବାକୁ ତାଙ୍କୁ କହିଥିଲି। ଛୁଟିରେ ଯାଇଥିବା କିରାଣିଙ୍କ ଦରମା ହେବା ପରେ ତାଙ୍କ ଦରମା କରାଯିବ ବୋଲି ସନ୍ତୋଷୀଙ୍କୁ କହିବା ପରେ ବି ସେ ପାଟି କରିଥିଲେ। ସନ୍ତୋଷୀ କିଛି କାମ କରୁ ନ ଥିବାରୁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇନାହିଁ। ଏ ନେଇ ଜିଲାପାଳଙ୍କୁ ୨ଥର ଅଭିଯୋଗ କରାଯାଇଛି ବୋଲି ସିଡିପିଓ କହିଛନ୍ତି।

ଭିଡିଓ ଭାଇରାଲ

ସିଡିପିଓ ବରିଷ୍ଠ କିରାଣି ସନ୍ତୋଷୀଙ୍କୁ ଠେଲି ଦେବାବେଳର ଭାଇରାଲ ଭିଡିଓର ଦୃଶ୍ୟ।

ପ୍ରଥମ ପୃଷ୍ଠାରୁ...

ବସ୍‌ରେ ନିଆଁ, ଜଳିଗଲେ ...

ଓଲଟି ପଡ଼ିଲା ବୋଲି ସେ କହିଛନ୍ତି। ଦୁର୍ଘଟଣା ଏତେ ଜୋର୍‌ରେ ଥିଲା ଯେ,ବସ୍‌ର ଆଗ ଏକ୍ସିଲ ବାହାରିଯିବାରୁ ଏହା ରାସ୍ତାରେ ଘଷିହୋଇ ନିଆଁ ଲାଗିଯାଇଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ମର୍ମନ୍ତୁଦ ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଶିନ୍ଦେ ମୃତକମାନଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ବିପଦ ଡାକିଲାଣି ...

ଟେଷ୍ଟ ହୋଇଥିବାବେଳେ ଚଳିତବର୍ଷ ୧୦ହଜାର ୭୮୧ ଟେଷ୍ଟ କରାଯାଇଛି। ଗତବର୍ଷ ଏହି ସମୟରେ ପ୍ରାୟ ୩ଶହ

କାଳଜୟୀ କାଳିନ୍ଦୀ

ଓଡ଼ିଆ ସବୁଜ ସାହିତ୍ୟର ମହାରଥୀ କାଳିନ୍ଦୀଚରଣ ପାଣିଗ୍ରାହୀ ଏକାଧାରରେ ଥିଲେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ। କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ପାଇଁ ସେ ସୁବିଖ୍ୟାତ। ଭାରତୀୟ ସାହିତ୍ୟକୁ ନିଜର ଅବିସ୍ମରଣୀୟ ଅବଦାନ ପାଇଁ ଜାତୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଓ 'ପଦ୍ମଭୂଷଣ' ସମ୍ମାନରେ ଭୂଷିତ। ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗ୍ରାମରେ ୨ ଜୁଲାଇ ୧୯୦୧ ରେ ଜନ୍ମିତ କାଳିନ୍ଦୀ ଥିଲେ ଜଣେ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ। ଏଠାରେ ତାଙ୍କ ସାହିତ୍ୟର କେତେକ ସ୍ମରଣୀୟ ପଂକ୍ତି ଉଦ୍ଧାର କରାଗଲା ତାଙ୍କ ପବିତ୍ର ଜୟନ୍ତୀ ଅବକାଶରେ...।

କାଳିନ୍ଦୀଚରଣ ପାଣିଗ୍ରାହୀ

❑''କେଉଁ ନାମ ଧରି ଡାକିବୁ ତୁମକୁ ?
ତୁମେଯେ ସର୍ବନାମ
କେଉଁ ନାମ ଧରି ଡାକିବୁ ତୁମକୁ ?
ତୁମେଯେ ସର୍ବନାମ
କେଉଁ ନାମ ଧରି...
ଆଲୋକ ତୁମକୁ ନପାରେ ଦେଖାଇ
ଆଲୋକ ତୁମକୁ ନପାରେ ଦେଖାଇ
ତୁମେ ଯେ ଦେଖାଅ ତାହାରେ ...।
(ଜନାଦୃତ ଭକ୍ତି ସଙ୍ଗୀତ, ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶିତ 'ସିନ୍ଦୂରବିନ୍ଦୁ' ଚଳଚ୍ଚିତ୍ରରେ ସ୍ଥାନିତ)।

❑ହେ ପାଷାଣ ! ମାଗୁନାହିଁ ଶମିବାକୁ ମୋ ମରମଭାର,
କ୍ଷମିବାକୁ ଅପରାଧ ତୁଟିବାକୁ ବ୍ୟର୍ଥତା ଆଶାର
ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ ;
ଏ ମର୍ତ୍ତ୍ୟ ଭୁବନ
ମୋ' ସ୍ନେହ-ସଦନ,
ଏ ଧରଣୀ ସୁଖ ମଣି।''
(କବିତା'ପୁରୀ ମନ୍ଦିର')

❑''ମଣିଷ'', ''ମଣିଷ'' ଶୁଭିଲା ଦୂରରୁ ଡାକ..
ଦୁନିଆର ଯେତେ ଦଳିତ ପୀଡ଼ିତଯାକ
ସ୍ପନ୍ଦନ ସେହି ପୁଲକ ପରାସ ରେଖା
ବନ୍ଧୁ ର ପଥେ ବନ୍ଧୁ ସେ ମୋର ଏକା।
(କବିତା 'ଛୁଟିଟିଏ ଲୋଡ଼ା')

❑'' ମଣିଷ ଭିତରେ ଧାର୍ମିକ ବୋଲି ଶୁଣିଲି ଯାହାର ନାମ
ବଳିଲା ବାସନା ନିକଟକୁ ଯାଇ ଦେଖିବା ପାଇଁ ତା' କାମ,
ଦେଖିବା ପାଇଁ ତା ରୀତି ଆଚରଣ ଖୋଲି ତା' ଧରମ ଝୁଲି
ଦୁଃଖ ଆସିଲା ଚାବୁକ ଖଣ୍ଡେ ଆଣିବାକୁ ଗଳି ଭୁଲି।
(କବିତା 'ଯାଦୁଘର')

❑ଯାଅବୀର ରଣେ ଧରଣୀବନ୍ଧୁ
ପାପରାଶି ହେଉ କ୍ଷୟ
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ।
(କବିତା'ଗାନ୍ଧାରୀର ଆଶୀର୍ବାଦ')

❑ଜୀବନ ପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ ?- ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା !
(କବିତା'ଅମର ଆଶା')

❑ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ !
(କବିତା'ପାସୋରି ଦେଲିରେ ଶିମୁଳିପାଳ')

❑କବିତା ଗଢ଼େଁ ଏକ ବିରାଟ ସମାଜର
ସବୁରି ପାଇଁ ଯହିଁ ବଖରେ ହେଲେ ଘର।
ସକଳେ ଲଭିବାକୁ ମୁଠାଏ ଦୁଧଭାତ
ଯୋଗ୍ୟ ଯେତେ ଯହିଁ ବାଳକ ବାଳିକା ତ
ଦୁଇଟା ଲୁଗା ଜାମା ସବୁରି ପାଇଁ ମିଳେ
ପଢ଼ିବା ପାଇଁ ବାଧା କାହାରି ନାହିଁ ତିଳେ। (କବିତା'ଆଗାମୀ')

❑କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତିଚୀର କୋଳେ ରବି ଖସଇ।
କେନାଲର ଦୁଇ କୂଳେ
ତାଳଗଛ ଧାଡ଼ି ମୂଳେ
ଫୁଲି ଉଠେ ଗରବିତ ପାଣିରେ !
ଉଦ୍‌ଭିନ୍ନ ଯଉବନ-ଠାଣିରେ।
(କବିତା'ଶରତ୍-ସନ୍ଧ୍ୟା')

❑ଖୁସି ହୁଏଁ ଦେଖି ଏ ଜଗତ
ଆକାଶ ସାଗର ଗିରି ଭୂଇଁ
ସକଳର କେନ୍ଦ୍ର ରୂପେ କିନ୍ତୁ,
ଏ ଦେହକୁ ଭଲ ପାଏଁ ମୁହିଁ।
(କବିତା'ଏ ଦେହକୁ ଭଲ ପାଏଁ ମୁହିଁ')

❑ମଧ୍ୟାହ୍ନ କୋଳେ ଜଳି ଉଠେ ଯେବେ
ତୃଷାର ହୁତାଶ-ଶିଖା
ତପତ ଆଖିରେ ନାଚି ଉଠୁ ଦୂରେ
ତୃପ୍ତିର ମରୀଚିକା।
ମଳିନ ଗୋଧୂଳି-ଲଗନେ ଉଦାସ
ମାନସ ନ ହେଉ ଭାଳି,
ପରଦିନ ଉଷା-ପଥେ ଚାହିଁ ରହୁ
ଆଶାର ଜାଗର ଜାଳି।
(କବିତା'ଜାଗ୍ରତ ଆଘାତ')

❑''କ୍ଷଣିକ ଆଘାତ ଆସେ କ୍ଷଣ ପରେ
ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ
ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।
(କବିତା'ସୃଜନ ବ୍ୟଥା')

❑ତରୁଣ ମନ କଥା
କରୁଣ ମର୍ମ ବ୍ୟଥା
କହିବି କାହା ଆଗେ
ଦୁଃଖ ପ୍ରସଙ୍ଗ ପ୍ରଥା
ଶୀତ ଗରାସେ ମୋର ସୁଖ ଶରତରେ
ମୁଁ ଏକାକୀ ପଥରେ।
(କବିତା 'ଏକାକୀ ପଥରେ')

❑ନୁହଇ ଧରମ ସେ ତ ଧରମର
ଚର୍ମ ଆବରଣ
ବାହ୍ୟ ପରିଧାନ ଏକ, ନାହିଁ ତା'ର
ଅପର କାରଣ।
(କବିତା 'ପ୍ରାଚୀନ ଓ ନବୀନ')

❑ସମୟର ସୀମା ବାନ୍ଧି, ଶତକୋଟି
ଗ୍ରହ, ଉପଗ୍ରହ
ଖେଳାଉଛ କୋଟି ବିଶ୍ୱ ଲୋମକୂପେ
ଯେହୁ ଅହରହ
ଉପହାସେ କର ଯେହୁ ମାନବର କ୍ଷୁଦ୍ର
ଆବିଷ୍କାର
ଜଡ଼ରୂପୀ ହେ ଆକାଶ ! ଘେନାକର
ମୋର ନମସ୍କାର !
(କବିତା'ଜଡ଼-ଦର୍ଶନ')

❑ଧନ ସମ୍ପତ୍ତିରେ ସବୁ କିଣା ହୁଏ ରେ
ବାପ, ପୁଣ୍ୟ କିଣା ହୁଏ ନାହିଁ। ଟଙ୍କା
ଦେଇ ଟିକିଟି କିଣି କରି ବୈକୁଣ୍ଠକୁ ଯିବାର
ଉପାୟ ନାହିଁ। ପୁଣ୍ୟ କିଣେ ଖାଲି ମଣିଷ
ପଣିଆରେ ବାପ ! ଯେଉଁଠି ଯେତେ
ମଣିଷପଣିଆ କମ୍‌ତି, ସେଠି ବାପ
ସେତିକି ବେଶି।''
(ଉପନ୍ୟାସ 'ମାଟିର ମଣିଷ')

❑ଛି ଛି ସଂସାରଟାରେ କ'ଣ କେବଳ
ସବଳ ଦୁର୍ବଳକୁ ଅଧୀନ ରଖି, ଆତ୍ମସାତ୍
କରି ଉଦରସାତ୍ କରି ଜୀବନ ଧାରଣ
କରିବାକୁ ଜାତ ହେଇଛି। ଜଣେ ବଞ୍ଚିବ
ବୋଲି ଆଉ ଜଣଙ୍କର ମୃତ୍ୟୁ ଏକାନ୍ତ
ଆବଶ୍ୟକ। ମନୁଷ୍ୟ ଯେ ବିଶ୍ୱ ଗ୍ରାସିକାରେ
ବଢ଼ିଛି, ଏହାର ଯୁକ୍ତି କ'ଣ ନା ସେ
ସବୁଠାରୁ ବୁଦ୍ଧିମାନ ଓ ବିବେକବାନ
(ଗପ'ମାଂସର ବିଳାପ')।''

ଫୁଚର୍‌ସତ୍

୪୪ ଘଣ୍ଟାରେ ବୁଲିଲେ ୪୮ ରାଜ୍ୟ

ୱାଶିଂଟନ୍

ଅନେକ ଲୋକ ବୁଲିବାକୁ ବହୁତ ପସନ୍ଦ କରିଥାଆନ୍ତି। ଯେପରି କମ୍ ଖର୍ଚ୍ଚରେ ଅଧିକ ନୂଆ ନୂଆ ଜାଗା ବୁଲିହେବ, ସେପରି ଉପାୟ ମଧ୍ୟ ବାହାର କରିଥା'ନ୍ତି। ନିକଟରେ ୨ ଜଣ ବ୍ୟକ୍ତି ଏପରି କରିଛନ୍ତି। ୨ ପାଇଲଟ୍ ଓ ଟେକ୍ସିସିଆନ୍‌ଙ୍କ ଯୋଡ଼ି ୬ ସିଟ୍‌ବାଲା ବିମାନରେ ୪୪ ଘଣ୍ଟା ଭିତରେ ଆମେରିକାର ୪୮ଟି ରାଜ୍ୟ ବୁଲି ରେକର୍ଡ କରିଛନ୍ତି। ଡେଲ୍ଟା ଏ-୩୫୦ର କ୍ୟାପ୍‌ଟେନ ବେରି ବେନ୍‌ଫେଲ୍ଡ କହିଛନ୍ତି, ସେ ୪୮ ଘଣ୍ଟାରେ ୪୮ ରାଜ୍ୟରେ ଲ୍ୟାଣ୍ଡ କରିବାକୁ ଲକ୍ଷ୍ୟ ରଖିଥିଲେ। ତାଙ୍କୁ ଜଣେ ସହ-ପାଇଲଟ୍‌ଙ୍କ ଆବଶ୍ୟକତା ରହିଥିଲା। ଡେଲ୍ଟା ଏ-୩୨୧ର ପାଇଲଟ୍ ଆରୋନା ୱିଲଶନ୍ ତାଙ୍କ ସହ ପାଇଲଟ୍

ଭାବରେ ଯୋଗଦେଲେ। ବେରିଙ୍କ ସହ ନୌସେନା କାମ କରୁଥିବା ରିପେୟାର ଟେକ୍ସିସିଆନ୍ ଥୋମାସ୍ ଟ୍ୱିଡିଙ୍କୁ ନେଇ ସେମାନେ ମିଶନରେ ବାହାରି ପଡ଼ିଲେ। ୨ ପାଇଲଟ୍ ବେରି, ଆରୋନା ଏବଂ ଜଣେ ଟେକ୍ସିସିଆନ ଥୋମାସ୍ ୬ ସିଟ୍‌ବାଲା ୧୯୮୦ ପିଏ୩୨ଆର୍ ପିପର ସାରାଟୋଗାରେ ଯାତ୍ରା ଆରମ୍ଭ କଲେ। ଏଥିପାଇଁ ପୂର୍ବରୁ ବେରି ୪୭ ରାଜ୍ୟକୁ ଯିବା ପାଇଁ କମ୍ ରାସ୍ତା ସ୍ଥିର କରିଥିଲେ। ଟିମ୍ ୪୮ ଘଣ୍ଟା ଲକ୍ଷ୍ୟ ରଖିଥିବାବେଳେ ସେମାନେ ୪୪ ଘଣ୍ଟା ୭ ମିନିଟ୍‌ରେ ତାଙ୍କ ଯାତ୍ରା ଶେଷ କରିଥିଲେ। ସେମାନେ ବିଭିନ୍ନ ରାଜ୍ୟର ବିମାନବନ୍ଦରରେ ଓହ୍ଲାଇ ସେଠାରେ ବିମାନରେ ହସ୍ତାକ୍ଷର କରି ପୁଣି ବାହାରି ପଡୁଥିଲେ ଅନ୍ୟ ରାଜ୍ୟ ପାଇଁ। ସେମାନେ ପ୍ରଥମେ ବେରିନ ସ୍ପ୍ରିଙ୍ଗ୍ସ ପାଇଁ ଉଡ଼ାଣ ଭରିଥିଲେ। ପୂରା ଯାତ୍ରା ସମୟରେ ଲୋକେ ତାଙ୍କୁ ବହୁତ ସାହାଯ୍ୟ କରିଥିଲେ। ଆରୋନା କହିଛନ୍ତି, ତାଙ୍କର ଏହି ଯାତ୍ରା ସବୁଠୁ ସୁନ୍ଦର, ମନେରହିଲା ଭଳି ଥିଲା। ସେ ଏକ ସମୟରେ ସୂର୍ଯ୍ୟୋଦୟକୁ ବହୁ ପାଖରୁ ଦେଖିଥିବା କହିଥିଲେ।

ରାଘବଙ୍କ ସହ ସ୍ୱର୍ଣ୍ଣ ମନ୍ଦିରରେ ପରିଣୀତି

ମୁମ୍ବାଇ: ଆମ୍ ଆଦ୍‌ମୀ ନେତା ତଥା ରାଜ୍ୟ ସଭା ଏମ୍‌ପି ରାଘବ ଚଢ୍ଢା ଏବଂ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଶନିବାର ଶିଖିଙ୍କ ପବିତ୍ର ସ୍ୱର୍ଣ୍ଣ ମନ୍ଦିରରେ ପହଞ୍ଚିଛନ୍ତି। ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଥିବା ଏହି ଯୋଡ଼ି ଅମୃତସରର ସଚଖଣ୍ଡ ଶ୍ରୀହରମନ୍ଦିର ସାହେବଙ୍କ ଆଶୀର୍ବାଦ ନେଇଛନ୍ତି। ବର୍ତ୍ତମାନ ଉଭୟଙ୍କ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି, ଯାହା ସୋସିଆଲ ମିଡିଆରେ ବହୁତ ଭାଇରାଲ ହେବାରେ ଲାଗିଛି। ପରିଣୀତି ଏକ ଧଳା ଶୁଟରେ ନଜରକୁ ଆସିଥିବାବେଳେ ରାଘବ ଏକ ଧଳା କୁର୍ତ୍ତା ପାଇଜାମା ଏବଂ ନେହେରୁ ଜ୍ୟାକେଟରେ ନଜରକୁ ଆସିଥିଲେ। ରାଘବ ସୋସିଆଲ ମିଡିଆରେ ଫଟୋ ଶେୟାର କରି ଲେଖିଛନ୍ତି, ପରିଣୀତି ତାଙ୍କ ସହ ସ୍ୱର୍ଣ୍ଣ ମନ୍ଦିରରେ ରହିବା ଖାସ୍ କଥା। ପରିଣୀତି ମଧ୍ୟ ଫଟୋ ଶେୟାର କରି ଲେଖିଛନ୍ତି, ରାଘବଙ୍କ ସହ ସେ ଏଠାକୁ ଆସିବା ଖୁବ୍ ଖାସ୍ ଥିଲା। ଏହା ପୂର୍ବରୁ ୧୩ ମେ'ରେ ଦୁହିଁଙ୍କ ନିର୍ବନ୍ଧ ହୋଇଥିଲା। ତେବେ ପରିଣୀତି ୨୦୧୧ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଶେଷ ଥର ପାଇଁ ତାଙ୍କୁ ଫିଲ୍ମ 'ଉଁଚାଇ'ରେ ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କ ଆଗାମୀ ମୁଭି 'ଚମକିଲା'ର ଶୁଟିଂ ସରିଥିବାବେଳେ ତାଙ୍କ ହାତରେ ଆଉ କିଛି ସିନେମା ମଧ୍ୟ ରହିଛି। ଏଥିସହ ସେ ଅନେକ ଟିଭି ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।

ଟଙ୍କା ସଞ୍ଚୟ ପାଇଁ କିଣନ୍ତି ଏକ୍ସପାୟରି ସାମଗ୍ରୀ

ଲଣ୍ଡନ: ଆଜିକାଲି ସମୟରେ ଖାଦ୍ୟ ଭେଜାଲ ହେବା ସାଧାରଣ କଥା ହୋଇଗଲାଣି। ଅନେକ କମ୍ପାନୀ ମଧ୍ୟ ଅଛନ୍ତି, ଯେଉଁମାନେ ଖାଦ୍ୟ ଓ ପାଣିକୁ ଭେଜାଲ କରି ବିକ୍ରି କରୁଛନ୍ତି। ତେଣୁ ଲୋକେ ସମସ୍ତ ଖାଦ୍ୟ ପଦାର୍ଥ ଯାଞ୍ଚ କରି କିଣୁଛନ୍ତି। ହେଲେ ଇଂଲଣ୍ଡର ଜଣେ ମହିଳା ନିକଟରେ ଚର୍ଚ୍ଚାକୁ ଆସିଛନ୍ତି, ଯିଏ ଖାଦ୍ୟ ସାମଗ୍ରୀର ଏକ୍ସପାୟରି (ଅବଧି ଶେଷ ହୋଇଥିବା) କୁ ବିଶ୍ୱାସ କରୁନାହାନ୍ତି। ସେ ଏକ୍ସପାୟରି ହୋଇଥିବା ଖାଦ୍ୟକୁ ମଧ୍ୟ କିଣିଥାନ୍ତି। ରିପୋର୍ଟ ମୁତାବକ, ୪୧ ବର୍ଷୀୟା ଡା. ମାରିଆନେ ଟ୍ରେଣ୍ଟ ଇଂଲଣ୍ଡର କୋଭେଣ୍ଟ୍ରିରେ ରୁହନ୍ତି। ସେ ଜଣେ କ୍ଲିନିକାଲ ସାଇକୋଲୋଜିଷ୍ଟ। ନିକଟରେ ସେ ଏକ ୱେବସାଇଟ୍‌ରେ କଥା ହେବାବେଳେ କହିଛନ୍ତି ଯେ, ସେ ଖାଦ୍ୟ କିଣିବାବେଳେ କୌଣସି ଏକ୍ସପାୟରି ସମୟ ଦେଖନ୍ତିନି। ତାଙ୍କର ଏପରି କରିବା ପଛର କାରଣ ସେ କହିଛନ୍ତି, ଯାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ସେ ଟଙ୍କା ସଞ୍ଚୟ କରିବାକୁ ଏପରି କରୁଥିବା କହିଛନ୍ତି। ତାଙ୍କର କହିବା କଥା ହେଲା, ସେ ତାଙ୍କ ଆଖି ଏବଂ ନାକ ଉପରେ

ଡା. ମାରିଆନେ ଟ୍ରେଣ୍ଟ

ବିଶ୍ୱାସ କରନ୍ତି। ଯଦି ଖାଦ୍ୟରୁ ଭଲ ବାସ୍ନା ଆସୁଥାଏ, ତେବେ ସେହି ଖାଦ୍ୟ ଖାଇବା ଉପଯୋଗୀ। ସେଥିପାଇଁ ତାଙ୍କୁ ଖାଦ୍ୟର ଏକ୍ସପାୟରି ସମୟ ଦେଖିବା ଆବଶ୍ୟକତା ନାହିଁ। ତାଙ୍କ ପୂର୍ବଜ ମଧ୍ୟ ଖାଦ୍ୟକୁ ଶୁଙ୍ଘି ଭଲ ମନ୍ଦ ବାରି ପାରୁଥିଲେ। ଯଦି କିଛି ଖାଦ୍ୟ ସାମଗ୍ରୀର ଏକ୍ସପାୟରି ସମୟ ସରିଯାଇଥାଏ, ତେବେ ମଧ୍ୟ ସେ ସେହି ଖାଦ୍ୟକୁ କିଣି ନିଅନ୍ତି। କାରଣ ତାକୁ ରୋଷେଇ କରିବା ସମୟରେ ଭିତରେ ଥିବା ସମସ୍ତ ଜୀବ ମରିଯା'ନ୍ତି। ହେଲେ ସେ ତାଜା ମାଛ, ମାଂସ ନେଇଥାନ୍ତି। ଏପରି କରି ସେ ବର୍ଷକୁ ପାଖାପାଖି ୫୬୦ ପାଉଣ୍ଡ ଅର୍ଥାତ୍ ୪୮ ହଜାର ଟଙ୍କା ସଞ୍ଚୟ କରିନିଅନ୍ତି ବୋଲି କହିଛନ୍ତି।

ଅଗଷ୍ଟ ୧୧ରେ 'ଗଦର-୨'

୨୨ ବର୍ଷ ପରେ ପରଦାରେ ଏକାଠି ହେବେ ସନ୍ନି ଦେଓଲ, ଅମିଷା ପଟେଲ

ମୁମ୍ବାଇ

ଦୀର୍ଘ ୨୨ ବର୍ଷ ପରେ ପରଦାକୁ ଫେରୁଛି 'ଗଦର-୨'। ଏବେ ପୁଣି ଥରେ ସନ୍ନି ଦେଓଲ ଏବଂ ଅମିଷା ପଟେଲଙ୍କୁ ଏକାଠି ଦେଖିବାକୁ ପାଇବେ ଦର୍ଶକ। ଅଗଷ୍ଟ ୧୧ ତାରିଖରେ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ମୁଭିର ଶୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦୧ରେ ବଡ଼ ପରଦାକୁ ଆସିଥିବା 'ଗଦର'ରେ ସନ୍ନିଙ୍କୁ ତାରା ସିଂ ଏବଂ ଅମିଷାଙ୍କୁ ସକିନା ଚରିତ୍ରରେ ଦେଖିବାକୁ ମିଳିଥିଲା। ଫିଲ୍ମଟି ଭାରତ-ପାକିସ୍ତାନ ସମ୍ପର୍କକୁ ନେଇ ପ୍ରସ୍ତୁତ ହୋଇଥିଲା। ଅନିଲ ଶର୍ମାଙ୍କ ନିର୍ଦ୍ଦେଶିତ ମୁଭି 'ଗଦର-୨'ରେ ମଧ୍ୟ ଦୁହିଁଙ୍କ ଚରିତ୍ର ସମାନ ରହିବା ସହ ସିନେମାର ବିଷୟବସ୍ତୁ ସମାନ ରହିଛି। ତେବେ ଫିଲ୍ମର ଏକ ଗୀତ 'ଉଡ୍ ଯା କାଲେ କୱା' ଜୁନ୍ ୨୯ରେ ରିଲିଜ୍ ହୋଇଯାଇଛି। ଏଥିରେ ତାରା ସିଂ ଏବଂ ସକିନା ରୋମାଣ୍ଟିକ୍ ହେଉଥିବା ଦେଖିବାକୁ ମିଳିଛି। ପ୍ରଯୋଜକଙ୍କ କହିବା ମୁତାବକ, ପୁରୁଣା ଗୀତକୁ ଟିକେ



ଆଧୁନିକ ଝୁଙ୍କ୍ ଦିଆଯାଉଛି, ଫଳରେ ତାହା ଯୁବପିଢିଙ୍କ ପାଇଁ ଆକର୍ଷଣୀୟ ହେବ। ଏଥିରେ ସନ୍ନି ଓ ଅମିଷାଙ୍କ ବ୍ୟତୀତ ଉତ୍କର୍ଷ ଶର୍ମା, ଅମିର ନାୟକ, ଡୋଲି ବିନ୍ଦ୍ରା, ରୋହିତ ଚୌଧୁରୀ, ମନୀଷ ୱାଧା ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

ଶବ୍ଦ ପ୍ରଦୂଷଣ ଯୋଗୁ ଟ୍ରଲି ବ୍ୟାଗ୍‌ରେ ପ୍ରତିବନ୍ଧକ

ଜାଗ୍ରେବ

ଲୋକେ ଯାତ୍ରା କରିବା ସମୟରେ ପ୍ରାୟ ସମସ୍ତଙ୍କ ପାଖରେ ଟ୍ରଲି ବ୍ୟାଗ ଦେଖିବାକୁ ମିଳେ। ଏହି ବ୍ୟାଗରେ ସମସ୍ତ ଜିନିଷ ସହଜରେ ଭର୍ତ୍ତି ହେଉଥିବା ସହ ତାକୁ ଟେକି କରି ନେବାକୁ ପଡ଼ି ନ ଥାଏ। ବ୍ୟାଗକୁ ଚକା ସାହାଯ୍ୟରେ ଗଡ଼ାଇ ନେଇଥା'ନ୍ତି। ହେଲେ ୟୁରୋପର ଏକ ଟ୍ରଲି ବ୍ୟାଗ ଉପରେ ପ୍ରତିବନ୍ଧକ ଲଗାଯାଇଛି। ରିପୋର୍ଟ ମୁତାବକ, ୟୁରୋପିଆନ ଦେଶ କ୍ରୋଆଟିଆର ଡୁବ୍ରୋଭନିକ୍ ସହର ନିଜର ସୁନ୍ଦରତା ପାଇଁ ପ୍ରସିଦ୍ଧ। ସହର ବହୁ ପୁରୁଣା ହୋଇଥିବାବେଳେ ଏଠାରେ ବହୁ ପ୍ରାଚୀନ କୀର୍ତ୍ତିମାନ ରହିଛି। ସବୁ ବର୍ଷ ଏଠାକୁ ଅନେକ ଲୋକ ଆସିଥା'ନ୍ତି। ସେମାନେ ତାଙ୍କ ସହ ଜିନିଷ ଆଣିବାକୁ ଟ୍ରଲି ବ୍ୟାଗ ଆଣିଥା'ନ୍ତି। ହେଲେ ଡୁବ୍ରୋଭନିକ୍ ପ୍ରଶାସନ ଚକା ଥିବା ଶୁଟକେସ୍‌ରେ ପ୍ରତିବନ୍ଧକ ଲଗାଇଦେଇଛି। ଏପରି ନିୟମ ପଛରେ ରହିଛି ସହରର ସୁନ୍ଦରତା। ଏଠାକାର ରାସ୍ତା ପଥରରେ ପ୍ରସ୍ତୁତ ହୋଇଛି, ଯାହା ସହରକୁ ପ୍ରାଚୀନ ଦର୍ଶାଉଛି। ଏହି ରାସ୍ତାରେ ଚକା ଥିବା ଶୁଟକେସ୍ ଚାଲିଲେ ତାହା ବହୁତ ଶବ୍ଦ କରେ। ଫଳରେ ରାତିରେ ମଧ୍ୟ ଲୋକ ଏଠାରେ ଶୋଇ ପାରନ୍ତିନି। ଏହି ସମସ୍ୟା ଭୋଗୁଥିବା ଲୋକେ ପ୍ରଶାସନକୁ ଜଣାଇଥିଲେ। ସହରର ମେୟର ମାଟୋ ଫ୍ରାନ୍କୋଭିକ୍ ଲୋକଙ୍କ ସୁବିଧା ପାଇଁ ଏପରି ନିୟମ କରିଛନ୍ତି।

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା

କର୍ତ୍ତବ୍ୟରେ ଅବହେଳା

ଆକାର ପଟେଲ

ଜାତୀୟ ସୁରକ୍ଷାକୁ 'ନାଗରିକତ୍ୱର ସୁରକ୍ଷା ଓ ପ୍ରତିରକ୍ଷା ପାଇଁ କୌଣସି ଦେଶର କ୍ଷମତା ଏବଂ ହିଂସା ଓ ଆକ୍ରମଣଜନିତ ବିପଦରୁ ନିଜକୁ ରକ୍ଷାକରିବାର ଦକ୍ଷତା' ବୋଲି ବର୍ଣ୍ଣନା କରାଯାଇଛି। ତେବେ ନୂତନ ଭାରତର ସୁରକ୍ଷା ସିଦ୍ଧାନ୍ତକୁ ବୁଝିବାକୁ ହେଲେ ଜଣେ ଡୋଭାଲଙ୍କ ସିଦ୍ଧାନ୍ତକୁ ଦେଖିବାକୁ ପଡ଼ିବ। ତାଙ୍କ ସିଦ୍ଧାନ୍ତ ଏକ ଲିଖିତ ବିଷୟ ନୁହେଁ କି ଏହାକୁ କୌଣସି ପୁସ୍ତକରେ ସ୍ପଷ୍ଟ କରାଯାଇନାହିଁ। ଏହାକୁ ଏକ ଭିଡିଓରେ ପ୍ରକାଶ କରାଯାଇଛି। ଭିଡିଓରେ ପ୍ରକାଶ କରାଯିବାର କାରଣ ହେଉଛି, ଭାରତରେ ହେନେରୀ କିଶିଙ୍ଗଙ୍କ ଗୋଷ୍ଠୀର କେହି ଜଣେ ହେଲେ ବୁଦ୍ଧିମାନ୍ ସୁରକ୍ଷା ପରାମର୍ଶଦାତା ନାହାନ୍ତି। ଏକ ପ୍ରୋଫାଇଲରେ ଆଇନଜୀବୀ ତଥା ରାଜନୈତିକ ସମାଲୋଚକ ଏ.ଜି. ନୁରାନି ଲେଖିଥିଲେ, ଡୋଭାଲ ସବୁବେଳେ କଠିନ କାମରେ ଦ୍ୱନ୍ଦ୍ୱରେ ନ ରହି ସକ୍ରିୟ ଭାବେ ତାହା ଆରମ୍ଭ କରିଦିଅନ୍ତି। ଆଇସି କବଳରେ ପଣବନ୍ଦୀ ଭାବେ ଥିବା ଭାରତୀୟଙ୍କୁ ଉଦ୍ଧାର କରିବା ଲାଗି ସେ ଇରାକ ଯାଇଥିଲେ। କ୍ରୋଧିତ ଓ ଅପମାନିତ ହୋଇ ନୂଆଦିଲ୍ଲୀରେ ପାକିସ୍ତାନ ହାଇକମିଶନରଙ୍କୁ ଫୋନ୍ କରିଥିଲେ ଏବଂ ଇସ୍‌ଲାମବାଦରେ ତାଙ୍କ ପ୍ରତିପକ୍ଷକୁ ଏଲ୍‌ଓସିରେ ଗୁଳି ବିନିମୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏମତ ଆହୁର ଘଟଣା ଅଛି। କାର୍ଯ୍ୟାନୁଷ୍ଠାନ ନେବାରେ ଏ ହେଉଛନ୍ତି ଜଣେ ବାସ୍ତବ ମଣିଷ। ନୁରାନିଙ୍କ ଉକ୍ତ ଲେଖା ନଭେମ୍ବର ୨୦୧୫ରେ ପ୍ରକାଶ ପାଇଥିଲା। ସେବେଠାରୁ ଡୋଭାଲ ଅନ୍ୟ ସାହସିକ କାର୍ଯ୍ୟରେ ଜଡ଼ିତ ରହିଆସିଛନ୍ତି। ବ୍ୟକ୍ତିଗତ ଭାବେ ନିଜାମୁଦ୍ଦିନରେ ତବଲିଗ୍ ଜମାତ ଖାଲି କରିଥିଲେ। କଶ୍ମୀରରେ ସ୍ୱାଭାବିକ ସ୍ଥିତିର ସଙ୍କେତ ଦେବାକୁ ଯାଇ ସେଠାକାର ରାସ୍ତାରେ ବିରିୟାନି ଖାଇବାର ଫଟୋ ଉଠାଇବାକୁ ପସନ୍ଦ କରିଥିଲେ। କିନ୍ତୁ ସେ ଏଯାବତ ମଣିପୁର ଯାଇନାହାନ୍ତି। ବଡ଼କଥା ହେଉଛି, ବସ୍ ଯେତେବେଳେ ସବୁ ଶ୍ରେୟ ନେଉଛନ୍ତି ସେତେବେଳେ ଦୃଶ୍ୟମାନ ବିପର୍ଯ୍ୟୟରେ ଅଧସ୍ତନ ଦୋଷ ମୁଣ୍ଡେଇବାକୁ ଆଗକୁ ଆସିବା ଉଚିତ କି? ଯଦି ଏହା ନୁହେଁ, ତେବେ ନାଗରିକତ୍ୱର ସୁରକ୍ଷା ଓ ପ୍ରତିରକ୍ଷାକୁ ଜାତୀୟ ସୁରକ୍ଷା ବୋଲି ଯାହା କୁହାଯାଉଛି, ବାସ୍ତବରେ ତାହାର ମୂଲ୍ୟ କିଛି ନାହିଁ।

ଏହାର ଅନ୍ୟ ଏକ ଦିଗ ହେଉଛି, ଯେଉଁଠି ସବୁ ନିଷ୍ପତ୍ତି କେନ୍ଦ୍ରୀଭୂତ ଢାଞ୍ଚାରେ ନିଆଯାଇ ପରେ ଅପ୍ରତ୍ୟାଶିତ ଓ ଐତିହାସିକ ଘଟଣା ଭାବେ ଘୋଷଣା କରାଯାଉଛି, ସେ କ୍ଷେତ୍ରରେ ସେଗୁଡ଼ିକର ବିପରୀତ ପରିଣାମର ବୋଝ କନିଷ୍ଠମାନେ କାହିଁକି ବହନ କରିବେ? ସେଥିପାଇଁ ଗମ୍ଭୀର ବିପଦରେ ଯେଭଳି କାର୍ଯ୍ୟ କରିବା କଥା ସେଥିରେ ଆମ ସମୟର ମହାନ୍ ଗୁପ୍ତଚରଙ୍କର ସେଭଳି ଯୋଗଦାନ ନାହିଁ। ଅଥଚ ତାଙ୍କ କାର୍ଯ୍ୟକଳାପ ଉପରେ ଜୁନ୍ ୨୯ର ଏକ ରିପୋର୍ଟରେ ଶୀର୍ଷକ ହେଉଛି, ୱାଗ୍‌ନର ବିଦ୍ରୋହ ପରେ ରୁଷୀୟ ସୁରକ୍ଷା ପରିଷଦ ସଚିବ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭଲଙ୍କୁ କଲ୍ କରିଥିଲେ। ଏନ୍‌ଏସ୍‌ଏ ଅଜିତ ଡୋଭାଲ ଓମାନର ଶୀର୍ଷ ନେତୃତ୍ୱଙ୍କୁ ସାକ୍ଷାତ କରି ସୁରକ୍ଷା ଚୁକ୍ତି ମଜଭୁତ କରିବା ଲାଗି ଆଲୋଚନା କରିଥିଲେ ବୋଲି ଏକ ଶୀର୍ଷକ ଜୁନ୍ ୨୬ରେ ପ୍ରକାଶ ପାଇଥିଲା। ଜୁନ୍ ୧୭ରେ ଏକ ବୈଠକରେ ସେ ଜଣେ ଐତିହାସିକ ଭାବେ ତାଙ୍କ ଜ୍ଞାନ ପ୍ରକାଶ କରିଥିଲେ। ଏହାକୁ ନେଇ ଏକ ଶୀର୍ଷକ ପ୍ରକାଶ ପାଇଥିଲା ଯାହା ଥିଲା 'ନେତାଜୀ ସୁଭାଷ ବୋଷ ଥିଲେ ଭାରତ ବିଭାଜିତ ହୋଇ ନ ଥାନ୍ତା: ଏନ୍‌ଏସ୍‌ଏ ଅଜିତ ଡୋଭାଲ'। ତାଙ୍କ ପାଇଁ ଖୁସିର କଥା ଯେ, ଅଧିକ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକରେ ତାଙ୍କର ଅନୁପସ୍ଥିତିକୁ ନେଇ କୌଣସି ଶୀର୍ଷକ ଖବର ନାହିଁ। କାରଣ ଏହି ପ୍ରଶାସନରେ ବିଫଳତା ପାଇଁ କୌଣସି ଉତ୍ତରଦାୟିତ୍ୱ ନାହିଁ। ମଣିପୁର ତାଙ୍କ ଦାୟିତ୍ୱର ଅଂଶ ନୁହେଁ ଭାବି ଡୋଭାଲ ଆଗକୁ ବଢ଼ିପାରନ୍ତି। ଏଭଳି କର୍ତ୍ତବ୍ୟରେ ଅବହେଳା ଅନ୍ୟ କ୍ଷେତ୍ରରେ ବି ଦେଖାଯାଇଛି। ୨୦୧୮ରେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ପ୍ରତିରକ୍ଷା ଯୋଜନା କମିଟି ଦାୟିତ୍ୱରେ ରଖାଯାଇଥିଲା। ଏଥିରେ ଡୋଭାଲ ଅଧ୍ୟକ୍ଷତା କରିବାର ପ୍ରାବଧାନ ଥିଲା ଏବଂ ଏହି କମିଟିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍, ତିନି ବାହିନୀର ମୁଖ୍ୟ ଏବଂ ଅର୍ଥ ମନ୍ତ୍ରଣାଳୟର ସଚିବମାନେ ରହିଥିଲେ। ଜାତୀୟ ପ୍ରତିରକ୍ଷା ଏବଂ ସୁରକ୍ଷା ପ୍ରାଥମିକତା, ବୈଦେଶିକ ନୀତିର ଆବଶ୍ୟକତା, ପ୍ରାସଙ୍ଗିକ ରଣନୀତିକ ତଥା ସୁରକ୍ଷା ସମ୍ବନ୍ଧୀୟ ସିଦ୍ଧାନ୍ତ, ପ୍ରତିରକ୍ଷା ଅଧିଗ୍ରହଣ ଏବଂ ଭିତ୍ତିଭୂମି ବିକାଶ ଯୋଜନା, ଜାତୀୟ ସୁରକ୍ଷା ରଣନୀତି, ରଣନୀତିକ ପ୍ରତିରକ୍ଷା ସମୀକ୍ଷା ଏବଂ ସିଦ୍ଧାନ୍ତ ଇତ୍ୟାଦିର ଦାୟିତ୍ୱ ତୁଲାଇବାର ଥିଲା। ହେଲେ ୩ ମେ ୨୦୧୮ରେ ଏହି କମିଟିର ଥରେ ମାତ୍ର ବୈଠକ ବସିଥିଲା ଓ ତା' ପରେ ଅର୍ଥାତ୍ ଏବେ ୫ ବର୍ଷ ମଧ୍ୟରେ ଆଉ କେବେ ବୈଠକ ହେବା ଦେଖାଯାଇନାହିଁ।

ଲଦାଖ ଘଟଣା ପରେ ଏଥିପ୍ରତି ଆଗ୍ରହର ଅଭାବ ଦେଖାଯାଇଛି କାରଣ ଡୋଭାଲଙ୍କ ମୂଳ ଚିନ୍ତା ରହିଛି ପାକିସ୍ତାନ ଓ ମୁସଲମାନଙ୍କଠାରେ। ଲଗାତର ଘଟିଥିବା ତାଙ୍କ କାର୍ଯ୍ୟକଳାପକୁ ନୁରାନି ଯେଭଳି ବର୍ଣ୍ଣନା କରିଛନ୍ତି ତାହାକୁ ଲକ୍ଷ୍ୟକଲେ ଏହା ସହଜରେ ବୁଝିହେବ। ଡୋଭାଲଙ୍କ ସିଦ୍ଧାନ୍ତ କହେ, ସନ୍ତ୍ରାସବାଦ ଜାତୀୟ ସୁରକ୍ଷା ପ୍ରତି ବିପଦ ଏବଂ ପାକିସ୍ତାନ ପ୍ରଥମ ଶତ୍ରୁ। ୨୦୨୦ର ଘଟଣା ପରେ ସରକାର ମଧ୍ୟ ଏହାକୁ ଅସତ୍ୟ ବୋଲି ସ୍ୱୀକାର କଲେ। ଗଲୱାନ ପୂର୍ବରୁ ସେନାର ୩୮ ଡିଭିଜନ ମଧ୍ୟରୁ ୧୨ଟି ଚାଇନା ସୀମାରେ, ୨୫ଟି ଭାରତ–ପାକିସ୍ତାନ ସୀମାରେ ମୁତୟନ ହୋଇଥିଲେ ଏବଂ ଗୋଟିଏ ରିଜର୍ଭ ରହିଥିଲା। ପୁନଃ ମୁତୟନ ପରେ ୧୬ ଡିଭିଜନ ଚାଇନାର ମୁହାଁମୁହିଁ ହୋଇ ରହିଛନ୍ତି। ତେବେ ପୂର୍ବ ସ୍ଥିତିର କାରଣ କ'ଣ ରହିଥିଲା ଏବଂ ପରିବର୍ତ୍ତନର କାରଣ କ'ଣ ଥିଲା? ଏ ବିଷୟରେ ଆମେ ଜାଣୁନାହୁଁ। ଯଦି ଡୋଭାଲ ନୂଆ ସିଦ୍ଧାନ୍ତ ଲେଖନ୍ତି କିମ୍ବା ଏ ସମ୍ପର୍କରେ କିଛି କୁହନ୍ତି, ତେବେ ହୁଏତ ଆମେ ଏ ସମ୍ପର୍କରେ ଜାଣିପାରିବା। ୨୦୧୪ ପରଠାରୁ ଯାହାସବୁ ଘଟି ଆସିଛି ତାହାକୁ ଯଦି ଲକ୍ଷ୍ୟ କରାଯାଏ ତେବେ ତଥାକଥିତ ନୂତନ ଭାରତ ପ୍ରୋଜେକ୍ଟରେ ବିଚାରର ମାନ, ଦକ୍ଷତା ଏବଂ କାର୍ଯ୍ୟାନ୍ୱୟନ କ'ଣ ରହିଛି ତାହା ଜଣେ ସହଜରେ ଅନୁଭବ କରିପାରିବେ।

Email:aakar.patel@gmail.com

ଓଡ଼ିଶା ରାଜନୀତିରେ ସାମାଜିକ ନ୍ୟାୟ ପ୍ରସଙ୍ଗ

ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶା ରାଜନୀତିରେ ସାମାଜିକ ନ୍ୟାୟକୁ ଏକ ରାଜନୈତିକ ଇସ୍ୟୁ ଭାବେ ଅଦ୍ୟାବଧି ଗ୍ରହଣ କରାଯାଇ ନାହିଁ। ଭାରତବର୍ଷର ଅନେକ ରାଜ୍ୟରେ ଏହାକୁ ନେଇ ରାଜନୀତି ହୋଇଛି ଏବଂ ସଫଳତା ମଧ୍ୟ ମିଳିଛି। ରାଷ୍ଟ୍ରୀୟ ସ୍ତରରେ ମଣ୍ଡଳ କମିଶନ ସୁପାରିସର କାର୍ଯ୍ୟକାରିତା ପରେ ଏ ବିଷୟ ରାଜନୀତିର ପରିସରକୁ ଆସିଛି। ପୂର୍ବରୁ ବାମପନ୍ଥୀମାନେ ଓ ସମାଜବାଦୀମାନେ ଏ ବିଷୟକୁ ଶ୍ରମିକଶ୍ରେଣୀ ସହିତ ମିଶାଇ ଭିନ୍ନ ରୂପରେ ଉପସ୍ଥାପନ କରିଆସିଥିଲେ। ଫଳରେ ଏହାର ସ୍ୱତନ୍ତ୍ର ସ୍ଥିତି ନଥିଲା। ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ପରେ ଏହା ଏକ ସ୍ୱତନ୍ତ୍ର ରାଜନୈତିକ ପ୍ରସଙ୍ଗଭାବେ ଆତ୍ମପ୍ରକାଶ କରିଛି। ହେଲେ ଓଡ଼ିଶା ରାଜନୀତିରେ ଏ ବିଷୟ କାହିଁକି ଦାନା ବାନ୍ଧିପାରିନାହିଁ ତାହା ଅନୁଧ୍ୟାନର ବିଷୟ। ଉତ୍ତର ଭାରତରେ ଏହା ଦାନା ବାନ୍ଧିଛି। ଦକ୍ଷିଣ ଭାରତରେ ଏହା ପୂର୍ବରୁ ଦାନା ବାନ୍ଧି ସାରିଛି। ହେଲେ ଓଡ଼ିଶା ପରି ଗରିବ ଓ ସାମାଜିକ ଭାବେ ସର୍ବାଧିକ ଉପେକ୍ଷିତ ଲୋକ ବସବାସ କରୁଥିବା ରାଜ୍ୟରେ ଏହା ରାଜନୈତିକ ଭାବେ ଆଗେଇ ନ ପାରିବା ଆଶ୍ଚର୍ଯ୍ୟର ବିଷୟ।

ଓଡ଼ିଶାରେ ସାମାଜିକ ନ୍ୟାୟକୁ ଆଧାର କରି ରାଜନୈତିକ ବାତାବରଣ ତିଆରି ହୋଇ ନ ପାରିବା ପଛରେ ଦୁଇଟି କାରଣ ରହିଛି। ଗୋଟିଏ ହେଉଛି ଦୃଢ଼ ନେତୃତ୍ୱର ଅଭାବ ଓ ଅନ୍ୟଟି ହେଉଛି ରାଜନୈତିକ ସଚେତନତାର ଅଭାବ। ଦେଶରେ ବ୍ୟାପକ ପ୍ରତିକ୍ରିୟାଶୀଳ ନେତୃତ୍ୱର ତିଆରି ଜରୁରିକାଳୀନ ପରିସ୍ଥିତିରୁ ପ୍ରାରମ୍ଭ ହୋଇଥିଲା। ଏହି ସମୟରେ ଯେଉଁ ନେତୃମଣ୍ଡଳୀ ତିଆରି ହୋଇଥିଲା, ତାଙ୍କ ମଧ୍ୟରୁ କିଛି ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରିତାର ପକ୍ଷଧର ଥିଲେ। ଏହା କାର୍ଯ୍ୟକାରୀ କରାଯିବାର ଘୋଷଣା ପରେ ଏହାକୁ ପ୍ରତିରୋଧ କରିବା ପାଇଁ ଯେଉଁ କମଣ୍ଡଳ ରାଜନୀତି ଆସିଲା ଓ ତର୍କବିତର୍କର ପରିବେଶ ତିଆରି ହେଲା, ତାହାରି ଭିତରୁ ସାମାଜିକ ନ୍ୟାୟ ପ୍ରସଙ୍ଗ ରାଜନୈତିକ ରୂପ ନେଲା ଏବଂ ଏହାର ପୃଷ୍ଠପୋଷକ ଭାବେ ରାଷ୍ଟ୍ରୀୟ ଓ ପ୍ରାନ୍ତୀୟ ନେତାଙ୍କ ମଧ୍ୟ ଆବିର୍ଭାବ ହେଲା। ଏମାନଙ୍କ ମଧ୍ୟରୁ କେତେକେ ନିଜ ନିଜ ରାଜ୍ୟରେ ପ୍ରମାଣ କରି ଦେଇଛନ୍ତି ଯେ ସାମାଜିକ ନ୍ୟାୟ ଏକ ଦୃଢ଼ ରାଜନୈତିକ ପ୍ରସଙ୍ଗ ଓ ଏହାକୁ ନେଇ କ୍ଷମତା ଦଖଲ କରାଯାଇ ପାରିବ।

ଓଡ଼ିଶାରେ ପ୍ରତିକ୍ରିୟାଶୀଳ ରାଜନୀତିର ପ୍ରାରମ୍ଭ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜରୁରିକାଳୀନ ପରିସ୍ଥିତିରେ ହୋଇ ଯାଇଥିଲା। କିନ୍ତୁ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ ଏହା ମଣ୍ଡଳ ବିରୋଧୀ ସ୍ୱରୂପକୁ ବଦଳି ଯାଇଥିଲା। ସେ ସମୟରେ ବିଜୁ ପଟ୍ଟନାୟକ ଗରିବର କୌଣସି ଜାତି ନାହିଁ କହି ଏହାକୁ ବିରୋଧ କରିଥିଲେ। କିନ୍ତୁ ସେ ସମୟର କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତାକୁ ଦୃଢ଼ ସମର୍ଥନ କରିଥିଲେ, ଯାହାଫଳରେ ଦୁହିଁଙ୍କ ମଧ୍ୟରେ ଏକ ମୁକାବିଲାର ବାତାବରଣ ତିଆରି ହୋଇଥିଲା। କିନ୍ତୁ ସେ ସମୟରେ ଜେନା ଖୋଲାଖୋଲି ଭାବେ ସାମାଜିକ ନ୍ୟାୟ ପ୍ରସଙ୍ଗକୁ ଆଧାର କରି ରାଜ୍ୟରେ ଏକ ବିକଳ୍ପ ରାଜନୀତିର ସମ୍ଭାବନା ତିଆରି କରିବାକୁ ବୋଧହୁଏ ସାହସ କରିପାରିଲେ ନାହିଁ, ଯଦିଓ ରାଜ୍ୟରେ ମଣ୍ଡଳ ସପକ୍ଷରେ ଏକ ପ୍ରଭାବଶାଳୀ ସମର୍ଥକ ଗୋଷ୍ଠୀ ତିଆରି ହୋଇସାରିଥିଲା। ତେବେ ନେତୃତ୍ୱ ଅଭାବରେ ଏ ଆନ୍ଦୋଳନ ରାଜନୈତିକ ରୂପ ନେଇପାରି ନାହିଁ ବୋଲି ଅନେକେ ବିଶ୍ୱାସ କରନ୍ତି। ଏହା ସତ୍ୟ ଯେ, ଏ ଦିଗରେ ନେତୃତ୍ୱର ଅଭାବ ରହିଲା। ଆଉ କେହିବି ଏହାର ନେତୃତ୍ୱ ନେଇପାରି ଥାଆନ୍ତେ। ସେପରି ନେତୃତ୍ୱ ଆଉ ଉଭା ହେଲେ ନାହିଁ।

ଦ୍ୱିତୀୟ କାରଣ ହେଉଛି ସଚେତନତାର ଅଭାବ। ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଯେଉଁ ପ୍ରକାର ରାଜନୈତିକ ସଚେତନତା ରହିଛି, ନିଜ ଭାଗୀଦାରି ପ୍ରତି ସତର୍କତା ରହିଛି, ସେ ତୁଳନାରେ ଓଡ଼ିଶାରେ ଏହା ଥିବାପରି ମନେହୁଏ ନାହିଁ। ରାଜ୍ୟରେ ସଂଖ୍ୟାଧିକ ଅଧିବାସୀ ନିଜ ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ ନୁହନ୍ତି। ସେଇଥିପାଇଁ ରାଜ୍ୟର ୪୦% ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କୁ ତାଙ୍କ ସଂଖ୍ୟାନୁପାତିକ ଭାବେ ଶିକ୍ଷାରେ ସଂରକ୍ଷଣ ନ ମିଳି ୨୦% ମିଳୁଥିଲେବି ସେମାନେ ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ସେହିପର ରାଜ୍ୟର ୫୪% ଓବିସିଙ୍କୁ ଶିକ୍ଷା ଓ ଚାକିରିରେ ୨୭% ସଂରକ୍ଷଣ ମିଳିବା ପରିବର୍ତ୍ତେ କେବଳ ଚାକିରିରେ ୧୧.୨୫% ମିଳୁଥିଲେ ହେଁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଯଦି ସଚେତନ ଥାଆନ୍ତେ, ତେବେ ଓଡ଼ିଶାରେ କେବେଠାରୁ ଅଭୂତପୂର୍ବ ଆନ୍ଦୋଳନ ଠିଆ ହୋଇ ସାରନ୍ତାଣି। ତେଣୁ ଏହା ସ୍ପଷ୍ଟ ଯେ, ରାଜ୍ୟରେ ସଚେତନତା ଅଭାବରୁ ସାମାଜିକ ନ୍ୟାୟ ରାଜନୈତିକ ପ୍ରସଙ୍ଗ ଭାବେ ଉଭା ହୋଇ ପାରିନାହିଁ।

ରାଜନୈତିକ ସଚେତନତା ଓଡ଼ିଶାରେ ମଞ୍ଚର ହେଲେବି ଚଳମାନ ଅବସ୍ଥାରେ ଅଛି। ସାମାଜିକ ନ୍ୟାୟ ସଚେତନତା ବୃଦ୍ଧି ଦିଗରେ ବିଭିନ୍ନ ସଙ୍ଗଠନ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ ଏହାକୁ ରାଜନୈତିକ ପ୍ରସଙ୍ଗ କରିବାକୁ ଆଗଭର ହେଲେଣି। ନିକଟରେ ଭାଜପା ଓ ବିଜେଡିକୁ ଛାଡ଼ି ୧୦ଟି ବିରୋଧୀ ଦଳର ପ୍ରତିନିଧିମାନେ 'ସାମାଜିକ ନ୍ୟାୟ ଅଭିଯାନ' ମଞ୍ଚର ଆନୁକୂଲ୍ୟରେ ଏ ବାବଦରେ ସଚେତନତା ସଭା କରିଛନ୍ତି ଏବଂ 'ଯାହାର ସଂଖ୍ୟା ଯେତେ, ଭାଗ ପାଇବେ ସେମାନେ ସେତେ'ର ନାରା ଦେଇଛନ୍ତି। ଏମାନଙ୍କ ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବରିଷ୍ଠ ସଂଗଠକଙ୍କ ସମେତ ଯୁବ ଓ ଛାତ୍ର ନେତୃତ୍ୱଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଉତ୍ସାହପ୍ରଦ କରିଛି।

ସମସ୍ତେ ଦୁଇଟି ବିନ୍ଦୁ ଉପରେ ଆନ୍ଦୋଳନ କରିବାକୁ ସହମତି ପ୍ରକାଶ କରିଛନ୍ତି। ଗୋଟିଏ ହେଉଛି ରାଜ୍ୟରେ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ପ୍ରଦାନ କରାଯାଉ। ଅନ୍ୟଟି ହେଉଛି ଏସ୍‌ଟି ଓ ଏସ୍‌ସିଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ଶିକ୍ଷା କ୍ଷେତ୍ରରେ ୪୦% ସଂରକ୍ଷଣ ପ୍ରଦାନ କରାଯାଉ। ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସମସ୍ତ ଅଣବିଜେଡି ଓ ଅଣଭାଜପା ବିରୋଧୀ ଦଳ ମିଳିତ ଭାବେ ପଦକ୍ଷେପ ନେବାର ସମ୍ଭାବନା ତିଆରି ହୋଇଛି। ଆନ୍ଦୋଳନକୁ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳକୁ ପହଞ୍ଚାଇବାର ଦୃଢ଼ ଘୋଷଣା ନେତାମାନେ କରିଛନ୍ତି। ଆଗକୁ ଦେଖାଯିବ ଆନ୍ଦୋଳନ କେତେ ଦୃଢ଼ତାର ସହିତ ବଢୁଛି ଅଥବା ପୂର୍ବ ସ୍ଥିତିକୁ ଫେରିଆସୁଛି।

ଓଡ଼ିଶାରେ ସାମାଜିକ ନ୍ୟାୟ ଆନ୍ଦୋଳନର ଆବଶ୍ୟକତା ରହିଛି। ଏହି ଅଭାବକୁ ଏ ମଞ୍ଚ କେତେ ପୂରଣ କରିପାରିବ, ତାହା ଭବିଷ୍ୟତ କହିବ। ଯେଉଁ ଦୁଇଟି ବିନ୍ଦୁକୁ ନେଇ ଆନ୍ଦୋଳନ କରିବାର ଘୋଷଣା ଆୟୋଜକମାନେ କରିଛନ୍ତି, ତାହାର ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସପକ୍ଷରେ ଅନୁକୂଳ ବାତାବରଣ ତିଆରି ହେଉଥିବା ପରି ମନେହେଉଛି। ଏ ଆନ୍ଦୋଳନ ଆଗାମୀ ଦିନରେ କେଉଁ ପ୍ରକାର ରାଜନୈତିକ ପ୍ରଭାବ ପକାଇବ ତାହା ଜାଣିବା ମଧ୍ୟ ସମୟସାପେକ୍ଷ। ସାମାଜିକ ନ୍ୟାୟ ପ୍ରସଙ୍ଗକୁ ନେଇ ୨୦୨୪ ସାଧାରଣ ନିର୍ବାଚନରେ କିଛି ଚମତ୍କାରିତା ହେବାର ସମ୍ଭାବନାକୁ ବି ଏଡ଼ାଇ ଦିଆଯାଇନପାରେ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୬୬୧୮୦

ଏ ଧରଣୀ ସୁଖ ମଣି, ବଇକୁଣ୍ଠ ନାହିଁ ଭଲ ଲାଗେ...

ଡ. ହୃଷୀକେଶ ମଲ୍ଲିକ

କବି କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ଓଡ଼ିଆ 'ସବୁଜ ଗୋଷ୍ଠୀ'ର କବିଙ୍କ ମଧ୍ୟରେ ମଧ୍ୟମଣି। ସେ ଏକାଧାରରେ ଥିଲେ କବି, କଥାକାର ଓ ଯୁଗପ୍ରବର୍ତ୍ତକ ଔପନ୍ୟାସିକ। ସବୁଜ ପାଞ୍ଚଜଣଙ୍କ ମଧ୍ୟରେ ଯୁଗକୁ ଅତିକ୍ରମ କରି ଯୁଗାନ୍ତରରେ ତାଙ୍କ ପ୍ରବେଶର ପଥ ପ୍ରଶସ୍ତ କରିଦେଇଥିଲା 'ମାଟିର ମଣିଷ' ଉପନ୍ୟାସ। ଫକୀରମୋହନଙ୍କ ପରେ ଅନ୍ୟତମ ଶକ୍ତିଶାଳୀ ଉପନ୍ୟାସ ଭାବେ ସମାଲୋଚକମାନେ ଏହି ଉପନ୍ୟାସକୁ ଯେପରି ଗୁରୁତ୍ୱ ଦିଅନ୍ତି, ତା'ର ସମାନ୍ତରାଳ ଓଡ଼ିଆ ଉପନ୍ୟାସ ଜଗତରେ ବିରଳ। ପ୍ରଖ୍ୟାତ ସମାଲୋଚକ ଡ. ମାୟାଧର ମାନସିଂହ ଲେଖିଥିଲେ: ''Kalindi Charan Panigrahi's novel 'Matir Manisha (Man of the Soil) written In the heyday of the group and many of his stories have been widely deservedly popular...'' (Contemporary Indian Literature, edited by Dr. Nagendra: Published by Sahitya Akademi) ଓଡ଼ିଆ ସବୁଜ ସାହିତ୍ୟ ଯେତେବେଳେ ମଧ୍ୟାକାଶରେ ତେଜୋଦୀପ୍ତ, ତା'ରି ଜ୍ୟୋତିରୂପ 'ମାଟିର ମଣିଷ', ଯାହା କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଅମୂଲ୍ୟ ରତ୍ନ ପରି ଆଜି ବି ସାଇତା।

୧୯୬୬ରେ ପ୍ରକାଶିତ ବିଶିଷ୍ଟ ବଙ୍ଗୀୟ ସମାଲୋଚକ ସୁଧାକର ଚଟ୍ଟୋପାଧ୍ୟାୟ ତାଙ୍କର ''ରବୀନ୍ଦ୍ରନାଥ ଓ ଭାରତୀୟ ସାହିତ୍ୟ'' (କୌତୂହଳର ବିଷୟ ଯେ ବହିଟି ବଙ୍ଗଭାଷାର ବିଶିଷ୍ଟ ଲେଖକ 'ବନଫୁଲ' ଓ ଓଡ଼ିଆ ଭାଷାର ମହାରଥୀପ୍ରତିମ ଲେଖକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କୁ ମିଳିତ ଭାବେ ଉତ୍ସର୍ଗିତ)ରେ କାଳିନ୍ଦୀଚରଣଙ୍କ କବିତା ସମ୍ପର୍କରେ ମତ ଦେବାକୁ ଯାଇ କହିଛନ୍ତି: ''ଆଧୁନିକ ଓଡ଼ିଶାର ଲବ୍ଧପ୍ରତିଷ୍ଠ କଥା ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ ଏକ କାଳେ କବିତା ରଚନା କରେଛିଲେନ୍, ଏବଂ କୋନଓ କୋନଓ ସମାଲୋଚକ ସେ–ସକଳ କବିତାର ବିଶେଷ କାବ୍ୟମୂଲ୍ୟ ସ୍ୱୀକାର ନା କରଲେଓ ଆମାଦେର କାଛେ କୟେକଟି କବିତା ନାନା କାରଣେ ଉଲ୍ଲେଖଯୋଗ୍ୟ ବଲେ ମନେ ହଛେ।'' (ପୃ: ୬୮)। ଏହ

ଜୁନ୍‌ରେ ୧.୬୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଜିଏସ୍‌ଟି ସଂଗ୍ରହ

- ଗତବର୍ଷ ଅପେକ୍ଷା ୧୨% ଅଧିକ ଟିକସ ଆଦାୟ
- କ୍ରମାଗତ ୧୬ ମାସ ପାଇଁ ୧.୪ ଲକ୍ଷ କୋଟିର ଟିକସ ଆଦାୟ
- ୪ଥର ପାଇଁ ୧.୬ ଲକ୍ଷ କୋଟି ଉପରେ ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୭ (ଅଭୟ ଦାଶ)

ଚଳିତ ଆର୍ଥିକ ବର୍ଷ(୨୦୨୩-୨୪)ର ୩ୟ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ହୋଇଛି ବୋଲି ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ଜୁନ୍ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୬୧(୧,୬୧,୪୯୭) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ୨୦୨୩-୨୪ ଜୁନ୍‌ରେ ସଂଗୃହୀତ ଟିକସ ପରିମାଣ ୧୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କ୍ରମାଗତ ୧୬ ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ ରହିଥିବାବେଳେ ୭ମ ଥର ପାଇଁ ୧.୫ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ କରାଯାଇଛି। ସେହିଭଳି ୪ର୍ଥ ଥର ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୬ଲକ୍ଷ କୋଟି ଉପରେ ରହିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୩ ଜୁନ୍‌ରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୬୧,୪୯୭ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୩୧,୦୧୩ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୮,୨୯୨ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୦,୨୯୨ କୋଟି (ସାମଗ୍ରୀ ଆମଦାନୀରେ ୩୯,୦୩୫ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୧,୯୦୦ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୧୦୨୮ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟିକୁ ୩୬,୨୨୪ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୩୦,୨୬୯ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି। ଅପରପକ୍ଷରେ ଓଡ଼ିଶାରୁ ଚଳିତ ଆର୍ଥିକ ବର୍ଷର ୩ୟ ମାସରେ ପ୍ରାୟ ୪୩୮୦ (୪୩୭୯.୯୮) କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୩୯୬୫ (୩୯୬୫.୨୮) କୋଟି ଟଙ୍କାରୁ ଅଧିକ ରହିଥିଲା, ଯାହା ଚଳିତ ଆର୍ଥକ ବର୍ଷର ଜୁନ୍ ଅବଧିରେ ୪୧୪.୭୦ କୋଟି ବା ୧୦ % ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ଅଭିଜ୍ଞ ଡାକ୍ତରଙ୍କୁ ଅରୁନ୍ଧତୀର ସମ୍ବର୍ଦ୍ଧନା

ଭୁବନେଶ୍ୱର,୧।୭

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଲ୍‌ଏର୍ସ ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ଡକ୍ଟରସ୍ ଡେ ପାଳିତ ହୋଇଯାଇଛି। ଏପରିକି ଅରୁନ୍ଧତୀ ଜୁଏଲର୍ସର ସମସ୍ତ ଶୋ'ରୁମ୍‌ରେ ମଧ୍ୟ ଡକ୍ଟରସ୍ ଡେ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ଏକ୍ସକ୍ଲୁସିଭ ଶୋ'ରୁମ୍‌ଗୁଡିକରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ରାଜ୍ୟର ବହୁ ଅଭିଜ୍ଞ ତଥା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ଏବଂ ପ୍ରତିଭାଶାଳୀ ଡାକ୍ଟରମାନଙ୍କୁ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅରୁନ୍ଧତୀ ଜୁଏଲର୍ସର ସମସ୍ତ କର୍ମଚାରୀ ଏବଂ ଆମନ୍ତ୍ରିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରତିଷ୍ଠିତ ଅତିଥିମାନଙ୍କ ସହ ଉତ୍ସବଟିକୁ ଧୁମଧାମରେ ପାଳନ କରାଯିବା ସହ ଫେସ୍‌ବୁକ୍ ଲାଇଭ୍ ମାଧ୍ୟମରେ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା।

ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ହସ୍ପିଟାଲର ବରଷ୍ଠ ପରାମର୍ଶଦାତା ତଥା ଶିଶୁରୋଗ ବିଶେଷଜ୍ଞ ଏବଂ ନିଓନାଟୋଲୋଜିଷ୍ଟ ଡା. ସଦାଶିବ ପାଢ଼ୀ ଉପସ୍ଥିତ ରହି ବର୍ତ୍ତମାନ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ରିଜର୍ଭ ବ୍ୟାଙ୍କର ନୂତନ କ୍ଷେତ୍ରୀୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧।୭

ଡ. ସାରଦା ପ୍ରସନ୍ନ ମହାନ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଓଡ଼ିଶା କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ନିର୍ଦ୍ଦେଶକ ଭାବେ ଡ. ସାରଦା ପ୍ରସନ୍ନ ମହାନ୍ତି ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଡ. ମହାନ୍ତି ଆର୍‌ବିଆଇର ମୁମ୍ବାଇ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଏପରିକି ସେ ଆର୍‌ବିଆଇ ନୂଆଦିଲ୍ଲୀ, କୋଲକାତା ଏବଂ ଭୁବନେଶ୍ୱର ଭଳି କାର୍ଯ୍ୟାଳୟରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ବିଶେଷକରି ବ୍ୟାଙ୍କିଙ୍ଗ୍ ନିୟମ ପ୍ରଣୟନ, ନିରୀକ୍ଷଣ, ବୈଷୟିକ ଜ୍ଞାନକୌଶଳ, ମୁଦ୍ରା ପରିଚାଳନା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ମାନବ ସମ୍ବଳ ପରିଚାଳନା ଆଦି କ୍ଷେତ୍ରରେ ମହାନ୍ତିଙ୍କର ଦୀର୍ଘ ଅଭିଜ୍ଞତା ଓ ଜ୍ଞାନ ରହିଛି। ଅପରପକ୍ଷରେ ସେ ଆମେରିକା, ସୁଇଜରଲାଣ୍ଡ, ଅଷ୍ଟ୍ରେଲିଆ, ୟୁକ୍ରେନ୍, ନ୍ୟୁଜିଲାଣ୍ଡ ଏବଂ ସିଙ୍ଗାପୁର ଭଳି ସହରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବୈଠକ ଯଥା ଫେଡେରାଲ୍ ରିଜର୍ଭ, ବାସେଲ କମିଟି, କ୍ରେଡିଟ୍ ରିପୋର୍ଟିଂ ଭଳି ବହୁ ଅନ୍ତର୍ଜାତିକ କମିଟିର ବୈଠକରେ ମଧ୍ୟ ମହାନ୍ତି ଆର୍‌ବିଆଇ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମହାନ୍ତି ଆଇଆଇଏମ୍ (ବାଙ୍ଗାଲୋର) ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଆଲୁମ୍‌ନି ଭାବେ ଜଣାଶୁଣା। ସେହିଭଳି ସେ ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସ ଅଷ୍ଟିନ ବିଶ୍ୱବିଦ୍ୟାଳୟରୁ ଡାଟା ଆନାଲିଟିକ୍ସରେ ମଧ୍ୟ ଆଡାଭାନ୍ସଡ୍ ଡିଗ୍ରୀ ମଧ୍ୟ ଲାଭ କରିଛନ୍ତି।

ଲକ୍ଷାଧିକ ଭକ୍ତଙ୍କୁ ଜେଏସ୍‌ପି ଫାଉଣ୍ଡେଶନର ସହାୟତା

ଭୁବନେଶ୍ୱର,୧।୭

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସ୍‌ପି)ର ସମାଜ କଲ୍ୟାଣ ସଂସ୍ଥା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କୁ ରନ୍ଧାଖାଦ୍ୟ, ଥଣ୍ଡା ପାନୀୟ ଜଳ ଓ ଗ୍ଲୁକୋଜ ଆଦି ଯୋଗାଇ ଦିଆଯାଇଥିଲା। ଏପରିକି ଫାଉଣ୍ଡେଶନର ଚେୟାରପର୍ସନ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଉକ୍ତ ସେବା ନେତ୍ରୋତ୍ସବରୁ ଆରମ୍ଭହୋଇ ସୁନାବେଶ ରାତ୍ରିରେ ଶେଷ ହୋଇଥିଲା। ବିଶେଷକରି ଫାଉଣ୍ଡେଶନର 'ମିଶନ ଜିରୋ ହଙ୍ଗର' କାର୍ଯ୍ୟକ୍ରମ ଅଧୀନରେ ୧୦.୫ଲକ୍ଷ ଲୋକଙ୍କୁ ଗରମ ରନ୍ଧା ଖାଦ୍ୟ ଦିଆଯାଇଥିଲା। ଯେଉଁଥିରେ ଅନ୍ନ, ଡାଲମା ଏବଂ ଖଟା ଭଳି ସୁଷମ ଖାଦ୍ୟ ସାମିଲ ଥିଲା। ସେହିଭଳି ପୁରୀ ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷାକରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରୋଷେଇଘର ସହିତ ଏକ ସ୍ୱତନ୍ତ୍ର ଷ୍ଟଲ୍‌ରେ ୧୦୦ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଏହି ସେବା ଯୋଗାଇ ଦିଆଯାଇଥିଲା। ଏ ସମ୍ପର୍କରେ ଶାଲୁ ଜିନ୍ଦଲ କହିଛନ୍ତି, ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭକ୍ତଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଆମେ ଯଥା ସମ୍ଭବ ପ୍ରଚେଷ୍ଟା କରିଛୁ। ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଭକ୍ତଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଆମେ କୃତଜ୍ଞ। ସେହିଭଳି ଜେଏସ୍‌ପିର ସଭାପତି ତଥା ଗ୍ରୁପ୍ ମୁଖ୍ୟ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କହିଛନ୍ତି, ଦୀର୍ଘ ୧୨ ଦିନ ମଧ୍ୟରେ ଆମେ ୧୦.୫ ଲକ୍ଷ ଭକ୍ତଙ୍କୁ ଭୋଜନ ପରିବେଷଣ କରାଇବା ଏକ ଆହ୍ୱାନ ଥିଲା। କିନ୍ତୁ ଆମର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏବଂ ଜେଏସ୍‌ପି ଫାଉଣ୍ଡେଶନ ଚେୟାରପର୍ସନ ଶାଲୁ ଜିନ୍ଦଲଙ୍କ ପ୍ରେରଣାରେ ଏହା ସମ୍ଭବ ହୋଇପାରିଛି। ସେହିପରି ପୁରୀ ଜିଲା ପ୍ରଶାସନ, ରାଜ୍ୟ ସରକାର, ପୁରୀ ବସ୍ ମାଲିକ ଆସୋସିଏସନ ଏବଂ ସ୍ଥାନୀୟ ଯୁବକମାନଙ୍କୁ ଆମେ ଧନ୍ୟବାଦ ଜଣାଉଛୁ। ଏହି ସେବା କାର୍ଯ୍ୟକ୍ରମରେ ବିଭିନ୍ନ ସହାୟତା ପାଇଁ ହୋତା ଜିଲା ପ୍ରଶାସନ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ।

ଦେବଦତ୍ତ ବିଓବିର ନୂତନ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର,୧।୭

ଦେବଦତ୍ତ ଚାନ୍ଦ

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦେବଦତ୍ତ ଚାନ୍ଦ ଶନିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଚାନ୍ଦ ଏହା ପୂର୍ବରୁ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଏପରିକି ବିଓବିର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟକରୁଥିବା ସଞ୍ଜୀବ ଚଢ଼ାଙ୍କର କାର୍ଯ୍ୟକାଳ ଶେଷ ହୋଇଥିବାରୁ ତାଙ୍କ ସ୍ଥାନରେ ଚାନ୍ଦଙ୍କୁ ନୂତନ ନିଯୁକ୍ତି ଦିଆଯାଇଛି। ସେହିଭଳି ଦୀର୍ଘ ୨୯ ବର୍ଷର ଅଭିଜ୍ଞତା ସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିବା ଚାନ୍ଦ ଆଗାମୀ ଦିନରେ ବିଓବି ପାଇଁ ଅନେକ କିଛି କରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଚାନ୍ଦ ଓଡ଼ିଶାର ବଲାଙ୍ଗୀର ସହରର ନିବାସୀ ହୋଇଥିବାରୁ ଓଡ଼ିଶା ପାଇଁ ଏହା ଏକ ଗର୍ବ ଓ ଗୌରବର ବିଷୟ ପାଲଟିଛି। ବିଶେଷକରି ବିଓବି ଓଡିଶା କ୍ଷେତ୍ର ଓ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନେ ବେଶ୍ ଉତ୍ସାହିତ ଅଛନ୍ତି।

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR
Phone- 0680-2291405; E-Mail: eerw_gm1@yahoo.co.in
Government of Odisha e-Procurement Notice
Bid Identification No. Online Tender // 01 // SERWDG-I // 2023-24
Letter No. 1981/RWDG-I//BAM/Date:30.06.2023
No.O-289

1	Name of the Work	:	Repair to Road Works
2	Estimated Cost	:	Rs.5.04 to 42.86 Lakhs
3	Period of Completion	:	As per Annexure Column No.06.
4	Date & Time of Availability of Bid Documents in the Portal	:	From 10.07.2023 at 11.30 AM to 26.07.2023 up to 4.00 PM.
5	Last Date/Time for Receipt of Bids in the Portal	:	26.07.2023 up to 4.00 PM
6	Name and Address of the Officer Inviting Bid	:	Superintending Engineer, Rural Works Division-I, Ganjam, Berhampur

Further details can be seen from the e-procurement portal website **https://www.tendersodisha.gov.in**
Sd./- Superintending Engineer, R.W. Division-I, Ganjam, Berhampur
OIPR-25085/11/0002/2324

OFFICE OF THE
NOTIFIED AREA COUNCIL, RAMBHA
Tender Reference No.- RAB-NAC-03/ 2023-24, Date -30.06.2023
Letter No. 1530 Date: 30.06.2023
No. C-694:- The Rambha N.A.C. invites online bid in single cover system through e-Procurement.
Total Numbers of work:- **01 No.**
Value of works - **Rs.76,38,000.00**
Date and time of availability of bids documents in the portal **from 10.00 A.M of 01.07.2023 to 05.00 P.M of 13.07.2023.**
Last date of receipt of bids in th e portal **dt. 13.07.2023 up to 5.00 P.M.**
Last date of submission of original documents in the **Office of NAC Rambha is from 10:00 AM of dt.14.07.2023 up to 12.00 Noon of Dt.15.07.2023.**
Date of opening of tender: - **Dt.15.07.2023 at 01.00 PM in NAC Office, Rambha.**
Further details can be seen from the website:- **https://tendersodisha.gov.in**
Sd./- Executive Officer, N.A.C., Rambha
OIPR-13114/11/0007/2324

GOVERNMENT OF ODISHA
HIGHER EDUCATION DEPARTMENT
NOTICE
Advertisement for Engagement of Eligible retired Government Servants of OSS Cadre & HoD Cadre in Higher Education Department
No. HE-OEI-MISC-0081-2023/27147/HE **Date: 30.06.2023**
No. N-29: Applications are invited from the eligible interested retired Government Servants of Odisha Secretariat Service (OSS) Cadre and Heads of Department (HoD) Cadre below the age of 65 (Sixty Five) years having good service records and physically fit for re-engagement as Officer on Special Duty on contractual basis for base level work in Higher Education Department functioning at Loka Seva Bhavan and HoD Building against the vacant posts of Assistant Section Officer (OSS Cadre) and Junior Assistants (HoD Cadre) respectively in the Department in pursuance of guidelines enshrined in GA & PG Depatment Resolution No. 23750/Gen., dated 27.08.2014 and in Finance Department Office Memorandum No. 24533/F, dated 29.09.2022.
The details of Criteria, Remuneration, Vacancies and Period of engagement along with prescribed application format are availabe in the official website of Higher Education Department **https://dhe.odisha.gov.in/**.
The filled in application should reach in Higher Education Department, Loka Seva Bhavan within 15 days from the date of publication of the advertisement. Applications received thereafter shall not be entertained.
Sd./- Special Secretary to Government
OIPR-11001/11/0010/2324

SAMBALPUR MUNICIPAL CORPORATION
Notice No. 5370/SMC **Date: 28.06.2023**
No. C-697: Sealed quotations are invited from interested bidders for supply of items for packaging of Mo-Khata for the year 2023-24 within Sambalpur Municipal Corporation Area. The tender documents shall be received through Registered Post or Speed Post only on or before 12.07.2023, 01.00 P.M. The tender shall be opened at 11.00 A.M. on 13.07.2023. The tender document along the items list can be downloaded from SMC official website: **www.smcsambalpur.nic.in**.
The Authority reserves the right to cancel any or all the Bids without assigning any reason thereof.
Sd./- Commissioner
Sambalpur Municipal Corporation
OIPR-13122/11/0026/2324

GOVERNMENT OF ODISHA
ZILLA PARISHAD, KALAHANDI
No. CAD-1117 **E-mail: drdakalahandi@gmail.com**
E-PROCUREMENT NOTICE
Bid Identification No. ZP-KLD-T-1/2023-24
No. 2443 **Dated: 01.07.2023**

1	No. of the Work	:	Building Works 4 (Four) Nos.
2	Estimated Cost	:	Rs.19.00 Lakhs to Rs.85.00 Lakhs
3	Class of Contractor	:	"B" & "C"
4	Period of Completion	:	6 Calendar Months
5	Date and time of availability of bid document in the portal	:	11.00 hrs. of 04.06.2023 to 17.00 hrs. of 11.06.2023
6	Last date/time for receipt of bid in the portal	:	17.00 hour of 11.06.2023
7	Name and address of the Officer Inviting Bid	:	Zilla Parishad, Kalahandi
8.	Date & Venue of Opening of the Single Cover Bid and Technical Bid (Cover-1) of Double Cover Bid	:	On 12.06.2023 at 11.00 A.M. in the Office of the Zilla Parishad, Kalahandi

Further details can be seen from the e-procurement portal **https://tendersodisha.gov.in**.
Sd./- CDO-cum-EO
Zilla Parishad, Kalahandi
OIPR-19287/11/0005/2324

Government of Odisha, e- Procurement Notice
INVITATION FOR BIDS (IFB)
Bid Identification No. C.C.E.Dkl.(R&B) 06/2023-24
Email Id-sedklpwd@gmail.com
Letter No. 1771/Dt.21.6.23
No. B-407:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed below:

1.	Name of the work	:	Road works
2.	No of works	:	02 (Two) Nos.
3.	Estimated Cost	:	**Rs. 6,18,48,775/- to Rs.8,02,63,242/- (as given in column No. 03 of table)**
4.	Cost of tender paper	:	Rs 10,000.00
5.	Class of contractor	:	'A' & 'Special' Class **(as given in column No. 07 of table)**
6.	Period of Completion of work	:	07 (Seven) to 09 (Nine) Calendar months **(as given in column No. 08 of table)**
7.	Date and time of availability of bid Document in the website	:	From Dt.05.07.2023 to 5.30 P.M. of Dt.19.07.2023
8.	Date of opening of bid	:	Dt.20.07.2023 at 11.30 hours

The bidders have to participate in ONLINE bidding only. Further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer
OIPR-34132/11/0010/2324 **Dhenkanal (R&B) Circle, Dhenkanal**

ଜିଏସ୍‌ଟି ସଂଗ୍ରହରେ ରେକର୍ଡ

ଜୁନରେ ୨୫.୧୩ ପ୍ରତିଶତ ଅଭିବୃଦ୍ଧି

ଭୁବନେଶ୍ୱର,୧।୭(ଅନିଲଦାସ)

ରାଜ୍ୟରେ ଓଜିଏସଟିଏବଂ ଆଇଜିଏସଟିସଂଗ୍ରହରେ ରେକର୍ଡ ଅଭିବୃଦ୍ଧି ଘଟିଛି। ଗତ ଜୁନ ମାସରେ ରାଜ୍ୟ ସରକାର ଓଜିଏସଟ ଓ ଆଇଜିଏସଟି ଫଇସଲା ବାବଦକୁ ୧୭୩୨.୪୯ କଟିଟଙ୍କା ସଂଗ୍ରହ କରିଛନ୍ତି। ୨୦୨୨ ଜୁନରେ ଏହି ପରିମାଣ ଥିଲା ୧୩୮୪.୫୯ କୋଟି ଟଙ୍କା। ଏ କ୍ଷେତ୍ରରେ ୨୫.୧୩% ଅଭିବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷ ଜୁନ ମାସ ସୁଦ୍ଧା ଓଜିଏସଟି ଏବଂ ସମ୍ମିତି ଜିଏସଟି ଫଇସଲା ବାବଦକୁ ଓଡିଶା ସାମଗ୍ରିକ ଭାବେ ୫୬୬୧.୯୭ ରକାଟି ଟଙ୍କା ସଂଗ୍ରହ କରିଥବା ବେଳେ ଗତ ଆର୍ଥିକ ବର୍ଷ ଜୁନ ମାସ ସୁଦ୍ଧା ଏହି ସଂଗ୍ରହ ଥିଲା ୪୩୫୦.୮୮ କୋଟି ଟଙ୍କା । ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ୩୦.୧୩ % ହୋଇଛି। ସେହିପରି ୨୦୨୩ ଜୁନରେ ମୋଟ ଜିଏସଟି (ଓଜିଏସଟ, ଆଇଜିଏସଟି, ସିଜିଏସଟି ଓ ଅତିରିକ୍ତ ଟକିସ) ସଂଗ୍ରହ ବାବଦକୁ ଓଡିଶା ୪୩୭୯.୯୮ କୋଟି ଟଙ୍କା ଆଦାୟ କରିଥିବା ବେଳେ ୨୦୨୨ ଜୁନରେ ଏହି ପରିମାଣ ଥିଲା ୩୯୬୫.୨୮ କୋଟି ଟଙ୍କା । ଏ କ୍ଷେତ୍ରରେ ୧୦.୪୬ % ଅଭିବୃଦ୍ଧି ଘଟିଛି। ଚଳତି ଆର୍ଥିକ ବର୍ଷ ଜୁନ ମାସ ସୁଦ୍ଧା ସଂଗୃହିତ ହୋଇଥିବା ସାମଗ୍ରିକ ଜିଏସଟି ୧୩୮୧୩.୪୪ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷ ଜୁନ ମାସ ସୁଦ୍ଧା ଏହି ପରିମାଣ ଥିଲା ୧୨୮୩୧.୨୬ କୋଟି ଟଙ୍କା । ଏଥିରେ ୭.୬୫ % ଅଭିବୃଦ୍ଧି ଘଟିଛି ।

ZILLA SWASTHYA SAMITI, GANJAM
(Cancellation Notice of Tender Adv. & Corrigendum of Security Services & Mechanized Laundry Services under NIRMAL Programme)
Notice No. 9030 **Date: 30.06.2023**
Cancellation Notice of Tender Adv. & Corrigendum of Security Services & Mechanized Laundry Services under NIRMAL Programme
No. E-215: In reference to the 14606/HA-Misc-12/2023, Bhubaneswar Date:22.06.2023 of Director of Health Services, Odisha the Tender Adv. No. 3528 dated 06.03.2023 of the CDM & PHO, Ganjam published in daily Newspaper "The Dharitri & The Pragatibadi" on dated 10.03.2023 and Corrigendum No. 4999 dated 31.03.2023 of the CDM & PHO, Ganjam published in same Newspaper for Security Services and Mechanized Laundry Services under NIRMAL Programme is here by cancelled. The bidders who have applied for the same services became infructuous and as such those submitted EMD Rs.1 lakh in shape of DD are requested to collect the EMD (DD) only from DPMU Ganjam at any working day.
Sd./- CDM&PHO-cum-DMD, Ganjam
OIPR-10041/11/0006/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGARH
Tel:- 06672242823; Email:- rw_dharmagarh@yahoo.com
BID IDENTIFICATION NO. DMGH/Online-01
OF 2023-24 Date: 30.06.2023
"e" PROCUREMENT NOTICE
No. O-290:- Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
1. Name of the Work : Building works in the District of Kalahandi as mentioned in DTCN
2. Total No. of Works : 01 No.
3. Estimated Cost : Rs.40.33 Lakhs
4. Period of Completion : 04 Calendar Months
5. Other Details:

Availability of Tender online for bidding		Last date & time of seeking tender clarification	Date & time of Opening of tender
From	To		
10.07.2023 at 10.00 AM	**20.07.2023 Up to 5.00 PM**	**19.07.2023 Up to 5.00 PM**	**21.07.2023 at 11.

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳମଣି ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗମନୋବୃତ୍ତି- ୨୦୨୩, ଏକଲବ୍ୟ ସେମିନାର ହଲ୍, ରସୁଲଗଡ଼, ପୂର୍ବାହ୍ନ ୧୦ଟା ୧୫।
- ଦରଦାମ୍ ବୃଦ୍ଧି ବିରୋଧରେ ସିପିଆଇ ବିକେଏମ୍‌ୟୁର ବିକ୍ଷୋଭ, ରାଜମହଲ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଲୁଇସ୍ ବ୍ରେଲା ଫାଉଣ୍ଡେଶନ ପକ୍ଷରୁ ଦୃଷ୍ଟିହୀନ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସାରସ୍ୱତ ସଭା, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଅପରାହ୍ନ ୪ଟା।
- କାଦମ୍ବିନୀ ଓ କୁନିକଥାର ସ୍ୱନକ୍ଷତ୍ର, ସୂଚନା ଭବନ, ଅପରାହ୍ନ ୫ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ମୋ' ବାପା ମୋ' ମା', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ନନ୍ଦନକାନନ ସହ ଚୁଡ଼ଙ୍ଗ ମିଶିବାକୁ ବିରୋଧ କରି ଜିଲାପାଳଙ୍କୁ ୩ ଦାବିପତ୍ର

ବାରଙ୍ଗ, ୧।୭(ଲିଙ୍ଗରାଜ ରାଉତ): ନନ୍ଦନକାନନ ସହ ଚୁଡ଼ଙ୍ଗ ମିଶିବା ନେଇ ଚୁଡ଼ଙ୍ଗର ୩ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମବାସୀ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଶନିବାର ଆଡିଶ୍‌ନାଲ ତହସିଲଦାର ପ୍ରଜ୍ଞା ପରମିତା ଠାକୋଇଙ୍କୁ ପ୍ରଦାନ କରିଥିଲେ। ନନ୍ଦନକାନନ ପକ୍ଷରୁ ଚାଲିଥିବା ପାଚେରି ନିର୍ମାଣକୁ ସୋମବାର ଚୁଡ଼ଙ୍ଗ, ଭାଲୁଙ୍କା ଓ କୃଷ୍ଣନଗର ଗ୍ରାମବାସୀ ବିରୋଧ କରିବା ସହ କାମ ବନ୍ଦ କରିଥିଲେ। ଏହାପରେ ପ୍ରଶାସନର ଏକ ଦଳ ସୋମବାର ଚୁଡ଼ଙ୍ଗ ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘବର୍ଷ ହେଲା ଏଠାରେ ଲୋକମାନେ ରହିଥିବାବେଳେ ଜଙ୍ଗଲ ଅଧିକାର ଆଇନ ମୁତାବକ, ବସ୍ତାପିତ ହେବାକୁ ଥିବା ଲୋକଙ୍କ ପାଇଁ ସ୍ଥାୟୀ ପ୍ରତିକାର ନ କରାଯିବା ପର୍ଯ୍ୟନ୍ତ ପାଚେରି କାମ କରାଇ ଦିଆଯିବନି ବୋଲି ଗ୍ରାମବାସୀ ରୋକଠୋକ କହିଥିଲେ। ପାନୀୟ ଜଳ ଯୋଗାଣ, ପକ୍କାଘର ପ୍ରଦାନ, ବିଦ୍ୟୁତ୍ ସଂଯୋଗ ସହ ସ୍ଥାୟୀ ପଟ୍ଟା ପ୍ରଦାନ ଆଦି ଆଦିବାସୀଙ୍କର ମୌଳିକ ସୁବିଧା ପାଇବା ଦରକାର ବୋଲି ଆଦିବାସୀ ନେତା ମଦନ ମାରାଣ୍ଡି ମତବ୍ୟକ୍ତ କରିଥିଲେ।

୧୫ ଯାଏ ଇଗ୍ନୁରେ ନାମଲେଖା ଆବେଦନ

ଭୁବନେଶ୍ୱର, ୧।୭(ଅନୁରାଧା ମହାରଣା): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ଏମ୍‌ଏସ୍‌ସି ସହ ଅନ୍ୟାନ୍ୟ ପାଠ୍ୟକ୍ରମରେ ନାମଲେଖା ପାଇଁ ଜୁନ୍ ୧୫ରୁ ଆବେଦନ ଆରମ୍ଭ ହୋଇଛି। ତେବେ ଆବେଦନର ଶେଷ ତାରିଖ ଜୁନ୍ ୩୦ ରଖାଯାଇଥିବାବେଳେ ଶନିବାର ଏହି ଅବଧିକୁ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ରମାନେ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଇଗ୍ନୁ ଅଫିସିଆଲ ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ। ଏନେଇ ବିଶ୍ୱବିଦ୍ୟାଳୟର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ବହାନଗା ଟ୍ରେନ୍ ଦୁର୍ଘଟଣା

ଦ୍ୱିତୀୟ ଦିନରେ ୧୩ ମୃତଦେହ ହସ୍ତାନ୍ତର

ଭୁବନେଶ୍ୱର, ୧।୭(ଅଭିଜିତ ଦାସ)

ଜୁନ୍ ୨ ବାଲେଶ୍ୱର ବାହନଗା ଷ୍ଟେଶନ ନିକଟରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାକୁ ଶନିବାର ଏକ ମାସ ପୂରିଛି। ହେଲେ ଏଯାଏ ମୃତଦେହ ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟା ସରୁନାହିଁ। ଇତିମଧ୍ୟରେ ଏମ୍‌ସରେ ରଖାଯାଇଥିବା ୮୧ ମୃତଦେହ ମଧ୍ୟରୁ ୨୯ଟିର ଡିଏନ୍‌ଏ ରିପୋର୍ଟ ଆସିବା ପରେ ଶୁକ୍ରବାର ୬ଟି ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଶନିବାର ଦ୍ୱିତୀୟ ଦିନରେ ଆଉ ୧୩ଟି ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବାବେଳେ ବାକି ୧୦ଟିକୁ ନେବାକୁ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସିବିଆଇ ଏହି ଦୁର୍ଘଟଣାର ତଦନ୍ତ କରୁଥିବାରୁ ମୃତଦେହ ହସ୍ତାନ୍ତର ସମୟରେ ଅଧିକାରୀମାନେ ଉପସ୍ଥିତ ରହି କାଗଜପତ୍ର ଯାଞ୍ଚ କରୁଛନ୍ତି। ଶନିବାର ରାତି ସୁଦ୍ଧା ୪ଟି ମୃତଦେହ ବିହାର, ୮ଟି ପଶ୍ଚିମବଙ୍ଗ ଓ ଗୋଟିଏ ଝାଡଖଣ୍ଡ ପଠାଯାଇଥିବା ଏମ୍‌ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆହୁରି ୫୨ ମୃତଦେହର ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବାବେଳେ ପରିବାର ଲୋକେ ଦ୍ୱିତୀୟ ପର୍ଯ୍ୟାୟ ଡିଏନ୍‌ଏ ରିପୋର୍ଟକୁ ଅପେକ୍ଷା କରିଛନ୍ତି।

ପୁଅର ମୃତଦେହ ଖୋଜୁଛି ବାପା

ହୃଦୟରେ ଅନେକ ଯନ୍ତ୍ରଣା, ହେଲେ ପୁଅର ମୃତଦେହ ନେବାକୁ ମନରେ ଉତ୍କଣ୍ଠା। ବହୁ କଷ୍ଟରେ ବିହାରରୁ ଭୁବନେଶ୍ୱର ପହଞ୍ଚିଛନ୍ତି ବାପା ସୁରେଶ ରାୟ। ଛୋଟା ଗୋଡ଼ରେ ଚାଲି ଚାଲି ୩୦ ଦିନ ହେବ ଦୁଇ ପୁଅର ମୃତଦେହ ଖୋଜିବାରେ ଲାଗିଛନ୍ତି। ତେବେ ବଡପୁଅ ୩୫ ବର୍ଷୀୟ ମନୋଜଙ୍କ ମୃତଦେହ ପାଇଥିବାବେଳେ ସାନପୁଅ ୨୫ ବର୍ଷୀୟ ରଞ୍ଜିତଙ୍କୁ ଏପର୍ଯ୍ୟନ୍ତ ପାଇପାରୁନାହାନ୍ତି। ତାଙ୍କ କହିବାନୁସାରେ, ଦୁଇ ଭାଇ ମନୋଜ ଓ ରଞ୍ଜିତ ଘରର ଆର୍ଥିକ ବୋଝକୁ ଦୂର କରିବା ଲାଗି କରମଣ୍ଡଳ ଏକ୍ସପ୍ରେସରେ ଚେନ୍ନାଇ ଯାଉଥିଲେ। ଦୁର୍ଘଟଣାର କିଛି ସମୟ ପୂର୍ବରୁ ବାପା ସୁରେଶ ଦୁଇ ପୁଅ ସହ କଥା ହେବା ପରେ ଜାଣି ନ ଥିଲେ କି ଏହା ତାଙ୍କର ଶେଷ କଥାବାର୍ତ୍ତା। ଦୁର୍ଘଟଣା ଖବର ପାଇବା ପରେ ବାପା ୨ ପୁଅଙ୍କୁ ଫୋନ ଲଗାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଶେଷରେ ଓଡ଼ିଶା ଆସି ଦୁଇ କୁଳନନ୍ଦନକୁ ଖୋଜାଖୋଜି ଭିତରେ ଏମ୍‌ସରେ ବଡ଼ପୁଅଙ୍କୁ ଚିହ୍ନଟ କରିଥିଲେ। ଏଥିପାଇଁ ଡିଏନ୍‌ଏ ଟେଷ୍ଟ ଲାଗି ନମୁନା ଦେଇଥିଲେ। ତେବେ ରିପୋର୍ଟ ଆସିବା ପରେ ଶନିବାର ବିଳମ୍ବିତ ରାତିରେ ବଡପୁଅର ମୃତଦେହକୁ ନେଇ ବିହାର ଫେରିଯାଇଛନ୍ତି।

ମୋ ପୁଅର ମୃତ ଶରୀର ଫେରାଇଦିଅ

ପଶ୍ଚିମବଙ୍ଗ କୁଚ୍ଚ ବିହାର ଅଞ୍ଚଳର ୨୨ ବର୍ଷୀୟ ବିପୁଲ୍ ରୟଙ୍କ ମୃତଦେହ ଖୋଜି ଖୋଜି ନୟାନ୍ତ ହେଲେଣି ବାପା ଶିବକାନ୍ତ ରୟ। ତାଙ୍କ ସୂଚନା ଅନୁଯାୟୀ, ଟ୍ରେନ୍ ଦୁର୍ଘଟଣାରେ ବିପୁଲ୍ ପ୍ରାଣ ହରାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ତାଙ୍କ ମୃତଦେହକୁ ଅନ୍ୟ ଏକ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବାପା ଶିବକାନ୍ତ ରୟ ରେଲ୍‌ୱେ ଓ ଏମ୍‌ସ କର୍ତ୍ତୃପକ୍ଷଙ୍କୁ ଗୁହାରି କରିବା ସହ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ୩୦ ଦିନ ହୋଇଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଶିବକାନ୍ତ ରୟଙ୍କୁ ସାନ୍ତ୍ୱନା ଦେବାଲାଗି କର୍ତ୍ତୃପକ୍ଷ ଶିବକାନ୍ତ ରୟଙ୍କ ଡିଏନ୍‌ଏ ନମୁନା ପରୀକ୍ଷଣ ଲାଗି ସଂଗ୍ରହ କରିଥିଲେ ମଧ୍ୟ ତାଙ୍କ ମନ ମାନୁନି।

ନୁରୁଲ ପାଇଁ ବାପାର ମେରୁଦଣ୍ଡ ଭାଙ୍ଗିଗଲା

ପଶ୍ଚିମବଙ୍ଗ ମାଲଦା ଜିଲାର ୧୬ ବର୍ଷୀୟ ନୁରୁଲ ଇସଲାମ ଘରର ଆର୍ଥିକ ବୋଝକୁ ଦୂର କରିବା ଲାଗି ଚେନ୍ନାଇ ଯାଉଥିଲେ। ଭଲ ରୋଜଗାର କରିବା ସହ ମନରେ ଆଶା ରଖିଥିଲେ ନୂଆ ଘର କରିବେ ଓ ଘର ଫ୍ଲୋରରେ ଟାଇଲ ପକାଇବେ। ଅଳ୍ପ ବୟସରେ ପୁଅର ରୋଜଗାର ଓ ସ୍ୱପ୍ନକୁ ନେଇ ବାପା ମା ବି ବହୁତ ଖୁସି ଥିଲେ। କିନ୍ତୁ ବାହାନଗା ରେଳ ଦୁର୍ଘଟଣାରେ ନୁରୁଲଙ୍କ ମୃତ୍ୟୁ ହେବା ପରେ ଏବେ ବାପା ଆହ୍ଲାଉଦ୍ଦିନ୍‌ଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ପୁଅ ସହ ସବୁ ସ୍ୱପ୍ନ ମାଟିରେ ମିଶିଯାଇଛି। ଏବେ ଡିଏନଏ ରିପୋର୍ଟ ମ୍ୟାଚ ହେବା ପରେ ପୁଅର ମୃତଦେହକୁ ନେବା ଲାଗି ବଡ ପୁଅ ସହ ଏମ୍‌ସ ଆସିଥିବାବେଳେ ପୂରା ଭାଙ୍ଗିପଡିଥିବା ଦେଖିବାକୁ ମିଳିଥିଲା।

ସାନଭାଇ ନୁରୁଲଙ୍କ ମୃତଦେହ ନେବାକୁ ଆସିଥିବା ଆହ୍ଲାଉଦ୍ଦିନ୍‌ଙ୍କ ବଡପୁଅ

ନନ୍ଦକିଶୋର ବଳଙ୍କ ୯୫ତମ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର, ୧।୭(ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୯୫ତମ ଶ୍ରାଦ୍ଧୋତ୍ସବ ଶନିବାର ସୂଚନା ଭବନସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିବା ପରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ବିଜୟ ସାହୁ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପଲ୍ଲୀକବି ନନ୍ଦକିଶୋର ବଳ ଶିକ୍ଷକତା କରିବା ସହିତ ବହୁ କାବ୍ୟ କବିତା ରଚନା କରି ଓଡ଼ିଶାର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ତାଙ୍କ କବିତାରେ ପଲ୍ଲୀଜୀବନର ଚିତ୍ର ପ୍ରତିଫଳିତ ହୋଇଅଛି । ତାଙ୍କ ରଚିତ କନକଲତା ଉପନ୍ୟାସ ସୁସ୍ଥ ସାମାଜିକ ଜୀବନର ଏକ ଉପାଦେୟ ପୁସ୍ତକ ହୋଇଥିବା ବେଳେ ଶର୍ମିଷ୍ଠା କାବ୍ୟରେ ନାରୀ ଜୀବନର ସମର୍ପଣଭାବ ପ୍ରତିଫଳିତ ହୋଇଛି ବୋଲି ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଆୟର୍ଲାଣ୍ଡର ଡବଲିନ୍‌ଠାରେ ଆୟୋଜିତ ରଥଯାତ୍ରାରେ ସାମିଲ ହୋଇଥିବା ପ୍ରବାସୀ ଓଡ଼ିଆ ଏବଂ ଅନ୍ୟ ଭାରତୀୟଙ୍କ ସହ ବିଭିନ୍ନ ସମ୍ପ୍ରଦାୟର ଭକ୍ତମାନେ ।

ଆୟର୍ଲାଣ୍ଡରେ ରଥଯାତ୍ରା ପାଳିଲେ ପ୍ରବାସୀ ଓଡ଼ିଆ

ଭୁବନେଶ୍ୱର, ୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତ ବର୍ଷ ଆୟର୍ଲାଣ୍ଡର ଡବଲିନ୍‌ଠାରେ ସମସ୍ତ ରୀତିନୀତି ସହ ମହାଆଡମ୍ବରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୈଦିକ ହିନ୍ଦୁ କଲ୍‌ଚରାଲ ସେଣ୍ଟର ଆୟର୍ଲାଣ୍ଡ (ଭିଏଚ୍‌ସିସିଆଇ) ମନ୍ଦିରରେ ଏଥିପାଇଁ ଓଡ଼ିଆ ସୋସାଇଟି ଅଫ୍ ଆୟାର୍ଲାଣ୍ଡ (ଓଏସ୍‌ଆଇ) ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଗୋଟିଏ ଦିନରେ ରଥ ଯାତ୍ରା ସହ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଥିଲା। ପ୍ରବାସୀ ଓଡ଼ିଆଙ୍କ ସମେତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ୭ଶହରୁ ଊର୍ଦ୍ଧ୍ୱ ଆବାଳ ବୃଦ୍ଧ ବନିତା ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଗେଇ ଆସିଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ପହଣ୍ଡିରେ ସୁସଜ୍ଜିତ ରଥକୁ ନିଆଯାଇଥିଲା। ଅନ୍ୟାନ୍ୟ ନୀତିକାନ୍ତି ପରେ ଓଏସ୍‌ଆଇ ମୁଖପାତ୍ର ସମିତ ପାତ୍ର ଛେରା ପହଁରା କରିଥିଲେ। ଏହାପରେ ଭକ୍ତମାନେ ରଥ ଟାଣିଥିଲେ। ରଥ ଆଗରେ ନାଚି ନାଚି ଭକ୍ତି ନିବେଦନ ଜଣାଇଥିଲେ। ପ୍ରାୟ ୧ ଘଣ୍ଟା ଧରି ଭକ୍ତମାନେ ବିଭିନ୍ନ ଅଞ୍ଚଳ ଦେଇ ରଥ ପରିକ୍ରମା କରାଇବା ପରେ ମନ୍ଦିର ନିକଟକୁ ଆଣିଥିଲେ। ପରେ ପହଣ୍ଡିରେ ସ୍ୱମନ୍ଦିରକୁ ନିଆଯାଇ ଅନ୍ୟାନ୍ୟ ପୂଜାନୀତି କରାଯାଇଥିଲା। ଖଜା, ଖେଚୁଡ଼ି ଭୋଗ ଲାଗି ସହ ପୁଷ୍ପାଞ୍ଜଳି ଦିଆଯାଇଥିଲା। ଏଥିସହ ଭକ୍ତଙ୍କ ମଧ୍ୟରେ ତୁଳସୀ ବିତରଣ କରାଯାଇଥିଲା। ସମସ୍ତ ଭକ୍ତ ପ୍ରସାଦ ସେବନ କରି ଓଡ଼ିଆଙ୍କ ନିଆରା ଭାଇଚାରା ସଂସ୍କୃତି ବାଣ୍ଟିଥିଲେ। ସୋସାଇଟି ମୁଖପାତ୍ର ପାତ୍ର କହିଛନ୍ତି, ଡବଲିନ ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା

ଏକତା ଓ ସାର୍ବଭୌମିକତାର ଏକ ଉତ୍ସବ। ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ଏବଂ ଓଡିଶା ମାଟିର ଜୟଗାନ ସଦା ସର୍ବଦା ସବୁଠି ରହିଛି। ସୋସାଇଟି ସଦା ସର୍ବଦା ଓଡ଼ିଆ ଭଉଣୀଭାଇଙ୍କ ସେବା ଓ ଖୁସିରେ ସାମିଲ ହୋଇ ଆସିଛି। ଆଗକୁ ଏପରି ବହୁ ଓଡ଼ିଆ ପର୍ବତପର୍ବାଣି କରି ନିଜ ଭିତରେ ଓଡ଼ିଆ ସ୍ୱାଭିମାନ ବଜାୟ ରଖିବୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ରେ ବୈଦିକ ହିନ୍ଦୁ କଲଚରାଲ ସେଣ୍ଟର ଆୟର୍ଲାଣ୍ଡ ମନ୍ଦିର ସ୍ଥାପନ ହୋଇଥିବାବେଳେ ଓଡ଼ିଆ ସୋସାଇଟି ଅଫ୍ ଆୟର୍ଲାଣ୍ଡ (ଓଏସ୍‌ଆଇ) ପକ୍ଷରୁ ୨୦୨୨ରେ ପ୍ରଥମ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଚଳିତବର୍ଷ ରଥଯାତ୍ରା ପାଇଁ ବଡ଼ ଆୟୋଜନ କରାଯାଇଥିଲା।

ମୋ ବସ୍ ସେବାର ଶୁଭାରମ୍ଭ

ବାଲିଅନ୍ତା, ୧।୭(ନୀଳମାଧବ ସାହୁ): ବାଲିଅନ୍ତା ବ୍ଲକ ଅଧୀନ କାକତୁଣ୍ଡ୍ରପୁର ପଞ୍ଚାୟତର ଖମଙ୍ଗ ଛକଠାରେ ଶନିବାର ମୋ ବସ୍ ସେବାର ଶୁଭାରମ୍ଭ ହୋଇଯାଇଛି। ଏହାକୁ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଉଦ୍‌ଘାଟନ କରିଥିଲେ। ଏହି ନୂତନ ମୋ ବସ୍‌ର ୪୫ ନମ୍ବର ବସ୍‌ଟି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରୁ ସକାଳ ୭ଟା ୨୦ରେ ବାହାରି ରଙ୍ଗ ବଜାର, ଅନ୍ଧୋଟି, ପାଟପୁର, ରୟତପଡ଼ା, ଜଗନ୍ନାଥପୁର, ଖଣଙ୍ଗ ଛକ ଦେଇ ଜୟଦେବ ପୀଠକୁ ଯିବ। ପ୍ରତିଦିନ ୩ ଥର ଏହି ବସ୍ ଚଳାଚଳ କରିବ। ବସ୍ ସେବାର ଶୁଭାରମ୍ଭ ପରେ ବିଧାୟକ ଢାଲି ଖମଙ୍ଗ ଛକରୁ ଜୟଦେବ ପୀଠ ପର୍ଯ୍ୟନ୍ତ ବସ୍‌ରେ ଯାଇଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସସ୍ମିତା ମଲିକ ଓ ସମିତି ସଭ୍ୟା ମିଲିଲତା ବେହେରାଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ।

ବାଲିଅନ୍ତାରେ ରସଗୋଲା ଦିବସ

ବାଲିଅନ୍ତା, ୧।୭(ନୀଳମାଧବ ସାହୁ)

ବାଲିଅନ୍ତାର ଆରାଧ୍ୟ ଦେବତା ଶ୍ରୀ ନିକୁଞ୍ଜବିହାରୀ ମନ୍ଦିର ପରିସରରେ ଶନିବାର ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଅବସରରେ ରସଗୋଲା ଦିବସ ପାଳିତ ହୋଇଯାଇଛି। ମନ୍ଦିରରେ ପୂଜା ପାଉଥିବା ଲୀଳାମୟ ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଗ୍ରହ ପାଖରେ ପ୍ରଥମେ ରସଗୋଲା ଭୋଗ ଲାଗି କରାଯାଇଥିଲା। ପୂଜକ ଶ୍ରୀଧର ଦାସ ପ୍ରଭୁଙ୍କୁ ରସଗୋଲା ଅର୍ପଣ କରିବା ପରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଏହା ବଣ୍ଟାଯାଇଥିଲା। ମୁଖ୍ୟ ଅତିଥି ରୂପେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ସମ୍ମାନିତ ଅତିଥି ରୂପେ ସରପଞ୍ଚ କୃଷ୍ଣକେଶବ ଆପଟ, ପୂର୍ବତନ ସମିତି ସଭ୍ୟ ଦିଲୀପ ସାହୁ ଓ ଜୟଦେବ ଗବେଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବାଲିଅନ୍ତା ବଜାର ଦେଇ ପୁରୁଣା ଜଗନ୍ନାଥ ସଡ଼କ ଯାଇଥିବାରୁ ପୂର୍ବରୁ ଏଠାରେ ରସଗୋଲା ବିକ୍ରି ହେଉଥିଲା ବୋଲି କହିଥିଲେ। ସମ୍ପର୍କର ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ୍ ସୁରେନ୍ଦ୍ର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ସଭ୍ୟ ପ୍ରଶାନ୍ତ ନାୟକ, ଅଭିରାମ ଭୋଇ, ବିଶ୍ୱଭୂଷଣ ବାରିକ୍ ଓ ରାଜେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

'ଶିଳ୍ପ ଓ ଶିକ୍ଷାର ସମନ୍ୱୟ ବିକାଶର ମନ୍ତ୍ର'

ଭୁବନେଶ୍ୱର, ୧।୭(ଅନୁରାଧା ମହାରଣା)

ଓୟୁଏଟିରେ ଶିଳ୍ପ ଓ ଶିକ୍ଷା ସମ୍ମିଳନୀ

ବର୍ତ୍ତମାନ ଶିଳ୍ପ କ୍ଷେତ୍ରରେ ଉପଯୁକ୍ତ ଜ୍ଞାନକୌଶଳ, ଶିକ୍ଷା ଓ ଗବେଷଣାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିଳ୍ପାୟନ ପାଇଁ ଜମି, ଶ୍ରମିକ, ଆଧୁନିକ ଜ୍ଞାନକୌଶଳର ମୁଖ୍ୟ ଆବଶ୍ୟକତା ରହିଛି। ତେବେ ଏସବୁକୁ ଦୃଷ୍ଟିରେ ରଖି ଶିଳ୍ପ ଓ ଶିକ୍ଷାକୁ ସମାନ୍ତର ଭାବେ ନେଇ ଆଗେଇ ଚାଲିଲେ ବିକାଶ ସମ୍ଭବପର ହୋଇପାରିବ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଶିଳ୍ପ ଓ ଶିକ୍ଷା ସମ୍ମିଳନୀ -୨୦୨୩ରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା (ଶିକ୍ଷା) ଉପେନ୍ଦ୍ର ତ୍ରିପାଠୀ ଏହା କହିଛନ୍ତି। ସେ କହିଛନ୍ତି ଓଡିଶା କୃଷି ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଅଧିକ ଉତ୍ପାଦନ ପାଇଁ ଆଧୁନିକ ଜ୍ଞାନକୌଶଳ ଆପଣାଇବାକୁ ପଡିବ। ଏଥିପାଇଁ ଶିଳ୍ପ କ୍ଷେତ୍ରଗୁଡ଼ିକ ତତ୍ପରତାର ସହ ନୂତନ ପ୍ରଣାଳୀକୁ ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସେହିଭଳି ଏ କ୍ଷେତ୍ରରେ ଅଧିକରୁ ଅଧିକ ଗବେଷଣା ଜାରିରଖିବା ଜରୁରୀ। ସେହିପରି ବେଦାନ୍ତ ସଭାପତି ଡ. ତପନ କୁମାର ଚାନ୍ଦ କହିଲେ, ଓଡ଼ିଶାରେ ଖଣିଜ ପଦାର୍ଥ ଭରି ରହିଥିବାରୁ ଶିଳ୍ପ କ୍ଷେତ୍ରକୁ ପ୍ରସାରିତ କରିବାକୁ ହେବ। ଛାତ୍ରୀଛାତ୍ର ଯଦି ଏ ଦିଗ

ସଂକ୍ଷେପରେ

ବସ୍‌ଷ୍ଟାଣ୍ଡ ଶୌଚାଳୟରୁ ରୋଗଗ୍ରସ୍ତ ବ୍ୟକ୍ତି ଉଦ୍ଧାର

ଜଟଣୀ, ୧।୭(ରବୀନ୍ଦ୍ର ନାଥ ମହାକୁଡ଼): ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଜଟଣୀ ନୂଆ ବସ୍‌ଷ୍ଟାଣ୍ଡ ଶୌଚାଳୟରୁ ଶନିବାର ଜଣେ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ତେବେ ଉକ୍ତ ବ୍ୟକ୍ତିଙ୍କ ନାମ କେହି ଜାଣି ନ ଥିବା ବେଳେ ତାଙ୍କୁ 'ଭାଇନା' ବୋଲି ଡାକଥାନ୍ତି। ତାଙ୍କ ଘର ଆସିକା ଅଞ୍ଚଳରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଭାଇନା ଜଟଣୀରେ ଦୀର୍ଘ ବର୍ଷ ହେବ ଦିନ ମଜୁରିଆ ଭାବେ କାମ କରି ଆସୁଥିଲେ। ରାତିରେ ବସ୍‌ଷ୍ଟାଣ୍ଡ ଭିତରେ କିମ୍ବା କାହା ବାରଣ୍ଡାରେ ଶୋଇଥାନ୍ତି। ଗତ ଏକ ମାସ ହେବ ତାଙ୍କ ଦେହ ଖରାପ ହେବାରୁ, ସେ ଆଉ ଉଠି ପାରୁ ନ ଥିଲେ। ଫଳରେ ବସ୍‌ଷ୍ଟାଣ୍ଡ ଶୌଚାଳୟ ଭିତରେ ପଡି ରହିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ପୌର ପ୍ରଶାସନ ଓ ସାମାଜିକ ଅନୁଷ୍ଠାନ ବାପା ମା' ସେବାଶ୍ରମ ଟ୍ରଷ୍ଟ ଭାଇନାଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଭାଇନାଙ୍କୁ ପୌର ପ୍ରଶାସନ ମେଡିକାଲରେ ଭର୍ତ୍ତି କରି ପଳାଇଥିବା ବେଳେ ଉକ୍ତ ସେବାଶ୍ରମ ଟ୍ରଷ୍ଟର ପ୍ରତିଷ୍ଠାତା ଗୌତମ ମହାରଣା ଉପସ୍ଥିତ ଥିଲେ। ତେବେ ଭାଇନାଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି।

ଗୁରୁବାଇରେ ଖୋଲିଲା ଚାରା ବିକ୍ରୟ କେନ୍ଦ୍ର

କୃଷ୍ଣପ୍ରସାଦ, ୧।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ନୂଆପଡ଼ା ପକ୍ଷରୁ ଗୁରୁବାଇ ଠାରେ ଥିବା ୧୮ ମାସିଆ ଚାରା ବିକ୍ରୟ କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ ଏହାକୁ ଉଦ୍‌ଘାଟନ କରିଥିଲେ। ବନପାଳ ବିଶ୍ୱନାଥ ଟୁଡୁ, ମୀନା କୁମାରୀ ନାୟକ, ବନରକ୍ଷୀ ଅରୁନ୍ଧତୀ ପଟ୍ଟା ପ୍ରମୁଖ ସହଯୋଗ କରିଥିଲେ। ଏହି ଚାରା ବିକ୍ରୟ କେନ୍ଦ୍ରରେ କଦମ୍ବ, ଅର୍ଜୁନ, କରଞ୍ଜ, ଅଁଳା, ଶିଶୁ, ନିମ୍ବ, ପିଜୁଳି ଆଦି ଚାରା ପିଛା ୧ ଟଙ୍କା ଦରରେ ବିକ୍ରି କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଧାର୍ଯ୍ୟ କରାଯାଇଥିବା ଜଣାଯାଇଛି। ଏହି ଉତ୍ସବରେ ଗ୍ରୀନ ପାରିକୁଦର ବରିଷ୍ଠ ସଦସ୍ୟା ଅମିତା ଡରେଇ, ମାନା ରାଣୀ ସାହୁ ଯୋଗଦେଇଥିଲେ। ୭୪ ତମ ବନମହୋତ୍ସବ ଅବସରରେ ନୂଆପଡ଼ା ରେଞ୍ଜ ପକ୍ଷରୁ ଦେଉଳପଡା ସ୍ଥିତ କମଳେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହଯୋଗରେ କୃଷ୍ଣଚୂଡ଼ା, ବଉଳ, କରଞ୍ଜ ଓ ନିମ୍ବ ଆଦି ଚାରାରୋପଣ ହୋଇଥିଲା। ସେହିପରି ନୂଆପଡା ରେଞ୍ଜର ଖିରିସାହି ଓ ଜମୁନାଠାରେ ୬ମାସିଆ ଝାଉଁ ଏବଂ ଆକାଶିଆ ଚାରା ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି।

ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବାଲିପାଟଣା, ୧।୭(ଅଭିମନ୍ୟୁ ନାୟକ): ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରର ୩୧ତମ ପ୍ରତିଷ୍ଠା ଦିବସ ବିଦ୍ୟାମନ୍ଦିର ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦର ସ୍ଥାୟୀ ସଭାପତି ଦିଲୀପ କୁମାର ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ପ୍ରାଥମିକ ଶିକ୍ଷା ଶିଶୁଙ୍କ ମୂଳଦୁଆ। ଛାତ୍ରୀଛାତ୍ର ପାଠପଢ଼ାରେ ମନ ଦେବା ସହିତ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ଲିପିକା ପ୍ରଧାନଙ୍କ ସଭାପତିତ୍ୱରେ ଅଧ୍ୟକ୍ଷା ପବିତ୍ରା ଦାସ, ନିର୍ଦ୍ଦେଶକ ଗଙ୍ଗାଧର ଓଝା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବାହନି ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁକାନ୍ତି ଷଡ଼ଙ୍ଗୀ, ଗଙ୍ଗାରାଣି ମିଶ୍ର, ବନଶ୍ରୀ ରାଉତ, ରଞ୍ଜୁଲତା ସାହୁ, ପୁଷ୍ପାଞ୍ଜଳି ଜେନା, ସବିତା ଲେଙ୍କା, ଜ୍ୟୋତ୍ସ୍ନାରାଣୀ ସାହୁ, ସସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ।

ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ସ୍ୱାମୀ ଗିରଫ

ନିମାପଡ଼ା, ୧।୭(ବିଚିତ୍ରାନନ୍ଦ ସାହୁ): ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ମିଟେଇପୁର ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ସନ୍ଦୀପ କୁଣ୍ଡ। ଜାମିନ୍ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛି। ସନ୍ଦୀପଙ୍କ ଅମାନୁଷିକ ମାଡ଼ରେ ସ୍ତ୍ରୀ ସବିତା କୁଣ୍ଡ ଗୁରୁତର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସନ୍ଦୀପ ୬ ମାସ ତଳେ ସବିତାଙ୍କୁ ବିବାହ କରିଥିଲେ।

ମୁଖ୍ୟ ଅଭିଯୁକ୍ତ ପ୍ରଭାତ ମାର୍ଥା, ସହଯୋଗୀ ଗିରଫ

ଭୁବନେଶ୍ୱର, ୧।୭(ସୂର୍ଯ୍ୟକାନ୍ତ ବେହେରା)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ପ୍ରଜାପତି ବିବାହ ମଣ୍ଡପ ସାମ୍ନାରେ କର୍ପୋରେଟର ଶ୍ରୀଧର ଜେନାଙ୍କ ଭାଇ ଶିଖର ଜେନା ଓ ପୁତୁରା ଆଲୋକ ଜେନା ଓରଫ ରିଙ୍କୁଙ୍କୁ ହୋଇଥିବା ଗୁଳିମାଡ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ପ୍ରଭାତ ମାର୍ଥା ଓ ସହଯୋଗୀ ଅମିତ ମାର୍ଥା ଧରାପଡିଛନ୍ତି। ଶନିବାର କଟକ ରୋଡ୍‌ସ୍ଥିତ ସାଇମନ୍ଦିର ନିକଟରେ ପ୍ରଭାତ ଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ ରକି ଉଭୟଙ୍କୁ ଗିରଫ କରିଛି। ଏଥିସହ ସେ ବ୍ୟବହାର କରୁଥିବା ଏକ ଅଡି କାର୍ ମଧ୍ୟ ଜବତ କରିଛି ପୋଲିସ। ପଚରାଉଚରା ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ପ୍ରଭାତ ଗତ ପୌର ନିର୍ବାଚନରେ ଭାଜପାର କର୍ପୋରେଟର ପ୍ରାର୍ଥୀ ଥିଲେ। ତାଙ୍କ ନାମରେ ପୂର୍ବରୁ ୩ଟି ମାମଲା ଥିବା ପୋଲିସ ଜାଣିବାକୁ ପାଇଛି। ତେବେ ପ୍ରଭାତ ଗିରଫ ହେବା ପରେ ଗୁଳିମାଡ଼ ଘଟଣାର ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ପୋଲିସ ପ୍ରଭାତଙ୍କ ପିଏସ୍‌ଓ ଓ ଅନ୍ୟ ଜଣଙ୍କୁ ଘଟଣାସ୍ଥଳରୁ ଧରିନେଇ ପଚରାଉଚରା ପରେ ଗିରଫ କରିଥିଲା। ସେହିପରି ପୋଲିସ ଗୋଟିଏ ରିଭଲଭର୍, ଗୋଟିଏ ଦେଶୀ ବନ୍ଧୁକ, ୮ ରାଉଣ୍ଡ ଜୀବନ୍ତ ଗୁଳି ଓ ୯ଟି ଖୋକା ଜବତ କରିଥିଲା। ତେବେ ଏଥିରେ ଗୋଟିଏ ଲାଇସେନ୍ସପ୍ରାପ୍ତ ବନ୍ଧୁକ ରହିଥିବାବେଳେ ଅନ୍ୟଟି କାହାର ତାହା ଏଯାବତ୍ ଜଣାପଡିନାହିଁ। ଏ ସଂକ୍ରାନ୍ତରେ ଅଧିକ ତଥ୍ୟ ଜାଣିବା ଲାଗି ପୋଲିସ ଖୋଳତାଡ଼ ଜାରି ରଖିଛି।

ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୧୦ଟା ୪୦ରେ ପ୍ରଜାପତି ମଣ୍ଡପ ନିକଟରେ ଯାଉଥିବାବେଳେ ପ୍ରଭାତ ମାର୍ଥା ଓରଫ ଗୁଲ ମାର୍ଥାଙ୍କ ଗାଡି ଓ କର୍ପୋରେଟର ଶ୍ରୀଧରଙ୍କ ବଡ ପୁତୁରା ଦୀପକ ଜେନାଙ୍କ ଗାଡି ମୁହାଁମୁହିଁ ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଘଟିଥିଲା। ଖବର ପାଇ ପ୍ରଭାତଙ୍କ ସହଯୋଗୀ ଓ ଦୀପକଙ୍କ ଦାଦା ଶ୍ରୀଧର, ବାପା ଶିଖର ଓ ସାନଭାଇ ଆଲୋକ ସେଠାରେ ପହଞ୍ଚିବାରୁ ଗୋଷ୍ଠୀ ସଂଘର୍ଷ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉଭୟ ପକ୍ଷରୁ ୧୨ରୁ ଊର୍ଦ୍ଧ୍ୱ ଗୁଳି ଫୁଟିଥିଲା। ପ୍ରଭାତ ଓ ସହଯୋଗୀଙ୍କ ବନ୍ଧୁକରୁ ଦୁଇଟି ଗୁଳି ଶିଖରଙ୍କ ବାମଗୋଡ଼ ଓ ଆଉ ଏକ ଗୁଳି ଆଲୋକଙ୍କ ଗୋଡ଼ରେ ବାଜିଥିଲା। ସେହିଭଳି ଗୁଳିମାଡ଼ରେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିଲେ। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ପୃଥକ ମାମଲା ରୁଜୁ କରି ପଦକ୍ଷେପ ନେଉଛି। ତେବେ ଏହି ଦୁଇ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପ୍ରତୀକ ସିଂ ଖବରତାଦା ସମ୍ମିଳନୀରେ କହିଛନ୍ତି।

ଗିରଫ ୨ ଅଭିଯୁକ୍ତ।

ବିଜେଡି କର୍ପୋରେଟରଙ୍କ ଭାଇ, ପୁତୁରାଙ୍କୁ ଗୁଳିମାଡ଼ ଘଟଣା

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ

ରଥରେ ମହାପ୍ରଭୁଙ୍କୁ ଲାଗି ପାଇଁ ଆସିଥିବା ରସଗୋଲା।

ପୁରୀ, ୧।୭(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଅବସରରେ ରଥାରୂଢ ଦାରୁଦେବତାମାନଙ୍କୁ ଭକ୍ତମାନେ ରସଗୋଲା ଭୋଗ କରିଛନ୍ତି। ପ୍ରତିବର୍ଷ ରଥ ନିକଟରେ ବହୁ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ କରିଥାନ୍ତି। ମହାପ୍ରଭୁ କଳିଯୁଗରେ ପୁରୀରେ ଅବସ୍ଥାନକରି ମାନବୀୟ ଲୀଳା କରୁଛନ୍ତି। ତେଣୁ ମହାପ୍ରଭୁଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ମହାପ୍ରଭୁ ନବବିବାହିତା ମା'ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ଛାଡ଼ି ଘୋଷଯାତ୍ରାରେ ଭଉଣୀଭାଇଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିଲେ। ଏଥିପାଇଁ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲାବେଳେ ମା ମହାଲକ୍ଷ୍ମୀ ଅଭିମାନରେ ଶ୍ରୀମନ୍ଦିର ଜୟବିଜୟ କବାଟ ବନ୍ଦ କରିବା ସହ ମହାପ୍ରଭୁଙ୍କ ସହ ବଚନିକା କରିଥାନ୍ତି। ବଚନିକା ହେବା ପରେ ମହାପ୍ରଭୁଙ୍କ ଗଇଁଠାଳ ଫିଟା ନୀତି ହୋଇଥାଏ। ମାତ୍ର ଶ୍ରୀବେଦୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ତେଣୁ ମହାପ୍ରଭୁ ସବୁଠୁ ପ୍ରିୟ ରସଗୋଲା ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥାନ୍ତି। ତେଣୁ ଭକ୍ତମାନେ ମହାପ୍ରଭୁଙ୍କୁ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ଦିନ ରଥାରୂଢ଼ ମହାପ୍ରଭୁଙ୍କୁ ରସଗୋଲା ମଣୋହି କରିଥାନ୍ତି। ସେହିଭଳି ଅନେକ ପୁରୀବାସୀ ନିଜ ଛାତ ଉପରେ ଏବଂ ଦାଣ୍ଡଦୁଆରେ ଠିଆହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ କରିଥିଲେ। ତେବେ ପୁରୀବାସୀ ଘରର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ହୋଇଥିବାରୁ ନୀଳାଦ୍ରିବିଜେ ଅବସରରେ ଘରେ ଘରେ ମଧ୍ୟ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଇଥିଲା।

ବଟି ମାଗିବା ଘଟଣାରେ ଅଭିଯୁକ୍ତଙ୍କ ଜାମିନ ଖାରଜ

ଭୁବନେଶ୍ୱର, ୧।୭(ସୂର୍ଯ୍ୟକାନ୍ତ ବେହେରା)

ବାଲିପାଟଣା ଥାନା ଅଞ୍ଚଳରେ ଦାଦା ବଟି ମାଗିବା ଅଭିଯୋଗରେ ଗିରଫ ତପନ କୁମାର ମଲ୍ଲିକଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ପଞ୍ଚମ ଅତିରିକ୍ତ ଦୌରାଜଜ ଶନିବାର ଖାରଜ କରିଦେଇଛନ୍ତି। ସୂଚନାଯୋଗ୍ୟ, ବାଲିପାଟଣା ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ୫-ଟି ଅଧୀନରେ ଉନ୍ନତୀକରଣ କରାଯାଉଛି। ଅମଣାକୁଦ ବିଦ୍ୟାଳୟର କାମ ପ୍ରତାପ କିଶୋର ପଣ୍ଡା ନେଇଥିଲେ। କାମ ଆରମ୍ଭ ହେବା ମାତ୍ରେ ତପନ ଓ ତାଙ୍କ ସହଯୋଗୀମାନେ ଦାଦାବଟି ବାବଦରେ ଏକଲକ୍ଷ ଟଙ୍କା ଦାବି କରିଥିଲେ। ମାତ୍ର ପଣ୍ଡା ଟଙ୍କା ଦେବାକୁ ମନା କରି ଦେଇଥିଲେ। ଗତ ମେ ୫ ତାରିଖରେ ପଣ୍ଡା କାମ ତଦାରଖ କରିବାକୁ ଯାଉଥିବାବେଳେ ବାଟରେ ତପନ ଓ ସହଯୋଗୀମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବାପରେ ପୋଲିସ ତପନକୁ ଗିରଫ କରିଛି।

ବାଙ୍କୀରେ ହାତୀ ଆତଙ୍କ, କଳାପାଟଠାରେ ଫସି ରହିଛି

ବାଙ୍କୀ, ୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଭେଡ଼ା ରାମଚନ୍ଦ୍ରପୁର ଗ୍ରାମ ମହାନଦୀ ନିକଟସ୍ଥ କଳାପାଟଠାରେ ଏକ ଜଙ୍ଗଲୀ ହାତୀ ଶନିବାର ଫସି ରହି ଯାଇଛି। ଫଳରେ ବାଙ୍କୀ ଭାୟା ରାମଚନ୍ଦ୍ରପୁର ଦେଇ ବୈଦ୍ୟେଶ୍ୱର ରାସ୍ତାରେ ଜନସାଧାରଣ ଯିବାଆସିବା କରିବା ପାଇଁ ରାସ୍ତାରେ ଭୟ କରିବା ସହ ଆତଙ୍କିତ ଅବସ୍ଥାରେ ଅଛନ୍ତି।



ପ୍ରକାଶ ଯେ, ଶୁକ୍ରବାର ହାତୀଟି ନୟାଗଡ଼ପଟୁ କଳାପଥର ଦେଇ କୁରୁମ ଅନୁଆରୀ ପଞ୍ଚାୟତ ଅନ୍ତର୍ଗତ କୁରୁମଗ୍ରାମର ମହାନଦୀ କୂଳରେ ଦେଖି ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ। ଶନିବାର ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ଏବଂ ରେଞ୍ଜର ଜୟକୃଷ୍ଣ ପଣ୍ଡା ତାଙ୍କ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହାତୀଟି ନଦୀପାର ହୋଇ ବାଙ୍କରିସିଂହା ପଟକୁ ଯାଇଥିଲା। ହେଲେ ସେପଟେ ଲୋକଙ୍କୁ ଦେଖି ପୁଣି ନଦୀପାର ହୋଇ ଭେଡ଼ା ରାମଚନ୍ଦ୍ରପୁର ପଟକୁ ପଳାଇ ଆସିଥିଲା। ଫଳରେ ସନ୍ଧ୍ୟାବେଳେ ଖବର ପାଇ ବାଙ୍କୀ ପୋଲିସ, ଦମକଳ ସେଠାକୁ ଯାଇ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ରାତି ହୋଇଯାଇଥିବାରୁ ହାତୀଟି ଯାଇ ନ ପାରି ଚନ୍ଦ୍ରପା ନାଳ ନିକଟସ୍ଥ କଳାପାଟଠାରେ ଫସି ରହିଛି। ଘଟଣାସ୍ଥଳରେ ବାଙ୍କୀ ବନ ବିଭାଗ, ବୈଦ୍ୟେଶ୍ୱର ବନ ବିଭାଗ ହାତୀକୁ ଜଗି ରହିଛନ୍ତି।

ଆଜି ମହାପ୍ରଭୁଙ୍କୁ ଲାଗି ହେବ ନୀଳାଚଳ ଅବଢ଼ା

ପୁରୀ, ୧।୭(ଅଜିତ୍ ମହାନ୍ତି)

ନବଦିନାତ୍ମକ ଘୋଷଯାତ୍ରା ସାରି ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀଭାଇଙ୍କ ସହ ଏବେ ଶ୍ରୀମନ୍ଦିର ରତ୍ନସିଂହାସନରେ ଗୋଟି ପହଣ୍ଡିରେ ବିଜେ କରିଛନ୍ତି। ସ୍ନାନପୂର୍ଣ୍ଣିମାଠାରୁ ଶୂନ୍ୟ ପଡ଼ିଥିବା ଶ୍ରୀମନ୍ଦିର ରତ୍ନବେଦି ମହାପ୍ରଭୁଙ୍କ ବିଜେ ପରେ ପୁଣି ଶ୍ରୀମନ୍ଦିର ପୂର୍ଣ୍ଣ ହୋଇଉଠିଛି। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବା ପରେ ରବିବାରଠାରୁ ଶ୍ରୀମନ୍ଦିରରେ ନୀଳାଚଳ ଅବଢ଼ା ବାହାରିବ। ଭକ୍ତ ଏବଂ ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ। ସେହିପରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଭକ୍ତମାନେ ଶ୍ରୀମନ୍ଦିରରେ ଦର୍ଶନ କରିବେ। ରବିବାର ମହାପ୍ରଭୁଙ୍କ ସକାଳ ଧୂପ ପରେ ଭକ୍ତମାନଙ୍କୁ ନୀଳାଚଳ ଅବଢ଼ା ମିଳିବ। ମହାପ୍ରଭୁ ରଥ ଉପରେ ଥିବାରୁ ମହାପ୍ରଭୁଙ୍କୁ ଶୁଖିଲା ଭୋଗ ଲାଗି ହେଉଥିଲା। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବା ପରେ ରବିବାର ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବ। ରଥଯାତ୍ରା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ପ୍ରଥମକରି ମହାପ୍ରସାଦ ଲାଗି ହେଉଥିବାରୁ ଏହାକୁ ନୀଳାଚଳ ଅବଢ଼ା ବୋଲି କୁହାଯାଇଥାଏ। ରଥଯାତ୍ରା ପୂର୍ବରୁ ଯେଉଁଭଳି ଭାବେ ଭକ୍ତମାନେ ମହାପ୍ରସାଦ ପାଇଥିଲେ। ଠିକ୍ ସେହିଭଳି ଭାବରେ ମହାପ୍ରସାଦ ଶ୍ରୀମନ୍ଦିର ପରିସରରେ ପାଇପାରିବେ। ମହାପ୍ରଭୁଙ୍କ ନିକଟରେ ଭୋଗ ହୋଇଥିବା ପ୍ରଥମ ନୀଳାଚଳ ଅବଢାକୁ ପାଇବା ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଆଶା ରହିଥାଏ।

ଶ୍ରୀଜୀଉଙ୍କ ପହଣ୍ଡିରେ ମୁଖ୍ୟ ଆକର୍ଷଣ ଟାହିଆ

ପୁରୀ, ୧।୭(ଅଜିତ୍ ମହାନ୍ତି)

ଶ୍ରୀଜୀଉ ଯାତ୍ରା ସମୟରେ ଅନେକ ଅଳଙ୍କାର ପରିଧାନ କରିଥାନ୍ତି। ଏହି ଅଳଙ୍କାରଙ୍କ ମଧ୍ୟରେ ଟାହିଆ ହେଉଛି ଅନ୍ୟତମ। ଶ୍ରୀବିଗ୍ରହମାନେ ସ୍ନାନପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ା ଯାତ୍ରା ସମେତ ଆଡ଼ପ ବିଜେ ଏବଂ ନୀଳାଦ୍ରି ବିଜେ ସମୟରେ ମସ୍ତକରେ ଟାହିଆ ପରିଧାନ କରିଥାନ୍ତି। ଏହି ଟାହିଆ ମୁଖ୍ୟତଃ ସୋଲ, ବାଉଁଶ କାଠି, ବିଭିନ୍ନ ପ୍ରକାର ଫୁଲରେ ନିର୍ମିତ ହୋଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ରାଘବ ଦାଶ ମଠ ପକ୍ଷରୁ ଟାହିଆଗୁଡିକ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ତେବେ ବିଗତ କିଛି ବର୍ଷ ହେବ ମଠ ପକ୍ଷରୁ ବସନ୍ତ କୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଟାହିଆ ନିର୍ମାଣ ହେଉଛି। ପରମ୍ପରା ଅନୁଯାୟୀ, ସେବକ ଏବଂ କାରିଗରମାନେ ଶୁଦ୍ଧପୂତ ଭାବେ ରାଘବ ଦାଶ ମଠ ପରିସରରେ ଟାହିଆ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥାନ୍ତି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ମଧ୍ୟରେ ଶ୍ରୀବିଗ୍ରହମାନଙ୍କର ୬ଥର ପହଣ୍ଡି ହୋଇଥାଏ। ଏହି ୬ଥର ପହଣ୍ଡିରେ ଶ୍ରୀବିଗ୍ରହମାନେ ସମୁଦାୟ ୨୪ଟି ଟାହିଆ ଓ ମାଳଫୁଲ ପରିଧାନ କରିଥାନ୍ତି। ମୁଖ୍ୟତଃ ଟାହିଆ ଦୁଇ ପ୍ରକାର ହୋଇଥାଏ, ଯଥା ଛୋଟ ଟାହିଆ ଏବଂ ବଡ଼ ଟାହିଆ। ବଡ଼ଠାକୁର ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ମଠ ପକ୍ଷରୁ ଟାହିଆ ଯୋଗାଇ ଦିଆଯାଉଥିବା ବେଳେ ମା' ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନଙ୍କ ନିମନ୍ତେ ମଠ ପକ୍

ସଂକ୍ଷେପରେ

ଶ୍ୱଶୁର ଘରେ ଉଲ୍ଲଙ୍ଗ କାଣ୍ଡ ଘଟାଇ ଜ୍ୱାଇଁ ଗିରଫ

ନିମାପଡ଼ା,୧।୭(ବିଚିତ୍ରାନନ୍ଦ ସାହୁ)- ଶ୍ୱଶୁର ଘରେ ପଶି ଶ୍ୱଶୁରଙ୍କୁ ଗାଳିଗୁଲଜ ସହ ଉଲ୍ଲଙ୍ଗ କାଣ୍ଡ କରିବା ଅଭିଯୋଗରେ ପୋଲିସ ଜ୍ୱାଇଁଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ତେରୁଣ୍ଡିଆ ପଞ୍ଚାୟତ ଦିଘାଳୋ ବସ୍ତିର ସେକ୍ ସରିଫ୍‌ଙ୍କ ପୁଅ ସେକ୍ ଅମିର। ପୋଲିସ ଏନେଇ ସେକ୍ ଅମିରଙ୍କ ବିରୋଧରେ ୨୨୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ସେକ୍ ସରିଫ୍ ଓ ତାଙ୍କ ପୁଅ ସେକ୍ ଅମିର ସେହି ସାହିର ସେକ୍ ମହମ୍ମଦ କବୁଲଙ୍କ ଘର ଦାଣ୍ଡ ଦୁଆରେ ଠିଆହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ସେକ୍ ମହମ୍ମଦ କବୁଲଙ୍କ ଝିଅ ମେନ୍ନା ପରମିନ୍ ଏଥିରେ ପ୍ରତିବାଦ କରିବାରୁ ସେକ୍ ଅମିର କ୍ଷୁବ୍ଧ ହୋଇ ମେନ୍ନାଙ୍କୁ ମାଡ଼ ମାରି ଟଣାଓଟରା କରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏଥିସହ ତାଙ୍କ ବେକରୁ ଏକ ସୁନାଚେନ୍ ଛଡ଼ାଇ ନେଇଥିଲେ। ଏପରିକି ତାଙ୍କ ଘରର ଆସବାବପତ୍ର ଫିଙ୍ଗା ଫୋପଡ଼ା କରିଥିବା ମେନ୍ନା ପରମିନ୍ ଥାନାରେ ଅଭିଯୋଗ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ସେକ୍ ଅମିର ପ୍ରାୟ ୬ ମାସ ତଳେ ସୁଲତାନା ପରମିନ୍‌ଙ୍କୁ ତାଙ୍କ ଅନିଚ୍ଛା ସତ୍ତ୍ୱେ ଘରୁ ନେଇଯାଇ ହାଇଦ୍ରାବାଦରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଅମିର ସୁଲତାନାଙ୍କୁ ମାଡ଼ ମାରିବା ସହ ମାନସିକ, ଶାରୀରିକ ନିର୍ଯାତନା ଦେଇ ତାଙ୍କୁ ଖରାପ କାର୍ଯ୍ୟ କରିବାକୁ ବାଧ୍ୟ କରୁଥିଲେ। ବାଧ୍ୟ ହୋଇ ସୁଲତାନା ସ୍ୱାମୀ ଅମିର୍‌ଙ୍କୁ ଛାଡ଼ି ଦେଇଥିବା ତାଙ୍କ ଭଉଣୀ ମେନ୍ନା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ବର୍ତ୍ତମାନ ସୁଲତାନା ବାପଘରେ ଅଛନ୍ତି।

ପ୍ରଧାନ ଶିକ୍ଷକଙ୍କ ପ୍ରତିଶ୍ରୁତି ବଦ୍ଧତା ପ୍ରଶଂସନୀୟ

କଣାସ,୧।୭(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକ ଅଧୀନ ଦିବ୍ୟସିଂହପୁର ପଞ୍ଚାୟତ ଦିବ୍ୟସିଂହପୁରଠାରେ ଅବସ୍ଥାପିତ କନକଦୁର୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ ମହାପାତ୍ରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଶନିବାର ନିରାକାରପୁର କାଶୀପୁର ନିକଟ ଭୈରବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ଅକ୍ଷୟ ରାୟସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଡ଼ିଶା ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜିଲା ତଥା ରାଜ୍ୟ କର୍ମକର୍ତ୍ତା ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ପ୍ରତିଶ୍ରୁତି ବଦ୍ଧତାକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସର୍ବେଶ୍ୱର ଜେନା ଯୋଗଦେଇଥିଲେ। ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲସ୍ତା)ର ରାଜ୍ୟ ସମ୍ପାଦକ ସୁକାନ୍ତ ବେହେରା, ଯୁଗ୍ମ ସମ୍ପାଦକ ପ୍ରଦୀପ ପ୍ରଧାନ, କୋଷାଧକ୍ଷ ଯୁଧିଷ୍ଠିର ପ୍ରଧାନ, ବିଜୟ ଦ୍ୱିବେଦୀ, ସୁଦର୍ଶନ ସ୍ୱାଇଁ, ପ୍ରଶାନ୍ତ ସୁନ୍ଦରାୟ, କିଶୋର ମହାରଥୀ, ନୀଳାଦ୍ରି ସୁବୁଦ୍ଧି, ଜମ୍ବେଶ୍ୱର ମଙ୍ଗରାଜ, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସାରଥି ଜେନା ମଞ୍ଚ ପରିଚାଳନା କରିଥିବାବେଳେ ବଳଭଦ୍ର ସଂଯୁକ୍ତ ଉ.ପ୍ରା ବିଦ୍ୟାଳୟ ଆଞ୍ଚଳିକ ସାଧନକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆର୍‌ସିସି ଅଜୟ ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯୋଗେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିବାବେଳେ ସୁବାସିନୀ ଦେଈ, ପୁଷ୍ପଲତା ନାୟକ ଗୁରୁବନ୍ଦନା ପାଠ କରିଥିଲେ।

'ସୁସ୍ଥ ପରିବେଶ ପାଇଁ ଚାରାରୋପଣ ଆବଶ୍ୟକ'

କୃଷ୍ଣପ୍ରସାଦ,୧।୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ)- ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ପାରିକୁଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ବନପାଳ ବିଶ୍ୱନାଥ ଗୁଡ଼ୁ, ବନପାଳ ମୀନା କୁମାରୀ ନାୟକ, ଗ୍ରୀନ ପାରିକୁଦ ସଦସ୍ୟା ଅମିତା ତରେଇ, ଦେବେନ୍ଦ୍ର ନାଥ ଜେନା, ନକୁଳ ସୁନ୍ଦରା, ମୀନା ରାଣୀ ସାହୁ, ବ୍ୟାଙ୍କ ମିତ୍ର ଶୈଳବାଳା ତରେଇଙ୍କ ଉପସ୍ଥିତିରେ ବିଭିନ୍ନ କିସମର ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେଲେ ବ୍ୟାପକ ଚାରାରୋପଣ ସହ ତାହାର ଯତ୍ନ ନେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସିଆର୍‌ସିସି ପ୍ରଶାନ୍ତ କୁମାର ନାୟକ, ସତ୍ୟବାନ ବିଶ୍ୱାଳ, ସୁନୀଲ କୁମାର ଜେନା, ରମାକାନ୍ତ ଜେନା, ସୁକାନ୍ତ କୁମାର ଜେନା, ବିଇଓ ଅଫିସ ପରିସରରେ ଥିବା ଚିଲିକା ନୋଡ଼ାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀପକ କୁମାର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

ମୁଖ୍ୟ ଅଭିଯୁକ୍ତ ପ୍ରଭାତ ମାର୍ଥା, ସହଯୋଗୀ ଗିରଫ

ଭୁବନେଶ୍ୱର,୧।୭(ସୂର୍ଯ୍ୟକାନ୍ତ ବେହେରା):

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଖାରପଡ଼ା ପ୍ରଜାପତି ବିବାହ ମଣ୍ଡପ ସାମ୍ନାରେ କର୍ପୋରେଟର ଶ୍ରୀଧର ଜେନାଙ୍କ ଭାଇ ଶିଖର ଜେନା ଓ ପୁତୁରା ଆଲୋକ ଜେନା ଓରଫ ରିଙ୍କୁଙ୍କୁ ହୋଇଥିବା ଗୁଳିମାଡ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ପ୍ରଭାତ ମାର୍ଥା ଓ ସହଯୋଗୀ ଅମିତ ମାର୍ଥା ଧରାପଡିଛନ୍ତି। ଶନିବାର କଟକ ରୋଡ୍‌ସ୍ଥିତ ସାଇମନ୍ଦିର ନିକଟରେ ପ୍ରଭାତ ଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ ରକି ଉଭୟଙ୍କୁ ଗିରଫ କରିଛି। ଏଥିସହ ସେ ବ୍ୟବହାର କରୁଥିବା ଏକ ଅଡି କାର୍ ମଧ୍ୟ ଜବତ କରିଛି ପୋଲିସ। ପଚରାଉଚରା ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ପ୍ରଭାତ ଗତ ପୌର ନିର୍ବାଚନରେ ଭାଜପାର କର୍ପୋରେଟର ପ୍ରାର୍ଥୀ ଥିଲେ।

ବିଜେଡି କର୍ପୋରେଟରଙ୍କ ଭାଇ, ପୁତୁରାଙ୍କୁ ଗୁଳିମାଡ଼ ଘଟଣା

ଗିରଫ ଦୁଇ ଅଭିଯୁକ୍ତ ଓ ଜବତ କାର୍।

ତାଙ୍କ ନାମରେ ପୂର୍ବରୁ ୩ଟି ମାମଲା ଥିବା ପୋଲିସ ଜାଣିବାକୁ ପାଇଛି। ତେବେ ପ୍ରଭାତ ଗିରଫ ହେବା ପରେ ଗୁଳିମାଡ଼ ଘଟଣାର ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ପୋଲିସ ପ୍ରଭାତଙ୍କ ପିଏସ୍‌ଓ ଓ ଅନ୍ୟ ଜଣଙ୍କୁ ଘଟଣାସ୍ଥଳରୁ ଧରିନେଇ ପଚରାଉଚରା ପରେ ଗିରଫ କରିଥିଲା। ସେହିପରି ପୋଲିସ ଗୋଟିଏ ରିଭଲଭର୍, ଗୋଟିଏ ଦେଶୀ ବନ୍ଧୁକ, ୮ ରାଉଣ୍ଡ ଜୀବନ୍ତ ଗୁଳି ଓ ୯ଟି ଖୋକା ଜବତ କରିଥିଲା। ତେବେ ଏଥିରେ ଗୋଟିଏ ଲାଇସେନ୍ସପ୍ରାପ୍ତ ବନ୍ଧୁକ ରହିଥିବାବେଳେ ଅନ୍ୟଟି କାହାର ତାହା ଏଯାବତ୍ ଜଣାପଡିନାହିଁ। ଏ ସଂକ୍ରାନ୍ତରେ ଅଧିକ ତଥ୍ୟ ଜାଣିବା ଲାଗି ପୋଲିସ ଖୋଳତାଡ଼ ଜାରି ରଖିଛି।

ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୧୦ଟା ୪୦ରେ ପ୍ରଜାପତି ମଣ୍ଡପ ନିକଟରେ ଯାଉଥିବାବେଳେ ପ୍ରଭାତ ମାର୍ଥା ଓରଫ ଗୁଲ ମାର୍ଥାଙ୍କ ଗାଡି ଓ କର୍ପୋରେଟର ଶ୍ରୀଧରଙ୍କ ବଡ ପୁତୁରା ଦୀପକ ଜେନାଙ୍କ ଗାଡି ମୁହାଁମୁହିଁ ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଘଟିଥିଲା। ଖବର ପାଇ ପ୍ରଭାତଙ୍କ ସହଯୋଗୀ ଓ ଦୀପକଙ୍କ ଦାଦା ଶ୍ରୀଧର, ବାପା ଶିଖର ଓ ସାନଭାଇ ଆଲୋକ ସେଠାରେ ପହଞ୍ଚିବାରୁ ଗୋଷ୍ଠୀ ସଂଘର୍ଷ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉଭୟ ପକ୍ଷରୁ ୧୨ରୁ ଊର୍ଦ୍ଧ୍ୱ ଗୁଳି ଫୁଟିଥିଲା। ପ୍ରଭାତ ଓ ସହଯୋଗୀଙ୍କ ବନ୍ଧୁକରୁ ଦୁଇଟି ଗୁଳି ଶିଖରଙ୍କ ବାମଗୋଡ଼ ଓ ଆଉ ଏକ ଗୁଳି ଆଲୋକଙ୍କ ଗୋଡ଼ରେ ବାଜିଥିଲା। ସେହିଭଳି ଗୁଳିମାଡ଼ରେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିଲେ। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ପୃଥକ ମାମଲା ରୁଜୁ କରି ପଦକ୍ଷେପ ନେଉଛି। ତେବେ ଏହି ଦୁଇ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପ୍ରତୀକ ସିଂ ଖବରତାଦା ସମ୍ମିଳନୀରେ କହିଛନ୍ତି।

ସ୍ନାତକ ଶିକ୍ଷକ ସଂଘ ବୈଠକ

କଣାସ,୧।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ କାର୍ଯ୍ୟରତ ସ୍ନାତକ ଶିକ୍ଷକଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଦୋକନ୍ଦା କଲ୍ୟାଣମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ମହେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କଣାସ ବ୍ଲକର ଶତାଧିକ ସ୍ନାତକ ଶିକ୍ଷକ ଯୋଗଦେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭୁବନେଶ୍ୱରଙ୍କ ଚିଠି ନଂ. ୧୦୬୮୬, ତା- ୬. ୫. ୨୦୨୩ ମୁତାବକ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମତ ଦେଇଥିଲେ। ଏଥିସହିତ ବରିଷ୍ଠତା ନିର୍ଦ୍ଧାରଣ ପାଇଁ ଉତ୍ତୀନ୍ନ ତାରିଖ ଓ ଓଟିଇଟି-୨ ମାନଦଣ୍ଡ ରୂପେ ଗ୍ରହଣ କରିବାକୁ ବୈଠକରେ ଦାବି ହୋଇଥିଲା। ଏ ସମ୍ପର୍କରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ କଣାସ ଓ ପୁରୀ ଜିଲା ଶିକ୍ଷାଧିକାରୀଙ୍କୁ ଆସନ୍ତା ସୋମବାର ପ୍ରଦାନ ପାଇଁ ସର୍ବସମ୍ମତି ନିଷ୍ପତ୍ତି ହୋଇଛି। ସଂଘର ସୁପରିଚାଳନା ପାଇଁ ସର୍ବସମ୍ମତି ରୂପେ ଏକ ସମ୍ପାଦନ ମଣ୍ଡଳୀ ଗଠନ ହୋଇଥିଲା। ଶିକ୍ଷକ ମହେଶ୍ୱର ବେହେରା, ସୁଶାନ୍ତ ଛୋଟରାୟ, ଶକ୍ତିଧର ପାଟଶାଣୀ, ରଜନିକାନ୍ତ ପ୍ରହରାଜ ଓ ଦିଲୀପ ଖଣ୍ଡାୟତରାୟଙ୍କୁ ସମ୍ପାଦନ ମଣ୍ଡଳୀ ରୂପେ ଚୟନ କରାଯାଇଥିଲା। ଶିକ୍ଷକ ଶଙ୍କର୍ଷଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରତିଷ୍ଠା ଦିବସ ଅବସରରେ ଚାରା ରୋପଣ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସରେ ଚାରା ରୋପଣ କରାଯାଉଛି ।

କଣାସ,୧।୭(ବିଭୂତି ଭୂଷଣ ତ୍ରିପାଠୀ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଅବସରରେ କଣାସ ଶାଖା ପକ୍ଷରୁ ଶାଖା ପରିଚାଳକ ମନୋଜ ସେଠୀଙ୍କ ତତ୍ତ୍ୱାବଧାନରେ ପରିବେଶ ସୁରକ୍ଷା ପାଇଁ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପାଣିପାଗର ପରିବର୍ତ୍ତନ ଯୋଗୁ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବସନ୍ତପୁର ଗ୍ରାମରେ ପ୍ରତିଷ୍ଠିତ ଶୈଳବାଳା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସରରେ କେତେକ ବୃକ୍ଷର ଚାରା ରୋପଣ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତିବିଶେଷ ଓ ଛାତ୍ରୀଛାତ୍ର ପରିବେଶର ସୁରକ୍ଷା ପାଇଁ ପ୍ରତ୍ୟେକ ବର୍ଷ ଗୋଟିଏ ଗୋଟିଏ ଚାରା ରୋପଣ କରିବାକୁ ଶାଖା ପରିଚାଳକ ସେଠୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଅତିରିକ୍ତ ଶାଖା ପରିଚାଳକ ଅମର୍ଜିତ ନାୟକ, ପୀତବାସ ଗୋଛାୟତ, ପ୍ରଧାନଶିକ୍ଷକ ମେଣୁମାର୍ଦ୍ଦନ ନାୟକ, ସାମାଜିକ କର୍ମୀ ନୟନ ଜେନା, ଶିକ୍ଷକ ରମେଶ ଚନ୍ଦ୍ର ମଙ୍ଗରାଜ, ଶିକ୍ଷକ ବିଭୂତି ଭୂଷଣ ଚମ୍ପତିରାୟ, ସଞ୍ଜୟ ଜଗଦ୍ଦେବ, ଗଙ୍ଗାଧର ସାହୁ, ନୀଳାଦ୍ରିବିହାରୀ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନୀଳାଦ୍ରିବିହାରୀ ଚାରିଟେବୁଲ୍ ଟ୍ରଷ୍ଟର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାର ଉତ୍ସବ ପାଳିଲେ ପ୍ରବାସୀ ଓଡ଼ିଆ

ଆୟର୍ଲାଣ୍ଡର ଡବଲିନ୍‌ଠାରେ ଆୟୋଜିତ ରଥଯାତ୍ରାରେ ସାମିଲ ହୋଇଥିବା ପ୍ରବାସୀ ଓଡ଼ିଆ ଏବଂ ଅନ୍ୟ ଭାରତୀୟଙ୍କ ସହ ବିଭିନ୍ନ ସମ୍ପ୍ରଦାୟର ଭକ୍ତମାନେ।

ଭୁବନେଶ୍ୱର,୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଆୟର୍ଲାଣ୍ଡରେ ରଥଯାତ୍ରା

ଚଳିତ ବର୍ଷ ଆୟର୍ଲାଣ୍ଡର ଡବଲିନ୍‌ଠାରେ ସମସ୍ତ ରୀତିନୀତି ସହ ମହାଆଡମ୍ବରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୈଦିକ ହିନ୍ଦୁ କଲ୍‌ଚରାଲ ସେଣ୍ଟର ଆୟର୍ଲାଣ୍ଡ (ଭିଏଚ୍‌ସିସିଆଇ) ମନ୍ଦିରରେ ଏଥିପାଇଁ ଓଡ଼ିଆ ସୋସାଇଟି ଅଫ୍ ଆୟାର୍ଲାଣ୍ଡ (ଓଏସ୍‌ଆଇ) ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଗୋଟିଏ ଦିନରେ ରଥ ଯାତ୍ରା ସହ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଥିଲା। ପ୍ରବାସୀ ଓଡ଼ିଆଙ୍କ ସମେତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ୭ଶହରୁ ଊର୍ଦ୍ଧ୍ୱ ଆବାଳ ବୃଦ୍ଧ ବନିତା ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଗେଇ ଆସିଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ପହଣ୍ଡିରେ ସୁସଜ୍ଜିତ ରଥକୁ ନିଆଯାଇଥିଲା। ଅନ୍ୟାନ୍ୟ ନୀତିକାନ୍ତି ପରେ ଓଏସ୍‌ଆଇ ମୁଖପାତ୍ର ସମିତ ପାତ୍ର ଛେରା ପହଁରା କରିଥିଲେ। ଏହାପରେ ଭକ୍ତମାନେ ରଥ ଟାଣିଥିଲେ। ରଥ ଆଗରେ ନାଚି ନାଚି ଭକ୍ତି ନିବେଦନ ଜଣାଇଥିଲେ। ପ୍ରାୟ ୧ ଘଣ୍ଟା ଧରି ଭକ୍ତମାନେ ବିଭିନ୍ନ ଅଞ୍ଚଳ ଦେଇ

ରଥ ପରିକ୍ରମା କରାଇବା ପରେ ମନ୍ଦିର ନିକଟକୁ ଆଣିଥିଲେ। ପରେ ପହଣ୍ଡିରେ ସ୍ୱମନ୍ଦିରକୁ ନିଆଯାଇ ଅନ୍ୟାନ୍ୟ ପୂଜାନୀତି କରାଯାଇଥିଲା।

ଖଜା, ଖେଚୁଡ଼ି ଭୋଗ ଲାଗି ସହ ପୁଷ୍ପାଞ୍ଜଳି ଦିଆଯାଇଥିଲା। ଏଥିସହ ଭକ୍ତଙ୍କ ମଧ୍ୟରେ ତୁଳସୀ ବିତରଣ କରାଯାଇଥିଲା। ସମସ୍ତ ଭକ୍ତ ପ୍ରସାଦ ସେବନ କରି ଓଡ଼ିଆଙ୍କ ନିଆରା ଭାଇଚାରା ସଂସ୍କୃତି ବାଣ୍ଟିଥିଲେ। ସୋସାଇଟି ମୁଖପାତ୍ର ପାତ୍ର କହିଛନ୍ତି, ଡବଲିନ ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଏକତା ଓ ସାର୍ବଭୌମିକତାର ଏକ ଉତ୍ସବ। ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ଏବଂ ଓଡିଶା ମାଟିର ଜୟଗାନ ସଦା ସର୍ବଦା ସବୁଠି ରହିଛି। ସୋସାଇଟି ସଦା ସର୍ବଦା ଓଡ଼ିଆ ଭଉଣୀଭାଇଙ୍କ ସେବା ଓ ଖୁସିରେ ସାମିଲ ହୋଇ ଆସିଛି। ଆଗକୁ ଏପରି ବହୁ ଓଡ଼ିଆ ପର୍ବତପର୍ବାଣି କରି ନିଜ ଭିତରେ ଓଡ଼ିଆ ସ୍ୱାଭିମାନ ବଜାୟ ରଖିବୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ରେ ବୈଦିକ ହିନ୍ଦୁ କଲଚରାଲ ସେଣ୍ଟର ଆୟର୍ଲାଣ୍ଡ ମନ୍ଦିର ସ୍ଥାପନ ହୋଇଥିବାବେଳେ ଓଡ଼ିଆ ସୋସାଇଟି ଅଫ୍ ଆୟର୍ଲାଣ୍ଡ (ଓଏସ୍‌ଆଇ) ପକ୍ଷରୁ ୨୦୨୨ରେ ପ୍ରଥମ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଚଳିତବର୍ଷ ରଥଯାତ୍ରା ପାଇଁ ବଡ଼ ଆୟୋଜନ କରାଯାଇଥିଲା।

ଭାଜପା ସଭାପତିଙ୍କୁ ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ

ନିମାପଡ଼ା,୧।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଧଳେଶ୍ୱର ପଞ୍ଚାୟତ ଅରିଲୋ ଗ୍ରାମର ଧନୁଆଁ ମଣ୍ଡଳର ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଶେସନ ବେହେରା। ଏହି ମାମଲାରେ ସମ୍ପୃକ୍ତ ନୃସିଂହ ବେହେରା, ପ୍ରଭାତ ବେହେରା, ଫୁଲ ବେହେରା ପ୍ରମୁଖ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି। ଏହି ଆକ୍ରମଣ ସମ୍ପର୍କରେ ସମିତି ସଭ୍ୟା ବେବିନା ଜେନା ଗତ ୨୮ ତାରିଖରେ ୪ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୨୨୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୀଡ଼ିତ ଭାଜପା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ରମେଶ ଜେନା ଗୁରୁତର ଆହତ ହୋଇ ଏବେ ବି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାର ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ପୁରୀ ଜିଲା ଏସ୍‌ପିଙ୍କୁ ଅବଗତ କରିଥିଲେ। ତୁରନ୍ତ ସମସ୍ତଙ୍କ

ନୁଣ୍ଟିକିରିରେ ଚାରାରୋପଣ କାର୍ଯ୍ୟକ୍ରମ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକାର ୬ନଂ. ୱାର୍ଡସ୍ଥିତ ନୁଣ୍ଟିକିରି ପଡିଆରେ ଅନୁଷ୍ଠାନର ସଭାପତି ଭାସ୍କର ଚନ୍ଦ୍ର ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଭୀମସେନ ବିଶ୍ୱାଳ, ସୁରେଶ ରାଉତରାୟ, ଟୁକୁ ପ୍ରଧାନ, କାହ୍ନୁ ଚରଣ ଜେନା, ଅମୂଲ୍ୟ ରାଉତରାୟ, ମାନସ କୁମାର ପରିଡା, ଜିତେଶ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୬ଦିନ ବ୍ୟାପୀ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଅଶ୍ୱିନୀ କୁମାର ଜେନା କହିଛନ୍ତି।

ସଂକ୍ଷେପରେ

୬୦ କେଜି ଗୋମାଂସ ଜବତ, ଅଟୋ ଚାଳକ ଗିରଫ

ମଙ୍ଗୁଳି-ଜଗତପୁର,୧।୭(ମାନସ ସାମଲ): ଗୋମାଂସ ଚାଲାଣ ଅଭିଯୋଗରେ ଜଗତପୁର ପୋଲିସ ଜଣେ ଅଟୋ ଚାଳକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ପଦ୍ମପୁର ଅଞ୍ଚଳର ଅବ୍‌ଦୁଲ ଅମିନ(୪୭)। ତାଙ୍କ ନିକଟରୁ ଏକ ଅଟୋ (ନଂ.ଓଡ଼ି୦୫ଜି-୩୪୫୨) ଏବଂ ୬୦ କେଜି ଗୋ ମାଂସ ଜବତ କରାଯାଇଛି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଥାନାଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କୁ ବିଶେଷ ସୂତ୍ରରୁ ଖବର ମିଳିଥିଲା କି ଏକ ଅଟୋରେ ଗୋମାଂସ ଜଗତପୁର ଅଞ୍ଚଳରୁ କଟକ ଚାଲାଣ ହେଉଛି। ପରେ ଜଗତ୍‌ପୁର ଗୋଲେଇ ଛକ ନିକଟରେ ପୋଲିସ ପାଟ୍ରୋଲିଂ ଟିମ୍ ଉକ୍ତ ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ୬ଟି ପଲିଥିନରେ ଗୋ ମାଂସ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୩୨୨/୨୩) ରୁଜୁ ହୋଇଛି।

ଗାଡ଼ି ଧକ୍କାରେ ଅଚିହ୍ନା ଯୁବକ ମୃତ

ଫୁଲନଖରା,୧।୭(ସତ୍ୟରଞ୍ଜନ ଦାସମହାପାତ୍ର): କଟକ-ଭୁବନେଶ୍ୱର ଜାତୀୟ ରାଜପଥର ନୂଆପାଟଣାଠାରେ ଶନିବାର ସକାଳେ ଗାଡ଼ି ଧକ୍କାରେ ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଛି। ସେ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ଗାଡିଟି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଛି। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୩୭୬/୨୩) ରୁଜୁ ହୋଇଛି।

ବିଶ୍ୱ ରସଗୋଲା ଦିବସ ପାଳିତ

ଫୁଲନଖରା,୧।୭ (ସତ୍ୟ ରଞ୍ଜନ ଦାସମହାପାତ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୪ ନମ୍ବର ୱାର୍ଡସ୍ଥିତ ପାହାଳଠାରେ ବିଶ୍ୱ ରସଗୋଲା ଦିବସ ରବିବାର ପାଳିତ ହୋଇଯାଇଛି। ପାହାଳ ରସଗୋଲା ଉଦ୍ୟୋଗୀ ଓ ପ୍ରସ୍ତୁତକାରୀ ସମିତି ସଭାପତି ଅକ୍ଷୟ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ କହିଥିଲେ, ପାହାଳ ରସଗୋଲାର ଗୁଣବତ୍ତା ପରୀକ୍ଷା କରାଯାଇ ପ୍ୟାକିଂ କରି ଆଗାମୀ ଦିନରେ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏଥିରେ ଅନ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ଦମୟନ୍ତୀ କଅଁର, ଜଗନ୍ନାଥ ସଂସ୍କୃତି ଗବେଷକ ଦିବାକର ଦାସ, ସ୍ତମ୍ଭକାର ଅସିତ୍ ମହାନ୍ତି, ସ୍ଥାନୀୟ ସୁକୁମାର ସାହୁ ଓ ବଂଶୀଧର ଭୋଳ ପ୍ରମୁଖ ଯୋଗ ଦେଇଥିଲେ।

'ପ୍ରତି ମଣିଷ ପାଇଁ ଭଗବତ୍ ଗୀତାର ଉପାଦେୟତା ରହିଛି'

କୋଟିଗୀତା ଲେଖନ ଯଜ୍ଞ

କଟକ,୧।୭ (କାର୍ତ୍ତିକ ସାହୁ): ଓଡ଼ିଶା ବ୍ରାହ୍ମଣ ମହାସଂଘ ଆନୁକୂଲ୍ୟରେ ମହାନଦୀବିହାରସ୍ଥିତ ସେଲିବ୍ରେସନ ମଣ୍ଡପ ସଭାଗୃହରେ କୋଟିଗୀତା ଲେଖନ ଯଜ୍ଞ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଥିଲେ, ପ୍ରତିଟି ମଣିଷ କ୍ଷେତ୍ରରେ ଶ୍ରୀମଦ୍ ଭଗବତ୍ ଗୀତାର ଉପାଦେୟତା ରହିଛି। ମହାସଂଘର କଟକ ଶାଖା ସଭାପତି ପ୍ରମୋଦ କୁମାର ମିଶ୍ର ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ କର୍ନାଟକ ଉଡୁପି ମଠର ମଠାଧୀଶ ପୂଜ୍ୟ ସ୍ୱାମୀ ସୁଗୁଣେନ୍ଦ୍ର ତୀର୍ଥଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ମହାସଂଘ ସଭାପତି ସଦାନନ୍ଦ ଦୀକ୍ଷିତ୍ କୋଟିଗୀତା ଲେଖନ ଯଜ୍ଞର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁରଲୀଧର ହୋତା ସ୍ୱାଗତ ଭାଷଣ, ଲୋକଭାଷା ପ୍ରଚାର ସମିତି ସଭାପତି ଡ. ବିପିନ୍ ବିହାରୀ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା ଓ ସୁବାସ ଚନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ।

ତାଳଦଣ୍ଡା କେନାଲ: ଜଳ ପ୍ରବାହକୁ ନେଇ ଅନିଶ୍ଚିତତା

କଟକ ସଦର,୧।୭ (ସୁଶାନ୍ତ କୁମାର ଜେନା)

ଚଳିତବର୍ଷ ଜୁଲାଇ ୧ ତାରିଖ ସୁଦ୍ଧା ବର୍ଷାର ଅଭାବ ଦେଖାଦେଇଛି। ଏହାଛଡ଼ା ଗରମ ଓ ଗୁଳୁଗୁଳି ଲାଗି ରହିଛି। ଗଜା ମରୁଡି ଆଶଙ୍କାରେ କଟକ ସଦର ବ୍ଲକ ସମେତ ଜଗତ୍‌ସିଂହପୁର ଜିଲାର ଚାଷୀମାନେ ଏପର୍ଯ୍ୟନ୍ତ ତଳି ପକାଇବାକୁ ସାହସ କରିପାରୁନାହାନ୍ତି। କାରଣ ଉଭୟ ଅଞ୍ଚଳର ଜଳସେଚନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବା ତାଳଦଣ୍ଡା ମୁଖ୍ୟ କେନାଲରେ ଜଳ ପ୍ରବାହକୁ ନେଇ ଅନିଶ୍ଚିତତା ଲାଗିରହିଛି। ଯୋବ୍ରା ଆନିକଟଠାରୁ ବିରିବାଟୀ ମଧ୍ୟରେ ଥିବା ମୁଖ୍ୟ କେନାଲର ୧୨ କିମି ଅଂଶରେ ୫ଟି ପୋଲ, ମତ୍ତଗଜପୁରଠାରେ ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ପାଣି ଛାଡ଼ିବା ପାଇଁ ପୂର୍ତ୍ତ ବିଭାଗ ତରଫରୁ

ତାଳଦଣ୍ଡା କେନାଲର ଡିହସାହିଠାରେ ନିର୍ମାଣାଧୀନ ପୋଲ।

ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି) ଜଳସମ୍ପଦ ବିଭାଗକୁ ଦିଆଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ମହାନଦୀ ଦକ୍ଷିଣ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ରାଜେଶ କୁମାର ମହାନ୍ତି ବାରମ୍ବାର ପୂର୍ତ୍ତ ବିଭାଗକୁ ପତ୍ର ଲେଖିଥିଲେ ମଧ୍ୟ କେନାଲ ଶଯ୍ୟାରେ ପଡ଼ିଥିବା ନିର୍ମାଣ ସାମଗ୍ରୀକୁ ଉଠାଯାଇନାହିଁ। ୨୦୨୨ ଡିସେମ୍ବର ୧ରୁ ୫ଟି ପୋଲ ନିର୍ମାଣ ସହ କେନାଲ ବନ୍ଧ ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂର୍ତ୍ତ ବିଭାଗ ଦାୟିତ୍ୱ ନେଇଥିବାରୁ ଜଳପ୍ରବାହ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଚାଉଳିଆଗଞ୍ଜ, କଣ୍ଟିଲୋ, ଡିହସାହି, ମତ୍ତଗଜପୁର, ବିରିବାଟୀଠାରେ ପୋଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ତେଣୁ ବିନା ଏନ୍‌ଓସିରେ ପାଣି ଛଡାଗଲେ ଠିକା ସଂସ୍ଥା କେସ୍ କରିବା ସମ୍ଭାବନା ରହିଛି। ଜୁନ୍ ପ୍ରଥମ ସପ୍ତାହରୁ କେନାଲ ଶଯ୍ୟା ସଫା ପାଇଁ ପୂର୍ତ୍ତ ବିଭାଗକୁ ଚିଠି ଲେଖାଯାଇଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ମହାନ୍ତି କହିଛନ୍ତି। ହେଲେ ଏ ନେଇ କଟକସ୍ଥିତ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ମାଝୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

୭ ବାଇକ୍ ଜବତ, ୨ ଗିରଫ

ଚୌଦ୍ୱାର,୧।୭(ଆଶୁତୋଷ ଦାସ)

ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଯାଜପୁର ଜିଲା କଳିଙ୍ଗ ନଗର ଅଞ୍ଚଳର ଦୀପୁ ପିଙ୍ଗୁଆ ଓ କଟକ ସଦର ରଥଗଡ଼ା ସାହିର ଚିରଞ୍ଜୀବ ଉତ୍ତାନ। ସେମାନଙ୍କ ନିକଟରୁ ୭ଟି ଚୋରି ବାଇକ ଜବତ କରିଛି। ଚୌଦ୍ୱାର କଜଳକଣାସ୍ଥିତ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟରତ ଖୁଣ୍ଟୁଣୀ ଅଞ୍ଚଳର ମନୋଜ ବେହେରା ଗତ ୨୦ ତାରିଖରେ କମ୍ପାନୀ କାମରେ ଦେବୀ ନଗରକୁ ଯାଇଥିଲେ। ସେଠାରେ ସେ ବାଇକ୍ ରଖି ଯାଇଥିବାବେଳେ ତାହା ଚୋରି ହୋଇଯାଇଥିଲା। ଏ ନେଇ ସେ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦୬/୨୩) ରୁଜୁ କରିଥିଲା। ଏସ୍‌ଆଇ ନିରଞ୍ଜନ ଭୋଇ ଘଟଣାର ତଦନ୍ତ କରି ଚୌଦ୍ୱାର ମୁଣ୍ଡମାଳ ଛକରୁ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ଏଥିସହ ସେମାନଙ୍କ ନିକଟରୁ ଚୋରି ବାଇକ୍ ସହ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ଆଉ ୬ଟି ବାଇକ୍ ଜବତ କରିଥିଲେ।

ଜାତୀୟ ଡାକ୍ତର ଦିବସ ପାଳିତ

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

କଟକ,୧।୭ (କାର୍ତ୍ତିକ ସାହୁ)

ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଜାତୀୟ ଡାକ୍ତର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଧନେଶ୍ୱର ରଥ ଓ ପଦ୍ମିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ ପାରାମେଡିକାଲ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସର୍ଗୀକୃତ କାର୍ଯ୍ୟଧାରା ପାଇଁ ସେମାନେ ସମାଜ ପାଖରେ ମହାନ୍ ବୋଲି କହିଥିଲେ। ଏହି ଅବସରରେ ଡାକ୍ତରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ହେମନ୍ତ କୁମାର ମିଶ୍ର, ଚନ୍ଦନ ମହାପାତ୍ର, ଦୀପକ ସ୍ୱାଇଁ, ବିପ୍ଳବ ସାରଙ୍ଗଧର ଦାସ, ବନଶ୍ରୀ ପଟ୍ଟନାୟକ, ଦୀପକ ସୂତାର, ଅର୍ପିତା ଆଚାର୍ଯ୍ୟ, ରାଜେଶ ମହାନ୍ତି, ନିରାମୟ ମଢୁଆଳ, ଡା. ପ୍ରିୟଦର୍ଶିନୀ ମହାରଣା, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ପରିବେଶ ସନ୍ତୁଳନ ପାଇଁ ଚାରା ରୋପଣ ଜରୁରୀ

ନ୍ୟାୟ ସଂଗ୍ରହାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ।

କଟକ, ୧।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ବନ ମହୋତ୍ସବ ସପ୍ତାହ

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ), କଟକ ମହାନଗର ନିଗମ(ସିଏମ୍‌ସି) ଓ ନଗର ବନଖଣ୍ଡ ଭୁବନେଶ୍ୱରର ମିଳିତ ଉଦ୍ୟମରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର କଟକସ୍ଥିତ ନ୍ୟାୟ ସଂଗ୍ରହାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇ କହିଥିଲେ, ପରିବେଶ ସନ୍ତୁଳନ ପାଇଁ ସହରରେ ବିଭିନ୍ନ କିସମର ଚାରା ରୋପଣ କରାଯିବ। କଟକ ସହରକୁ ସବୁଜମୟ କରିବା ପାଇଁ ସିଏମ୍‌ସି ଓ ସିଡିଏର ଲକ୍ଷ୍ୟ ରହିଛି। ଜନ ସଚେତନତା ସୃଷ୍ଟି ପାଇଁ ପ୍ରତ୍ୟେକ ଘରେ ଚାରା ଯୋଗାଇ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ କଟକ ସହରରେ ଖାଲି ସ୍ଥାନକୁ ଚିହ୍ନଟ କରାଯାଇ ଆସନ୍ତା ୪ ମାସ ମଧ୍ୟରେ ୧୦ ଲକ୍ଷ ଚାରା ରୋପଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଯାହାଫଳରେ କଟକ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ପରିବେଶର ସୁରକ୍ଷା ଓ ବାୟୁମଣ୍ଡଳର ଉତ୍ତାପକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସେମାନେ କହିଥିଲେ। ଏହି ଅବସରରେ ସଚେତନତା ସୃଷ୍ଟି ପାଇଁ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ଏକାଧିକ ସ୍ଲୋଗାନକୁ ନେଇ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବହୁ ବିଚାରପତି, ଭୁବନେଶ୍ୱର ବନଖଣ୍ଡ ଅଧିକାରୀ, ସିଏମ୍‌ସି ଓ ସିଡିଏର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଡା. ବାସୁଦେବ କର ସ୍ମାରକୀ ବକ୍ତୃତା

କଟକ,୧।୭ (କାର୍ତ୍ତିକ ସାହୁ)

ବିଜ୍ଞାନ ପ୍ରଚାର ସମିତି ପକ୍ଷରୁ ଡା. ବାସୁଦେବ କର ସ୍ମାରକୀ ବକ୍ତୃତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ରାମକୃଷ୍ଣ ମେମୋରିଆଲ ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡା. ସିନ୍ଧୁନନ୍ଦିନୀ ତ୍ରିପାଠୀ ଯୋଗଦେଇ ଯକ୍ଷ୍ମା ରୋଗର କାରଣ, ଚିକିତ୍ସା ଓ ନିରାକରଣ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିସହ ଡା. ବାସୁଦେବ କର ଏକାଧାରରେ ଜଣେ ଡାକ୍ତର, ସାହିତ୍ୟିକ ଓ ସଂସ୍କୃତ ବିଶାରଦ ଥିଲେ ବୋଲି ସେ କହିଥିଲେ। ବିଜ୍ଞାନ ପ୍ରଚାର ସମିତି ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁ ଅଧକ୍ଷତା କରି ଡାକ୍ତର କରଙ୍କ କର୍ମମୟ ଜୀବନ ବର୍ଣ୍ଣନା କରିଥିଲେ। ଡ. ସୁବାସିନୀ ଲେଙ୍କା ସ୍ୱାଗତ ଭାଷଣ, ପ୍ରଫେସର ଭାରତୀ ବେହେରା ଅତିଥି ପରିଚୟ ପ୍ରଦାନ, ଡା. ଦୀପକ ରାଜ ବିବରଣୀ ପାଠ ଓ କବିତା ପାଙ୍ଗଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଡା. କରଙ୍କ ସ୍ତ୍ରୀ ପ୍ରଫେସର ଡା. ହେମଲତା ସ୍ୱାଇଁଙ୍କ ସମେତ ଇଂ. ମାୟାଧର କର, ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ଡ. ଧରଣୀଧର ଜେନା, ଭାଗୀରଥି ସାହୁ, ବସନ୍ତ ମଞ୍ଜରୀ ନନ୍ଦ, ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଡ. ନାରାୟଣ ଚନ୍ଦ୍ର ପାଳ, ଡ. ଚିତ୍ତରଞ୍ଜନ ମିଶ୍ର, ଓମ୍ କର, ଡ. ପଦ୍ମନାଭ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

କଟକ ସଦର,୧।୭ (ସୁଶାନ୍ତ କୁମାର ଜେନା)

୪୨ ମୌଜା ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଶନିବାରଠାରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଯାଇଛି। କଳପଡ଼ା ବଜାରଠାରେ ରାସ୍ତାପାର୍ଶ୍ୱରେ ଥିବା ଦୋକାନ ଓ ବାସଗୃହକୁ ଭଙ୍ଗା ଯାଇଥିଲା। ଏହି ଉଚ୍ଛେଦ କାର୍ଯ୍ୟ ବେଣ୍ଟକାର, ବରାଳ, ଦହିଗାଁ ବଜାରରେ ପର୍ଯ୍ୟାୟକ୍ରମେ କରାଯିବ। ୪୨ ମୌଜା ମୁଖ୍ୟ ରାସ୍ତା ଝିଙ୍କିରିଆ-ଚାନ୍ଦୁଲି ପର୍ଯ୍ୟନ୍ତ ଯାତାୟାତର ସୁବିଧା ପାଇଁ ପ୍ରଶସ୍ତୀକରଣ କରାଯାଉଥିବାରୁ ଜବରଦଖଲ ଉଚ୍ଛେଦର ଆବଶ୍ୟକତା ପଡ଼ିଲା ବୋଲି କଟକ ସଦର ତହସିଲଦାର ମାନସ କୁମାର ଭୋଇ କହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ଉପୁଯିବା ଆଶଙ୍କାରେ ଏସିପି ଚନ୍ଦନ ଘଡ଼େଇ, ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ

ଖୁଣ୍ଟୁଣୀ, ୧।୭ (ସଚ୍ଚିଦାନନ୍ଦ ପଣ୍ଡା)

ପୁନଃ ନିଯୁକ୍ତି ଓ ବକେୟା ଦରମା ପ୍ରଦାନ ଦାବିରେ ଶନିବାର ସକାଳେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ବି.କେ. ଷ୍ଟିଲ କାରଖାନା ମୁଖ୍ୟ ଫାଟକ ଆଗରେ ଆମରଣ ଅନଶନ କରାଯାଇଥିଲା। ହିନ୍ଦ ମଜଦୁର ସଂଘର ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କ ଗହଣରେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ କର୍ମଚାରୀ ସକାଳେ ଅନଶନ ସ୍ଥଳରେ ପହଞ୍ଚି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏପରି କି ସେମାନେ ବି.କେ. ଷ୍ଟିଲ କାରଖାନାର କୌଣସି କର୍ମଚାରୀ ଓ ଅଫିସରଙ୍କୁ କାରଖାନା ଭିତରକୁ ଯିବାକୁ ଦେଇ ନ ଥିଲେ। ଅନଶନ ସ୍ଥଳରେ ଏଚ୍‌ଏମ୍‌ଏସ୍ ଓଡ଼ିଶା ଶାଖା ସମ୍ପାଦକ ବିରଜା କିଙ୍କର ନାୟକ, ଆଠଗଡ଼ ଶାଖା ସମ୍ପାଦକ ଅଶୋକ କୁମାର ରାଉତ, ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ସମ୍ପାଦକ ଗଗନ ବିହାରୀ ପରିଡା, ସୁବ୍ରତ କୁମାର ମହାପାତ୍ର ପ୍ରମୁଖ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ କହିଥିଲେ। ଦାବି ପୂରଣ ନ ହେବା ଯାଏ ଏଠାରେ ଆମରଣ ଅନଶନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଖବରପାଇ ମଧ୍ୟାହ୍ନ ପ୍ରାୟ ସାଢେ ୧ଟାରେ ବି.କେ. ଷ୍ଟିଲ କାରଖାନା ମ୍ୟାନେଜର ସନ୍ଦୀପ ବେହେରା, ଆସିଷ୍ଟାଣ୍ଟ ମ୍ୟାନେଜର ଅମିତ ସ୍ୱାଇକା, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ଗୁରୁଡିଝାଟିଆ ଥାନାଧିକାରୀ ରଞ୍ଜନ କୁମାର ପ

ସଂକ୍ଷେପରେ

ନଦୀରେ ବୁଡ଼ି ମତ୍ସ୍ୟଜୀବୀ ମୃତ

ବାରଙ୍ଗ,୧।୭(ଲିଙ୍ଗରାଜ ରାଉତ)- ଗୋଡ଼ିସାହି ଫାଣ୍ଡି ଅଧୀନ ବିଦ୍ୟାଧରପୁର ଗ୍ରାମ ନିକଟ କାଠଯୋଡ଼ି ନଦୀରେ ବୁଡ଼ି ଶନିବାର ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଦ୍ୟାଧରପୁର ଗ୍ରାମ ଦୋକାନ ସାହିର ପଙ୍କଜ ରାଉତ ଓରଫ ପିଣ୍ଟୁ। ଏନେଇ ପୋଲିସ ୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପିଣ୍ଟୁ ଶୁକ୍ରବାର ସନ୍ଧ୍ୟାରେ କାଠଯୋଡ଼ିକୁ ଡଙ୍ଗା ନେଇ ମାଛ ଧରିବାକୁ ଯାଇଥିଲେ। ଜାଲ ପକାଇବାବେଳେ ଡଙ୍ଗାରୁ ତାଙ୍କ ଗୋଡ଼ ଖସିଯାଇ ଜାଲରେ ଗୁଡ଼ାଇ ହୋଇଯାଇଥିଲା। ଫଳରେ ସେ ଆଉ ଉଠିପାରି ନ ଥିଲେ। ପିଣ୍ଟୁ ଘରକୁ ନ ଫେରିବାରୁ ପରିବାର ଲୋକେ ବାରଙ୍ଗ ଅଗ୍ନିଶମ ଓ ବାରଙ୍ଗ ଥାନାକୁ ଖବର ଦେଇଥିଲେ। ବିଳମ୍ବିତ ରାତିରେ ପାଣି ଭିତରୁ ଅଗ୍ନିଶମ ବାହିନୀ ପିଣ୍ଟୁଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ପିଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ।

ବିଏମସି ଏଷ୍ଟାବ୍ଲିଶମେଣ୍ଟ କର୍ମଚାରୀଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)- ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଏଷ୍ଟାବ୍ଲିଶମେଣ୍ଟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ଏନେଇ ବିଏମସି ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି। ବିଭାଗର ଡେପୁଟେଶନ ଦାୟିତ୍ୱରେ ଥିବା ବରିଷ୍ଠ ସହାୟକ ସନ୍ତୋଷ କୁମାର ରାଉତରାୟ ଡିଭିଜନ ୩ର ମୁଖ୍ୟ ଆକାଉଣ୍ଟାଣ୍ଟ ଭାବେ ମଧ୍ୟ କାର୍ଯ୍ୟ ତୁଲାଇବେ। ସେହିପରି ବିଭାଗର ବରିଷ୍ଠ ସହାୟକ ସୁଧାଂଶୁ ଶେଖର ମାଝିଙ୍କୁ ଡିଭିଜନ ୩ର ଡିଲିଂ ଆସିଷ୍ଟାଣ୍ଟ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜୁନିୟର ଆସିଷ୍ଟାଣ୍ଟ ଦିନେଶ ସିଂହଙ୍କୁ ଆସେମ୍ବଲି ପ୍ରଶ୍ନ ଉତ୍ତର ପରିଚାଳନା ଦାୟିତ୍ୱ ମିଳିଛି। ଟ୍ୟାକ୍ସ କଲେକ୍ଟର ଝରିଆ ସେଠାଙ୍କୁ ବୁଦ୍ଧେଶ୍ୱରୀ କମ୍ୟୁନିଟି ସେଣ୍ଟରର କେୟାର ଟେକର ଭାବେ ଦାୟିତ୍ୱ ମିଳିଛି। ସିଏଲଆର ଆସିଷ୍ଟାଣ୍ଟ ଅଲେଖ ଦାସଙ୍କୁ ୟୁନିଟ ୬ କଲ୍ୟାଣ ମଣ୍ଡପ ଦାୟିତ୍ୱ ଦିଆଯାଇଥିବାବେଳେ ଡିସଇନଫେକ୍ଟର ଲିଙ୍ଗରାଜ ଦୋରାଙ୍କୁ ଚନ୍ଦ୍ରଶେଖରପୁର କଲ୍ୟାଣମଣ୍ଡପର ପରିଚାଳନା ଲାଗି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ବାଗ୍‌ଦେବୀ ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ

ବାଲିପାଟଣା,୧।୭(ଅଭିମନ୍ୟୁ ନାୟକ): ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରର ୩୧ତମ ପ୍ରତିଷ୍ଠା ଦିବସ ବିଦ୍ୟାମନ୍ଦିର ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦର ସ୍ଥାୟୀ ସଭାପତି ଦିଲୀପ କୁମାର ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ପ୍ରାଥମିକ ଶିକ୍ଷା ଶିଶୁଙ୍କ ମୂଳଦୁଆ। ଛାତ୍ରୀଛାତ୍ର ପାଠପଢ଼ାରେ ମନ ଦେବା ସହ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ଲିପିକା ପ୍ରଧାନଙ୍କ ସଭାପତିତ୍ୱରେ ଅଧ୍ୟକ୍ଷା ପବିତ୍ରା ଦାସ, ନିର୍ଦ୍ଦେଶକ ଗଙ୍ଗାଧର ଓଝା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସୁକାନ୍ତି ଷଡ଼ଙ୍ଗୀ, ଗଙ୍ଗାରାଣୀ ମିଶ୍ର, ବନଶ୍ରୀ ରାଉତ, ରଞ୍ଜୁଲତା ସାହୁ, ପୁଷ୍ପାଞ୍ଜଳି ଜେନା, ସବିତା ଲେଙ୍କା, ଜ୍ୟୋତ୍ସ୍ନାରାଣୀ ସାହୁ, ସସ୍ମିତା ପ୍ରଧାନ, କାଳନ୍ଦୀ ଭୋଇ, ମଧୁସ୍ମିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମୁଖ୍ୟ ଅଭିଯୁକ୍ତ ପ୍ରଭାତ ମାର୍ଥା, ସହଯୋଗୀ ଗିରଫ

ଭୁବନେଶ୍ୱର,୧।୭(ସୂର୍ଯ୍ୟକାନ୍ତ ବେହେରା)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ପ୍ରଜାପତି ବିବାହ ମଣ୍ଡପ ସାମ୍ନାରେ କର୍ପୋରେଟର ଶ୍ରୀଧର ଜେନାଙ୍କ ଭାଇ ଶିଖର ଜେନା ଓ ପୁତୁରା ଆଲୋକ ଜେନା ଓରଫ ରିଙ୍କୁଙ୍କୁ ହୋଇଥିବା ଗୁଳିମାଡ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ପ୍ରଭାତ ମାର୍ଥା ଓ ସହଯୋଗୀ ଅମିତ ମାର୍ଥା ଧରାପଡିଛନ୍ତି। ଶନିବାର କଟକ ରୋଡ୍‌ସ୍ଥିତ ସାଇମନ୍ଦିର ନିକଟରେ ପ୍ରଭାତ ଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ ରକି ଉଭୟଙ୍କୁ ଗିରଫ କରିଛି। ଏଥିସହ ସେ ବ୍ୟବହାର କରୁଥିବା ଏକ ଅଡି କାର୍ ମଧ୍ୟ ଜବତ କରିଛି ପୋଲିସ। ପଚରାଉଚରା ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ପ୍ରଭାତ ଗତ ପୌର ନିର୍ବାଚନରେ ଭାଜପାର କର୍ପୋରେଟର ପ୍ରାର୍ଥୀ ଥିଲେ। ତାଙ୍କ ନାମରେ ପୂର୍ବରୁ ୩ଟି ମାମଲା ଥିବା ପୋଲିସ ଜାଣିବାକୁ ପାଇଛି। ତେବେ ପ୍ରଭାତ ଗିରଫ ହେବା ପରେ ଗୁଳିମାଡ଼ ଘଟଣାର ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ପୋଲିସ ପ୍ରଭାତଙ୍କ ପିଏସ୍‌ଓ ଓ ଅନ୍ୟ ଜଣଙ୍କୁ ଘଟଣାସ୍ଥଳରୁ ଧରିନେଇ ପଚରାଉଚରା ପରେ ଗିରଫ କରିଥିଲା। ସେହିପରି ପୋଲିସ ଗୋଟିଏ ରିଭଲଭର୍, ଗୋଟିଏ ଦେଶୀ ବନ୍ଧୁକ, ୮ ରାଉଣ୍ଡ ଜୀବନ୍ତ ଗୁଳି ଓ ୯ଟି ଖୋକା ଖୋଳତାଡ଼ ଜାରି ରଖିଛି।

ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୧୦ଟା ୪୦ରେ ପ୍ରଜାପତି ମଣ୍ଡପ ନିକଟରେ ଯାଉଥିବାବେଳେ ପ୍ରଭାତ ମାର୍ଥା ଓରଫ ଗୁଲ ମାର୍ଥାଙ୍କ ଗାଡି ଓ କର୍ପୋରେଟର ଶ୍ରୀଧରଙ୍କ ବଡ ପୁତୁରା ଦୀପକ ଜେନାଙ୍କ ଗାଡି ମୁହାଁମୁହିଁ ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଘଟିଥିଲା। ଖବର ପାଇ ପ୍ରଭାତଙ୍କ ସହଯୋଗୀ ଓ ଦୀପକଙ୍କ ଦାଦା ଶ୍ରୀଧର, ବାପା ଶିଖର ଓ ସାନଭାଇ ଆଲୋକ ସେଠାରେ ପହଞ୍ଚିବାରୁ ଗୋଷ୍ଠୀ ସଂଘର୍ଷ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉଭୟ ପକ୍ଷରୁ ୧୨ରୁ ଊର୍ଦ୍ଧ୍ୱ ଗୁଳି ଫୁଟିଥିଲା। ପ୍ରଭାତ ଓ ସହଯୋଗୀଙ୍କ ବନ୍ଧୁକରୁ ଦୁଇଟି ଗୁଳି ଶିଖରଙ୍କ ବାମଗୋଡ଼ ଓ ଆଉ ଏକ ଗୁଳି ଆଲୋକଙ୍କ ଗୋଡ଼ରେ ବାଜିଥିଲା। ସେହିଭଳି ଗୁଳିମାଡ଼ରେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିଲେ। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ପୃଥକ ମାମଲା ରୁଜୁ କରି ପଦକ୍ଷେପ ନେଉଛି। ତେବେ ଏହି ଦୁଇ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପ୍ରତୀକ ସିଂ ଖବରତାଦା ସମ୍ମିଳନୀରେ କହିଛନ୍ତି।

ବିଜେଡି କର୍ପୋରେଟରଙ୍କ ଭାଇ, ପୁତୁରାଙ୍କୁ ଗୁଳିମାଡ଼ ଘଟଣା

ବନ୍ଦେ ମାତରମ୍ ପକ୍ଷରୁ ଭୁବନେଶ୍ୱର କଳ୍ପନା ପାଣିଟାଙ୍କି ବସ୍ତିରେ ଅଭିନବ ଭାବେ ଡେଙ୍ଗୁ ସଚେତନତା ସୃଷ୍ଟି କରାଯାଉଛି। (ଫଟୋ– ବିକାଶ)

ଦିନକରେ ୭ ଶହରୁ ଊର୍ଦ୍ଧ୍ୱ ମଶା ଉତ୍ପତ୍ତି ସ୍ଥଳ ନଷ୍ଟ

ଭୁବନେଶ୍ୱର, ୧।୭ (ବନ୍ଦନା ସେଠୀ)

ଡ୍ରାଏ ଡେ' ପାଳନ ଉପରେ ବିଏମ୍‌ସିର ଗୁରୁତ୍ୱ

ରାଜଧାନୀରେ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ଇତିମଧ୍ୟରେ ସହରରୁ ୯୨ଜଣ ଆକ୍ରାନ୍ତ ହେବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚିନ୍ତା ବଢ଼ିଛି। ବୈଠକ ପରେ ଗୁରୁବାରଠାରୁ ଡେଙ୍ଗୁ ଦମନ ଅଭିଯାନ ଆରମ୍ଭ ହୋଇଛି। ଶନିବାର ଗୋଷ୍ଠୀ ସହଭାଗିତାରେ ବିଏମ୍‌ସିର ୩ ଜୋନ୍‌ର ସମସ୍ତ ୱାର୍ଡରେ 'ଡ୍ରାଏ ଡେ' ପାଳନ କରାଯାଇଛି। ଜୋନ୍‌ସ୍ତରରେ ଜୋନାଲ ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନରେ ଆସିଷ୍ଟାଣ୍ଟ କମିଶନର, ୱାର୍ଡ ଅଫିସର, ସାନିଟାରି ଇନ୍ସପେକ୍ଟର, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଆଣ୍ଟିଲାର୍ଭା ୱାର୍କର, ଆବାସିକ ସଂଗଠନ ଇତ୍ୟାଦି ନିଜ ୱାର୍ଡର ବିଭିନ୍ନ ସ୍ଥାନକୁ ଯାଇ ଡେଙ୍ଗୁ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଘରଘର ବୁଲି ଡେଙ୍ଗୁ ସଚେତନ ବାର୍ତ୍ତା ଦେଇଥିଲେ। ଜୋନ୍ ଅନୁସାରେ ସମ୍ବେଦନଶୀଳ ସ୍ଥାନକୁ ଗୁରୁତ୍ୱ ଦିଆଯାଇ ସେଠାରେ ମଶା ଉତ୍ପତ୍ତିସ୍ଥଳ କିପରି ରହିଛି ତାହାର ସ୍ଥିତି ଆକଳନ କରାଯାଇଥିଲା। ଟିମ୍ ବିଏମ୍‌ସି ବିଭିନ୍ନ ଅଞ୍ଚଳ ବୁଲି ସେଠାରେ ଫୁଲକୁଣ୍ଡ, ପାତ୍ର, ଖୋଳ, ନଳା ଗାତ, ଅବ୍ୟବହୃତ କୁଣ୍ଡ ଇତ୍ୟାଦି ମଶା ଉତ୍ପତ୍ତି ସ୍ଥଳଗୁଡିକୁ (ସୋର୍ସ ରିଡକ୍ସନ)କୁ ନଷ୍ଟ କରାଯାଇଥିଲା। ଏହି ଅଭିଯାନରେ ୭ ଶହରୁ ଅଧିକ ମଶା ଉତ୍ପତ୍ତିସ୍ଥଳ ଠାବ କରାଯାଇ ନଷ୍ଟ କରାଯାଇଥିଲା। ଏଥିସହ ମଶାମରା ତେଲ ସିଞ୍ଚନ କରାଯାଇଥିଲା। ଦକ୍ଷିଣ– ପଶ୍ଚିମ ଜୋନ୍‌ର ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ, ଦକ୍ଷିଣ– ପୂର୍ବ ଜୋନର ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ ଏବଂ ଉତ୍ତର ଜୋନର ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ନିଜ ଅଞ୍ଚଳର ବିଭିନ୍ନ ପାର୍କ ଓ ଅନୁଷ୍ଠାନ ବୁଲିଥିଲେ।

ଦାରୁଠେଙ୍ଗରେ ହାତୀ ଆତଙ୍କ



ଭୁବନେଶ୍ୱର,୧।୭(ଅଭିଜିତ ଦାସ)

ଶନିବାର ସନ୍ଧ୍ୟାରେ ଭରତପୁର ଜଙ୍ଗଲରୁ ଏକ ଦନ୍ତାହାତୀ ଦାରୁଠେଙ୍ଗ ଅଞ୍ଚଳର ଶ୍ୟାମସୁନ୍ଦରପୁର ମୌଜା ଓ ଏହାର ଥିବା ଆଖପାଖ ଗ୍ରାମାଞ୍ଚଳରେ ପଶିଛି। ଏନେଇ ସ୍ଥାନୀୟ ବାସିନ୍ଦା ମଧ୍ୟରେ ଭୟ ଦେଖାଯାଇଛି। ଲୋକ ମାନେ ଟର୍ଚ୍ଚ, ଟାୟାରରେ ନିଆଁ ଲଗାଇ ଘଉଡାଇଥିଲେ ମଧ୍ୟ ହାତୀଟି ସ୍ଥାନୀୟ ଅଞ୍ଚଳରେ ଅନେକ କ୍ଷୟକ୍ଷତି କରିଛି। ଲୋକଙ୍କ ଘରର ପନିପରିବା ଖାଇ ନଷ୍ଟ କରିବା ସହ ଘରର ପାଚେରି ମଧ୍ୟ ଭାଙ୍ଗି ଦେଇଛି। ଲୋକମାନେ ଏସମ୍ପର୍କରେ ବନ କର୍ମଚାରୀଙ୍କୁ ସୂଚନା ଦେଇଥିଲେ ମଧ୍ୟ ବିଳମ୍ବିତ ରାତି ଯାଏଁ କୌଣସି କର୍ମଚାରୀ ଆସିନଥିବା ଗ୍ରାମବାସୀ ଜଣାଇଛନ୍ତି। ତେବେ ଶିଖରଚଣ୍ଡୀ ପାହାଡ ବଞ୍ଚାଓ କମିଟି ସଦସ୍ୟ ସଚିନ ମହାପାତ୍ରଙ୍କ କହିବା ଅନୁଯାୟୀ ଶିଖରଚଣ୍ଡୀ ପାହାଡ କାଟି ଦେବା ଫଳରେ ହାତୀ ମାନେ ଜନବସତି ମୁହାଁ ହେଉଛନ୍ତି। ହାତୀ ରାଜଧାନୀକୁ ଆସିବା ପ୍ରଥମ କଥା ନୁହଁ। ଏମିତି ଅନେକ ଘଟଣା ଘଟିଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ବାଙ୍କୀ କଳାପାଟଠାରେ ଫସିଛି ହାତୀ

ବାଙ୍କୀ,୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଭେଡ଼ା ରାମଚନ୍ଦ୍ରପୁର ଗ୍ରାମ ମହାନଦୀ ନିକଟସ୍ଥ କଳାପାଟଠାରେ ଏକ ଜଙ୍ଗଲୀ ହାତୀ ଶନିବାର ଫସି ରହି ଯାଇଛି। ଫଳରେ ବାଙ୍କୀ ଭାୟା ରାମଚନ୍ଦ୍ରପୁର ଦେଇ ବୈଦ୍ୟେଶ୍ୱର ରାସ୍ତାରେ ଜନସାଧାରଣ ଯିବାଆସିବା କରିବା ପାଇଁ ରାସ୍ତାରେ ଭୟ କରିବା ସହ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ଏବଂ ରେଞ୍ଜର ଜୟକୃଷ୍ଣ ପଣ୍ଡା ତାଙ୍କ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହାତୀଟି ନଦୀପାର ହୋଇ ବାଙ୍ଗରିସିଂହା ପଟକୁ ଯାଇଥିଲା। ହେଲେ ସେପଟେ ଲୋକଙ୍କୁ ଦେଖି ପୁଣି ନଦୀପାର ହୋଇ ଭେଡ଼ା ରାମଚନ୍ଦ୍ରପୁର ପଟକୁ ପଳାଇ ଆସିଥିଲା। ଫଳରେ ସନ୍ଧ୍ୟାବେଳେ ଖବର ପାଇ ବାଙ୍କୀ ପୋଲିସ, ଦମକଳ ବାହିନୀ ସେଠାକୁ ଯାଇ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ରାତି ହୋଇଯାଇଥିବାରୁ ହାତୀଟି ଯାଇ ନ ପାରି ଚନ୍ଦ୍ରପା ନାଳ ନିକଟସ୍ଥ କଳାପାଟଠାରେ ଫସି ରହିଛି। ବାଙ୍କୀ ଓ ବୈଦ୍ୟେଶ୍ୱର ବନ ବିଭାଗ ହାତୀକୁ ଜଗି ରହିଛନ୍ତି।

ବର୍ଜ୍ୟବସ୍ତୁ ପରିଚାଳନା ନିୟମ ମାନୁ ନାହାନ୍ତି ଆପାର୍ଟମେଣ୍ଟ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୧।୭ (ବନ୍ଦନା ସେଠୀ)

ରଘୁନାଥପୁରସ୍ଥିତ ଏକ ଆପାର୍ଟମେଣ୍ଟ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଆପାର୍ଟମେଣ୍ଟର ବର୍ଜ୍ୟବସ୍ତୁ ଏବଂ ମଇଳା ଜଳ ଦୀର୍ଘ ଦିନ ଧରି ରାସ୍ତାରେ ଜମି ରହୁଥିଲେ ହେଁ ଏହାର ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ। ଏପରି କି ଅସରାଏ ବର୍ଷା ହେଲେ ସ୍ଥାନୀୟ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡୁଛି। ଫଳରେ ସେହିବାଟ ଦେଇ ଯିବାଆସିବା ମଧ୍ୟ କଷ୍ଟକର ହୋଇପଡୁଛି।

ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ଥିବା ଏକ ନିର୍ଦ୍ଦିଷ୍ଟ ଆପାର୍ଟମେଣ୍ଟରେ ୩ ହଜାରରୁ ଅଧିକ ଲୋକ ରହୁଛନ୍ତି। କିନ୍ତୁ ଏଠାରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଦୃଷ୍ଟି ଦିଆଯାଉନାହିଁ। ଏହାର ସ୍ପେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡ଼ି ରହିଛି। ଏହାକୁ ମରାମତି ନ କରି ଆପାର୍ଟମେଣ୍ଟ କର୍ତ୍ତୃପକ୍ଷ ତରଳ ବର୍ଜ୍ୟ ସହ କଠିନ ବର୍ଜ୍ୟକୁ ବର୍ଷାଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ପିଡବ୍ଲ୍ୟୁଡି ଡ୍ରେନ୍‌ରେ ଛାଡୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, ଆପାର୍ଟମେଣ୍ଟଗୁଡ଼ିକ ନିଜସ୍ୱ ବର୍ଜ୍ୟବସ୍ତୁ ପରିଚାଳନା କରିବା କଥା। ମାତ୍ର ଏଠାରେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଫଳରେ ଡ୍ରେନ୍ ଜାମ ହେବା ସହ ରାସ୍ତାଘାଟରେ ଅପରିଷ୍କାର ପାଣି ଲହଡ଼ି ମାରୁଛି। ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଆପାର୍ଟମେଣ୍ଟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କେଣସି ସୁଫଳ ମିଳିନାହିଁ। ଆପାର୍ଟମେଣ୍ଟର ସେକ୍ରେଟାରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ଅଭିଯୋଗକାରୀଙ୍କୁ ନାଲି ଆଖି ଦେଖାଉଥିବା ଅଭିଯୋଗ ହେଉଛି। ଏହି ବର୍ଜ୍ୟଜଳ ଆପାର୍ଟମେଣ୍ଟଠାରୁ କିଛି ଦୂରରେ ଥିବା ଏକ ନାମୀ ଗହଣା ଶୋ'ରୁମ ଆଗରେ ଜମି ରହୁଛି। ଫଳରେ ଲୋକେ ଶୋ' ରୁମ ଭିତରକୁ ଯିବା ଆସିବା କରିବା ପାଇଁ ଘୃଣା କରୁଛନ୍ତି। ସେହିପରି ଆପାର୍ଟମେଣ୍ଟର ଏହି ନର୍ଦ୍ଦମା ପାଣି ରଘୁନାଥପୁର ଗାଁ ଭିତରକୁ ପଶି ଯାଉଛି। ସେଥିପାଇଁ ଗ୍ରାମବାସୀ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଦାବି ହେଉଛି।

ଦ୍ୱାରକା ଜୁଏଲର୍ସ ବିରୋଧରେ ସିବିଆଇର ଏତଲା

ଭୁବନେଶ୍ୱର,୧।୭(ସୂର୍ଯ୍ୟକାନ୍ତ ବେହେରା)

ବ୍ୟାଙ୍କରୁ ଋଣ ନେବା ଘଟଣା

ନକଲି ସମ୍ପତ୍ତିର ଦଲିଲ ଦାଖଲ କରି ଇଣ୍ଡିଆନ ବ୍ୟାଙ୍କରୁ ଋଣ ନେଇ ଠକିଥିବା ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଦ୍ୱାରକା ଜୁଏଲର୍ସ ଏବଂ ଏହାର ସହଯୋଗୀଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ଏଫ୍‌ଆଇଆର ଦାଖଲ କରିଛି। ଏହାସହ କଟକ ରୋଡରେ ଥିବା ପ୍ଲଟ ନମ୍ବର ୧୪/୩୭୪୭ ରେ ଦ୍ୱାରକା ବିଲଡର୍ସ ସଂସ୍ଥାର ମାଲିକଙ୍କ ଘରେ ଚଢାଉ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି ।

ସୂଚନାନୁସାରେ ଗତ ଫେବୃୟାରୀ ୯ତାରିଖରେ ଶହୀଦନଗର ବ୍ୟାଙ୍କ ଶାଖାର ଜୋନାଲ ମ୍ୟାନେଜର ଶଙ୍କର ରାଜୁ ନୂଆଦିଲ୍ଲୀସ୍ଥିତ ସିବିଆଇରେ ଦ୍ୱାରକା ଜୁଏଲର୍ସ ଓ ତାଙ୍କ ପାର୍ଟନରଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ଉକ୍ତ ଅଭିଯୋଗର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଭୁବନେଶ୍ୱର ସିବିଆଇ ଏସିବିକୁ ନିର୍ଦ୍ଦେଶ ହୋଇଥିଲା। ତଦନ୍ତ ସମୟରେ ଦ୍ୱାରକା ନାଥ ପାତ୍ରୋ , ପୁଷ୍ପଞ୍ଜଳି ପାତ୍ରୋ , ଉମା ଶଙ୍କର ପାତ୍ରୋ, ସୁଭଶ୍ରୀ ପାତ୍ରୋ, ଗ୍ୟାରେଣ୍ଟର୍ ବିଲକିଶ ପାତ୍ରୋ ଏବଂ ଅନ୍ୟମାନେ ତତ୍କାଳୀନ ଆଲ୍ଲାହାବାଦ ବ୍ୟାଙ୍କ(ବର୍ତ୍ତମାନ ଇଣ୍ଡିଆନ ବ୍ୟାଙ୍କ)ରୁ ବ୍ୟବସାୟିକ ଉଦ୍ଦେଶ୍ୟରେ ୨୦୧୩ ରେ ୬ କୋଟି ଟଙ୍କା ଋଣ ନେଇଥିଲେ। ସୁନା, ରୁପା, ମୂଲ୍ୟବାନ ପଥର, ଏବଂ ହୀରା ଅଳଙ୍କାର ଆଦିରେ କାରବାର କରିବା ଉଦ୍ଦେଶ୍ୟରେ ଏହି ଋଣ ନେଇଥିଲେ । କିନ୍ତୁ ପରେ ଦାଖଲ ହୋଇଥିବା ସମ୍ପତ୍ତିର ଦଲିଲ ଜାଲିଆତି ବୋଲି ଜଣାପଡ଼ିଥିଲା। ଦ୍ୱାରକା ଜୁଏଲର୍ସ ୨୦୦୧ରେ ପ୍ରତିଷ୍ଠିତ ଏକ ସହଭାଗୀତା ସଂସ୍ଥା ଥିଲା ଏବଂ ଏହା ୨୦୨୦ ରେ ଏକ ଅନାଦାୟ ଋଣ(ଏନ୍‌ପିଏ)ରେ ପରିଣତ ହୋଇଥିଲା। ଏହି ସଂସ୍ଥା ଉମା ଶଙ୍କର ପାତ୍ରୋ ଏବଂ ଜିଡିଏସ୍ ବିଲଡର୍ସଙ୍କୁ ବିଭିନ୍ନ କାରବାର ମାଧ୍ୟମରେ ୩.୫୫କୋଟି ଟଙ୍କା ଟ୍ରାନ୍ସଫର କରିଥିଲା, ଯାହା ପାଣ୍ଠିର ବିନିଯୋଗ କରିଥିଲା। ସିବିଆଇ କହିଛି ଯେ, ଅଂଶୀଦାରମାନେ ଏହ

ଚିକିତ୍ସାଳୟରେ ଅବ୍ୟବସ୍ଥା: ପ୍ରତିବାଦରେ ଗଣଧାରଣା

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି। ଏଥିସହ ରୋଗୀମାନଙ୍କ ଚିକିତ୍ସାରେ ଡାକ୍ତରମାନେ ଉଦାସୀନତା ମନୋଭାବ ପ୍ରତିପୋଷଣ କରୁଥିବା ଅଭିଯୋଗ କରି ପ୍ରତିବାଦ କରାଯାଇଛି। ଏନେଇ ଢଙ୍ଗରର ସାମାଜିକ କର୍ମୀ ଅଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଗଣଧାରଣ ଦିଆଯାଇଛି। ଚିକିତ୍ସାଳୟର ସମସ୍ୟାଗୁଡିକ ସମାଧାନ ନହେବା ପର୍ଯ୍ୟନ୍ତ ଏହି ଗଣଧାରଣା ଜାରି ରହିବ ବୋଲି ପଣ୍ଡା ପ୍ରକାଶ କରିଛନ୍ତି।

ଆଜି କ'ଣ କେଉଁଠି

କଟକ

- ଡମ୍ବରୁ ପକ୍ଷରୁ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା, ଶହୀଦ ଭବନ, ପୂର୍ବାହ୍ନ ୧୧ ଟା।
- ବିଚାର ବିଭାଗୀୟ ଅଧିକାରୀଙ୍କ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ, ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୪୫।
- ବିଶିଷ୍ଟ ରାଜନେତା ସ୍ୱର୍ଗତ ଦେବୀ ରାୟଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ, ଓସିଏ ସମ୍ମିଳନୀ କକ୍ଷ, ବାରବାଟୀ ଷ୍ଟାଡ଼ିୟମ୍, ସନ୍ଧ୍ୟା ୬ଟା।

ସଂକ୍ଷେପରେ

ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,୧।୭(ଅଶୋକ କୁମାର ମହାପାତ୍ର): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ କୁଳଗାଁ ଇଶାଳୋ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମନୁଆ ବେହେରା। ଗ୍ରାମର ନୃସିଂହ ବେହେରାଙ୍କ ପରିବାରରେ କଳହ ସୃଷ୍ଟି ହୋଇଥିଲା। ଏଥିରେ ମାନସିକସ୍ତରରେ ଆଘାତ ପାଇ ତାଙ୍କ ବିବାହିତ ପୁତ୍ର ମନୁଆ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏହାକୁ ନେଇ ସାଧାରଣରେ ଶୋକର ଛାୟା ଖେଳିଯାଇଛି।

ପୁରୀରେ ରଥ ଟାଣି ସଂଜ୍ଞାହୀନ ହୋଇଥିବା ବ୍ୟକ୍ତିଙ୍କ ମୃତ୍ୟୁ

ସାଲେପୁର,୧।୭ (ଅରବିନ୍ଦ ଭୂୟାଁ): ବାହୁଡ଼ାରେ ଶ୍ରୀକ୍ଷେତ୍ର ପୁରୀକୁ ରଥ ଟାଣିବାକୁ ଯାଇ ଶ୍ୱାସରୁଦ୍ଧ ହୋଇଥିବା ସାଲେପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ନିର ସାମଲ (୫୧)। ସେ ୨/୩ଜଣ ସାଙ୍ଗଙ୍କ ସହ ପୁରୀ ଯାଇଥିଲେ। ମହାପ୍ରଭୁଙ୍କ ରଥ ଟାଣୁଥିବାବେଳେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଥିଲେ। ପ୍ରଥମେ ତାଙ୍କୁ ପୁରୀ ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନିର ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ଥିଲେ। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଛି।

ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଆଠଗଡ଼,୧।୭(ସତ୍ୟ ପ୍ରସାଦ ରଥ): ଆଠଗଡ଼ ଥାନା ଅନ୍ତର୍ଗତ ଧାଲପୁର ପଞ୍ଚାୟତ କଇଥଛକଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଅନ୍ତର୍ଗତ କନ୍ଧବେରେଣୀ ଗ୍ରାମର ଗୋଲଖ ବିହାରୀ ସାହୁଙ୍କ ପୁଅ ଅଜୟ ସାହୁ। ଗୁରୁତର ହେଲେ ଡ୍ରାଇଭର ଡ୍ରାଇଭର ଅକ୍ଷୟ ସାହୁ। ଗୋଲଖଙ୍କ ଦେହ ଅସୁସ୍ଥ ଥିଲା। ତେଣୁ ଭଣଜା ଅଶୋକ ସାହୁ ତାଙ୍କୁ ଏକ ଆମ୍ବୁଲାନ୍ସରେ ଭୁବନେଶ୍ୱର ନେଉଥିଲେ। ଆମ୍ବୁଲାନ୍ସ ପଛରେ ଅନ୍ୟ ଏକ ମାରୁତି ଗାଡ଼ି (ଓଡି-୩୪-୮୮୬୪)ରେ ତାଙ୍କ ପୁଅ ଅଜୟ ସାହୁ, ବାବୁଲି ସାହୁ ଓ ଡ୍ରାଇଭର ଅକ୍ଷୟ ସାହୁ ଯାଉଥିଲେ। କଇଥଛକଠାରେ ଏକ ଅଜଣା ଗାଡ଼ି ହଠାତ୍ ମାରୁତିକୁ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭର ଅକ୍ଷୟ ଏବଂ ଗୋଲଖଙ୍କ ପୁଅ ଅଜୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଅଜୟଙ୍କୁ ମୃତ ଘୋଷଣା କରିଥିଲେ। ପରେ ଆଠଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁତର ଡ୍ରାଇଭର ଅକ୍ଷୟଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆଠଗଡ଼ ପୋଲିସ ଏକ ମାମଲା ନଂ.୧୩୫/୨୩ ରୁଜୁ କରି ତଦନ୍ତ ଜାରି ରଖିଛି।

୯ ବର୍ଷ ପରେ ମହାରାଷ୍ଟ୍ରରୁ ବାପା ଗିରଫ

୩ ବର୍ଷର ଶିଶୁକନ୍ୟାଙ୍କୁ ହତ୍ୟା ଘଟଣା

■ ୨୦୧୩ରେ ନଦୀକୁ ଫିଙ୍ଗି ଦେଇଥିଲେ

କଟକ,୧।୭ (କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ ୧୦ ବର୍ଷ ତଳେ ଘଟିଥିବା ଏକ ହତ୍ୟା ମାମଲାର ଅଭିଯୁକ୍ତ ପ୍ରଶାନ୍ତ ସାହାଣୀଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କୁ ମହାରାଷ୍ଟ୍ରର ଥାନେ ଅନ୍ତର୍ଗତ ମୁରବାଦରୁ ଧରି ଶନିବାର ସନ୍ଧ୍ୟାରେ କଟକରେ ପହଞ୍ଚିଛି। ଅଭିଯୁକ୍ତଙ୍କୁ ଆନନ୍ଦପୁର ଏସ୍‌ଡିଜେଏମ୍ କୋର୍ଟରେ ରବିବାର ହାଜର କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତ ଜଣକ ଘରୋଇ କଳିରୁ ନିଜ ୩ ବର୍ଷର ଶିଶୁକନ୍ୟାକୁ ୨୦୧୩ ଅଗଷ୍ଟ ୧୮ରେ ବୈତରଣୀ ନଦୀକୁ ଫିଙ୍ଗି ହତ୍ୟା କରିଥିଲେ। ଏ ନେଇ ପ୍ରଶାନ୍ତଙ୍କ ସ୍ତ୍ରୀ ପୂଜା ସାହାଣୀ ଆନନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୫/୨୦୧୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା ଯେ, ପ୍ରଶାନ୍ତ ୨୦୧୦ରେ ପୂଜାଙ୍କୁ ବିବାହ କରିଥିଲେ। ପରେ ଦୁହେଁ ମହାରାଷ୍ଟ୍ରର ଥାନେ ଅଞ୍ଚଳରେ ରହୁଥିଲେ। ପ୍ରଶାନ୍ତ ସେଠାରେ ଏକ ଘରୋଇ କାରଖାନାରେ ଫାୟାରମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ଥାନେ ରହଣି ସମୟରେ ଉଭୟଙ୍କ ମଧ୍ୟରେ ଘରୋଇ କଳି ତୀବ୍ର ରୂପ ଧାରଣ କରିଥିଲା। ୨୦୧୧ରେ ପୂଜା ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ କେନ୍ଦୁଝର ଜିଲା ଫକୀରପୁରସ୍ଥିତ ଘରକୁ ଆସିଥିଲେ। ୨୦୧୩ ଅଗଷ୍ଟ ୧୮ରେ ଉଭୟଙ୍କ ମଧ୍ୟରେ ଖୁବ୍ ଜୋର୍‌ରେ ବାକ୍‌ବିତଣ୍ଡା ଲାଗିଥିଲା। ପ୍ରଶାନ୍ତ ଉତ୍କ୍ଷିପ୍ତ ହୋଇ ତାଙ୍କ ଝିଅକୁ ସାଇକେଲରେ ବସାଇ ନେଇ ବୈତରଣୀ ନଦୀ ଭିତରକୁ ଫିଙ୍ଗି ଦେଇଥିଲେ। ଏହାପରେ ସେ ଫେରାର ହୋଇଯାଇଥିଲେ। ଗିରଫଦାରିରୁ ବର୍ତ୍ତିବା ପାଇଁ ବିଭିନ୍ନ ଅଞ୍ଚଳ ଘୂରି ବୁଲିବା ସହ ବାରମ୍ବାର ନିଜର ମୋବାଇଲ ନମ୍ବର ବଦଳାଉଥିଲେ। ପ୍ରାଥମିକ ଅବସ୍ଥାରେ ଆନନ୍ଦପୁର ପୋଲିସ ଦ୍ୱାରା ଘଟଣାର ତଦନ୍ତ କରାଯାଉଥିଲା। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ନିଷ୍କ୍ରିୟତା ପ୍ରଦର୍ଶନ କରୁଥିବା ନେଇ ଅଭିଯୋଗକାରୀ ପୂଜା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ପ୍ରାର୍ଥନା କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୨୦୧୪ ଅଗଷ୍ଟ ୨୮ରେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତଭାର ହାତକୁ ନେଇଥିଲା। କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଦଳ ବିଳାସପୁର, ରାୟପୁର, ଥାନେ, କୋରେଗାଓଁ ଭୀମା, ସିକ୍ରାପୁର, ରଞ୍ଜନଗାଓଁ ଆଦି ସ୍ଥାନରେ ଚଢ଼ାଉ କରିଥିଲା। ହେଲେ ଅଭିଯୁକ୍ତଙ୍କୁ ଧରିବା ସମ୍ଭବ ହୋଇପାରୁ ନ ଥିଲା। ହେଲେ କ୍ରାଇମବ୍ରାଞ୍ଚର ଏକ ଦଳ ଗତ ୧୦ ବର୍ଷ ଧରି ଅଭିଯୁକ୍ତଙ୍କୁ ଠାବ କରିବା ପାଇଁ ଅନବରତ ଟ୍ରାକିଂ ଚଳାଇଥିଲା। ତେବେ ମହାରାଷ୍ଟ୍ରର ମୁରବାଦଠାରେ ଅଭିଯୁକ୍ତ ରହିଥିବା ନେଇ ଏକ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ କ୍ରାଇମବ୍ରାଞ୍ଚ ଦଳ ଗତ ୨୮ ତାରିଖରେ କଟକରୁ ମହାରାଷ୍ଟ୍ର ଅଭିମୁଖେ ଯାତ୍ରା କରିଥିଲା। ୨୯ ତାରିଖରେ ଅଭିଯୁକ୍ତଙ୍କୁ କାବୁ କରି କଟକ ଆଣିଥିଲା। କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ମାରାଥନ ଜେରା ପରେ ଅଭିଯୁକ୍ତ ଜଣଙ୍କ ନିଜ ଦୋଷ ସ୍ୱୀକାର କରିଥିବା ଜଣାଯାଇଛି।

ମଣିପୁରରେ ଶାନ୍ତି ଓ ସଦ୍‌ଭାବନା ସ୍ଥାପନ ନିବେଦନ କରି ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ଶନିବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣସତ୍ୟାଗ୍ରହ।

ବାଙ୍କୀରେ ହାତୀ ଆତଙ୍କ, କଳାପାଟଠାରେ ଫସି ରହିଛି

କଳାପାଟଠାରେ ଫସି ରହିଥିବା ହାତୀ।

ବାଙ୍କୀ,୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଭେଡ଼ା ରାମଚନ୍ଦ୍ରପୁର ଗ୍ରାମ ମହାନଦୀ ନିକଟସ୍ଥ କଳାପାଟଠାରେ ଏକ ଜଙ୍ଗଲୀ ହାତୀ ଶନିବାର ଫସି ରହି ଯାଇଛି। ଫଳରେ ବାଙ୍କୀ ଭାୟା ରାମଚନ୍ଦ୍ରପୁର ଦେଇ ବୈଦ୍ୟେଶ୍ୱର ରାସ୍ତାରେ ଜନସାଧାରଣ ଯିବାଆସିବା କରିବା ପାଇଁ ରାସ୍ତାରେ ଭୟ କରିବା ସହ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ହାତୀଟି ନୟାଗଡ଼ପଟୁ କଳାପଥର ଦେଇ କୁରୁମ ଅନୁଆରୀ ପଞ୍ଚାୟତ ଅନ୍ତର୍ଗତ କୁରୁମଗ୍ରାମର ମହାନଦୀ କୂଳରେ ଦେଖି ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ। ଶନିବାର ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ଏବଂ ରେଞ୍ଜର ଜୟକୃଷ୍ଣ ପଣ୍ଡା ତାଙ୍କ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହାତୀଟି ନଦୀପାର ହୋଇ ବାଙ୍ଗରିସିଂହା ପଟକୁ ଯାଇଥିଲା। ହେଲେ ସେପଟେ ଲୋକଙ୍କୁ ଦେଖି ପୁଣି ନଦୀପାର ହୋଇ ଭେଡ଼ା ରାମଚନ୍ଦ୍ରପୁର ପଟକୁ ପଳାଇ ଆସିଥିଲା। ଫଳରେ ସନ୍ଧ୍ୟାବେଳେ ଖବର ପାଇ ବାଙ୍କୀ ପୋଲିସ, ଦମକଳ ସେଠାକୁ ଯାଇ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ରାତି ହୋଇଯାଇଥିବାରୁ ହାତୀଟି ଯାଇ ନ ପାରି ଚନ୍ଦ୍ରପା ନାଳ ନିକଟସ୍ଥ କଳାପାଟଠାରେ ଫସି ରହିଛି। ଘଟଣାସ୍ଥଳରେ ବାଙ୍କୀ ବନ ବିଭାଗ, ବୈଦ୍ୟେଶ୍ୱର ବନ ବିଭାଗ ହାତୀକୁ ଜଗି ରହିଛନ୍ତି।

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା

ମା'ବ୍ରହ୍ମେଇଙ୍କ ପୀଠର ବରଗଛରୁ ଝୁଲନ୍ତା ମୃତଦେହ ମିଳିବା ଘଟଣା

ବାଙ୍କୀ,୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଅନୀଲ୍ ବେହେରାଙ୍କୁ ଗତ ୧୭।୬।୨୩ରେ କେତେଜଣ ଦୁର୍ବୃତ୍ତ ହତ୍ୟା କରି ମା'ବ୍ରହ୍ମେଇଙ୍କ ପୀଠର ବରଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବାଙ୍କୀ ଥାନାରେ ମାମଲା (ନଂ.୨୧୪/୨୩) ରୁଜୁ କରାଯାଇଛି। ଏପର୍ଯ୍ୟନ୍ତ ଏହି ମାମଲାରେ କାହାରିକୁ ଗିରଫ କରାଯାଇନାହିଁ। ଏହାର ପ୍ରତିବାଦରେ ସାହାଡ଼ାପଦା ଗ୍ରାମବାସୀ ଥାନା ସମ୍ମୁଖରେ ଧାରଣା ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି। ଏନେଇ ସେମାନେ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ବାଙ୍କୀ ଏସ୍‌ଡିପିଓ ଜ୍ଞାନେନ୍ଦ୍ର ମୋହନ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଟାଉନ୍ ପରିକ୍ରମା କରି ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୁବାସ ଚନ୍ଦ୍ର ପାଢ଼ୀ , ଶୁଭ୍ରାଂଶୁ ମୋହନ ପାଢ଼ୀ, ଚନ୍ଦନ ଗଣ୍ଟିଆ, ଅମିୟ ନାୟକ, ବିକଳ ଗୋଛି, ପ୍ରବୋଧ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସାହାଡ଼ାପଦା ଗ୍ରାମବାସୀ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

ଗୋ ମାଂସ ବୋଝେଇ ଗାଡ଼ିକୁ ପୋଲିସ ଜିମା: ଥାନାରେ ଚାଳକ ଅଟକ

ସାଲେପୁର,୧।୭(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅଞ୍ଚଳରେ ଏକ ଗୋ ମାଂସ ବୋଝେଇ ହୋଇଥିବା ପିକ୍‌ଅପ ଭ୍ୟାନକୁ ସ୍ଥାନୀୟ ଲୋକେ କାବୁକରିବା ସହ ଚାଳକଙ୍କୁ ପୋଲିସ ଜିମା ଦେଇଛନ୍ତି। ଏହାପରେ ଜବତ ଗୋ ମାଂସକୁ ନଦୀ ପଠାରେ ପୋତି ଦିଆଯାଇଛି। ଜଗତପୁର ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳରୁ ଏକ ପିକ୍ ଭ୍ୟାନରେ ଗୋ ମାଂସ ବୋଝେଇ ହୋଇ କାଜିହାଟ ଅଞ୍ଚଳକୁ ଯାଉଥିଲା। ଗାଡ଼ିଟି ଦ୍ରୁତଗତିରେ ଯାଉଥିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ସାଲେପୁର ଥାନା ଅନ୍ତର୍ଗତ ରାଇସୁଙ୍ଗୁଡ଼ା ବଜାର ନିକଟରେ ଅଟକାଇଥିଲେ। ଏହାପରେ ଉକ୍ତ ଗାଡ଼ିରେ ବିପୁଳ ପରିମାଣରେ ଗୋମାଂସ ଥିବା ଜଣାପଡ଼ିଥିଲା। ଏନେଇ ସ୍ଥାନୀୟ ଲୋକେ ଗାଡ଼ି ଚାଳକଙ୍କୁ ପଚରାଉଚୁରା କରି ପୋଲିସରେ ଖବର ଦେଇଥିଲେ। ସାଲେପୁର ପୋଲିସ ସମ୍ପୃକ୍ତ ଚାଳକଙ୍କୁ ସାଙ୍ଗରେ ନେବା ସହ ଜେସିବି ସାହାଯ୍ୟରେ ଗାତ ଖୋଳି ଗୋମାଂସଗୁଡ଼ିକୁ ସ୍ଥାନୀୟ ନଦୀପଠାରେ ପୋତି ଦେଇଛି। ଏନେଇ ସାଲେପୁର ବଜରଙ୍ଗ ଦଳ ପକ୍ଷରୁ କୋଲଣପୁର ଅଞ୍ଚଳର ବିଶାଲ୍ ମହାପାତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଙ୍ଗାଳି ଜଗନ୍ନାଥ ଦେବଙ୍କ ନୀଳାଦ୍ରିବିଜେ

ଆଠଗଡ,୧।୭(ସତ୍ୟ ପ୍ରସାଦ ରଥ)

ଆଠଗଡ ଗଡ଼ଜାତର ପ୍ରତୀକ ଶ୍ରୀ ଅଙ୍ଗାଳି ଜଗନ୍ନାଥ ଦେବଙ୍କ ନୀଳାଦ୍ରି ବିଜେ ନୀତି ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ର ରଥ ଉପରେ ସମସ୍ତ ନୀତି ସମ୍ପାଦନା କରିଥିଲେ। ଏହାପରେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ମନ୍ଦିର ମଧ୍ୟକୁ ନିଆଯାଇଥିଲା। ମନ୍ଦିର ମୁଖ୍ୟଦ୍ୱାର ସମ୍ମୁଖରେ ଗଡ଼ଜାତର ରାଜା ସ୍ୱର୍ଗତ ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକଙ୍କ ଦ୍ୱାରା ରଚିତ ଶରଦରାସ କାବ୍ୟର ଲକ୍ଷ୍ମୀ ନାରାୟଣ ଚଉତିଶା ଗାନ କରାଯାଇଥିଲା। ଏଥିସହ କଳାଲୁଗା, ରସଗୋଲା ଲାଗି କରାଯାଇ ମା'ଙ୍କ ମାନଭଞ୍ଜନ କରାଯାଇଥିଲା। ଏହାପରେ କବାଟ ଖୋଲାଯାଇ ଶ୍ରୀ ଜୀଉଙ୍କ ବିଗ୍ରହକୁ ସିଂହାସନ ଉପବିଷ୍ଟ କରାଯାଇ ଦୈନିକ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଜୀଉଙ୍କ ବାହୁଡା ଓ ଏକାଦଶୀ ଉପଲକ୍ଷେ ରଥଗଡାଛକରେ ଜଗନ୍ନାଥ କୃପା ପରିଷଦ ଆନୁକୂଲ୍ୟରେ ୪ଦିନ ବ୍ୟାପୀ ଆୟୋଜିତ ରାଜ୍ୟସ୍ତରୀୟ ଭଜନ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ହେମନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅରୁଣ ଦାସ, ସରୋଜ କୁମାର ଦାସ, ପିତବାସ ମହାପାତ୍ର,ବିକ୍ରମ ରାୟ ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ରୁଦ୍ର

ମାହାଙ୍ଗା, ୧।୭(ଯଯାତି ସିଂହ)

ମାହାଙ୍ଗା ବ୍ଲକ ବାସୁଦେବପୁର ପଞ୍ଚାୟତ ଅଲିନଗର ଗ୍ରାଗର ଗଣେଶ ଚନ୍ଦ୍ର ସାହୁ ଓ ଶୁଭଲକ୍ଷ୍ମୀ ସାହୁଙ୍କ ୧୧ ମାସର ପୁତ୍ର ରୁଦ୍ରପ୍ରସାଦ ୨୦୨୩ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ନିଜର ବିଚକ୍ଷଣ ବୁଦ୍ଧି ଓ ପ୍ରଖର ମେଧାଶକ୍ତି ପାଇଁ ସେ ଏଭଳି ରେକର୍ଡ କରିପାରିଛନ୍ତି। ସେ ଇଂଲିଶ୍, ଓଡିଆ ଅକ୍ଷର ସହ ବାର ମାସର ନାମ, ୬ଋତୁ, ସପ୍ତାହର ୭ ଦିନର ନାମ, ୭ ମହାଦେଶ, ୮ ଗ୍ରହ, ଶରୀରର ୨୫ଟି ଅଙ୍ଗପ୍ରତ୍ୟଙ୍ଗର ନାମ, ୪ ସଂସ୍କୃତର ଶ୍ଳୋକ, ୨ ଓଡ଼ିଆ କବିତା, ୨ ହିନ୍ଦୀ କବିତା, ୫ ଇଂଲିଶ୍ କବିତା, ଅନେକ ପଶୁପକ୍ଷୀ, ପନିପରିବା, ଫଳ, ଫୁଲ, ଜଳଚର ଜୀବ ,୧୦ ଜଣ ପ୍ରମୁଖ ପୁସ୍ତକ ରଚୟିତାଙ୍କ ନାମ,୧୦ଟି ଜାତୀୟ ଚିହ୍ନ, ୩୦ ରାଜ୍ୟ ଓ ରାଜଧାନୀର ନାମ, ୨୦ଟି ଦେଶର ରାଜଧାନୀର ନାମ, ଭାରତର ପ୍ରମୁଖ ବ୍ୟକ୍ତିମାନଙ୍କ ନାମ ଏବଂ ଅନେକ ଅସାଧାରଣ ଜ୍ଞାନଭିତ୍ତିକ ପ୍ରଶ୍ନର ଉତ୍ତର ଦେଇପାରୁଛନ୍ତି। ରୁଦ୍ର ଏହି ରେକର୍ଡ କରିବାପରେ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

ସଂକ୍ଷେପରେ

୨ ମହିଳା ମଦ ବେପାରୀଙ୍କୁ ପୋଲିସ ଧରି ଛାଡିଦେଲା

ବେଗୁନିଆ, ୧।୭(ହରପ୍ରସନ୍ନ ପଣ୍ଡା): ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ବାଘମାରା ଥାନା ପୋଲିସ ଶନିବାର ଦୁଇ ଜଣ ମହିଳା ମଦ ବେପାରୀଙ୍କୁ ଗିରଫ କରିଥିଲା। ପରେ ପିଆର୍ ବଣ୍ଡ ଧାରା ୪୧ ସର୍ତ୍ତରେ ସେମାନଙ୍କୁ ପୋଲିସ ଛାଡି ଦେଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ସିମୋର ଗ୍ରାମ ସ୍ଥିତ କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଏକ ଦୋକାନରେ ପୋଲିସ ଚଢ଼ାଉ କରିଥିଲା। ୫ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ବିକ୍ରି କରୁଥିବା ଅଭିଯୋଗରେ ପୁଷ୍ପାଞ୍ଜଳି(୪୩)ଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା (ନଂ.୧୦୮/୨୩) ରୁଜୁ ହୋଇଛି। ସେହିପରି ଓସ୍ତପୁର ଗ୍ରାମରେ ପୋଲିସ ଚଢ଼ାଉ କରି ୧୦ଲିଟର ମଦ ଜବତ କରିବା ସହ ବେଆଇନ ଭାବେ ବିକ୍ରି କରୁଥିବା ଅଭିଯୋଗରେ ଲିପିକାଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ମାମଲା (ନଂ .୧୦୯/୨୩) ରୁଜୁ ହୋଇଛି। ତେବେ ଉଭୟଙ୍କୁ ପିଆର୍ ବଣ୍ଡ ୪୧ ଅନୁସାରେ ପୋଲିସ ଛାଡ଼ିଦେଇଛି।

ଚଣ୍ଡୀହର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

କୃଷ୍ଣପ୍ରସାଦ, ୧।୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଓରା ଗ୍ରାମ ସ୍ଥିତ ଚଣ୍ଡୀହର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ମଙ୍ଗଳବାରଠାରୁ ପ୍ରତିଦିନ ନାମଯଜ୍ଞ, ଯଜ୍ଞ ହେଉଥିଲା। ଏହି ଉତ୍ସବ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରମେଶ ଚନ୍ଦ୍ର ପ୍ରଧାନ, ଉପାସନା ମହାପାତ୍ର, ଲଳିତେନ୍ଦୁ ମହାପାତ୍ର, ସମ୍ମିତ ପାତ୍ର ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦେଇଥିଲେ। ଠାକୁର ସିଂହାସନ ଆରୋହଣ କରିବା ସହ ପାର୍ଶ୍ୱ ଦେବତାଙ୍କୁ ଅବସ୍ଥାପିତ କରାଯାଇଛି। ଶନିବାର ନଗର ପରିକ୍ରମା, ଯମୁନା ସ୍ନାନ ହୋଇ ଉଦ୍‌ଯାପିତ ହୋଇଥିବା ସଭାପତି ଗଦାଧର ନାୟକ ଓ ସମ୍ପାଦକ ବୁଲାମଣି ତରେଇ କହିଛନ୍ତି।

କଳ୍ପନା ଦାଶ ବାଲୁଗାଁ କଲେଜର ନୂତନ ଅଧ୍ୟକ୍ଷା

ବାଲୁଗାଁ, ୧।୭(ସଂଗ୍ରାମ ପାଇକରାୟ): ବାଲୁଗାଁ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷାଭାବେ ପ୍ରାଧ୍ୟାପିକା ଡ. କଳ୍ପନା ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉକ୍ତ ମହାବିଦ୍ୟାଳୟରେ ଡ.ଦାଶ ଦୀର୍ଘ ୩୫ରୁ ଊର୍ଦ୍ଧ୍ୱ ବର୍ଷ ମନସ୍ତତ୍ତ୍ୱ ବିଭାଗରେ କାର୍ଯ୍ୟ କରି ଛାତ୍ରବତ୍ସଳ ଅଧ୍ୟାପିକା ଭାବେ ଖୁବ ସୁନାମ ଅର୍ଜନ କରିଛନ୍ତା। କିଛି ବର୍ଷ ଯୁକ୍ତ ଦୁଇ ଅଧ୍ୟକ୍ଷାଭାବେ କାର୍ଯ୍ୟ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଓ ଅନ୍ୟାନ୍ୟ ଦାୟିତ୍ୱ ଦକ୍ଷତାର ସମ୍ପାଦନା କରି ସେ ନିଷ୍ଠାପରତା ପ୍ରତିପାଦିତ କରିପାରିଛନ୍ତି। ସେବାନିବୃତ୍ତ ଅଧ୍ୟକ୍ଷା ବିନତି ମଞ୍ଜରୀ ରାଉତଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବା ପରେ ଶନିବାର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

ହତ୍ୟା ପଛରେ ରହିଥିଲା ଶତ୍ରୁତା

ଖୋର୍ଦ୍ଧା, ୧।୭(ପ୍ରଭାତ ପାଣିଗ୍ରାହୀ)

ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଉଛନ୍ତି।

ଡ୍ରଗ୍ସ ବେପାରୀ ସୋମନାଥ ଭୁଜବଳ ଓରଫ ପାକୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ଖୋର୍ଦ୍ଧା ପୋଲିସ। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ଅଧୀନ ମୁକୁନ୍ଦପ୍ରସାଦ ଜେନାସାହିର ମୁଖ୍ୟ ଅଭିଯୁକ୍ତ ସାହିତ୍ୟ ବେହେରା ଓରଫ କାହ୍ନା (୨୧) ଏବଂ ମୁକୁନ୍ଦପ୍ରସାଦ ପିଏନ୍‌କଲେଜ ରୋଡ୍‌ର ରାଜ ଦଳବେହେରା(୨୩)। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ଏକ ସ୍କର୍ପିଓ(ଓଡି-୦୧-ଜେ-୯୬୬୨), ପିକ୍‌ଅପ୍(ଓଡି-୦୭-ଏମ୍-୩୫୫୬), ବୋଲେରୋ(ଓଡି-୦୨-ଏକ୍ସ-୪୫୪୫) ଓ ୨ଟି ଷ୍ଟିଲ୍ ଖଣ୍ଡା ଜବତ ହୋଇଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଛି ବୋଲି ଶନିବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି। ତେବେ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଡ୍ରଗ୍ସ ବେପାରୀ ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାର କାରଣ ଅସ୍ପଷ୍ଟ ରହିଛି। ଏନେଇ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଦିଲୀପ ଦାସ, ଟାଉନ ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଆଇଆଇସି କାହ୍ନୁଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ସଞ୍ଜୁ

ଏସ୍‌ପିଙ୍କ ସୂଚନା ମୁତାବକ ମୃତ ସୋମନାଥଙ୍କ ସହ ଡ୍ରଗ୍ସ ବେପାରୀ ସଞ୍ଜୁ ଓ ତାଙ୍କ ସହଯୋଗୀଙ୍କ ସହ ଶତ୍ରୁତା ରହିଥିଲା। ସୋମନାଥଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇବା ପାଇଁ ସଞ୍ଜୁ ତାର ଖୋର୍ଦ୍ଧା, ଭୁବନେଶ୍ୱର, ନୟାଗଡ଼ ଏବଂ ପୁରୀ ଅଞ୍ଚଳରେ ସହଯୋଗୀଙ୍କ ସହ ଆଲୋଚନା କରିଥିଲା। ଯୋଜନକୁ ସଫଳ ରୂପାୟନ ଦେବା ଲାଗି ସେ ଜଣଙ୍କୁ ଏକ ଚୋରା ଗାଡି ବ୍ୟବସ୍ଥା କରିବା ଲାଗି କହିଥିଲା। ସଞ୍ଜୁ ହେଉଛି ଏହି ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ।

ଫାର୍ମହାଉସରେ ବ୍ଲୁପ୍ରିଣ୍ଟ

ସୋମନାଥଙ୍କ ଗତିବିଧି ଉପରେ ନଜର ରଖିଥିଲା ସଞ୍ଜୁଙ୍କ ଟିମ୍। ଜୁନ୍ ୫ରେ ଏକ ସ୍କର୍ପିଓରେ ଜିରାଙ୍ଗ ଯିବା ରାସ୍ତାରେ ଏଥିଲାଗି ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ପରେ ରାମଚଣ୍ଡୀର ଏକ ଫାର୍ମହାଉସରେ ସମ୍ପୂର୍ଣ୍ଣ ଯୋଜନା କରିଥିଲେ। ଗୁଳିମାଡ଼ ଘଟଣା ଦିନ ଗତ ୭ତାରିଖ ମଧ୍ୟାହ୍ନ ପରେ ଅଭିଯୁକ୍ତମାନେ ପୁଣି ସେହି ଫାର୍ମାହାଉସରେ ଏକାଠି ହୋଇଥିଲେ। ଘଟଣାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ଲାଗି ଚୋରି ପିକଅପ ଭ୍ୟାନ ଏବ ବୋଲେରୋ ଏବଂ ବନ୍ଧୁକ ଯୋଗାଡ଼ କରିଥିଲେ।

ଗଠନ ହୋଇଥିଲା ୩ ଟିମ୍

ମୃତକଙ୍କ ପରିବାରର ଭାନୁମତି ଭୂଜବଳଙ୍କ ଅଭିଯୋଗକ୍ରମେ ଥାନାରେ ଦଫା ୩୦୨/୨୯୪/୩୦୭/୫୦୬/୧୨୦(ବି)/୩୪ଆଇପିସି/ ୨୫/୨୭ ଆମ୍ସ ଆକ୍ଟରେ ଏକ ମାମଲା(ନଂ.୩୫୧/୨୩) ରୁଜୁ ହୋଇଥିଲା। ଅତିରିକ୍ତ ଆଇଆଇସି କାହ୍ନୁଚରଣ ସ୍ୱାଇଁଙ୍କୁ ଏହାର ତଦନ୍ତ ଅଧିକାରୀ ରହିଛନ୍ତି। ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଦକ୍ଷ ଅଫିସରଙ୍କୁ ନେଇ ୩ଟି ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ୨ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ସଞ୍ଜୁ ଓ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଡ୍ରଗ୍ସ ବେପାରୀ ସୋମନାଥଙ୍କୁ ଗୁଳିକରି ହତ୍ୟା ଘଟଣା

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଗିରଫ
- ୨ ଖଣ୍ଡା, ୩ ଗାଡ଼ି ଜବତ
- ମାଷ୍ଟରମାଇଣ୍ଡ ସଞ୍ଜୁଙ୍କୁ ଖୋଜୁଛି ପୋଲିସ

ଫୁଟିଲା ଗୁଳି, ଜବତ ହେଲା ଖଣ୍ଡା

ଗତ ଜୁନ ୭ ତାରିଖ ରାତି ଅର୍ଥାତ୍ ଘଟଣା ଦିନ ୮ରାଉଣ୍ଡ ଗୁଳି ଫୁଟିଥିବା ଏବଂ ଦୁଇଟି ବନ୍ଧୁକ ବ୍ୟବହାର ହୋଇଥିବା ନେଇ ଏସ୍‌ପି ସୂଚନା ଦେଇଥିଲେ। ତେବେ ଦୁଇଟି ଖଣ୍ଡା ଜବତ ହୋଇଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ପୋଲିସ ହାତରେ ଲାଗିନଥିବା ଏସ୍‌ପିଙ୍କ ସୂଚନାରୁ ସ୍ପଷ୍ଟ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବାରୁ ଏସ୍‌ପି କୌଣସି ସୂଚନା ଦେବାକୁ ମନା କରିଥିଲେ।

ଚୋରାଗାଡ଼ି ହୋଇଥିଲା ବ୍ୟବହାର

ଜୁନ୍ ୭ ରାତି ପ୍ରାୟ ସାଢେ ୯ଟା। ସାମନ୍ତରାପୁର ଠେଙ୍ଗାହାଟ ଛକରେ ସୋମନାଥ ମୋବାଇଲ ଫୋନରେ କାହ୍ନା ସହ କଥା ହେଉଥିଲେ। ଯୋଜନା ମୁତାବକ ସଞ୍ଜୁ ସାହିତ୍ୟ ବେହେରା ଏବଂ ୪ ଜଣଙ୍କ ସହିତ ଚୋରା ବୋଲେରୋ ପିକ୍‌ଅପ ଭ୍ୟାନ୍‌ରେ ବେଆଇନଭାବେ ଗଚ୍ଛିତ ବନ୍ଧୁକ ଓ ଫାର୍ମ ହାଉସରୁ ଖଣ୍ଡା ଧରି ଠେଙ୍ଗାହାଟ ଛକରେ ପହଞ୍ଚିଥିଲେ। ଅତର୍କିତ ଭାବେ ସୋମନାଥଙ୍କ ଉପରକୁ ୮ରାଉଣ୍ଡ ଗୁଳି ଚଳାଇଥିଲେ। ୪ଟି ଗୁଳି ତାଙ୍କ ହାତ ପାପୁଲି, ଛାତି ଓ ପିଠିରେ ବାଜିଥିଲା ଗୁରୁତର ଅବସ୍ଥାରେ ସୋମନାଥଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

'ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଆବଶ୍ୟକ'

କୃଷ୍ଣପ୍ରସାଦ, ୧।୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ପାରିକୁଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଳି ଚରଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ମୀନା କୁମାରୀ ନାୟକ, ଗ୍ରୀନ ପାରିକୁଦ ସଦସ୍ୟା ଅମିତା ତରେଇ, ଦେବେନ୍ଦ୍ର ନାଥ ଜେନା, ନକୁଳ ସୁନ୍ଦରା, ମୀନା ରାଣୀ ସାହୁ, ବ୍ୟାଙ୍କ ମିତ୍ର ଶୈଳବାଳା ତରେଇଙ୍କ ଉପସ୍ଥିତିରେ ବିଭିନ୍ନ କିସମର ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେଲେ ବ୍ୟାପକ ଚାରାରୋପଣ ସହ ତାହାର ଯତ୍ନ ନେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସିଆର୍‌ସିସି ପ୍ରଶାନ୍ତ କୁମାର ନାୟକ, ସତ୍ୟବାନ ବିଶ୍ୱାଳ, ସୁନୀଲ କୁମାର ଜେନା, ରମାକାନ୍ତ ଜେନା, ସୁକାନ୍ତ କୁମାର ଜେନା, ବିଇଓ ଅଫିସ ପରିସରରେ ଥିବା ଚିଲିକା ନୋଡ଼ାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀପକ କୁମାର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

ରତ୍ନବେଦିକୁ ଫେରିଲେ ପୂର୍ଣ୍ଣବିଗ୍ରହ

ଖୋର୍ଦ୍ଧା, ୧।୭(ପ୍ରଭାତ ପାଣିଗ୍ରାହୀ)

ରତ୍ନବେଦିକୁ ଫେରିଲେ ପୂର୍ଣ୍ଣବିଗ୍ରହ। ନବଦିନାତ୍ମକ ଯାତ୍ରା ସାରିବାହୁଡ଼ାରେ ଫେରି ସିଂହଦ୍ୱାର ସମ୍ମୁଖରେ ରଥରେ ରହିଥିଲେ। ହରି ଶୟନ ଏକାଦଶୀରେ ରଥରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶୁକ୍ରବାର ରଥରେ ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଥିଲା। ଶନିବାର ମନ୍ଦିରକୁ ଫେରିଛନ୍ତି। ଏଥିସହ ଚଳିତବର୍ଷର ପୂର୍ଣ୍ଣବିଗ୍ରହଙ୍କ ରଥଯାତ୍ରା ସମାପନ ହୋଇଛି। ରବିବାରଠାରୁ ମନ୍ଦିରରେ ରୀତିନୀତି ଅନୁଯାୟୀ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହେବ। ଭୋରୁ ରଥରେ ମଙ୍ଗଳ ଆଳତି ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ପରେ ବେଶ ସମାପନ ହୋଇ ଗୋପାଳବଲ୍ଲଭ ଭୋଗ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଆଳତି ପରେ ଶ୍ରୀଜୀଉଙ୍କ ନୀଳାଦ୍ରିବିଜେ ନୀତି ଆରମ୍ଭ ହୋଇଥିଲା। ଗୋଟି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ପରେ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ପହଣ୍ଡି ହୋଇଥିଲା। ତେବେ ମହାପ୍ରଭୁ ପହଣ୍ଡି ହୋଇ ମନ୍ଦିର ନିକଟରେ ପହଞ୍ଚିବା ବେଳେ ଭିତରୁ ମହାଲକ୍ଷ୍ମୀ ଦ୍ୱାର ବନ୍ଦ କରିଦେଇଥିଲେ। ବଡ଼ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚା ଯାତ୍ରା କରିଥିବାରୁ ମହାଲକ୍ଷ୍ମୀ ରୋଷ କରିଥିଲେ। ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିଥିଲେ। ପରେ ଶ୍ରୀଅନନ୍ତ ପୁରୁଷୋତ୍ତମ ରତ୍ନବେଦିକୁ ନୀଳାଦ୍ରି ବିଜେ କରିଥିଲେ। ପରେ ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ପରେ ଅନ୍ୟାନ ନୀତି ହୋଇ ବଡ଼ସିଂହାର ବେଶ, ଭୋଗ ସମ୍ପନ୍ନ ହୋଇ ରାତ୍ର ପହୁଡ଼ ପଡ଼ିଥିଲା ବୋଲି ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ ସୂଚନା ଦେଇଛନ୍ତି। ସେହିପରି ଗଡଖୋର୍ଦ୍ଧା ସ୍ଥିତ ଚତୁର୍ଦ୍ଧାମୂର୍ତ୍ତି, କାଙ୍କଣ ଶିଖରୀ ଏବଂ ଦାରୁକ୍ଷେତ୍ର ଦଧିମାଛଗାଡିଆ ଶ୍ରୀପତିତପାବନଙ୍କ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହୋଇଛି।

ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ନିରାକାରପୁର, ୧।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି କଲେଜର ଦୁଇ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଜ୍ଞାନ ଭିଭାଗ ଡେମୋନଷ୍ଟ୍ରେଟର ଶଙ୍କର୍ଷଣ ପ୍ରଧାନ ଓ ଲାବ ଆଟେଣ୍ଡାଣ୍ଟ ଶରତ ଚନ୍ଦ୍ର ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ଡ.ପ୍ରତିଭାମୟୀ ମିତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଦୋକାନ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବେଗୁନିଆ, ୧।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଧୀନ ବାଦବାରବାଟୀ ଗ୍ରାମରେ ଥିବା ଏକ ଦୋକାନ ଘରୁ ଶନିବାର ସକାଳେ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଏହି ଗ୍ରାମର ସନ୍ତୋଷ କୁମାର ଛୁଆଳସିଂହ(୩୨)। ସୂଚନା ମୁତାବକ, ସନ୍ତୋଷ ଶୁକ୍ରବାର ରାତିରେ ଖାଇବା ପରେ ତାଙ୍କ ବାରିପଟେ ଥିବା ଦୋକାନ ଗୃହରେ ଶୋଇଥିଲେ। ଶନିବାର ସକାଳେ ସେ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ପହଞ୍ଚି ଦୋକାନ ଘର ଖୋଲିବାରୁ ସନ୍ତୋଷ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅନୁରୂପଭାବେ ସନ୍ତୋଷଙ୍କ ସହଧର୍ମିଣୀଙ୍କ ମୃତଦେହକୁ ଗତ ୯ମାସ ପୂର୍ବେ ସେହି ନିର୍ଦ୍ଦିଷ୍ଟ ସ୍ଥାନରୁ ପୋଲିସ ଜବତ କରିଥିଲା। ଏନେଇ ଥାନାରେ ସେହି ସମୟରେ ଏକ ମାମଲା ରୁଜୁ ହୋଇଥିଲା।

ଚତୁର୍ଦ୍ଧାମୂର୍ତ୍ତିଙ୍କ ନୂତନ ମନ୍ଦିର ପ୍ରବେଶ

ନିରାକାରପୁର, ୧।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଉତ୍ସବରେ ଯୋଗଦେଇଥିବା ବିଜେଡି ନେତ୍ରୀ ଏବଂ ସାଧୁସନ୍ଥ ଓ ଅନ୍ୟମାନେ।

ନିରାକାରପୁର ପଞ୍ଚାୟତ ନନପଡ଼ା ସାହିଠାରେ ନୂତନ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ପରେ ପ୍ରାୟ ୫୧ଜଣ ସାଧୁସନ୍ଥଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ପ୍ରବେଶ ସହ ରତ୍ନସିଂହାସନ ଆରୋହଣ କରିଛନ୍ତି। ୫ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ରଘୁନାଥ ନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ କରାଯିବା ସହିତ ପ୍ରବଚକମାନେ ପ୍ରବଚନ ଦେଇଥିଲେ। ବାହୁଡ଼ାରେ ନୂତନ ଦେବବେଦୀଙ୍କୁ ଜୀବନ୍ୟାସ ଦିଆଯାଇଥିଲା। ଶନିବାର ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତି ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଶକ୍ତି ଶଙ୍କର ମିଶ୍ର, ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ, ରମାନାଥ ଦାଶ, ସତ୍ୟବାଦୀ ବଳବନ୍ତରାୟ, ମୀନକେତନ ବେହେରାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ସନ୍ଥ ସମ୍ମିଳନୀ କରାଯାଇ ସନ୍ଥଙ୍କ ଉପସ୍ଥିତିରେ ମହାପ୍ରଭୁ ସିଂହାସନ ଆରୋହଣ କରିଛନ୍ତି ବୋଲି ମହନ୍ତ ବିଶ୍ୱମ୍ଭର ଦାଶ ମହାରାଜ କହିଛନ୍ତି।

ବିଇଓଙ୍କ କାର୍ଯ୍ୟାଳୟ ଘେରିଲା ପାଚିକା ସହାୟିକା ସଂଘ

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା

୧।୭।୨୦୨୩

୩,୨୫,୮୨୦ ଟଙ୍କା	
ସୁନା	୨.୩୦୦ ଗ୍ରାମ୍
ରୁପା	୬.୭୦୦ ଗ୍ରାମ୍

ପୁରୀ:ରଥ ଉପରେ ବଡ଼ଭାଇ ପ୍ରଭୁ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅବକାଶ ନୀତି କରାଯାଉଛି ।

ଆଜି ମହାପ୍ରଭୁଙ୍କୁ ଲାଗି ହେବ ନୀଳାଚଳ ଅବଢ଼ା

ପୁରୀ,୧।୭(ଅଜିତ୍ ମହାନ୍ତି)

ନବଦିନାତ୍ମକ ଘୋଷଯାତ୍ରା ସାରି ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀଭାଇଙ୍କ ସହ ଏବେ ଶ୍ରୀମନ୍ଦିର ରତ୍ନସିଂହାସନରେ ଗୋଟି ପହଣ୍ଡିରେ ବିଜେ କରିଛନ୍ତି। ସ୍ନାନପୂର୍ଣ୍ଣିମାଠାରୁ ଶୂନ୍ୟ ପଡ଼ିଥିବା ଶ୍ରୀମନ୍ଦିର ରତ୍ନବେଦି ମହାପ୍ରଭୁଙ୍କ ବିଜେ ପରେ ପୁଣି ଶ୍ରୀମନ୍ଦିର ପୂର୍ଣ୍ଣ ହୋଇଉଠିଛି। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବା ପରେ ରବିବାରଠାରୁ ଶ୍ରୀମନ୍ଦିରରେ ନୀଳାଚଳ ଅବଢ଼ା ବାହାରିବ। ଭକ୍ତ ଏବଂ ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ। ସେହିପରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଭକ୍ତମାନେ ଶ୍ରୀମନ୍ଦିରରେ ଦର୍ଶନ କରିବେ। ରବିବାର ମହାପ୍ରଭୁଙ୍କ ସକାଳ ଧୂପ ପରେ ଭକ୍ତମାନଙ୍କୁ ନୀଳାଚଳ ଅବଢ଼ା ମିଳିବ। ମହାପ୍ରଭୁ ରଥ ଉପରେ ଥିବାରୁ ମହାପ୍ରଭୁଙ୍କୁ ଶୁଖିଲା ଭୋଗ ଲାଗି ହେଉଥିଲା। ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବା ପରେ ରବିବାର ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବ। ରଥଯାତ୍ରା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ପ୍ରଥମକରି ମହାପ୍ରସାଦ ଲାଗି ହେଉଥିବାରୁ ଏହାକୁ ନୀଳାଚଳ ଅବଢ଼ା ବୋଲି କୁହାଯାଇଥାଏ। ରଥଯାତ୍ରା ପୂର୍ବରୁ ଯେଉଁଭଳି ଭାବେ ଭକ୍ତମାନେ ମହାପ୍ରସାଦ ପାଇଥିଲେ। ଠିକ୍ ସେହିଭଳି ଭାବରେ ମହାପ୍ରସାଦ ଶ୍ରୀମନ୍ଦିର ପରିସରରେ ପାଇପାରିବେ। ମହାପ୍ରଭୁଙ୍କ ନିକଟରେ ଭୋଗ ହୋଇଥିବା ପ୍ରଥମ ନୀଳାଚଳ ଅବଢାକୁ ପାଇବା ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଆଶା ରହିଥାଏ।

ସଂକ୍ଷେପରେ

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ସେବା

ପୁରୀ,୧।୭(ଅଜିତ୍ ମହାନ୍ତି) - ପବିତ୍ର ଘୋଷଯାତ୍ରା ଅବସରରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ସୁନାବେଶ ତଥା ଅଧରପଣା ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଭାରତ ସ୍କାଉଟ ଗାଇଡ ପୁରୀ ଜିଲା ଶାଖା ଏବଂ ଶ୍ରୀକ୍ଷେତ୍ର ରୋଭର ରେଞ୍ଜର ଟିମ ପକ୍ଷରୁ ଭକ୍ତମାନଙ୍କୁ ପାନୀୟ ଜଳ ବଣ୍ଟନ, ଖାଦ୍ୟ ବଣ୍ଟନ, ଟ୍ରାଫିକ ନିୟନ୍ତ୍ରଣରେ ସାହାଯ୍ୟ ଆଦି କାର୍ଯ୍ୟ କରାଯାଇଥିଲା। ସେହିପରି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ସେଭେନ୍ ସ୍ପୋକ୍ସ ଭରଣ୍ଟୁର୍ ଫାଉଣ୍ଡେଶନ ପକ୍ଷରୁ ତରଙ୍ଗରୁ ଜିଲା ପ୍ରଶାସନର ସହଯୋଗରେ ଶ୍ରୀଗୁଣ୍ଡିଚା, ବାହୁଡା ଏବଂ ସୁନାବେଶ ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କୁ ରାନ୍ଧା ଖାଦ୍ୟ ଖେଚେଡି, ଡାଲେମା, ଉପମା, ଦହି ସର୍ବତ ଏବଂ ପାଣି ବଣ୍ଟନ ଆଦି କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ସିଦ୍ଧାର୍ଥ ଶେଖର ପାତ୍ର ଏବଂ ଅପର୍ଣ୍ଣା ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ରଥଯାତ୍ରା ଶୃଙ୍ଖଳିତ ଥିବାରୁ ଧନ୍ୟବାଦ

ପୁରୀ,୧।୭(ଅଜିତ୍ ମହାନ୍ତି)- ୨୦୨୩ ରଥଯାତ୍ରା ଅବସରରେ ମହାପ୍ରଭୁଙ୍କ ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ଶୃଙ୍ଖଳିତ ଓ ସୁନ୍ଦର ଭାବେ ସମାହିତ ହୋଇଛି। ଏଥିପାଇଁ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ଡା.କନୱର ବିଶାଲ ସିଂ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତ, ପରିଚାଳନା କମିଟିର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ, ବିଭିନ୍ନ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ବୃନ୍ଦ, ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଗଣ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସଫେଇ କର୍ମଚାରୀ ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଭବିଷ୍ୟତରେ ମଧ୍ୟ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟରେ ଏହିଭଳି ସହଯୋଗ କାମନା କରିଛନ୍ତି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରାଜଧାନୀ ପୁସ୍ତକ ମେଳା ପୁରସ୍କାର

ପୁରୀ,୧।୭(ଅଜିତ ମହାନ୍ତି)- ବିଶିଷ୍ଟ ସାହିତ୍ୟିକ ତଥା ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ପ୍ରବନ୍ଧ ସାହିତ୍ୟରେ ରାଜଧାନୀ ପୁସ୍ତକ ମେଳା ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କର ପ୍ରବନ୍ଧ ପୁସ୍ତକ 'ଥାଇ ଘୋର ଜଲେନ' ପାଇଁ ତାଙ୍କୁ ଏକବିଂଶତମ ରାଜଧାନୀ ପୁସ୍ତକ ମେଳା ପୁରସ୍କାର ଓ ସମ୍ମାନ ମିଳିଛି। ଗତ ଜୁନ ୨୫ ତାରିଖରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ସମାରୋହରେ ଦାସଙ୍କର ରଥଯାତ୍ରାର ଗୁରୁଦାୟିତ୍ୱ ଥିବାରୁ ଯୋଗଦେଇପାରି ନଥିଲେ। ତେଣୁ ଶନିବାର ପୁସ୍ତକ ମେଳା କମିଟିର ସଭାପତି ଡ. ଉପେନ୍ଦ୍ର କୁମାର ଜେନା, ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶ ଚନ୍ଦ୍ର ସ୍ୱାଇଁ ଓ ଭାସ୍କର ଜେନା ପ୍ରମୁଖ ଦାସଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ରାଜଧାନୀ ପୁସ୍ତକ ମେଳା ପୁରସ୍କାର କରିଥିଲେ।

ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ସ୍ୱାମୀ ଗିରଫ

ନିମାପଡ଼ା,୧।୭(ବିଚିତ୍ରାନନ୍ଦ ସାହୁ)- ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ମିଟେଇପୁର ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ସନ୍ଦୀପ କୁଣ୍ଡ। ଜାମିନ୍ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛି। ସନ୍ଦୀପଙ୍କ ଅମାନୁଷିକ ମାଡ଼ରେ ସ୍ତ୍ରୀ ସବିତା କୁଣ୍ଡ ଗୁରୁତର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସନ୍ଦୀପ ୬ ମାସ ତଳେ ସବିତାଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ସନ୍ଦୀପ ଓ ଶାଶୁ ମିଶି ସବିତାଙ୍କୁ ମାଡ଼ ମାରି ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଥିଲେ।

ଶ୍ରୀଜୀଉଙ୍କ ପହଣ୍ଡିରେ ମୁଖ୍ୟ ଆକର୍ଷଣ ଚାହିଆ

ପୁରୀ,୧।୭(ଅଜିତ୍ ମହାନ୍ତି)

ଶ୍ରୀଜୀଉ ଯାତ୍ରା ସମୟରେ ଅନେକ ଅଳଙ୍କାର ପରିଧାନ କରିଥାନ୍ତି। ଏହି ଅଳଙ୍କାରଙ୍କ ମଧ୍ୟରେ ଚାହିଆ ହେଉଛି ଅନ୍ୟତମ। ଶ୍ରୀବିଗ୍ରହମାନେ ସ୍ନାନପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ା ଯାତ୍ରା ସମେତ ଆଡ଼ପ ବିଜେ ଏବଂ ନୀଳାଦ୍ରି ବିଜେ ସମୟରେ ମସ୍ତକରେ ଚାହିଆ ପରିଧାନ କରିଥାନ୍ତି। ଏହି ଚାହିଆ ମୁଖ୍ୟତଃ ସୋଲ, ବାଉଁଶ କାଠି, ବିଭିନ୍ନ ପ୍ରକାର ଫୁଲରେ ନିର୍ମିତ ହୋଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ରାଘବ ଦାଶ ମଠ ପକ୍ଷରୁ ଚାହିଆଗୁଡିକ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ତେବେ ବିଗତ କିଛି ବର୍ଷ ହେବ ମଠ ପକ୍ଷରୁ ବସନ୍ତ କୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଚାହିଆ ନିର୍ମାଣ ହେଉଛି। ପରମ୍ପରା ଅନୁଯାୟୀ, ସେବକ ଏବଂ କାରିଗରମାନେ ଶୁଦ୍ଧପୂତ ଭାବେ ରାଘବ ଦାଶ ମଠ ପରିସରରେ ଚାହିଆ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥାନ୍ତି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ମଧ୍ୟରେ ଶ୍ରୀବିଗ୍ରହମାନଙ୍କର ୬ଥର ପହଣ୍ଡି ହୋଇଥାଏ। ଏହି ୬ଥର ପହଣ୍ଡିରେ ଶ୍ରୀବିଗ୍ରହମାନେ ସମୁଦାୟ

୨୪ଟି ଚାହିଆ ଓ ମାଳଚୂଳ ପରିଧାନ କରିଥାନ୍ତି। ମୁଖ୍ୟତଃ ଚାହିଆ ଦୁଇ ପ୍ରକାର ହୋଇଥାଏ, ଯଥା ଛୋଟ ଚାହିଆ ଏବଂ ବଡ଼ ଚାହିଆ। ବଡ଼ଠାକୁର ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ମଠ ପକ୍ଷରୁ ଚାହିଆ ଯୋଗାଇ ଦିଆଯାଉଥିବା ବେଳେ ମା' ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନଙ୍କ ନିମନ୍ତେ ମଠ ପକ୍ଷରୁ ମାଳଚୂଳ ଆଦି ଯୋଗାଇ ଦିଆଯାଇଥାଏ। ଚାହିଆଗୁଡିକ ସ୍ୱତନ୍ତ୍ର ଶୈଳୀ ତଥା ମାପରେ ନିର୍ମିତ ହୋଇଥାଏ। ଚାହିଆ ତିଆରି କରିବା ପାଇଁ ବାଉଁଶ, ବାଉଁଶ ପାତିଆ, କଦଳି ପାଟୁକା, ସୋଲ, ଜରି, ରଙ୍ଗିନ କନା, ପଇତା ସୂତା ଏବଂ ବିଭିନ୍ନ ପ୍ରକାର ସୁବାସିତ ରଙ୍ଗିନ ଫୁଲରେ ଚାହିଆ ନିର୍ମାଣ ହୋଇଥାଏ। ପ୍ରଥମେ ବାଉଁଶ କାଠିଗୁଡିକୁ ସ୍ୱତନ୍ତ୍ର ବାଉଁଶ ନିର୍ମିତ ଯନ୍ତ୍ରାରେ ଖଞ୍ଜାଯାଏ। ପରେ ବାଉଁଶ କାଠିଗୁଡିକୁ ପଇତା ସୂତାରେ ବନ୍ଧା ଯାଇ ଚାହିଆ ଆକୃତି ଦିଆଯାଏ। ସେଥିରେ କଇଁଥ ଅଠା ସାହାଯ୍ୟରେ ବିଭିନ୍ନ ଆକୃତିର ସୋଲ ଲଗାଯାଏ। କଦଳି ପଟୁକାରେ ବିଭିନ୍ନ ଫୁଲ ଖଞ୍ଜା ଯାଏ। ଚାହିଆ ନିର୍ମାଣ ହେବା ପରେ ସେଥିରେ ସୁବାସିତ ପୁଷ୍ପ ଲଗାଯାଇଥାଏ। ଚାହିଆର ଉପରି ଭାଗରେ ଦୁବ ଏବଂ କିଆ ଲଗାଯାଇଥାଏ। ଚାହିଆଗୁଡିକର ଆକୃତି ପାନ ପତ୍ର ସଦୃଶ ହୋଇଥାଏ। ଚାହିଆଗୁଡିକର ଉଚ୍ଚତା ପ୍ରାୟ ୬ ଫୁଟ ହୋଇଥିବା ବେଳେ ବ୍ୟାସ ସାଢ଼େ ୮ ଫୁଟ ହୋଇଥାଏ। ପହଣ୍ଡି ପୂର୍ବରୁ ଶ୍ରୀବିଗ୍ରହମାନଙ୍କର ମଙ୍ଗଳାଅର୍ପଣ ନୀତି ସରିବା ପରେ ଚାହିଆ ବିଜେ କରିଥାଏ। ଶ୍ରୀବିଗ୍ରହମାନେ ସାତ ପାହାଚ ନିକଟରେ ବିଜେ କରିବା ପରେ ଶ୍ରବିଗ୍ରହଙ୍କ ମସ୍ତକରେ ଚାହିଆ ଲାଗି କରାଯାଇଥାଏ। ସେହପରି ରଥର ସିଂହାସନ ତଳକୁ ମହାପ୍ରଭୁ ଆସିବା ପରେ ଚାରମାଳ ଉପରେ ଚାହିଆ ଲାଗି କରାଯାଇଥାଏ। ଶ୍ରୀବିଗ୍ରହମାନେ କେବଳ ରଥଯାତ୍ରା ସମୟରେ ଚାହିଆ ପରିଧାନ କରିଥାନ୍ତି। ଚାହିଆ ନିର୍ମାଣ କରୁଥିବା ସେବକ ଏବଂ କାରିଗରମାନଙ୍କୁ ରାଘବ ଦାଶ ମଠ ପକ୍ଷରୁ ଖେଇ ଓ ଖୋରାଖି ଯୋଗାଇ ଦିଆଯାଇଥାଏ।

'ରାଜ୍ୟବାସୀଙ୍କ ଆଗରେ ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ଦିଅନ୍ତୁ'

ପୁରୀ,୧।୭(ଅଜିତ ମହାନ୍ତି)

ରତ୍ନଭଣ୍ଡାର ପ୍ରସଙ୍ଗ

■ ଏମ୍‌ଏଲ୍‌ଏ, ଏମ୍‌ପି ବ୍ୟକ୍ତିଗତ ମତ ଦେବା ଅନୁଚିତ -ପିନାକୀ

ଶ୍ରୀମନ୍ଦିରର ବିବାଦୀୟ ରତ୍ନଭଣ୍ଡାର ଖୋଲିବା ସମ୍ପର୍କରେ ନିକଟରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ହୋଇଥିଲା। ତେବେ ରତ୍ନଭଣ୍ଡାର ଖୋଲିବା ନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମତ ରଖିଛନ୍ତି। ସେ କହିଛନ୍ତି ଯେ, ରତ୍ନଭଣ୍ଡାର ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ଦାଖଲ କରନ୍ତୁ। ରତ୍ନ ଭଣ୍ଡାର ଚାବି କୁଆଡେ ଗଲା, ହଜିଲା, ଡୁପ୍ଲିକେଟ୍ ଚାବି ମିଳିବ। ଏପରିକି ଗଜପତି ମହାରାଜା ମଧ୍ୟ ରତ୍ନ ଭଣ୍ଡାର ନେଇ ତାଙ୍କର ମତ ଦେଇସାରିଛନ୍ତି। ତେଣୁ ରାଜ୍ୟ ସରକାର ଏ ନେଇ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଏବଂ ସାରା ଦେଶବାସୀଙ୍କ ଆଗରେ ଏ ସମ୍ପର୍କରେ ଉତ୍ତର ରଖିବା ସହ ଶେତପତ୍ର ଦିଅନ୍ତୁ। ରତ୍ନ ଭଣ୍ଡାର ଖୋଲିବା ସମ୍ପର୍କରେ ପୁରୀ ଏମ୍‌ପି ପିନାକୀ ମିଶ୍ର କହିଛନ୍ତି, ମାମଲା ବର୍ତ୍ତମାନ କୋର୍ଟରେ ରହିଛି। ତେଣୁ କୋର୍ଟରେ ଥିବା ମାମଲା ଉପରେ କହିବା ଉଚିତ୍। ଯାହା କୋର୍ଟ ଆଦେଶ ଦେବ ତାହା ହେବ। ଏଭଳି ଗୁରୁତ୍ୱପୂର୍ଣ୍ଣ ସମ୍ପର୍କରେ ଏମ୍‌ପି, ଏମ୍‌ଏଲଏ ବ୍ୟକ୍ତିଗତ ମତ ଦେବା ଉଚିତ ନୁହେଁ, ତାଙ୍କ ବ୍ୟକ୍ତିଗତ ମତ ବୋଲି କହିଛନ୍ତି। ଯାହା ମହାପ୍ରଭୁଙ୍କ ଇଚ୍ଛା ତାହା ପୂରଣ ହେବା ଉଚିତ ବୋଲି ଏମ୍‌ପି ମିଶ୍ର ମତ ପ୍ରକାଶ କରିଛନ୍ତି।

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ

ପୁରୀ,୧।୭(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଅବସରରେ ରଥାରୂଢ ଦାରୁଦେବତାମାନଙ୍କୁ ଭକ୍ତମାନେ ରସଗୋଲା ଭୋଗ କରିଛନ୍ତି। ପ୍ରତିବର୍ଷ ରଥ ନିକଟରେ ବହୁ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ କରିଥାନ୍ତି। ମହାପ୍ରଭୁ କଳିଯୁଗରେ ପୁରୀରେ ଅବସ୍ଥାନକରି ମାନବୀୟ ଲୀଳା କରୁଛନ୍ତି। ତେଣୁ ମହାପ୍ରଭୁଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ମହାପ୍ରଭୁ ନବବିବାହିତା ମା'ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ଛାଡ଼ି ଘୋଷଯାତ୍ରାରେ ଭଉଣୀଭାଇଙ୍କୁ

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆସିଥିବା ରସଗୋଲାକୁ ସେବାୟତମାନେ ନେଉଛନ୍ତି ।

ସାଙ୍ଗରେ ନେଇ ଚାଲିଯାଇଥିଲେ। ଏଥିପାଇଁ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲାବେଳେ ମା ମହାଲକ୍ଷ୍ମୀ ଅଭିମାନରେ ଶ୍ରୀମନ୍ଦିର ଜୟବିଜୟ କବାଟ ବନ୍ଦ କରିବା ସହ ମହାପ୍ରଭୁଙ୍କ ସହ ବଚନିକା କରିଥାନ୍ତି। ବଚନିକା ହେବା ପରେ ମହାପ୍ରଭୁଙ୍କ ଗଇଁଠାଳ ଫିଟା ନୀତି ହୋଇଥାଏ। ମାତ୍ର ଶ୍ରୀବେଦୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ତେଣୁ ମହାପ୍ରଭୁ ସବୁଠୁ ପ୍ରିୟ ରସଗୋଲା ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥାନ୍ତି। ତେଣୁ ଭକ୍ତମାନେ ମହାପ୍ରଭୁଙ୍କୁ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ଦିନ ରଥାରୂଢ଼ ମହାପ୍ରଭୁଙ୍କୁ ରସଗୋଲା ମଣୋହି କରିଥାନ୍ତି। ସେହିଭଳି ଅନେକ ପୁରୀବାସୀ ନିଜ ଛାତ ଉପରେ ଏବଂ ଦାଣ୍ଡଦୁଆରେ ଠିଆହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ କରିଥିଲେ। ତେବେ ପୁରୀବାସୀ ଘରର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ହୋଇଥିବାରୁ ନୀଳାଦ୍ରିବିଜେ ଅବସରରେ ଘରେ ଘରେ ମଧ୍ୟ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଇଥିଲା।

ସେବାୟତ ଗାଇଲେ ଗୀତଗୋବିନ୍ଦ

ପୁରୀ ୧।୭(ଅଜିତ୍ ମହାନ୍ତି)

ନୀଳାଦ୍ରି ପହଣ୍ଡିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ ହେବା ପରେ ଚଳିତ ବର୍ଷର ମହାପ୍ରଭୁଙ୍କର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଚଳିତ ବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା କାଁ ଭାଁ ଘଟଣାକୁ ଛାଡି ଦେଲେ ପ୍ରାୟ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହୋଇଛି। ତେବେ ନୀଳାଦ୍ରି ବିଜେ ଅବସରରେ ମହାପ୍ରଭୁଙ୍କ ନନ୍ଦିଘୋଷ ଆଗରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ପହଣ୍ଡି ପାଇଁ ସମସ୍ତେ ଅପେକ୍ଷା କରିଥିବା ବେଳେ ବଡ଼ଦାଣ୍ଡ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ସେବାୟତ ଏବଂ ଗବେଷକମାନଙ୍କ ପକ୍ଷରୁ ରଥ ସମ୍ମୁଖରେ ଗୀତଗୋବିନ୍ଦ ପାଠ କରାଯିବା ସହ ଜଣାଣ ବୋଲିଥିଲେ। ଫଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତମାନେ ମଧ୍ୟ ଭକ୍ତି ଭାବରେ ମଜି ଯାଇଥିଲେ।

ବ୍ୟାପକ ଚାରାରୋପଣ ଉପରେ ଗୁରୁତ୍ୱ

କୋଣାର୍କରେ ଏକ ବିଦ୍ୟାଳୟରେ ଚାରାରୋପଣ କରାଯାଉଛି ।

କୋଣାର୍କରେ ବନ ମହୋତ୍ସବ ସପ୍ତାହ ପାଳିତ

କୋଣାର୍କ,୧।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ଓ କୋଣାର୍କ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ମିଳିତ ଭାବରେ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚମ୍ପାହାର ଅଗ୍ନିଶମ ବିଭାଗର ଅଧିକାରୀ ଜ୍ୟୋତିପ୍ରକାଶ ରଥ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିମିଳି ସରପଞ୍ଚ ବିଶ୍ୱଜିତ ସ୍ୱାଇଁ, କୋଣାର୍କ ବନପାଳ ରବୀନ୍ଦ୍ର କୁମାର ସ୍ୱାଇଁ, ରାମଚଣ୍ଡୀ ବନପାଳ ତପନ କୁମାର ନାୟକ, ଜାତୀୟ ସବୁଜ ବାହିନୀର ଅଧିକାରୀ ରାମକୃଷ୍ଣ ମହାନ୍ତି, ସୂର୍ଯ୍ୟନାରାୟଣ ମିଶ୍ର, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀ ପତି, ବନରକ୍ଷୀ ଦୁର୍ଯ୍ୟୋଧନ ପରିଡା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ବ୍ୟାପକ ଚାରାରୋପଣ ଉପରେ ଗୁରୁତ

ପୁରୀ: ପ୍ରଭୁ ଶ୍ରୀ ସୁଦର୍ଶନ ଓ ଦେବୀ ସୁଭଦ୍ରାଙ୍କୁ ନୀଳାଦ୍ରି ବିଜେ କରାଯାଉଛି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ନୀଳାଦ୍ରିବିଜେ ହେଲେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ,୧।୭(ଅଜିତ ମହାନ୍ତି)

ଭକ୍ତଙ୍କ ଗହଣରେ ସେବାୟତମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରଥ ଉପରୁ ପହଣ୍ଡି କରି ଶ୍ରୀମନ୍ଦିରକୁ ନେଉଛନ୍ତି ।

- ■ଆଜିଠୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା
- ■ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କଲେ ମହାପ୍ରଭୁ

ମହାପ୍ରଭୁ ଶ୍ରୀଜଗନ୍ନାଥ ନବଦିନାତ୍ମକ ଯାତ୍ରା ସାରି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥି ନୀଳାଦ୍ରିବିଜେ ଅବସରରେ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିର ରତ୍ନସିଂହାସନକୁ ବାହୁଡ଼ା ବିଜେ କରିଛନ୍ତି । ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିରକୁ ବିଜେ ହେବା ସହ ଚଳିତବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି । ଭକ୍ତଙ୍କ ସମାଗମ, ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ଭକ୍ତଙ୍କ ଗ୍ରହଣରେ ଶ୍ରୀବିଗ୍ରହଙ୍କ ନୀଳାଦ୍ରିବିଜେ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ରଥ ଉପରେ ନୀତିକାନ୍ତି ସରି ଚାରମାଳ ବନ୍ଧାହେବା ପରେ ଗୋଟି ପହଣ୍ଡିରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଛନ୍ତି । ଶ୍ରୀବିଗ୍ରହମାନେ ଶନିବାର ଶ୍ରୀମନ୍ଦିରକୁ ବିଜେ କରିଥିବାରୁ ରବିବାରଠାରୁ ଭକ୍ତମାନଙ୍କୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେବେ । ସେହିପରି ଭକ୍ତମାନେ ନୀଳାଚଳ ଅବଢ଼ା ପାଇବେ ।

ଶ୍ରୀବିଗ୍ରହମାନଙ୍କ ସହଳ ପହଣ୍ଡି ଆରମ୍ଭ ହୋଇଥିଲା । ପହଣ୍ଡି ନିମନ୍ତେ ସକାଳ ୫ଟାରୁ ୫ଟା ୨୫ ମଙ୍ଗଳ ଆଳତି, ମଇଲମ ୫ଟା ୧୦ରୁ ୫ଟା ୩୦, ତଡ଼ପଲାଗି ୫ଟା ୨୫ରୁ ୫ଟା ୫୫, ୩ରଥରେ ଅବକାଶ ୫ଟା ୫୫ରୁ ୭ଟା ୧୦, ଗୋପାଳ ବଲ୍ଲଭ ୭ଟା ୪୦ରୁ ୮ଟା ୧୫, ସକାଳଧୂପ ଶେଷ ୮ଟା ୪୦ରୁ ୯ଟା ୨୦, ମଇଲମ ୯ଟା ୨୫ରୁ ୯ଟା ୪୦, ରଥ ମହାସ୍ନାନ ଶେଷ ୯.୫୦ରୁ ୯.୫୫, ତିନି ରଥ ସର୍ବାଙ୍ଗ ପୂର୍ବାହ୍ନ ୯ଟା ୫୫ରୁ ୧୦ଟା ୨୦, ମଇଲମ ଓ ବେଶ ୧୦ଟା ୨୫, ୩ରଥର ମଧ୍ୟାହ୍ନ ଧୂପ ୧୦ଟା ୪୫ରୁ ୧୧ଟା ୨୫, ମଇଲମ ଓ ବେଶ ୧୧ଟା ୪୦ରୁ ମଧ୍ୟାହ୍ନ ୧୨ଟା ୫, ଆଳତି ୧୧ଟା ୫୫ରୁ ୧୨ଟା ୫ ପରେ ତିନି ରଥର ଘୋଡ଼ା ଫିଟା ଓ ଚାରମାଳ ବନ୍ଧା ୪ଟା ୫ରୁ ୪ଟା ୩୫ରେ ଶେଷ ହେବା ପରେ ରଥରେ ମୁଦିରସ୍ତଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ତିନି ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ପରେ ଶ୍ରୀବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ପହଣ୍ଡି ନିମନ୍ତେ ବିଜେ କାହାଳି ବାଜିଥିଲା । ପରମ୍ପରା ଅନୁଯାୟୀ, ଦାରୁ ବିଗ୍ରହମାନେ ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଠାକୁରମାନଙ୍କର ଟାହିଆ ଲାଗି ହୋଇଥିଲା । ପତିମହାପାତ୍ର ସେବକ ଘଷା ଓ ବଡ଼ିଆ ମଣୋହି କରିବା ସହ ଆଳତି ବନ୍ଦାପନା କରିଥିଲେ । ଏହାପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଠାକୁର ଶ୍ରୀମନ୍ଦିରକୁ ବିଜେ କରିଥିଲେ । ପ୍ରଥମେ ନନ୍ଦିଘୋଷ ରଥରୁ ମଦନମୋହନ ଓ ତାଳଧ୍ୱଜ ରଥରୁ ରାମକୃଷ୍ଣ ଅପରାହ୍ନ ୫ଟା ୧୭ରେ ଗୋଟି ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ବିଜେ କରିଥିଲେ । ପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ଗୋଟି ପହଣ୍ଡି ୫ଟା ୪୫ରେ ଆରମ୍ଭ ହୋଇଥିଲା । କାହାଳି ବାଜିବା ପରେ ସୁଦର୍ଶନକୁ ମାଳଚୂଳ ଲାଗି କରାଯାଇ ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ବିଜେ ହୋଇଥିଲେ । ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଠିଥିଲା ବଡ଼ଦାଣ୍ଡ । ପରେ ପର୍ଯ୍ୟାୟକ୍ରମେ ବଡ଼ଠାକୁର ବଳଭଦ୍ର ସନ୍ଧ୍ୟା ୬ଟା ୨୩ରେ ଏବଂ ମା' ସୁଭଦ୍ରା ରାତି ୭ଟା ୫୧ରେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ । ଏହି ସମୟରେ ଶୁଆସାରୀ ମନ୍ଦିର ଦେଉଳଠାରେ ପତିମହାପାତ୍ର ଘଷା ବିଡିଆ ମଣୋହି ଓ ବନ୍ଦାପନା କରିଥିଲେ । ପରେ ଜଗମୋହନଠାରେ ଗରୁଡ଼ ନିକଟରେ ବନ୍ଦାପନା ଅନୁଷ୍ଠିତ ହୋଇଥିଲା ।

ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ରାତି ୮ଟା ୫୫ରେ ଆରମ୍ଭ ହୋଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ ରଥର ହଂସପଟା ନିକଟକୁ ଆସିବା ପରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ମହାଜନ ସେବକମାନେ ହାତରେ ବିଜେ କରାଇଆଣି ଭେଟ ମଣ୍ଡପ ଖଟ ଶେଯ ମେକାପ ପକାଇଥିବା ଡମ୍ବରୁ ଉପରେ ବିଜେ କରାଇଥିଲେ । ପରେ ରଥ ଉପରେ ମହାପ୍ରଭୁଙ୍କ ବନ୍ଦାପନା ପତିମହାପାତ୍ର କରିଥିବା ବେଳେ ଭେଟ ମଣ୍ଡପଠାରେ ମା' ମହାଲକ୍ଷ୍ମୀଙ୍କ ବନ୍ଦାପନା ଭିତରଛୁ ମହାପାତ୍ର କରିଥିଲେ । ତା'ପରେ ଦେବୀ ଭଣ୍ଡାର ଘରକୁ ବିଜେ କରିଥିଲେ । ଶ୍ରୀଜଗନ୍ନାଥ ସିଂହଦ୍ୱାରକୁ ଆସିବା ପୂର୍ବରୁ ସିଂହଦ୍ୱାର ବନ୍ଦ କରାଯାଇଥିଲା । ମହାପ୍ରଭୁ ସିଂହଦ୍ୱାରକୁ ଆସିବା ମାତ୍ରେ ତାହା ଫିଟାଇ ଦିଆଯାଇଥିଲା । ପରେ ମହାପ୍ରଭୁ ପହଣ୍ଡି ହୋଇ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ନିକଟକୁ ଯିବାବେଳେ ତାହା ବନ୍ଦ ରହିଥିଲା । ସେଠାରେ ବଚନିକା ହୋଇଥିଲା । ମହାପ୍ରଭୁଙ୍କ ପକ୍ଷରୁ ଦଇତାପତି ଏବଂ ମହାଲକ୍ଷ୍ମୀଙ୍କ ପଟୁ ଭିତରଛୁ ମହାପାତ୍ର ବଚନିକା ନୀତି ସମ୍ପାଦନ କରିଥିଲେ । ପରେ ଜୟବିଜୟ ଦ୍ୱାର ଖୋଲାଯାଇ ଭଣ୍ଡାର ଘର ନିକଟରେ ମହାଲକ୍ଷ୍ମୀଙ୍କ ପାଖରେ ମହାପ୍ରଭୁ ବିଜେ ହୋଇଥିଲେ । ସେଠାରେ ଭିତରଛୁଙ୍କ ପକ୍ଷରୁ ଗଇଁଠାଳ ଫିଟାଯାଇ ବନ୍ଦାପନା ହୋଇଥିଲା । ପରେ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ ଉଦ୍ଦେଶ୍ୟରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଇଥିଲା । ମା' ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ ପରେ ମହାପ୍ରଭୁ ଘଷା ବିଡିଆ ମଣୋହି ହୋଇ ରତ୍ନସିଂହାସନକୁ ବିଜେ କରିଥିଲେ । ମହାପ୍ରଭୁ ରତ୍ନ ସିଂହାସନରେ ବିଜେ କରିବା ପରେ ରନ୍ଧା କାର୍ଯ୍ୟ ସମ୍ପନ୍ନ ପରେ ଅନ୍ୟାନ୍ୟ ନୀତି ସମ୍ପାଦନ କରାଯାଇଥିଲା ।

ରାମକୃଷ୍ଣ ଓ ମଦନମୋହନଙ୍କୁ ଶ୍ରୀମନ୍ଦିର ଅଭିମୁଖେ ନିଆଯାଉଛି ।



ରାଧାବଲ୍ଲଭ ମଠ ପକ୍ଷରୁ ରଥରେ ଶ୍ରୀଜୀଉଙ୍କୁ ରସଗୋଲା ଭୋଗ ଅର୍ପଣ କରାଯାଉଛି ।

ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼ ।

ରଥାରୂଢ଼ ଶ୍ରୀଜୀଉଙ୍କ ସମ୍ମୁଖରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଉଦୟ

@ ସୌମ୍ୟଶ୍ରୀଚନ୍ଦନ

@ ବରୁଣ

@ ଜ୍ଞାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ସଂକ୍ଷେପରେ

ଆଦର୍ଶ ଶିକ୍ଷକଙ୍କ ପରଲୋକ

ତିର୍ତ୍ତୋଲ,୧।୭ (ଗୌରାଙ୍ଗ ସ୍ୱାଇଁ): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଦାମୋଦରପାଟଣାର ଆଦର୍ଶ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର(୭୮)ଙ୍କ ପରଲୋକ ଘଟିଛି। ସେ ଏକାଧାରରେ ଜଣେ ଶିକ୍ଷକ, ନାଟ୍ୟକାର, ନିର୍ଦ୍ଦେଶକ ଏବଂ ଅଭିନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଶୁକ୍ରବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ଶିକ୍ଷକତାକୁ ପେସା କରିଥିଲେ ମଧ୍ୟ କଳା ପ୍ରତି ତାଙ୍କ ମନରେ ଥିଲା ଅହେତୁକ ଦୁର୍ବଳତା। ତାଙ୍କ ଚର୍ଚ୍ଚିତ ନାଟକଗୁଡ଼ିକ ମଧ୍ୟରେ 'କାହାକୁ କରିବି ପର, କିଏ ତୁମେ ବ୍ରାହ୍ମଣ, ନ କହିଲେ କୁଳ ଭାସିଯାଉଛି, ପୋଡ଼ା ବେଦୀ ଓ ଛ' ମାଣ ଆଠ ଗୁଣ୍ଡ ନାଟକ ବେଶ୍ ସୁନାମ ଅର୍ଜନ କରିଥିଲା। ସେ ବିଭିନ୍ନ କଳା ଅନୁଷ୍ଠାନ ସହ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତଥିବାବେଳେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ଜ୍ୟେଷ୍ଠପୁତ୍ର ତଥା 'ଧରିତ୍ରୀ'ର ସହ-ସମ୍ପାଦକ ଶୁଭ୍ରପ୍ରକାଶ ମହାପାତ୍ର ମୁଖାଗ୍ନି ଦେଇଥିଲେ।

ସୁରେନ୍ଦ୍ର କୁମାର ମହାପାତ୍ର

ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ୨ ଶିଶୁ ମୃତ

କୋରାପୁଟ/ଲମତାପୁଟ,୧।୭(ଅମିତାଭ ବେହେରା/ ଭକ୍ତରାମ ବାଙ୍କିଆ): ଖେଳୁଥିବା ସମୟରେ ପୋଖରୀରେ ବୁଡ଼ି ୨ଶିଶୁଙ୍କର ମୃତ୍ୟୁ ଘଟିଛି। ଏପରି ଅଭାବନୀୟ ଘଟଣା କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ତୁଷୁବା ପଞ୍ଚାୟତର କଞ୍ଚଣା ଗ୍ରାମରେ ଦେଖିବାକୁ ମିଳିଛି। ଏହି ଖବର ଗ୍ରାମରେ ଆଲୋଡନ ଖେଳାଇ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖବରରୁ ଜଣାପଡ଼ିଛି, ଉକ୍ତ ଗ୍ରାମର ଅର୍ଜୁନ କିର୍ଷାଣିଙ୍କ ସ୍ତ୍ରୀ ଶାନ୍ତି ଏବଂ ଲବ କିର୍ଷାଣିଙ୍କ ସ୍ତ୍ରୀ ଚନ୍ଦ୍ରମା ଶନିବାର ଗ୍ରାମ ପୋଖରୀ ନିକଟସ୍ଥ ବିଲକୁ ଧାନ ରୋଇବାକୁ ଯାଇଥିଲେ। ଉଭୟଙ୍କ ପୁଅ ଅମିର (୮) ଓ କପିନ୍ଦ୍ର (୬) ସେମାନଙ୍କ ମାଆଙ୍କ ପଛରେ ଯାଇ ପୋଖରୀ ନିକଟରେ ଖେଳୁଥିଲେ। ଏହି ସମୟରେ ଉଭୟେ ପାଣି ଭିତରକୁ ଚାଲିଯାଇଥିଲେ। ସେମାନେ ପୋଖରୀରେ ବୁଡ଼ିଯାଇଥିଲେ। ଚନ୍ଦ୍ରମା ଓ ଶାନ୍ତି ଧାନରୁଆ କାମ ସାରି ପୋଖରୀକୁ ଆସି ପିଲାଙ୍କୁ ଖୋଜିଥିଲେ। ପିଲାମାନେ ଘରକୁ ଚାଲିଯାଇଥିବେ ଭାବି ଉଭୟେ ଘରକୁ ଯାଇଥିଲେ। ମାତ୍ର କେହି କାହା ଘରକୁ ଯାଇ ନ ଥିବାରୁ ପୁଣି ଥରେ ସେମାନେ ପୋଖରୀ ନିକଟକୁ ଫେରିଥିଲେ। ପୋଖରୀ ପାହାଚରେ ଉଭୟଙ୍କ ଚପଲ ଥିବା ଦେଖି ପିଲା ଦୁହେଁ ବୁଡ଼ିଯାଇଥିବା ଆଶଙ୍କା କରି କାନ୍ଦିବାକୁ ଲାଗିଲେ। ସେମାନଙ୍କ କାନ୍ଦ ଶୁଣି ଆଖପାଖରୁ ଲୋକମାନେ ପହଞ୍ଚି ପୋଖରୀରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ଅମିର ଓ କପିନ୍ଦ୍ରଙ୍କ ମୃତଦେହ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, କପିନ୍ଦ୍ର ଚନ୍ଦ୍ରମାଙ୍କ ପୁଅ ହୋଇଥିବା ବେଳେ ଅମିର ଶାନ୍ତିଙ୍କ ପୁଅ ବୋଲି ଜଣାପଡ଼ିଛି।

ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ

ପୁଣେରୁ ଆଉ ଜଣେ ଗିରଫ

ସଫ୍ଟୱେର୍ କମ୍ପାନୀରେ କାର୍ଯ୍ୟ କରୁଥିଲେ

ଦୀର୍ଘ ଦିନ ଧରି ପାକିସ୍ତାନ ଗୁପ୍ତଚର ଓ ସେନା ସମ୍ପର୍କରେ ଥିଲେ

ଭୁବନେଶ୍ୱର,୧।୭(ସୂର୍ଯ୍ୟକାନ୍ତ ବେହେରା) ପାକିସ୍ତାନ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍‌ସ(ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଆଉ ଜଣେ ଅଭିଯୁକ୍ତଙ୍କୁ ମହାରାଷ୍ଟ୍ରର ପୁଣେରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଅଭିଜିତ ସଞ୍ଜୟ ଜାମ୍ବୁର। ସେ ଏକ ସଫ୍ଟୱେର କମ୍ପାନୀର କର୍ମଚାରୀ ବୋଲି ଶନିବାର ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅଭିଜିତଙ୍କୁ ଜୁନ ୨୯ତାରିଖ ଗୁରୁବାର ପୁଣେରୁ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ପରେ କୋର୍ଟଙ୍କ ଅନୁମତିରେ ତାଙ୍କୁ ତିନିଦିନିଆ ଟ୍ରାନ୍‌ଜିଟ ରିମାଣ୍ଡରେ ଭୁବନେଶ୍ୱରକୁ ଅଣାଯିବା ପରେ ଶନିବାର ଏଠାକାର କୋର୍ଟରେ ହାଜର କରାଯାଇଛି। ଅଭିଜିତ୍ ଗୁଜରାଟର ଆନନ୍ଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିଶ୍ୱବିଦ୍ୟାଳୟରୁ ପରିସଂଖ୍ୟାନ (ଷ୍ଟାଟିଷ୍ଟିକ୍ସ)ରେ ସ୍ନାତକୋତ୍ତର କରିଥିବା ବେଳେ ପୁଣେର ଏକ ସଫ୍ଟୱେର୍ କମ୍ପାନୀରେ କାର୍ଯ୍ୟ କରୁଥିବା ତଦନ୍ତ ବେଳେ ଜଣାପଡ଼ିଛି।

ଅଭିଯୁକ୍ତ ଅଭିଜିତ ସଞ୍ଜୟ ଜାମ୍ବୁର

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ସୂଚନାନୁସାରେ ଅଭିଜିତ୍ ଦୀର୍ଘ ଦିନ ଧରି ୨ ପାକିସ୍ତାନୀ ଗୁପ୍ତଚର ଓ ପାକିସ୍ତାନ ଆର୍ମି ଗୁପ୍ତଚରଙ୍କ ସହ ନିୟମିତ ଯୋଗାଯୋଗରେ ରହୁଥିଲେ। ୨୦୧୮ରେ ସେ ଫେସ୍‌ବୁକ ମେସେଞ୍ଜର ମାଧ୍ୟମରେ ପାକିସ୍ତାନର ଫୈସାଲବାଦ ଖାନ୍‌କିର ସୟଦ ଦାନିଶ ଅଲି ନାକଭିଙ୍କ ସହ ପରିଚିତ ହୋଇଥିଲେ। ଏପରି କି ଅଭିଜିତ୍ ଆମେରିକାର ଏକ ଶିକ୍ଷା ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ଚେଗ୍'ରେ ଜଣେ ଫ୍ରିଲାନ୍ସର ଭାବେ କାମ କରୁଛନ୍ତି ବୋଲି ଦାନିଶଙ୍କୁ କହିଥିଲେ। ଏହାପରେ ଅଭିଜିତ ତାଙ୍କ ୟୁଜର୍ ଆଇଡି ଏବଂ ପାସୱାର୍ଡକୁ ଦାନିଶଙ୍କୁ ଶେୟାର କରିଥିଲେ। ଫଳରେ ଅଭିଜିତଙ୍କ ନାମରେ ଦାନିଶ ଚେଗ୍‌ରେ କାମ କରୁଥିଲେ। ସେଥିରୁ ମିଳୁଥିବା ଟଙ୍କା ଅଭିଜିତ୍‌ଙ୍କ ଆକାଉଣ୍ଟକୁ ଆସୁଥିଲା। କିଛି ଦିନ ପରେ ଦାନିଶ ଅଭିଜିତଙ୍କୁ ମିଳୁଥିବା ଟଙ୍କାର କେତେ ପ୍ରତିଶତ ଦେବାକୁ କହିବା ସହ ତାଙ୍କ ସହଯୋଗୀଙ୍କ ସହ ପରିଚିତ କରାଇଥିଲେ। ପରେ ଦାନିଶ ପାକିସ୍ତାନ କରାଚିରେ ଥିବା ବନ୍ଧୁ ଖୁରାମ ଓରଫ ଅବଦୁଲ ହମିଦଙ୍କ ସହ ପରିଚିତ କରାଇଥିଲେ। ଖୁରାମ ପାକିସ୍ତାନ ସେନାର ଜଣେ ବରିଷ୍ଠ ଗୁପ୍ତଚର ଅଧିକାରୀ। ଖୁରାମଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଭାରତରେ କାର୍ଯ୍ୟ କରୁଥିବା ବିଭିନ୍ନ ପିଆଇଓକୁ ଟଙ୍କା ଟ୍ରାନ୍ସଫର କରୁଥିଲେ ବୋଲି ଏସଟିଏଫ୍ ଜାଣିବାକୁ ପାଇଛି। ଅଭିଜିତ୍ ହ୍ୱାଟ୍‌ସଆପ ମାଧ୍ୟମରେ ୭ ଜଣ ପାକିସ୍ତାନୀ ନାଗରିକ ଏବଂ ୧୦ ଜଣ ନାଇଜେରିଆ ନାଗରିକଙ୍କ ସହ ମଧ୍ୟ କଥା ହେଉଥିଲେ। ଅପରପକ୍ଷେ ଏହି ମାମଲାରେ ଅଭିଜିତଙ୍କୁ ମିଶାଇ ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ପ୍ରୀତମ୍ କର ଓ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଞ୍ଚଳର ସରୋଜ କୁମାର ନାୟକଙ୍କ କ୍ରିପ୍ଟୋ ଟ୍ରେଡିଂରେ ଲିଙ୍କ୍‌ର ପ୍ରମାଣ ପାଇବା ପରେ ଉଭୟ ଅଭିଯୁକ୍ତଙ୍କ ଦୁଇଟି କ୍ରିପ୍ଟୋ ଆକାଉଣ୍ଟରେ ଥିବା ୧ କୋଟିରୁ ଅଧିକକ୍ଷକକକ ବ୍ଲକ୍ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

ଚଳଚ୍ଚିତ୍ରରେ ହରିଜନ ଶବ୍ଦ: ଅଡୁଆରେ ମନ୍ତ୍ରୀଙ୍କ ସ୍ତ୍ରୀ ଝିଲ୍ଲିକ

ଥାନାରେ ଦଳିତ ମଞ୍ଚର ଏତଲା

ଯାଜପୁର,୧।୭ (ହର୍ଷବର୍ଦ୍ଧନ ବେହେରା) ସୁକିନ୍ଦା ବିଧାୟକ ତଥା ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇଙ୍କ ସ୍ତ୍ରୀ ଝିଲ୍ଲିକ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ପ୍ରାୟୋଜିତ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ର ଏକ ସଂଳାପରେ ହରିଜନ ଶବ୍ଦ ବ୍ୟବହାରକୁ ନେଇ ସୁକିନ୍ଦା ଥାନାରେ ଦଳିତ ମଞ୍ଚ ପକ୍ଷରୁ ଶନିବାର ଏତଲା ଦିଆଯାଇଛି। ସମଗ୍ର ରାଜ୍ୟରେ ମେ ୨୯ ତାରିଖରେ ମୁକ୍ତିଲାଭ କରିଥିବା ଉକ୍ତ ଚଳଚ୍ଚିତ୍ରରେ ନାୟିକା ନାୟକଙ୍କୁ 'ତୁ ଜଣେ ହରିଜନ ପିଲା ଆଉ ମୁଁ ଜଣେ ସାମନ୍ତ ଘର ଝିଅ' କହିଛନ୍ତି । ଏହାକୁ ନେଇ ବିବାଦ ଜୋର ଧରିଛି। ହରିଜନ ଶବ୍ଦ ବ୍ୟବହାର ନ କରିବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ ଏଥିରେ ଅବମାନନା କରାଯାଇଛି। ତେଣୁ ସୁକିନ୍ଦା ଦଳିତ ମଞ୍ଚ ପକ୍ଷରୁ ଥାନାରେ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଅଭିନେତ୍ରୀଙ୍କ ନାମରେ ଏତଲା ଦିଆଯିବା ସହିତ ଫିଲ୍ମକୁ ବନ୍ଦ କରିବା ଏବଂ ସେମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି । ନଚେତ୍ ଖୁବ୍‌ଶୀଘ୍ର ସେମାନେ ରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି। ଦଳିତ ମଞ୍ଚ ସଭାପତି ସୁଶାନ୍ତ ମଲିକଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅନୁସୂଚିତ ଜାତିର ବ୍ୟକ୍ତିମାନେ ଏତଲା ଦେଇଛନ୍ତି। କିନ୍ତୁ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ। ସୁକିନ୍ଦା ଥାନା ଆଇଆଇସି କାବୁଲି ବାରିକ କହିଛନ୍ତି ଯେ, ମଞ୍ଚ ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ଗ୍ରହଣ କରାଯାଇଛି ଏବଂ ତାହାର ତର୍ଜମା କରାଯାଉଛି।

ଲାଲ୍‌ବାହିନୀର ଲଙ୍କାକାଣ୍ଡ

ମୁନିଗୁଡ଼ାରେ ୯ ଗାଡ଼ି ଜାଳିଦେଲେ ମାଓବାଦୀ

ମାଓବାଦୀମାନେ ପୋଡ଼ିଦେଇଥିବା ଗାଡ଼ି।

ମୁନିଗୁଡ଼ା/ବିଷମକଟକ,୧।୭ (ରାଧେଶ୍ୟାମ ଅଗ୍ରୱାଲ/ ବିଭୂତି ଭୂଷଣ ନାୟକ)

କିଛିଦିନର ନୀରବତା ପରେ ରାୟଗଡ଼ା ଜିଲା ମୁନିଗୁଡ଼ାରେ ପୁଣି ମାଓବାଦୀମାନେ ବଡ଼ ଧରଣର ଲଙ୍କାକାଣ୍ଡ ଘଟାଇ ନିଜର ଉପସ୍ଥିତି ଜାହିର କରିଛନ୍ତି। ମାଓବାଦୀମାନେ ଶୁକ୍ରବାର ବିଳମ୍ବିତ ରାତିରେ ଦେଓକୁପୁଲି ଛକ ନିକଟସ୍ଥ କ୍ରଶରରେ ଥିବା ୨ଟି ପୋକ୍‌ଲିନ ମେଶିନ, ୫ଟି ହାଇୱା ଏବଂ ୨ଟି ଲୋଡର ସମେତ ୯ ଗାଡ଼ି ପୋଡ଼ିଦେଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ମହିଳା କ୍ୟାଡରଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଶୁକ୍ରବାର ବିଳମ୍ବିତ ରାତିରେ ଦେଓକୁପୁଲି ଛକ ନିକଟରେ ଥିବା ରେଲୱେ ଠିକା ସଂସ୍ଥା ଆଇଟେଲ କମ୍ପାନୀର କ୍ରଶରରେ ପହଞ୍ଚିଥିଲେ। ପ୍ରଥମେ ୫ ମାଓବାଦୀ କ୍ରଶରରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ଗେଟ୍ ପାଖରେ ଅଟକ ରଖି ସେମାନଙ୍କଠାରୁ ମୋବାଇଲ ଛଡ଼ାଇନେଇଥିଲେ। ପରେ ଅନ୍ୟ ମାଓବାଦୀମାନେ କ୍ରଶରରେ ଥିବା ୯ଟି ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ମାଓବାଦୀମାନେ ଯିବା ସମୟରେ ସେଠାରେ ପୋଷ୍ଟର ଛାଡ଼ି ଯାଇଛନ୍ତି। କ୍ରଶର ଦ୍ୱାରା ପରିବେଶ ପ୍ରଦୂଷଣ ସହ ଚାଷକାର୍ଯ୍ୟରେ କ୍ଷତି, ଭାରିଯାନ ଯାତାୟାତ ଯୋଗୁ ରାସ୍ତା ନଷ୍ଟ, ପଥର ବ୍ଲାଷ୍ଟିଂ ଯୋଗୁ ପିଲାଙ୍କ ଶ୍ରବଣଶକ୍ତି ନଷ୍ଟ ହେଉଥିବା ପୋଷ୍ଟରରେ ଲେଖାଯାଇଛି। ଏହି ଘଟଣା ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ ତରଫରୁ ଘଟାଯାଇଥିବା ଉଲ୍ଲେଖ ରହିଛି। ଖବରପାଇ ଘଟଣାସ୍ଥଳରେ ମୁନିଗୁଡ଼ା ପୋଲିସ ପହଞ୍ଚି ପୋଷ୍ଟର ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋରଦାର କରାଯାଇଥିବା ରାୟଗଡା ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ସଂରକ୍ଷିତ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ

ନୂଆପଡ଼ା,୧।୭(ମକାରୁ ବେମାଲ) ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡା ଜିଲା ସିନାପାଲି ଥାନା ଖୋଲାପଡା ନିକଟ ଜଙ୍ଗଲରୁ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ଘଟଣାସ୍ଥଳରେ ପୋଲିସ ହାତ ତିଆରି ଗ୍ରେନେଡ ସହ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛି। ଏହା ପରେ ସ୍ଥାନୀୟ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି ବୋଲି ନୂଆପଡା ଆରକ୍ଷୀ ଅଧୀକ୍ଷକ ଜିଆର୍ ରାଘବେନ୍ଦ୍ର ଶନିବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସିନାପାଲି ଥାନା ଅନ୍ତର୍ଗତ ପାଟଦର୍ହା ସଂରକ୍ଷିତ ଜଙ୍ଗଲ ଖୋଲାପଡା ଗାଁ ନିକଟରେ ମାଓବାଦୀମାନେ ଲୁଚି ରହିଥିବା ପୋଲିସ ଗୋଇନ୍ଦା ସୂତ୍ରରୁ ଖବର ମିଳିଥିଲା। ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମେନପୁର-ନୂଆପଡା ଡିଭିଜନର ସଶସ୍ତ୍ର ମାଓବାଦୀ ମେଳି କରିଥିଲେ। ସେଠାରେ ମାଓବାଦୀମାନେ ମେଳି ବାନ୍ଧି ବଡଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଓଜି, ସିଆର୍‌ପିଏଫ୍ ଓ ଡିଭିଏଫ୍ ଯବାନଙ୍କ ମିଳିତ ଭାବେ କୋମ୍ବିଂ ଅପରେଶନ କରାଯାଇଥିଲା। କୋମ୍ବିଂ ଅପରେଶନ ଖବର ପାଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରୁ ପୋଲିସ ଜୀବନ୍ତ ହାତ ତିଆରି ଗ୍ରେନେଡ, ରେଡିଓ, ସୋଲଡିଂ ଆଇରନ, ବ୍ୟାଟେରି, ମାଓବାଦୀ ପୋଷାକ, ବିଭିନ୍ନ ପ୍ରକାର ଔଷଧ, ନିତିଦିନିଆ ବ୍ୟବହାର୍ଯ୍ୟ ସାମଗ୍ରୀ ଏପରି ୨୧ ପ୍ରକାର ସାମଗ୍ରୀ ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ୨୧୬ ବାଟାଲିଆନ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ଓ ଦେବାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଜବତ ମାଓବାଦୀ ସାମଗ୍ରୀ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

କୋମ୍ବିଂ ଅପରେଶନ ଜୋର୍‌ଦାର

ବିପୁଳ ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିର,୧।୭(ଦୁର୍ଯ୍ୟୋଧନ ପାତ୍ର) ମାଲକାନଗିରି ପୋଲିସ ଓ ବିଏସ୍‌ଏଫ୍ ବାହିନୀ ଦ୍ୱାରା ଚିତ୍ରକୋଣ୍ଡା ବ୍ଲକ ଜଡାମ୍ବ ଥାନା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଗତ ୨୯ ତାରିଖରେ ଜବତ କରାଯାଇଥିଲା। ଏ ସମ୍ପର୍କରେ ମାଲକାନଗିରି ଏସ୍‌ପି ନୀତୀଶ୍ ଓ୍ୱାଧଓ୍ୱାନି ଶନିବାର ଦେଇଥିବା ସୂଚନା ଅନୁସାରେ ଅପରେଶନ ଖୋଜ୍ ଯୋଜନାରେ ଜିଲା ପୋଲିସ ଓ ବିଏସ୍‌ଏଫ୍ ମିଳିତ ଭାବେ ଜଡାମ୍ବ ଥାନା ଅଞ୍ଚଳରେ କୋମ୍ବିଂ ସମୟରେ ଜଡ଼ାମ୍ବ ଥାନା ନିକଟ ଡାବୁଗୁଡ଼ା ଓ ଅରିଙ୍ଗିପଡ଼ା ଗ୍ରାମ ଜଙ୍ଗଲର ଗୋଟିଏ ସ୍ଥାନରେ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଥିବା ଜାଣି ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ଦୁଇଟି କଣ୍ଟ୍ରି ମେଡ୍ ଗନ୍, ୧୨ଟି ବୋର୍ ଇମ୍ୟୁନେଶନ, ଗୋଟିଏ ଏସ୍‌ଏଲ୍‌ଆର୍ ଇମ୍ୟୁନେଶନ, ତିନୋଟି ଆଇଡି, ୫୫ଜିଲୋଟିନ୍ ଷ୍ଟିକ୍, ବିଦ୍ୟୁତ୍ ତାର, ମୋବାଇଲ ଚାର୍ଜର, ମହିଳାଙ୍କ ବ୍ୟବହୃତ ହେୟାର ପିନ୍, ରବର ବ୍ୟାଣ୍ଡ, ପାନିଆ, ପେନ୍ ଓ ପେନ୍‌ସିଲ ଇତ୍ୟାଦି ସହ ୬୨ଟି ସାମଗ୍ରୀ ଜବତ କରିଛନ୍ତି। ସାମଗ୍ରୀଗୁଡ଼ିକ ଆନ୍ଧ୍ର-ଓଡ଼ିଶା ବୋର୍ଡର ଜୋନାଲ କମିଟି ତରଫରୁ ଜନସାଧାରଣ ଓ ପୋଲିସକୁ ଟାର୍ଗେଟକରି ରଖାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଓ୍ୱାଧଓ୍ୱାନି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି, ପୂର୍ବରୁ ଅପରେଶନ ଘର ଓ୍ୱାପ୍‌ସି ଯୋଜନାରେ ବିଗତ ଦିନରେ ବହୁ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜୁନ୍ ୨, ୨୦୨୨ରେ ୪୭ଜଣ ମିଲିସିଆ ଯନ୍ତ୍ରୀଠାରେ ଆତ୍ମସମର୍ପଣ କରିଥିବା ବେଳେ ଜୁନ୍ ୧୧, ୨୦୨୨ରେ ୧୮୦ ଓ ଅଗଷ୍ଟ ୨୨, ୨୦୨୨ରେ ଜାନବାଇଠାରେ ୫୫୦ଜଣ ଆତ୍ମସମର୍ପଣ କରିଥିଲେ। ସେହିପରି ସେପ୍ଟେମ୍ବର ୧୭, ୨୦୨୨ରେ ଅଣ୍ଡ୍ରାହାଲଠାରେ ୩୦୦ ମିଲିସିଆଙ୍କ ସହ ମୋଟ ୭୦୦ ମାଓବାଦୀ ସମର୍ଥକ ଆତ୍ମସମର୍ପଣ କରିଥିଲେ। ସେହିପରି ନଭେମ୍ବର ୫, ୨୦୨୨ରେ ୪୧୦ ମିଲିସିଆଙ୍କ ସହ ମୋଟ ୬୫୦ ମାଓବାଦୀ ସମର୍ଥକ, ଡିସେମ୍ବର ୨୦, ୨୦୨୨ରେ ୪୬୭ ମିଲିସିଆଙ୍କ ସହ ମୋଟ ୯୦୭ ମାଓବାଦୀ ସମର୍ଥକ ଆତ୍ମସମର୍ପଣ କରିଥିଲେ। ସେହିପରି ଜାନୁୟାରୀ ୨୦୨୨ଠାରୁ ଜାନୁୟାରୀ ୨୦୨୩ ମଧ୍ୟରେ ମୋଟ ୨୦ ମାଓବାଦୀ କ୍ୟାମ୍ପ ଠାବକରି ବିପୁଳ ପରିମାଣର ସାମଗ୍ରୀ ଯଥା ଆଇଡି, ବନ୍ଧୁକ, ତାର, ଟିଫିନ୍ ବୋମା, ଜିଲୋଟିନ୍ ଷ୍ଟିକ୍, ଡିଟୋନେଟର ଓ ଅଫୁଟା ଗୁଳି ଇତ୍ୟାଦି ଜବତ କରିଥିବା ଓ୍ୱାଧଓ୍ୱାନି ସୂଚନା ଦେଇଛନ୍ତି।

ଜବତ କରାଯାଇଥିବା ମାଓବାଦୀ ସାମଗ୍ରୀ।

ଓଡ଼ିଶାର ଜମିପଟ୍ଟାକୁ ଗ୍ରାମବାସୀଙ୍କଠାରୁ ନେଇଯାଇଛି ଆନ୍ଧ୍ର

ରାଇପାହାଡ଼ରେ ସୀମା ଡେଇଁଛି

ନନ୍ଦପୁର, ୧।୭ (ଶଙ୍କର ପୂଜାରୀ) କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ଗ୍ରାମରେ ଆନ୍ଧ୍ର ପ୍ରଦେଶର ଅନୁପ୍ରବେଶ ଯାଞ୍ଚ ପରେ ସ୍ପଷ୍ଟ ହୋଇଛି। ଆନ୍ଧ୍ର ତା'ର ସୀମା ଡେଇଁ ଓଡ଼ିଶା ସୀମାର ପ୍ରାୟ ଦେଢ

ଭାରତ-କୁଏଟ ଫାଇନାଲ

ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍

ବେଙ୍ଗାଲୁରୁ, ୧।୭ (ପି.ଟି.)

ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ର ଫାଇନାଲ ଭାରତ ଓ କୁଏଟ୍ ମଧ୍ୟରେ ହେବ। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଭାରତ ୪-୨ ପେନାଲ୍ଟି ଶୁଟ୍‌ଆଉଟରେ ଲେବାନନକୁ ପରାସ୍ତ କରିଛି। କୁଏଟ୍ ପ୍ରଥମ ସେମିଫାଇନାଲରେ ୧-୦ ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ କର ଥିଲା। ଦଳ ତରଫରୁ ବିଜୟସୂଚକ ଗୋଲ୍‌କୁ ଅତିରିକ୍ତ ସମୟ ଖେଳ ପ୍ରଥମାର୍ଦ୍ଧର ଶେଷ ମୁହୂର୍ତ୍ତରେ ଅବଦୁଲା ଅଲ୍ ବ୍ଲୋଶି ସ୍କୋର କରିଥିଲେ। ଫାଇନାଲ ମ୍ୟାଚ ଜୁଲାଇ ୪ରେ ଖେଳାଯିବ। ଭାରତ ଓ ଲେବାନନ ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ୧୨୦ ମିନିଟ ସମୟ ଖେଳ ଗୋଲଶୂନ୍ୟ ରହିବାରୁ ପେନାଲ୍ଟି ଶୁଟଆଉଟ ପଦ୍ଧତି ଅବଲମ୍ବନ କରିଥିଲା। ଏଥିରେ ଭାରତ ତରଫରୁ ଅଧିନାୟକ ସୁନୀଲ ଛେତ୍ରୀ, ଅନୱାର ଅଲି, ମହେଶ ସିଂ ଓ ଉଦାନ୍ତ ସିଂ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଲେବାନନ ଦୁଇଟି ଗୋଲ୍ ୱାଲିଦ ଶୋର୍ ଓ ମହମ୍ମଦ ସାଡେକ୍‌ଙ୍କ ଜରିଆରେ ସ୍କୋର କରିଥିଲା। ଲେବାନନର ହସନ ମାଟୋକ ଓ ଖଲିଲ ବାଦରଙ୍କ ଦୁଇଟି ପ୍ରଚେଷ୍ଟାକୁ ଭାରତୀୟ ଗୋଲକିପର ଗୁର୍‌ପ୍ରୀତ ସାନ୍ଧୁ ଅକାମି କରିଦେଇଥିଲେ। ଲେବାନନ ବିପକ୍ଷରେ ଭାରତର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ରେ ଭାରତ ୨-୦ ଗୋଲ୍‌ରେ ଲେବାନନକୁ ପରାସ୍ତ କରିଥିଲା। ଭାରତ ୧୩ ତମ ଥର ଏହି ଆଞ୍ଚଳିକ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ପୂର୍ବ ୧୮ଟି ସଂସ୍କରଣ ମଧ୍ୟରୁ ଭାରତ ୮ଥର ଚାମ୍ପିୟନ ହୋଇପାରିଛି।

ଲେବାନନ୍‌କୁ ହରାଇବା ପରେ ଭାରତୀୟ ଦଳ।

ଆଶେସ୍ ସିରିଜ୍

ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

ଲଣ୍ଡନ, ୧।୭

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଆଶେସ୍ ଟେଷ୍ଟ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ। ଅନ୍ତିମ ଦିନରେ ଭ୍ରମଣକାରୀ ଦଳକୁ ବିଜୟ ପାଇଁ ୬ ଉଇକେଟ ଆବଶ୍ୟକ ଥିବା ବେଳେ ଇଂଲଣ୍ଡକୁ ଆବଶ୍ୟକ ୨୫୭ ରନ୍। ପ୍ରଥମ ଇନିଂସରେ ୯୧ ରନ୍‌ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨୭୯ ରନ୍‌ରେ ଅଲଆଉଟ ହୋଇଥିଲା। ଇଂଲଣ୍ଡ ସମ୍ମୁଖରେ ୩୭୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଚତୁର୍ଥ ଦିନର ଷ୍ଟମ୍ପ୍ସ ସୁଦ୍ଧା ଦଳ ୪ ଉଇକେଟରେ ୧୧୪ ରନ୍ କରିଛି।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୩୦/୨ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଚତୁର୍ଥ ଦିନରେ ଇଂଲଣ୍ଡ ବୋଲର ପ୍ରଭାବୀ ବୋଲିଂ କରିଥିଲେ। ଉସ୍‌ମାନ ଖ୍ୱାଜା ସର୍ବାଧିକ ୬୭ ରନ୍ କରିଥିଲେ। ୧୮୭ ବଲ୍‌ର ଏହି ଇନିଂସରେ୧୨ ଚୌକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଷ୍ଟିଭେନ୍ ସ୍ମିଥ୍ ୩୪ ଓ ମାର୍ନସ୍ ଲାବୁଶେନ୍ ୩୦ ରନ୍ ସ୍କୋର କରିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋଶ ଟଙ୍ଗ ଓ ଓଲି ରବିନସନ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ୨୭୯ ରନ୍‌ରେ ଅଲଆଉଟ ହେବା ପରେ ଇଂଲଣ୍ଡର ଆରମ୍ଭ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ୧୩ ରନ୍ ମଧ୍ୟରେ ଜ୍ୟାକ୍ କ୍ରଲି(୩) ଓ ଓଲି ପୋପ୍(୩) ପ୍ୟାଭିଲିୟନ୍ ଫେରିଥିଲେ। ଉଭୟ ଖେଳାଳିଙ୍କୁ ଆଉଟ୍ କରିଥିଲେ ମିଚେଲ ଷ୍ଟାର୍କ। ଜୋ ରୁଟ୍ (୧୮ ରନ୍) କରି ବେନ୍ ଡକେଟ(୫୦*)ଙ୍କ ସହିତ ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ତେବେ ମାତ୍ର ୪ ରନ୍ ମଧ୍ୟରେ ରୁଟ୍ ଓ ହ୍ୟାର ବ୍ରୁକ୍ ପ୍ୟାଭିଲିୟନ୍ ଫେରିଥିଲେ। ବେନ୍ ଡକେଟ୍ ୬୭ ବଲ୍ ଖେଳି ୫୦ ରନ୍‌ରେ ଅପରାଜିତ ରହିଥିବା ବେଳେ ଅଧିନାୟକ ବେନ୍ ଷ୍ଟୋକ୍ସ ୨୯ ରନ୍‌ରେ ବ୍ୟାଟିଂ କରୁଛନ୍ତି। ମିଚେଲ ଷ୍ଟାର୍କ ଓ ପ୍ୟାଟ କୁମିନ୍ସ ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି।

ଟ୍ରାଭିସ ହେଡ୍‌ଙ୍କୁ ଆଉଟ କରିବା ପରେ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍।

ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ - ୪୧୬/୧୦
ଇଂଲଣ୍ଡ ପ୍ରଥମ ଇନିଂସ-୩୨୫
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୧୦୧.୫ ଓଭରରେ ୨୭୯/୧୦(ଉସମାନ ଖ୍ୱାଜା-୬୭, ଷ୍ଟିଭେନ୍ ସ୍ମିଥ-୩୪, ମାର୍ନସ୍ ଲାବୁଶେନ୍-୩୦, ଷ୍ଟୁଆର୍ଟ ବ୍ରଡ୍-୪/୬୫, ଓଲି ରବିନ୍‌ସନ୍-୨/୪୮,ଜୋଶ୍ ଟଙ୍ଗ-୨/୫୩)। ଇଂଲଣ୍ଡ ଦ୍ୱିତୀୟ ଇନିଂସ ୩୧ ଓଭରରେ ୧୧୪/୪(ବେନ୍ ଡକେଟ୍-୫୦*, ବେନ୍ ଷ୍ଟୋକ୍ସ-୨୯*, ଜୋ ରୁଟ୍-୧୮, ପ୍ୟାଟ୍ କୁମିନ୍ସ-୨/୨୦, ମିଚେଲ୍ ଷ୍ଟାର୍କ-୨/୪୦)।

ଓଡ଼ିଶା ଉଷୁ ଖେଳାଳି ଜିତିଲେ ୫ ପଦକ

ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ଓଡ଼ିଶା ଉଷୁ ଦଳ।

ଭୁବନେଶ୍ୱର, ୧।୭(ବିଜୟ ରଣା)

ମହାରାଷ୍ଟ୍ରର ପୁଣେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜୁନ୍ ୨୬ରୁ ଚାଲିଥିବା ୩୨ତମ ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ଉଷୁ ଦଳ ୫ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛି। ସେମାନେ ଗୋଟିଏ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରିଙ୍କି ରାଉତରାୟ ଟାଓଲୁ (ମହିଳା) ଡବଲ ଓ୍ୱିପ୍ସରେ ଏକ ରୌପ୍ୟ ଜିତିଥିବା ବେଳେ ବିରାମ ଟୁଡୁ ଟାଓଲୁ (ପୁରୁଷ) ନାନ୍‌କୁଆନ୍‌ରେ, ଆଶିଷ କୁମାର ପ୍ରଧାନ ଟାଓଲୁ (ପୁରୁଷ) ଟାଇଜି ଟ୍ରାଡିଶନାଲ ବେୟାର ହ୍ୟାଣ୍ଡରେ, ଅମିତ କୁମାର ସିଂ ଟାଓଲୁ (ପୁରୁଷ) ଚାଙ୍‌କୁଆଙ୍‌ରେ ଏବଂ ମଞ୍ଜୁ ମୁଣ୍ଡା ସାଣ୍ଡା ମହିଳା ୪୫କେଜି ଶ୍ରେଣୀରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସୂଚନାଯୋଗ୍ୟ, ଚାମ୍ପିୟନଶିପ୍‌ରେ ୩୫ ଖେଳାଳି ଓ ୬ ଅଫିସିଆଲଙ୍କ ସମେତ ୪୧ ଜଣିଆ ଦଳ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ଏହି ଚାମ୍ପିୟନଶିପ୍‌ରେ ମୁଖ୍ୟ ଜଜ୍ ଏବଂ ଅନୁରାଧା ଦୋରା ଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ମହାନ୍ତ ଓ ସୁଜନ ରଥ ଦଳ ସହିତ କୋଚ୍ ଭାବେ ଯାଇଥିଲେ। ସୁଶାନ୍ତ କୁମାର ନାୟକ ଓ ଈଶ୍ୱର ଚନ୍ଦ୍ର ମହାନ୍ତ ଟିମ୍ ମ୍ୟାନେଜର ରହିଥିଲେ। ସଫଳତା ପାଇଁ ଓଡ଼ିଶା ଉଷୁ ଆସୋସିଏଶନ ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି ଏବଂ ଉପସଭାପତି ବିକାଶ ପଟ୍ଟନାୟକ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ୟୁକି ଭାମ୍ବ୍ରିଙ୍କୁ ପ୍ରଥମ ଏଟିପି ଡବଲ୍ସ ଟାଇଟଲ

ମାଲୋର୍‌କା (ସ୍ପେନ), ୧।୭ (ପି.ଟି.)

ଭାରତର ୟୁକି ଭାମ୍ବ୍ରି ତାଙ୍କର ପ୍ରଥମ ଏଟିପି ୱାର୍ଲ୍ଡ ଟୁର୍ ଟାଇଟଲ ହାସଲ କରିଛନ୍ତି। ସେ ତାଙ୍କ ଦକ୍ଷିଣ ଆଫ୍ରିକୀୟ ପାର୍ଟନର ଲୟଡ୍ ହାରିସଙ୍କ ସହିତ ମାଲୋର୍କା ଚାମ୍ପିୟନଶିପ୍‌ରେ ଡବଲ୍ସ ଟ୍ରଫି ଜିତିଛନ୍ତି। ୱିମ୍ବେଲଡନ ଚାମ୍ପିୟନଶିପ୍ ପୂର୍ବରୁ ଏହି ଗ୍ରାସ୍‌କୋର୍ଟ ଇଭେଣ୍ଟର ଫାଇନାଲରେ ଇଣ୍ଡୋ-ସାଉଥ ଆଫ୍ରିକାନ ଯୋଡ଼ି ଅଷ୍ଟ୍ରିଆର ରବିନ୍ ହେସ୍ ଓ ଫିଲିପ୍ ଓସ୍‌ୱାଲ୍ଡଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଭାମ୍ବ୍ରି ମଙ୍ଗଳବାର ୩୧ବର୍ଷରେ ପଦାର୍ପଣ କରିବେ। ଏଠାରେ ବିଜୟ ଦ୍ୱାରା ସେ ର୍ୟାଙ୍କିଙ୍ଗ ତାଲିକାରେ ୭୫ତମ ସ୍ଥାନରୁ ୫୮ତମ ସ୍ଥାନକୁ ଉଠି ପାରିଛନ୍ତି। ବାରମ୍ବାର ଇଞ୍ଜୁରି ସମସ୍ୟାରେ ରହିବାରୁ ଭ୍ରମ୍ବି ସିଙ୍ଗଲ୍ସ ଛାଡ଼ି ଡବଲ୍ସ ଉପରେ ମନୋନିବେଶ କରିଥିଲେ। ସେ ଅଧିକାଂଶ ମ୍ୟାଚ ନିଜ ଦେଶର ସାକେତ ମାଇନେନିଙ୍କୁ ପାର୍ଟନର କରି ଖେଳିଛନ୍ତି। ସେମାନେ ଏହି ସିଜନରେ ନଟ୍ଟାବୁରି ଓ ଗିରୋନାଠାରେ ଦୁଇଟି ଚ୍ୟାଲେଞ୍ଜର ଟାଇଟଲ ଜିତିଛନ୍ତି।

ଟ୍ରଫି ସହ ୟୁକି ଭାମ୍ବ୍ରି(ଡାହାଣ) ଓ ଲୟଡ୍ ହାରିସ।

ଦୀପକ, ନିଶାନ୍ତ, ପରବିନଙ୍କୁ ଏସିଆନ ଗେମ୍ସ ଯୋଗ୍ୟତା

ନୂଆଦିଲ୍ଲୀ,୧।୭(ପି.ଟି.)

ଆକଳନ ପରେ ଚଳିତ ବର୍ଷ ଚାଇନାର ହାଙ୍ଗ୍‌ଝୋଠାରେ ହେବାକୁଥିବା ଏସିଆନ ଗେମ୍ସ ଲାଗି ବିଶ୍ୱ ଚାମ୍ପିୟନ ବ୍ରୋଞ୍ଜ ବିଜେତା ବକ୍ସର ଦୀପକ ଭୋରିଆ (୫୧ କେଜି) ଓ ନିଶାନ୍ତ ଦେବ (୭୧କେଜି)ଙ୍କୁ ଭାରତୀୟ ପୁରୁଷ ବକ୍ସିଂ ଦଳରେ ସାମିଲ କରାଯାଇଛି। ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ହେବାକୁଥିବା ଏହି କଣ୍ଟିନେଣ୍ଟାଲ ଇଭେଣ୍ଟ ଲାଗି ମନୋନୀତ ମହିଳା ଦଳରେ ଷ୍ଟାର ବକ୍ସର ନିଖତ ଜରିନ୍ (୫୧କେଜି) ଓ ଲଭଲିନା ବର୍ଗୋହେନ୍ (୭୫କେଜି)ଙ୍କ ସହ ୨୦୨୨ ବିଶ୍ୱ ବ୍ରୋଞ୍ଜ ପଦକ ବିଜେତା ପରବିନ୍ ହୁଦା (୫୭ କେଜି), ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜେତା ଜସ୍ମିନ ଲାମ୍ବୋରିଆ (୬୦ କେଜି), ଅରୁନ୍ଧତି ଚୌଧାରୀ ଓ ପ୍ରୀତି ପାୱାର ପ୍ରମୁଖ ଯୋଗ ଦେଇଛନ୍ତି। ଦୁଇଥର ବିଶ୍ୱ ଚାମ୍ପିୟନ ନିଖତ ଏବଂ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଲଭଲିନା ମାର୍ଚ୍ଚରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ ଆଧାରରେ ଆପେ ଯୋଗ୍ୟତା ଅର୍ଜନ କରିଛନ୍ତି।

ସୀମା ପୁନିଆ ଜିତିଲେ ରୌପ୍ୟ

ନୂଆଦିଲ୍ଲୀ, ୧।୭ (ପି.ଟି.)

ଭେଟେରାନ ଭାରତୀୟ ଡିସ୍‌କସ୍ ଥ୍ରୋୟର ସୀମା ପୁନିଆ କାଜାଖସ୍ତାନର ଅଲମାଟିଠାରେ ଅନୁଷ୍ଠିତ କୋସାନୋଭ ମେମୋରିଆଲ ଆଥଲେଟିକ୍ସ ମିଟ୍‌ରେ ଏକ ରୌପ୍ୟ ପଦକ ଜିତିଛନ୍ତି। ୩୯ ବର୍ଷୀୟା ସୀମା ହେଉଛନ୍ତି ୨୦୧୪ ଏସିଆନ ଗେମ୍ସ ଚାମ୍ପିୟନ। ସେ ୫୭.୩୫ମିଟର ଦୂର ଡିସ୍‌କ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଚଳିତ ସିଜନରେ ଏହା ହେଉଛି ତାଙ୍କର ଦ୍ୱିତୀୟ ପ୍ରତିଯୋଗିତା। ଥାଇଲାଣ୍ଡର ସୁବେନ୍‌ରାଟ୍ ଇନ୍‌ସାଏଙ୍ଗ୍ ୫୯.୬୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୬ଜଣ ମହିଳାଙ୍କୁ ନେଇ ଏହି ପ୍ରତିଯୋଗିତାରେ ସ୍ଥାନୀୟ ଆଥଲେଟ କାରିନା ଭାସିଲିୟେଭା ୪୭.୭୦ ମିଟର ସହ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଏସିଆନ ଗେମ୍ସ ପାଇଁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) କ୍ୱାଲିଫାଇଙ୍ଗ ଅଙ୍କ ୫୭ ମିଟର ରଖିଛି। ଏଏଫ୍‌ଆଇ ତରଫରୁ ଜୁନ୍ ୧୫ରୁ ୧୬ ରେ ଭୁବନେଶ୍ୱରଠାରେ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ଏଥିରେ ଏସିଆନ ଗେମ୍ସ ପାଇଁ ସିଲେକ୍ସନ ବାଧ୍ୟତାମୂଳକ ରହିଥିଲା। ସୀମା ୫୬.୫୦ ମିଟର ଥ୍ରୋ କରି ସ୍ୱର୍ଣ୍ଣ ଜିତିଥିଲେ। ସୀମା ୨୦୦୪ରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ଡିସ୍କ ୬୪.୮୪ ମିଟର ଦୂର ଫିଙ୍ଗି ଥିଲେ।



ସୁସ୍ମିତା ଟିଗାଙ୍କୁ ଅନୁରାଧା ବିଶ୍ୱାଳ କ୍ରୀଡ଼ା ପୁରସ୍କାର

ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ

ଭୁବନେଶ୍ୱର,୧।୭(ସରୋଜ କେନା)

ପୁରୀର ପ୍ରଥମ କୁସ୍ତିଗୁରୁ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଉଦୀୟମାନ କ୍ରୀଡାବିତ ଓ କ୍ରୀଡା ପ୍ରଶିକ୍ଷକଙ୍କୁ ପ୍ରୋତ୍ସାହିତ କରିବ ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ। ଜୁଲାଇ ୮ତାରିଖରେ ଜୟଦେବ ଭବନଠାରେ ଅଷ୍ଟମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡା ପ୍ରତିଭା ଓ କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ କରାଯିବ। ଉତ୍ସବରେ ମନୋନୀତ ସମସ୍ତ କ୍ରୀଡା ପ୍ରତିଭାଙ୍କୁ ଅର୍ଥ ରାଶି ସହ ସମର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ କୁସ୍ତି କୋଚ୍ ସୁଦର୍ଶନ ସେନାପତି, ଆଥ୍‌ଲେଟିକ୍ସ କୋଚ୍ ନୀଳମଣି ଦାସ, ଭଲିବଲ କୋଚ୍ ସୁଷମା ନନ୍ଦ, ହକି କୋଚ୍ ଅମୂଲ୍ୟ କୁମାର ବେହେରା, ଯୋଗ ପ୍ରଶିକ୍ଷକ ଗଣେଶ୍ୱର ଗୋଚ୍ଛିକାରଙ୍କୁ ପ୍ରଶିକ୍ଷଣରେ ଅବଦାନ ପାଇଁ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡାଗୁରୁ ସମ୍ମାନ ୨୦୨୩ରେ ସମ୍ମାନିତ କରାଯିବ। ସେହିଭଳି କୁସ୍ତିରେ ବାପି ଦାସ, କରାଟେରେ ଡି. ଭଗବାନ ରେଡ୍ଡୀ, ଫୁଟବଲରେ ଶୁଭସ୍ମିତା ରାଉତ ଓ ସଫ୍ଟ ଟେନିସ୍‌ରେ ମହମ୍ମଦ ଅନସରୁଲ ହକଙ୍କୁ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡା ପ୍ରତିଭା ସମ୍ମାନ ୨୦୨୩ରେ ସମ୍ମାନିତ କରାଯିବ। ଏହା ବ୍ୟତିତ ମୁକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡା ପ୍ରତିଭା ସମ୍ମାନ ୨୦୨୩ରେ ଉଦୀୟମାନ ଆଥଲେଟ ସୁସ୍ମିତା ଟିଗାଙ୍କୁ ସମ୍ମାନିତ କରାଯିବ।

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୁରତରଙ୍ଗ ପକ୍ଷରୁ କେବଳ ପୁରାତନ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ର ସଙ୍ଗୀତକୁ କଳାକାରମାନେ ପରିବେଷଣ କରିବେ ବୋଲି ମକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ସଭ୍ୟ କୈବଲ୍ୟ ବରାଳ ଓ ପ୍ରିୟରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ସୁସ୍ମିତା ଟିଗା, ମହମ୍ମଦ ଅନସରୁଲ ହକ, ଡି. ଭଗବାନ ରେଡ୍ଡୀ, ଶୁଭସ୍ମିତା ରାଉତ, ବାପି ଦାସ, ସୁଦର୍ଶନ ସେନାପତି, ସୁଷମା ନନ୍ଦ, ଅମୂଲ୍ୟ ବେହେରା, ନୀଳମଣି ଦାସ, ଗଣେଶ୍ୱର ଗୋଚ୍ଛିକାର

ସମ୍ମାନିତ ହେବାକୁ ଥିବା ଆଥ୍‌ଲେଟଙ୍କ ତାଲିକା

ସୁଦର୍ଶନ ସେନାପତି – ଗଣିତରେ ସ୍ନାତକୋତ୍ତର ହୋଇଥିଲେ ମଧ୍ୟ କ୍ରୀଡା ପ୍ରତି ଆଗ୍ରହ କୁସ୍ତି ଆଡକୁ ଟାଣି ଆଣିଥିଲା। ପୁରୀରେ ପାରମ୍ପରିକ ତାଲିମ ପରେ ୧୯୭୩ରୁ ୧୯୭୮ ପର୍ଯ୍ୟନ୍ତ ଆନ୍ତଃ ବିଶ୍ୱବିଦ୍ୟାଳୟ ଓ ୧୯୭୩ରୁ ୧୯୮୩ ପର୍ଯ୍ୟନ୍ତ ଜାତୀୟ କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପଟିଆଲାସ୍ଥିତ ଜାତୀୟ କ୍ରୀଡା ପ୍ରତିଷ୍ଠାନରେ କୁସ୍ତି ପାଠ୍ୟକ୍ରମରେ ଡିପ୍ଲୋମା ପରେ ପୁରୀରେ କୁସ୍ତି କୋଚ କ୍ୟାରିୟର ଆରମ୍ଭ କରିଥିଲେ।

ନୀଳମଣି ଦାସ– ପ୍ରତିଭାବାନ କ୍ରୀଡାବିତ୍ ସୃଷ୍ଟି କରି ନିଜ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ନୀଳମଣି ଦାସ। ଛାତ୍ରାବସ୍ଥାରୁ ଆଥ୍‌ଲେଟିକ୍ସ ପ୍ରତି ଦୁର୍ବଳତା ଥିଲା। ରାଜ୍ୟ ତରଫରୁ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିଥିଲେ। ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ତାଙ୍କ ପ୍ରଶିକ୍ଷଣରେ ଅନୁଗୋଳ ଦଳ ୬ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଥିଲା।

ସୁଷମା ନନ୍ଦ– ନିଜକୁ ସଫଳ ଭଲିବଲ ଖେଳାଳି ଭାବେ ପ୍ରତିଷ୍ଠା କରିବା ସହ ଏକାଧିକ ମହିଳା କ୍ରୀଡାବିତ ସୃଷ୍ଟି କରିଛନ୍ତି ଭଲିବଲ କୋଚ ସୁଷମା ନନ୍ଦ। ଭଲିବଲ କୋଚ ତାଲିମ ନେବା ପରେ ସେ ଏକାଧିକ ସଫଳ ଖେଳାଳି ସୃଷ୍ଟି କରିପାରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ମାମାଲି ନାଗ, ଲାସ୍ୟମୟୀ ମହନ୍ତ ଓ ଶିବାନୀ ପ୍ରିୟଦର୍ଶନୀ ପ୍ରମୁଖ।

ଅମୂଲ୍ୟ କୁମାର ବେହେରା–ହକିରେ ଡିପ୍ଲୋମା ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବା ପରେ ୧୯୯୧ରେ କୋଚ ଭାବେ କ୍ୟାରିୟର ଆରମ୍ଭ କରନ୍ତି। ୧୯୯୭ ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନଶିପର ସ୍ୱର୍ଣ୍ଣ ପଦକ ବିଜେତା ଓଡିଶା ଦଳର ସେ କୋଚ୍ ଥିଲେ। ଏହା ବ୍ୟତୀତ ଜୁନିୟର ଜାତୀୟ ହକି, ଜାତୀୟ ହକି ପରି ଏକାଧିକ ଜାତୀୟ ପ୍ରତିଯୋଗିତାରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ଅମୂଲ୍ୟ କୁମାର ବେହେରା।

ଗଣେଶ୍ୱର ଗୋଚ୍ଛିକାର– ଯୋଗର ପ୍ରଚାର ପ୍ରସାର ସହ ଆନ୍ତର୍ଜାତିକ ଯୋଗ ଶିକ୍ଷକ ଭାବେ ପରିଚିତ ଗଣେଶ୍ୱର ଗୋଚ୍ଛିକାର। ବିଶେଷ କରି ବିଦେଶରେ ଯୋଗର ପ୍ରଚାର ଓ ପ୍ରସାର ଦିଗରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ସିଙ୍ଗାପୁର, ଇଣ୍ଡୋନେସିଆ, ଭିଏଟନାମ ଆଦି ଦେଶରେ ଯୋଗ ଶିକ୍ଷକ ଭାବେ ସଫଳତାର ସହ କାର୍ଯ୍ୟ କରି ଆସିଛନ୍ତି।

ବାପି ଦାସ(କୁସ୍ତି): ରାଜ୍ୟ କୁସ୍ତି ପାଇଁ ବାପି ଦାସ ଜଣେ ଉଦୀୟମାନ ପ୍ରତିଭା ଭାବେ ଉଭା ହୋଇଛନ୍ତି। ଜୁନିୟର ଓ ସବ୍‌ଜୁନିୟର କୁସ୍ତି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ସେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଲକ୍ଷ୍ନୌଠାରେ ଅନୁଷ୍ଠିତ

ବାହୁଡ଼ା ଦୁର୍ଘଟଣା: ତ୍ରିପୁରାରେ ଆହତଙ୍କୁ ଭେଟିଲେ ଓଡ଼ିଶା ମୋ ପରିବାର ନିର୍ଦ୍ଦେଶକ

ଭୁବନେଶ୍ୱର,୧।୭ (ଅନିଲ ଦାସ)

ଗତ ବାହଡ଼ାଯାତ୍ରା ବେଳେ ତ୍ରିପୁରାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ସହାୟତା କରିବାକୁ ଓଡ଼ିଶା ମୋ ପରିବାରର ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କୁ ତୁରନ୍ତ ତ୍ରିପୁରା ପଠାଇଥିଲେ। ରାଉତରାୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୨୯ ତାରିଖ ସନ୍ଧ୍ୟାରେ ଅଗରତଲାରେ ପହଞ୍ଚି ଜି.ବି.ପନ୍ଥ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୯ଜଣ ଗୁରୁତର ଆହତଙ୍କୁ ଭେଟିଥିଲେ। ସେମାନଙ୍କ ମଧ୍ୟରେ ୩ଜଣ ଜେନେରାଲ ଆଇସିୟୁ ଏବଂ ଜଣେ ଶିଶୁ ବିଭାଗ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ତେବେ ଇଦ୍-ଉଜ୍-ଜୁହା ଥିବାରୁ ସେ ତ୍ରିପୁରା ମୁଖ୍ୟ ଶାସନ ସଚିବ ଦାୟିତ୍ୱରେ ଥିବା ୧୯୯୮ ବ୍ୟାଚ୍ ଆଇଏଏସ୍ ଅଫିସର ପୁନିତ ଅଗ୍ରୱାଲ କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ଭେଟିପାରି ନ ଥିଲେ। ପରଦିନ ରାଉତରାୟ ଅଗ୍ରୱାଲ ଏବଂ ମୁଖ୍ୟମନ୍ତ୍ରୀ ମାନିକ ସାହାଙ୍କୁ ସାକ୍ଷାତକରି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସମ୍ବେଦନାପତ୍ର ପ୍ରଦାନ କରିଥିଲେ। ଏଥିପାଇଁ ତ୍ରିପୁରା ମୁଖ୍ୟମନ୍ତ୍ରୀ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିସହ ଦିଲୀପ ତ୍ରିପୁରାରେ ରହୁଥିବା ଓଡ଼ିଆ ସମାଜ କର୍ମକର୍ତ୍ତାଙ୍କ ସହ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରାଉତରାୟ ଶନିବାର ଓଡ଼ିଶା ଫେରି ଆସିଛନ୍ତି।

ଦୁଇ ମାସ ଧରି ମଣିପୁରରେ ଲାଗି ରହିଥିବା ଜାତିଆଣ ହିଂସାକୁ ନେଇ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଶନିବାର ଯୁବକଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଉଛି। (ଫଟୋ–ଚମନ ଗୌତମ)

ଖରିଫ ଧାନ ସଂଗ୍ରହ: ୧୫ରୁ ପଞ୍ଜୀକରଣ

ଭୁବନେଶ୍ୱର,୧।୭ (ଅନିଲ ଦାସ)

ଆସନ୍ତା ଖରିଫ ଧାନ ସଂଗ୍ରହ ପାଇଁ ଜୁଲାଇ ୧୫ରୁ କୃଷକ ପଞ୍ଜୀକରଣ ଆରମ୍ଭ ହେବ । ଏ ନେଇ ସମସ୍ତ ପ୍ରସ୍ତୁତି କରିବାକୁ ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭି.ଭି. ଯାଦବ ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ୩୦ ଜିଲାରେ ଖରିଫ ଧାନ ସଂଗ୍ରହ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇ ୨୦୨୪ ମାର୍ଚ୍ଚ ୩୧ ତାରିଖ ଯାଏ ଚାଲିବ। ଏହା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜୁଲାଇ ୩୧ ମଧ୍ୟରେ ଚାଷୀମାନଙ୍କୁ ଫର୍ମ ଦେବାକୁ କୁହାଯାଇଛି। ଅଗଷ୍ଟ ୧୬ ସୁଦ୍ଧା କୃଷକମାନେ ଫର୍ମ ସହ ସେମାନଙ୍କର ପଞ୍ଜୀକରଣ ପାଇଁ ଜମି ପଟ୍ଟା ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ସମବାୟ ସମିତି, ଲ୍ୟାମ୍ପସ୍, ପାଣିପଞ୍ଚାୟତ ନିକଟରେ ଦାଖଲ କରିବାକୁ କୁହାଯାଇଛି। ଅଗଷ୍ଟ ୨୮ ସୁଦ୍ଧା ଫର୍ମଗୁଡ଼ିକୁ ଡିଜିଟାଇଜ କରିବାକୁ ଧାନ ସଂଗ୍ରହକାରୀ ସଂସ୍ଥାଗୁଡ଼ିକୁ କୁହାଯାଇଛି। ଚାଷୀମାନେ ଯେପରି ପଞ୍ଜୀକରଣ ପାଇଁ ହଇରାଣ ହରତକ ନ ହେବେ ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଛି।

ଯାନ୍ତ୍ରିକ ତ୍ରୁଟିରୁ ଅଧଘଣ୍ଟା ଅଟକିଲା ବିଶାଖାପାଟଣା–କିରାଣ୍ଡୁ ପାସେଞ୍ଜର

କୋରାପୁଟ,୧।୭ (ଅମିତାଭ ବେହେରା)

ଯାନ୍ତ୍ରିକ ତ୍ରୁଟି ଯୋଗୁ ଆନ୍ଧ୍ରର ବିଶାଖାପାଟଣାରୁ ଛତିଶଗଡ଼ର କିରାଣ୍ଡୁକୁ ଯାଉଥିବା ଯାତ୍ରୀବାହୀ ଟ୍ରେନ ଶନିବାର ଅପରାହ୍ନରେ କୋରାପୁଟ–ବିଶାଖାପାଟଣା ରେଳପଥର ପାଲିବାରେ ପ୍ରାୟ ଅଧଘଣ୍ଟା ଅଟକି ଥିଲା। ଅପରାହ୍ନ ପ୍ରାୟ ୨ଟାବେଳେ ପାଲିବା ଷ୍ଟେସନରେ ଟ୍ରେନ୍ ଅଟକି ଥିଲା। ରେଳ ବିଭାଗର ଯାନ୍ତ୍ରିକ ଟିମ୍ ମରାମତି କରିବା ପରେ ଟ୍ରେନଟି କୋରାପୁଟ ଦେଇ କିରଣ୍ଡଲ ଅଭିମୁଖେ ଯାଇଥିବା କୋରାପୁଟ ଷ୍ଟେସନ ପକ୍ଷରୁ କୁହାଯାଇଛି।

ହାତୀ ଆକ୍ରମଣରେ ଶ୍ରମିକଙ୍କ ମୃତ୍ୟୁ

ଢେଙ୍କାନାଳ, ୧।୭(ରତନ ନାୟାର)

ଢେଙ୍କାନାଳ ଜିଲାରେ ହାତୀ–ମଣିଷ ସଂଘର୍ଷର ଅନ୍ତ ହେଉନାହିଁ। ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହୋଇଥିବା ହାତୀ ହାବୁଡ଼ରେ ପଡ଼ି ଅକାଳରେ ଝରିପଡୁଛି ନିରୀହ ଜୀବନ। ଷଡ଼ଙ୍ଗୀ ରେଞ୍ଜ୍ ଅଧୀନ ବଣସିଂହ ପଞ୍ଚାୟତ ଅନ୍ତର୍ଗତ ପାରିଖେଦା ଗ୍ରାମରେ ଶନିବାର ଦନ୍ତା ଆକ୍ରମଣରେ କୁକୁଡ଼ା ଫାର୍ମରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନ ନାଏକ (୨୫)। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ଫାର୍ମର ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ।

ସାପ କାମୁଡ଼ାରେ ଭଉଣୀଭାଇ ମୃତ

ଢେଙ୍କିକୋଟ (ନୀଳମଣି ମଣ୍ଡଳ)/ଘଟଗାଁ (ରାଜେନ୍ଦ୍ର କୁମାର ପଟ୍ଟନାୟକ),୧।୭

କେନ୍ଦୁଝର ଜିଲା ଘଟଗାଁ ଥାନା ମୁକୁନ୍ଦପୁର ପାଟଣା ପଞ୍ଚାୟତ ବଣଚକୁଳିଆ ଗ୍ରାମରେ ଶୁକ୍ରବାର ସାପ କାମୁଡ଼ାରେ ଭଉଣୀ ଭାଇଙ୍କ ଜୀବନ ଯାଇଛି। ସେମାନେ ହେଲେ ଗ୍ରାମର ବୁଦ୍ଧୁ ମୁଣ୍ଡାଙ୍କ ୯ ବର୍ଷର ପୁଅ ନବୀନ ଓ ୭ ବର୍ଷର ଝିଅ ଗାଙ୍ଗୀ। ଏହି ଘଟଣାରେ ପୋଲିସ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ରାତିରେ ବୁଦ୍ଧୁଙ୍କ ପରିବାର ଲୋକେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ଘରେ ପଶି ପୁଅ ଓ ଝିଅକୁ କାମୁଡ଼ି ଦେଇଥିଲା। ସକାଳେ ଦୁଇ ଜଣ ନ ଉଠିବାରୁ ପରିବାର ଲୋକେ ଉଭୟଙ୍କୁ ଡାକିଥିଲେ। ମାତ୍ର ସେମାନେ ଆଖି ଖୋଲି ନ ଥିଲେ। ପରିବାର ଲୋକେ ୨ ଜଣଙ୍କୁ ତୁରନ୍ତ ଘଟଗାଁ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ସେଠାରେ ଗାଙ୍ଗୀଙ୍କୁ ମୃତ ଘୋଷଣା କରିଥିବା ବେଳେ ନବୀନଙ୍କ ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ନବୀନଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଘଟଗାଁ ଥାନା ସବ୍‌ଇନ୍ସପେକ୍ଟର ତପନ ଜେନା ଢେଙ୍କିକୋଟ ପୋଲିସ ବିଟ୍ ହାଉସର ଏଏସ୍‌ଆଇ ସୁରଥ ଦେହୁରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଘଟଗାଁ ଥାନାରେ ମାମଲା ରୁଜୁ ହୋଇଛି।

କିଟ୍ ଟିବିଆଇକୁ 'ବାୟୋସ୍ପେକ୍ଟ୍ରମ୍ ଏକ୍ସିଲେନ୍ସ ପୁରସ୍କାର'

ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)

କିଟ୍ ଟେକ୍ନୋଲୋଜି ବିଜ୍‌ନେସ୍ ଇନ୍‌କ୍ୟୁବେଟର୍ (କିଟ୍–ଟିବିଆଇ)କୁ ସମ୍ମାନଜନକ 'ବାୟୋସ୍ପେକ୍ଟ୍ରମ ଏକ୍ସିଲେନ୍ସ ପୁରସ୍କାର' ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା କିଟ୍ ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବାୟୋସ୍ପେକ୍ଟ୍ରମ୍ ର୍‌ୟାଙ୍କିଙ୍ଗ୍‌ରେ ଦେଶର ସମସ୍ତ ଘରୋଇ ଓ ସରକାରୀ ଇନ୍‌କ୍ୟୁବେଟର ମଧ୍ୟରେ କିଟ୍ ଟିବିଆଇ ସର୍ବାଧିକ ୨୩.୦୧ ନମ୍ବର ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବେଙ୍ଗାଲୁରୁସ୍ଥିତ ସରକାରୀ ଇନ୍‌କ୍ୟୁବେଟର ସି–କ୍ୟାମ୍ପ ୧୩.୮୪ନମ୍ବର ସହ ଦ୍ୱିତୀୟ ଏବଂ ସିଏସ୍‌ଆଇଆର୍–ଏନ୍‌ସିଏଲ୍‌ର ଭେଞ୍ଚର ସେଣ୍ଟର ୧୩.୨ ନମ୍ବର ପାଇ ତୃତୀୟ ସ୍ଥାନରେ ରହିଛି। ବାୟୋଟେକ୍ନୋଲୋଜି ଓ ଜୀବ ବିଜ୍ଞାନ ଶିଳ୍ପ ଏବଂ ବାୟୋ–ଇନ୍‌କ୍ୟୁବେଟରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ବାୟୋସ୍ପେକ୍ଟ୍ରମ ର୍‌ୟାଙ୍କିଙ୍ଗ୍ କରାଯାଇଥାଏ। କିଟ୍ ଟିବିଆଇର ଏହି ସଫଳତାରେ କିଟ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଫେସର ସୁଆରଙ୍କ ସହ କିଟ୍ ଟିବିଆଇ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ରାଜ୍ୟରୁ ଆଉ ୩ ସାଇବର ଠକ ଗିରଫ

ଭୁବନେଶ୍ୱର,୧।୭ (ସୂର୍ଯ୍ୟକାନ୍ତ ବେହେରା)

୧୪ ଲକ୍ଷ ଠକେଇ ଘଟଣା

ସୋସିଆଲ ମିଡିଆରେ ଲିଙ୍କ୍ ପଠାଇ ୱାର୍କ ଫ୍ରମ୍ ହୋମ୍ ଓ ବିଟ୍ କଏନ୍‌ରେ ଟଙ୍କା ନିବେଶ ଜରିଆରେ ଜଣେ ବ୍ୟକ୍ତିଙ୍କଠାରୁ ୧୪ ଲକ୍ଷ ଠକିବା ମାମଲାରେ ସାଇବର ଥାନା ପୋଲିସ ଆଉ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡର ରାଜେଶ କୁମାର ବେହେରା, ସମ୍ବଲପୁରର ଦୀପକ କୁମାର ପଟେଲ ଓ କମଳେଶ ପଟେଲ। ସୂଚନାନୁସାରେ, ଅଭିଯୁକ୍ତମାନେ ଅଜଣା ବ୍ୟକ୍ତିଙ୍କ ପାଖକୁ ହ୍ୱାଟ୍‌ସଆପ୍ ଓ ଟେଲିଗ୍ରାମ ମାଧ୍ୟମରେ ଲିଙ୍କ୍ ପଠାଇ ସେଥିରେ ଆସୁଥିବା ଭିଡିଓଗୁଡିକୁ ଲାଇକ୍ ଓ ଶେୟାର କଲେ ପ୍ରତି ଭିଡିଓ ପିଛା ୫୦ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଭିଡିଓ କ୍ଲିପ୍ ମଝିରେ ମର୍ଚ୍ଚାଣ୍ଟ ବେନିଫିଟ୍ ଟାସ୍କ ଓ ଅନ୍ୟାନ୍ୟ ଟାସ୍କ ବାବଦକୁ କ୍ରିପ୍‌ଟୋରେ ଟଙ୍କା ବିନିଯୋଗ କଲେ ଭିଡିଓ କ୍ଲିପ୍‌ର ମୂଲ୍ୟବଢ଼ିବା ସହ ବିନିଯୋଗର ବହୁଗୁଣା ଅର୍ଥ ମାତ୍ର କିଛି ମିନିଟ୍ ମଧ୍ୟରେ ମିଳିଯିବ ବୋଲି ପ୍ରଲୋଭନ ଦେଖାଉଥିଲେ। ଏପରିକି ଦୃଢ଼ ବିଶ୍ୱାସ ଜନ୍ମାଇବାକୁ ଏସବୁ କାମ ପାଇଁ ପ୍ରଥମେ ପ୍ରଥମେ ପେମେଣ୍ଟ ଆକାରରେ ମୂଳ ସହ କମିଶନ ଓ ଲାଭ ଟଙ୍କା ମିଶାଇ ଲୋକଙ୍କ ଆକାଉଣ୍ଟକୁ ପଠାଉଥିଲେ। ଫଳରେ ଲୋକେ ଲୋଭରେ ପଡି ଲକ୍ଷଲକ୍ଷ ଟଙ୍କା ବିନିଯୋଗ କରିବା ପରେ ବାରମ୍ବାର ଟାସ୍କ ଦେଇ ଅଧିକରୁ ଅଧିକ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଉଥିଲେ। ମଝିରେ ଲୋକେ ପ୍ରତ୍ୟାହାର କରିବାକୁ ଚାହିଁଲେ ପୁନର୍ବାର ଅଧିକ ଟଙ୍କା ବିନିଯୋଗ କଲା ପରେ ଟାସ୍କ କ୍ଲିୟର ପରେ ସବୁଟଙ୍କା ମିଳିଯିବ ବୋଲି ଆଶ୍ୱାସନା ଦେଉଥିଲେ। ନଚେତ କମ୍ପାନୀର ନିୟମ ଅନୁସାରେ ଟଙ୍କା ଉଠାଇ ପାରିବେ ନାହିଁ ବୋଲି ଡରାଉଥିଲେ। ଏହିପରି ଭାବରେ ସାଇବର ଠକମାନେ ବିଭିନ୍ନ ପ୍ରକାର ବାହାନା ଦେଖାଇ ପ୍ରମୋଦ ସାହୁଙ୍କଠାରୁ ୧୪ ଲକ୍ଷ ୫୩ ହଜାର ୪୩ ଟଙ୍କା ବିଭିନ୍ନ ଆକାଉଣ୍ଟ ମାଧ୍ୟମରେ ଠକି ନେଇଥିଲେ। ଅଭିଯୋଗ ପରେ, ସାଇବର ଥାନା ପୋଲିସ୍ ପ୍ରଥମେ ଟଙ୍କା ଯାଇଥିବା ଆକାଉଣ୍ଟଗୁଡିକୁ ଫ୍ରିଜ୍ କରିଦେଇଥିଲା। ପରେ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଏପରି ଅପରାଧ ଲାଗି ସେମାନେ ବ୍ୟବହାର କରୁଥିବା ସିମ୍‌ଗୁଡିକୁ ମଧ୍ୟ ଜବତ କରି ଅଧିକ ତଦନ୍ତ ଚଳାଇଛନ୍ତି। ତେବେ ଫ୍ରିଜ୍ ହୋଇଥିବା ଆକାଉଣ୍ଟଗୁଡିକରେ ମୋଟ ୬ଲକ୍ଷ ୩୨ ହଜାର ୮୦୦ ଟଙ୍କା ରହିଥିବାବେଳେ ଅନ୍ୟସବୁ ଟଙ୍କାକୁ ବିଭିନ୍ନ ମାଧ୍ୟମରେ ଟ୍ରାନ୍ସଫର୍ ଓ ଉଠାଇ ଦେଇଥିବା ଜଣାପଡିଛି।

କାର୍ଯ୍ୟରେ ଯୋଗ ଦେଲେ ଓଆର୍‌ଇଏଟି ଅଧ୍ୟକ୍ଷ

ଭୁବନେଶ୍ୱର,୭।୬(ବ୍ୟୁରୋ)

ପୂର୍ବତନ ବିଚାରପତି ଜଷ୍ଟିସ ପ୍ରମଥ ପଟ୍ଟନାୟକ ଶନିବାର ଓଡିଶା ରିୟଲ ଇଷ୍ଟେଟ ଆପିଲେଟ ଅଥରିଟି ଟ୍ରିବ୍ୟୁନାଲ(ଓଆରଇଏଟି)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସରକାର ଜୁନ ୭ ତାରିଖରେ ତାଙ୍କୁ ଏହି ନିଯୁକ୍ତି ଦେଇଥିବା ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦୀର୍ଘ ଦିନ ଧରି ଏହି ପଦ ଖାଲି ପଡିଥିଲା। ହାଇକୋର୍ଟଙ୍କ ପରାମର୍ଶ

ଜଷ୍ଟିସ ପ୍ରମଥ ପଟ୍ଟନାୟକ

କ୍ରମେ ରିୟଲ ଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭେଲପମେଣ୍ଟ)ଆକ୍ଟ–୨୦୧୬ର ସେକ୍ସନ–୪୬ର ସବସେକ୍ସନ (୨) ଅନୁଯାୟୀ ରାଜ୍ୟ ସରକାର ତାଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ଟ୍ରିବ୍ୟୁନାଲରେ ରିୟଲଇଷ୍ଟେଟ, ଘର କିଣୁଥିବା ବ୍ୟକ୍ତିମାନଙ୍କର ଆପତ୍ତି ଅଭିଯୋଗ ଶୁଣାଣି ହୋଇ ପାରିବ।

ବିରୋଧାଭାସ, ପ୍ରତିଯୋଗିତା ଊର୍ଦ୍ଧ୍ୱରେ ପ୍ରେମ

ଉତ୍ସବରେ ଜଣେ ଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ

ସମ୍ବଲପୁର,୧।୭ (ଶୁଭାଶିଷ ପାଢୀ)

ଭୌତିକ ସମ୍ପତ୍ତି ସୀମା ତୁଳନାରେ ପ୍ରେମର ବ୍ୟାପକତା ଅଧିକ। ପ୍ରେମ କୌଣସି ଆପତ୍ତି, ପ୍ରତିଯୋଗିତା ଓ ବିରୋଧାଭାସରୁ ଊର୍ଦ୍ଧ୍ୱରେ। ବିନମ୍ରତା, ସରଳତା, ପ୍ରେରଣା, ବଦାନ୍ୟତା ହେଉଛି ପ୍ରେମର ପ୍ରତୀକ। ଏହାର ସାମର୍ଥ୍ୟ ବୁଝିବାକୁ ହେଲେ ଦୃଷ୍ଟିକୋଣ ଓ ବିନିମୟତା ଦରକାର। କୌଣସି ବିଷୟର ପ୍ରତିକାର ଓ ମାନସିକ ଜାଗରଣର ମୂଳାଧାର ହେଉଛି ପ୍ରେମ ବୋଲି ଶନିବାର ଆଇଆଇଏମ୍ ସମ୍ବଲପୁରର ଷଷ୍ଠ ଓ ସପ୍ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ। ସଂସ୍ଥାନର ପରିଚାଳନା ବୋର୍ଡ ସେଲସ୍‌ଫୋର୍ସ ଇଣ୍ଡିଆର ଅଧ୍ୟକ୍ଷା ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ କହିଥିଲେ, ସମ୍ପ୍ରତି ଉଭାବନ ଓ ବୈଷୟିକ କୌଶଳ ଦ୍ୱାରା ପୃଥିବୀର ରୂପ ବିନ୍ୟାସ ହୋଇଛି। ଏହି ସମୟରେ ସ୍ନାତକମାନଙ୍କ ଦାୟିତ୍ୱ ବୃଦ୍ଧି ପାଉଛି। ନିଜକୁ ପରିବର୍ତ୍ତନ କଲେ ନୂତନ ଦୁନିଆ ଦେଖି ହେବ। ଭବିଷ୍ୟତ ସ୍ନାତକମାନଙ୍କ ହାତରେ ଥିବାରୁ ହୃଦୟ ଓ ମସ୍ତିଷ୍କକୁ ନେଇ ଅନୁକୂଳ ପ୍ରଭାବ ସକାଶେ ସର୍ବଦା ଉଦ୍ୟମ କରିବାକୁ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ଶିକ୍ଷାଦାନ, ଗବେଷଣା ଓ ଇନ୍‌କ୍ୟୁବେଶନକୁ ଆଧାର କରି ଆଇଆଇଏମ୍ ସମ୍ବଲପୁର ଅଗ୍ରସର ହେଉଛି। ଚଳିତବର୍ଷ ବାର୍ଷିକ ସର୍ବାଧିକ ୬୪.୫୧ ଲକ୍ଷ (ଘରୋଇ) ଏବଂ ୬୪.୧୫ ଲକ୍ଷ ଟଙ୍କା (ଅନ୍ତର୍ଜାତୀୟ) ପ୍ୟାକେଜ୍‌ରେ ଏହି ଆଇଆଇଏମ୍ ଶତପ୍ରତିଶତ ନିଯୁକ୍ତି ଲକ୍ଷ୍ୟ ହାସଲ କରିଛି, ଯାହାକି ଗତବର୍ଷଠାରୁ ୧୪୬.୭ ପ୍ରତିଶତ ଅଧିକ ବୋଲି ସେ କହିଥିଲେ। ଏହି ଅବସରରେ ୩୨୨ ଜଣ ସ୍ନାତକଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଉଭୟ ଶିକ୍ଷାବର୍ଷର ୩ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ଉତ୍କର୍ଷ ପାଇଁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

ଓସେପା– ସାଇଟ୍‌ସେଭର୍ସ ଇଣ୍ଡିଆ ବୁଝାମଣାପତ୍ର ନବୀକରଣ

ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଏବଂ ସାଇଟ୍‌ସେଭର୍ସ ଇଣ୍ଡିଆ ମଧ୍ୟରେ ଥିବା ଏକ ବୁଝାମଣାପତ୍ର ନବୀକରଣ ସହ ସ୍ୱାକ୍ଷରିତ ହୋଇଛି। ଦୃଷ୍ଟି ବାଧିତ ଓ ସ୍ୱଳ୍ପ ଦୃଷ୍ଟି ଶିକ୍ଷାର୍ଥୀଙ୍କ ନିମନ୍ତେ ଅନ୍ତର୍ନିବେଶୀ ଶିକ୍ଷାର ସମୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ହୋଇଥିବା ଏହି ବୁଝାମଣାପତ୍ର ଆସନ୍ତା ୩ବର୍ଷ ପାଇଁ ନବୀକରଣ କରାଯାଇଛି। ଓସେପା କାର୍ଯ୍ୟାଳୟରେ ହୋଇଥିବା ଏହି ବୁଝାମଣାପତ୍ରରେ ଓସେପା ପକ୍ଷରୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଓ ସାଇଟସେଭର୍ସ ଇଣ୍ଡିଆର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ମହାନ୍ତି ସ୍ୱାକ୍ଷର କରିଛନ୍ତି। ବୁଝାମଣାପତ୍ର ଅନୁସାରେ, ସାଇଟ୍‌ସେଭର୍ସ ସଂସ୍ଥା ସାଧାରଣ ବିଦ୍ୟାଳୟରେ ପଢୁଥିବା ଦୃଷ୍ଟି ବାଧିତ ଓ ସ୍ୱଳ୍ପ ଦୃଷ୍ଟି ଶିକ୍ଷାର୍ଥୀଙ୍କ ପାଇଁ

ସ୍ୱଳ୍ପ ଦୃଷ୍ଟି ବାଧିତ ଓ ସ୍ୱଳ୍ପ ଦୃଷ୍ଟି ଶିକ୍ଷାର୍ଥୀଙ୍କ ପାଇଁ କାର୍ଯ୍ୟ କରିବେ

ଅନ୍ତର୍ନିବେଶୀ ଶିକ୍ଷାର ସମୃଦ୍ଧି ପାଇଁ ବିଭିନ୍ନ ପ୍ରକାର ସହାୟତା ଯୋଗାଇଦେବ। ବିଶେଷକରି ବୈଷୟିକ ପରାମର୍ଶ, ସ୍ୱଳ୍ପ ଦୃଷ୍ଟି ବାଧିତ ଓ ସ୍ୱଳ୍ପ ଦୃଷ୍ଟି ଶିକ୍ଷାର୍ଥୀଙ୍କ ସ୍ୱତନ୍ତ୍ର କୌଶଳ ପ୍ରସ୍ତୁତି, ଶିକ୍ଷକଙ୍କ ପାଇଁ ତାଲିମ୍ ପ୍ରଦାନ କ୍ଷେତ୍ରରେ ଏହି ସଂସ୍ଥା କାର୍ଯ୍ୟ କରିବ। ରାଜ୍

ପ୍ରଶାନ୍ତ, ବିଜୟ ସମବାୟ ନିର୍ବାଚନ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,(ଅନିଲଦାସ): ଓଡ଼ିଶା ରାଜ୍ୟ ସମବାୟ ସଂଘ ଏବଂ ଓଡ଼ିଶା ପଛୁଆ ଜାତି ଆର୍ଥିକ ବିକାଶ ସମବାୟ ସମୂହ ନିର୍ବାଚନ ପାଇଁ ବିଜୁ ଜନତା ଦଳ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଏବଂ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକଙ୍କୁ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।

ଜନ୍ମଦିନର ଶୁଭେଚ୍ଛା

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
For Booking Contact: 0674-2580385, 9937208616, 7894471767, 9338226255

ଲୋନ୍! ଲୋନ୍! ଲୋନ୍!
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ରତ୍ନଭଣ୍ଡାର ଚାବି ହଜିବା କଳଙ୍କିତ ଅଧ୍ୟାୟ: ଭାଜପା

ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରି ତୁରନ୍ତ ଖୋଲାଯାଉ

ଭୁବନେଶ୍ୱର,୧।୭(ଅନିଲଦାସ)

ରତ୍ନଭଣ୍ଡାର ଚାବି ହଜିବା ଶ୍ରୀମନ୍ଦିର ଇତିହାସରେ ସବୁଠାରୁ କଳଙ୍କିତ ଅଧ୍ୟାୟ। ଏହି ଘଟଣା ୨୦୧୮ରେ ସରକାରଙ୍କ ନଜରକୁ ଆସିଥିଲା । ସେବେଠାରୁ ଓଡ଼ିଶା ଜନସାଧାରଣଙ୍କ ଏକ ବଡ ଦାବି ହେଉଛି ଯେ ସରକାର ରତ୍ନଭଣ୍ଡାର ଖୋଲନ୍ତୁ। ରତ୍ନଭଣ୍ଡାରରେ ଥିବା ଅଳଙ୍କାର ସୁରକ୍ଷିତ ନା ନାହିଁ ତାହା ସ୍ପଷ୍ଟ କରନ୍ତୁ। ରତ୍ନଭଣ୍ଡାର ଚାବି ଖୋଲିବା ପାଇଁ ବିଧାନସଭାରେ ଏମିତି କି ହାଇକୋର୍ଟରେ ମଧ୍ୟ ଏ ନେଇ ମାମଲା ଚାଲିଛି। ସମସ୍ତେ ଚାହିଁ ବସିଛନ୍ତି, ସରକାର କେବେ ରତ୍ନଭଣ୍ଡାର ଖୋଲିବେ। ଜଗନ୍ନାଥ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ସହ ଖେଳିବା ଘଟଣା ବିଶ୍ୱବ୍ୟାପୀ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି ବୋଲି ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସରକାର କାହିଁକି ରତ୍ନଭଣ୍ଡାର ଖୋଲୁନାହାନ୍ତି। ସରକାର ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ତୁରନ୍ତ ରତ୍ନଭଣ୍ଡାର ଖୋଲନ୍ତୁ । ନଚେତ୍ ଜଣେ ସିଟିଂ ଜଜ୍‌ଙ୍କ ନେତୃତ୍ୱରେ ରତ୍ନଭଣ୍ଡାର ଖୋଲାଯାଇ ଇନ୍‌ଭେନଟୋରି ପ୍ରସ୍ତୁତ ହେଉ । ଅସଲ ଚାବି କେମିତି ହଜିଲା ଏବଂ ଡୁପ୍ଲିକେଟ ଚାବି କ'ଣ ହେଲା ତା'ର ସିବିଆଇ ତଦନ୍ତ କରାଯାଉ । ରତ୍ନଭଣ୍ଡାର ଚାବି ଗୁମର ବାହାର କରିବା ପାଇଁ ଗଠିତ ରଘୁବୀର ଦାସ କମିଶନ ଶେଷରେ ବିଫଳ ହୋଇ ଜଗନ୍ନାଥପ୍ରେମୀଙ୍କୁ ନିରାଶ କରିଛନ୍ତି। ତାଙ୍କୁ ମଧ୍ୟ ଦଣ୍ଡିତ କରାଯାଉ ଏବଂ ତାଙ୍କ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କାକୁ ତାଙ୍କଠାରୁ ଆଦାୟ କରାଯାଉ ବୋଲି ସମୀର ହାଇକୋର୍ଟରେ ନିବେଦନ କରିଛନ୍ତି। ଆଇନମନ୍ତ୍ରୀଙ୍କ ଉତ୍ତର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏଥିରୁ ରାଜ୍ୟ ସରକାର କେଉଁଭଳି ଚାଲିଛି ସାଧାରଣ ଲୋକ ଜାଣିପାରୁଥିବେ। ଆଇନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିଲେ ସରକାର ପଦକ୍ଷେପ ନେବେ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧।୭(ଅନିଲଦାସ)

ରତ୍ନଭଣ୍ଡାର ଚାବି ହଜିଛି କି ନାହିଁ ଆମେ ଜାଣିନୁ। ଏ ନେଇ ହାଇକୋର୍ଟରେ ମାମଲା ଅଛି। ହାଇକୋର୍ଟ ଯାହା ନିର୍ଦ୍ଦେଶ ଦେବେ, ସରକାର ତର୍ଜମା କରି ପଦକ୍ଷେପ ନେବେ। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଗଣମାଧ୍ୟମରୁ ଆମେ ଏ ବିଷୟରେ ଶୁଣୁଛୁ। ହାଇକୋର୍ଟକୁ ମାମଲା ଯାଇଛି। ବିଚାର ପରେ କୋର୍ଟଙ୍କ ନିର୍ଦ୍ଦେଶ ଆସିଲେ ସରକାର ବିଚାରବିମର୍ଷ କରି ପଦକ୍ଷେପ ନେବେ। କିଏ ଏହି ପ୍ରସଙ୍ଗରେ ରାଜନୀତି କରୁଛି, ନ କରୁଛି ତାହା କହିବାକୁ ଚାହୁଁନି। ବିଭିନ୍ନସ୍ତରରେ ସମସ୍ତେ ରାଜନୀତି କରନ୍ତି। ଶ୍ରଦ୍ଧାଳୁମାନଙ୍କ ଦୃଷ୍ଟିରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଠାରୁ ଆରମ୍ଭ କରି ସରକାର ଯେଉଁ ଅନ୍ୟ ନିଷ୍ପତ୍ତି ନେଇଛନ୍ତି ତାହାକୁ ବିଚାରବିମର୍ଶ କରି ପଦକ୍ଷେପ ନିଆଯାଉଛି। ଏ ପ୍ରସଙ୍ଗରେ କିଏ କ'ଣ କହୁଛନ୍ତି ସେନେଇ କହିବା ଠିକ୍ ହେବନି। ରାଜ୍ୟ ସରକାର ପ୍ରତ୍ୟେକ ମନ୍ଦିର ଠାରୁ ଆରମ୍ଭ କରି ପର୍ଯ୍ୟଟନସ୍ଥଳୀର ଉନ୍ନତି କରିବା ଉପରେ ଦୃଷ୍ଟି ଦେଉଛନ୍ତି।

ବିଜେଡିକୁ କୌରବ ସୈନ୍ୟ କହିଲେ ବଳଭଦ୍ର

ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତିଙ୍କ ମହାଭାରତ ଉପାଖ୍ୟାନ

ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ନବରଙ୍ଗପୁର,୧।୭(ସଦାଶିବ ପ୍ରହରାଜ)

ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି ଓଡ଼ିଶା ରାଜନୀତିକୁ ନେଇ ମହାଭାରତ ଉପାଖ୍ୟାନ ସହ ତୁଳନା କରିଛନ୍ତି। ସେ ରାଜ୍ୟରେ ୫-ଟି ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛନ୍ତି। ଶାସନ ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧୃତରାଷ୍ଟ୍ର, ୫-ଟି ସଚିବଙ୍କୁ ଦୁର୍ଯ୍ୟୋଧନ ଓ ବିଜେଡିକୁ କୌରବ ସୈନ୍ୟ ବୋଲି ଆଖ୍ୟା ଦେଇ ତାଚ୍ଛଲ୍ୟ କରିଛନ୍ତି, ରାଜ୍ୟ ଭାଜପା ଉପସଭାପତି ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି। ସେହିଭଳି ନିଜକୁ ପାଣ୍ଡବ ସେନାର ଆଖ୍ୟା ଦେଇଛନ୍ତି। ନବରଙ୍ଗପୁରସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏପରି ମନ୍ତବ୍ୟ ଦେଇଛନ୍ତି।

ରାଜ୍ୟ ରାଜନୀତିରେ ଉପାନ୍ତରୁ ଉପକୂଳ ସବୁଠି ଶାସନ ବ୍ୟବସ୍ଥାରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ହସ୍ତକ୍ଷେପ କରୁଛନ୍ତି। ସେ ବିଜେଡିକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗକରି ବର୍ଷିଛନ୍ତି ବଳଭଦ୍ର। ଜୁନ୍ ୧୪ରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟର ଅକ୍ସିଜେନ ପ୍ଲାଣ୍ଟରୁ ୫-ଟି ସୂଚନା ବୋର୍ଡ, ହୋର୍ଡିଂ ହଟାଇବା ନେଇ ଗତ ୨୯ ତାରିଖରେ ଜିଲାରେ ଆୟୋଜିତ ଦିଶା ବୈଠକରେ ଭାଜପା ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ବିଜେଡି ବିଧାୟକ ଓ ଏମ୍‌ପି ଘେରିବାକୁ ଚେଷ୍ଟା କରିଥିଲେ। ତେଣୁ ବିଧାୟକ ଗଣ୍ଡ ବୈଠକ ଅଧାରୁ ଉଠି ଚାଲିଯାଇଥିବା ବଳଭଦ୍ର ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ଘଟଣାକୁ ନିନ୍ଦା କରିବା ସହ ବୈଠକରେ ଜିଲାର ବିକାଶମୂଳକ ଯୋଜନା ବିଷୟରେ ଆଲୋଚନା ନ କରି ୫-ଟି ହୋର୍ଡିଂ ଆଙ୍ଗୁଆଳରେ ବିଧାୟକଙ୍କୁ ଘେରିବାକୁ ଚେଷ୍ଟା କରାଯାଇଥିବା ସେ କହିଛନ୍ତି। କୌରବ ବଂଶ ଓଡ଼ିଶାର ସବୁଆଡ଼େ ଯେଭଳି ସ୍ଥିତି କରିଛନ୍ତି ନିର୍ବାଚିତ ପ୍ରତିନିଧି ଏଠାରେ ମୂଲ୍ୟହୀନ। ଏ କୌରବ ବଂଶର ଶେଷ ଦିନ ଆସୁଛି। କୃଷ୍ଣ ଜନ୍ମ ନେଇସାରିଲେଣି, ସେ ଅଦୃଶ୍ୟ ଶକ୍ତି। ୨୦୨୪ ଭୋଟବେଳେ ଭୋଟର ତା'ର ଠିକ୍ ଉତ୍ତର ଦେବ ବୋଲି କହିଛନ୍ତି ବଳଭଦ୍ର। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ, ନଗର ମଣ୍ଡଳ ସଭାପତି ଶ୍ରୀଧର ପତ୍ର, ସମ୍ପାଦକ ଶୁଭମ ଚୌଧୁରୀ ଓ ଜିଲା ମହିଳା ମୋର୍ଚ୍ଚା ସଭାପତି ଶର୍ମିଷ୍ଠା ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

ଦରଦାମ୍ ବୃଦ୍ଧି ପ୍ରସଙ୍ଗ

ନିର୍ବାଚନ ଆସିଲେ ସରକାର ଶୀତଳଭଣ୍ଡାର କଥା କହନ୍ତି: କଂଗ୍ରେସ

ଭୁବନେଶ୍ୱର,୧।୭(ଅନିଲଦାସ): ଏବେ ରାଜ୍ୟରେ ପରିବା ଦର ଆକାଶଛୁଆଁ ହୋଇଛି। ସାଧାରଣ ଜନତା ପରିବା କିଣିବାକୁ ସାହସ କରୁନାହାନ୍ତି। ଏତିକି ବେଳେ ସରକାର ନିଘୋଡ଼ ନିଦରେ ଶୋଇଛନ୍ତି । ନିର୍ବାଚନ ଆସିଲେ ସରକାର ଶୀତଳଭଣ୍ଡାର କଥା କୁହନ୍ତି । ପ୍ରତି ବ୍ଲକରେ ଶୀତଳଭଣ୍ଡାର କରିବେ ବୋଲି ପ୍ରାୟ ୧୦ବର୍ଷ ହେବ କହିଆସୁଛନ୍ତି । ହେଲେ ନିର୍ବାଚନ ଶେଷ ହୋଇଗଲେ ଶୀତଳଭଣ୍ଡାର ଫାଇଲ ଶୀତଳଭଣ୍ଡାରକୁ ଚାଲିଯାଏ ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି। ପରିବା ଦରକୁ ନିୟନ୍ତ୍ରଣ କରିବା ଦିଗରେ ସରକାର ଯଦି ତୁରନ୍ତ ପଦକ୍ଷେପ ନ ନିଅନ୍ତି ତେବେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱରଘୁରାଜ ହରିଚନ୍ଦନ
ମଳିପଡ଼ା
ଆବିର୍ଭାବ-୧୨।୦୪।୧୯୩୭
ତିରୋଧାନ- ୨୨।୦୬।୨୦୨୩
ବାବା! ତୁମର ଅନୁପସ୍ଥିତିରେ ଆଜି ସମଗ୍ର ପରିବାର ହତବାକ୍ ଓ ବାକ୍‌ଶୂନ୍ୟ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ଚିର ସ୍ମରଣୀୟ ହୋଇ ରହିଥିବ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୦୭୦୧

ଭାଜପା ରାଜ୍ୟ ସଭା ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଗାଙ୍ଗୁଲି, ମିଥୁନ

କୋଲକାତା, ୧।୭ : ପଶ୍ଚିମବଙ୍ଗରୁ ଗୋଟିଏ ରାଜ୍ୟ ସଭା ଆସନ ଲାଗି ନିର୍ବାଚନ ହେବାକୁ ଯାଉଥିବାବେଳେ ଭାଜପାରୁ ଦୁଇଜଣ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଏବଂ ମେଗାଷ୍ଟାର ମିଥୁନ୍ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ଜଣକୁ ଭାଜପା ପ୍ରାର୍ଥୀ କରିପାରେ। ରାଜ୍ୟ ସଭା ପ୍ରାର୍ଥୀ ଚୟନ ଲାଗି ଭାଜପା ପଶ୍ଚିମବଙ୍ଗ ଶାଖା ପକ୍ଷରୁ ଦିଲ୍ଲୀକୁ ଦୁଇଟି ଅଲଗା ତାଲିକା ପଠାଯାଇଛି। ଗୋଟିଏ ତାଲିକା ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର ପଠାଇଥିବାବେଳେ ଅନ୍ୟଟି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ପଠାଇଛନ୍ତି। ଅଧିକାରୀଙ୍କ ତାଲିକାରେ ଗାଙ୍ଗୁଲି, ମିଥୁନଙ୍କ ସହ ଭାଜପା ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଅନିର୍ବାଣ ଗାଙ୍ଗୁଲି ଏବଂ ଗ୍ରେଟର କୁଚ୍‌ବିହାର ପିପୁଲ୍ସ ଆସୋସିଏଶନର ଅଧ୍ୟକ୍ଷ ଅନନ୍ତ ମହାରାଜଙ୍କ ନାଁ ରହିଛି। ଅନ୍ୟପକ୍ଷରେ ମଜୁମଦାରଙ୍କ ତାଲିକାରେ ପୂର୍ବତନ ରାଜ୍ୟସଭା ସଦସ୍ୟ ରୁପା ଗାଙ୍ଗୁଲି, ସ୍ୱପନ ଦାସଗୁପ୍ତା, ଭାଜପା ମୁଖପାତ୍ର ସମିକ ଭଟ୍ଟାଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦିନେଶ ତ୍ରିବେଦୀ ଓ ଅନନ୍ତ ମହାରାଜଙ୍କ ନାଁ ରହିଛି।

Classified Everyday
0674-2580101, 2549949

MATRIMONIAL

BRIDE WANTED

ପାତ୍ରୀ ଆବଶ୍ୟକ। ପୁଅ ଚାକିରି କରୁଛି। ଯୋଗ୍ୟତା M.Phil, ବୟସ: 27, Caste: ବଣିଆ, Height: 5'11". Contact: 9348544047. D-0712

46Yrs boy divorced melbourne. warehouse associate 70000 Dollar. Need simple, homely not highly qualified girl, Father Wg Cdr. 9686420870. D-0694

ଚାକିରି କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-40yrs ଝିଅ ଆବଶ୍ୟକ। Candidate: 8984180242. D-0713

REAL ESTATE

SALE

"Ready to occupy 3 BHK flats for sale, exclusive area in Nageshwar Tangi, next to Ramakrishna Mission. Interested parties contact directly. Ph: 9845068780, pactdm@gmail.com. D-0719

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

Resale 3BHK 1250sqft. flat, 2Bathroom, 3rd Floor, Cuttack road (main) Bomikhal, Bhubaneswar. 9337124748. D-73774

ପୁରୀ ଶ୍ରୀମନ୍ଦିର ପାଖରେ **Furnished one Bedroom new flat with Kitchen & Bathroom** ମାତ୍ର **25** ଲକ୍ଷ। **(Negotiable), only genuine buyer contact: 9438220432, 8144658008.** D-0714

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

Plot sale ପୁରୁଣା କଟକ-ସମ୍ବଲପୁର ରାସ୍ତା NH-655 ଠାରୁ ୫୦୦ମିଟର ଦୂରରେ ହିନ୍ଦୋଳ ଟାଉନ୍‌କୁ ଯାଇଥିବା ପିଚୁ ରାସ୍ତାକୁ ଲାଗି ହିନ୍ଦୋଳ ତହସିଲ ଅନ୍ତର୍ଗତ ଭକ୍ତପୁର ମୌଜାସ୍ଥିତ ଜଳସେଚନ ଓ Electricity ସୁବିଧା ଥାଇ ତାରବାଡ଼ଘେରା ୨ ଏକର ୩ ଡେସିମିଲ ଜାଗା ବିକ୍ରି ହେବ। ଯୋଗାଯୋଗ- 9937098987, 6370709044. D-75076

Duplex sale at Bhubaneswar @ 57 Lakhs only. Contact: 9777433701. D-74881

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex house sale near Puri Bypass NH Pandara Square in gated society. 7978723473. D-0690

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75001

CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-0627

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FOR RENT

3BHK First Floor Flat in Santarapur, Bhubaneswar. 1 Drawing, 1 Dining, 2 Bathrooms, 2 Balcony. 1000+ sqft Carpet. 9810999723. D-0708

To-let 2200square foot 1st floor price @25/- square foot Near Sai International School, Patia. Contact 9439856856 9040116788. D-0711

On Janpath 1450 and 2300 sqft. furnished office space available on 3rd floor with lift. 8598923231. D-71057

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Asriba da Panchakarma herbal SPA Kesharimall, Bhubaneswar. Contact: 8926173473. D-74700

Herbal full body massage by smart/expert therapist. Contact: 9040171280. D-74699

Newly open Salon/SPA with expert therapist (health benefits). 8114322659. D-75123

Spa Kerala body massage only best Therapist @699/-Bhubaneswar. 9337672475. D-0678

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

LOST

Sale Deeds Lost: By virtue of an affidavit sworn before Notary, Dhenkanal I Ratikanta Rout, aged 48 years, S/o. : Rohita Kumar Rout resident of Patala, Balaramprasad, P.S.: Motanga, Dist: Dhenkanal do hereby state that the original copy of RSD No. 3965/2003/1 dt. 27.10.2003, RSD No. 478/2008/1 dt. 31.01.2008 in respect of Khata No. 136/153 & RSD No. 3933/2003/1, Dt. 22.10.2003 in respect of Khata No. 136/155 of Mouza - Nayabhagirathipur West, Tahasil - Odapada, Dist- Dhenkanal executed in my favour at Sub-Registrar, Dhenkanal, got misplaced and couldn't be traced out despite deligent search and it is beyond recovery. As such lodged Motanga P.S. SDE No.01, Dt. 16.12.2022 to that effect. This declaration regarding untraceability of the above mentioned Sale Deeds is necessitated for all official purposes and otherwise. D-75077

AFFIDAVIT

By virtue of an affidavit No.-1740/02.11.2022 sworn in before Executive Magistrate, Tangi, Dist.- Khordha, I Gitanjali Kandi, 52 years, W/o- Kartik Charan Pradhan, Harichandanpur, P.O.- Badapari, P.S.- Tangi, Dist.- Khordha state that the name Gitanjali Kandi mentioned in Board Certificate & Pan Card the name Gitanjali Dei mentioned in Bank Passbook & the name Gitanjali Pradhan mentioned in some other Documents are same & identical again the my actual Date of Birth is 19.05.1970 instead of 15.07.1971 mentioned my Pan Card. Gitanjali Kandi, Gitanjali Dei & Gitanjali Pradhan one and same person. D-0709

I, V.S. Rajeswari G, D/o, Mohanrao G T, R/o W/o C.V. Gopal Rao, Plot No. N 4-166, IRC Village, Nayapalli, P.S. Nayapalli, Bhubaneswar, Dist. Khordha, Odisha - 751015 have changed my name to C.V. Rajeswari vide affidavit dated: 30.06.2023, sworn before Notary Benudhar Panda, Bhubaneswar for all future purposes. D-0710

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I Dipika Sahoo, W/o. Satrughan Sahu, At/PO-Khurusia, PS-Kamakhyanagar, Dist- Dhenkanal changed my surname from Sahu to Sahoo by virtue of an affidavit before the Executive Magistrate, Dhenkanal on 24.06.2023. -Dipika Sahoo. D-74075

By virtue of an affidavit No-74 dt

ଏ ସପ୍ତାହର ପ୍ରଶ୍ନ

୧– .....ର ବୈଜ୍ଞାନିକ ନାମ ବୁବୋ ବୁବୋ ?
୨– ଇଲେକ୍‌ଟ୍ରା ଗୋଲ୍ଡ କପ୍ ..... କ୍ରୀଡ଼ାରେ ଦିଆଯାଏ ?
୩– ପ୍ରଥମ ଫୁଟ୍‌ବଲ୍ ୱାର୍ଲ୍ଡ କପ୍ ..... ମସିହାରେ ଆୟୋଜିତ ହୋଇଥିଲା ?
୪– ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ପ୍ରଥମ ଉପନ୍ୟାସ ..... ?
୫– ..... ମହାଦେଶରେ ସବୁଠୁ ଅଧିକ ସଂଖ୍ୟକ ଦେଶ ରହିଛି ?

ଗତ ଥରର ଉତ୍ତର

୧ ପିଙ୍ଗାଲି ଭେଙ୍କାୟା
୨ ଅହିରାଜ
୩ ଅଷ୍ଟ୍ରେଲିଆ
୪ ଆର୍. କେ. ନାରାୟଣ
୫ ଏଚ୍‌ସିଏଲ୍ (HCL)

ଉତ୍ତରଦାତା

ଛବିଲାଲ୍ ଭାଟି, କଳାହାଣ୍ଡି | ଯଶସ୍ୱୀ ଦାସ, ଖୋର୍ଦ୍ଧା | ସମୀର ରଞ୍ଜନ ମିଶ୍ର, ଝାରସୁଗୁଡ଼ା | ସୁନୀଲ କୁମାର ବେହେରା, ବ୍ରହ୍ମପୁର

ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

ଟପ୍ ୧୦

ସର୍ବାଧିକ ମୋବାଇଲ୍ ଫୋନ୍ ପ୍ରସ୍ତୁତକାରୀ କମ୍ପାନୀ

୧..... ଆପଲ୍
୨..... ସାମ୍‌ସଙ୍ଗ୍
୩..... ଜାଓମି
୪..... ଓପୋ
୫..... ଭିଭୋ
୬..... ହୁଆୱି
୭..... ରିଏଲମି
୮..... ଲେସ୍ ପୋଲାର ବ୍ରାଣ୍ଡସ
୯..... ମୋଟୋରୋଲା
୧୦..... ୱାନ୍‌ପ୍ଲସ୍

ଯୁଥ୍ ଆଲର୍ଟ

ଫୋନ୍ ରଖନ୍ତୁ ସୁରକ୍ଷିତ...

ବର୍ଷାଦିନ ଆରମ୍ଭ ହେଲାଣି। ଏମିତିରେ ପଢ଼ା କିମ୍ବା ଜବ୍ ପାଇଁ ବାହାରକୁ ଯାଉଥିବା ଯୁବତୀ ଯୁବକଙ୍କର ଫୋନ୍ ପାଣି ସଂସ୍ପର୍ଶରେ ଆସି ନଷ୍ଟ ହୋଇଯିବାର ଆଶଙ୍କା ବଢ଼ିଯାଏ। ଏଦିନେ କିପରି ଫୋନ୍‌କୁ ସୁରକ୍ଷିତ ରଖିପାରିବେ ଜାଣିରଖନ୍ତୁ କେତୋଟି ଉପାୟ...

- ବର୍ଷା ସମୟରେ ବାହାରକୁ ଯାଉଥିଲେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା ଭଲ। କାରଣ ବର୍ଷାରେ ମୋବାଇଲ ଓଦା ହୋଇ ନଷ୍ଟ ମଧ୍ୟ ହୋଇପାରେ। କେବଳ ଏତିକି ନୁହେଁ, ଏଦିନେ ଅନେକ ସମୟରେ ହଠାତ୍ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହୋଇଥାଏ। ଫଳରେ ବିଜୁଳି କରେଣ୍ଟ ସଂସ୍ପର୍ଶରେ ଆସି ମୋବାଇଲ ଫାଟିବା ଯୋଗୁ ଅନେକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ହାନି ହେବାର ଆଶଙ୍କା ରହିଛି।
- ଏଦିନେ ବାହାରକୁ ଯାଉଥିବା ସମୟରେ ମୋବାଇଲ୍ ଓଦା ନ ହେବା ଲାଗି ମାର୍କେଟରେ ମିଳୁଥିବା ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ବ୍ୟାଗ୍ ବା ୱାଟରପ୍ରୁଫ୍ ମୋବାଇଲ୍ ପାଉଚ୍ ବ୍ୟବହାର କରନ୍ତୁ। ଏହାକୁ ମଶ୍ଚରପ୍ରୁଫ୍ ରଖିବା ଲାଗି ଉକ୍ତ ବ୍ୟାଗ୍ ଭିତରେ ସିଲିକା ଜେଲ୍ ରଖିପାରିବେ।
- ତଥାପି ଯଦି ହଠାତ୍ ମୋବାଇଲ ଓଦା ହୋଇଯାଏ, ତେବେ ପାଣି ମୋବାଇଲ ଭିତରକୁ ନ ଯିବା ପୂର୍ବରୁ ସଙ୍ଗେ ସଙ୍ଗେ ତାହାର ବ୍ୟାଟେରି କାଢ଼ି ଭଲ ଭାବେ ପୋଛି ଶୁଖାନ୍ତୁ। ନଚେତ୍ ବ୍ୟାଟେରି ବ୍ଲାଷ୍ଟ ହେବାର ଆଶଙ୍କା ବଢ଼ିପାରେ। ହେଲେ ମନେରଖନ୍ତୁ, ଫୋନ୍ ଓଦା ହୋଇଗଲେ ହେୟାର ଡ୍ରାୟର ସାହାଯ୍ୟରେ କିମ୍ବା ଟାଣଖରାରେ ଶୁଖାଇବାର ଭୁଲ ଆଦୌ କରନ୍ତୁ ନାହିଁ। ଏପରି କରିବା ଦ୍ୱାରା ଫୋନ ଖରାପ ହୋଇଯାଇପାରେ। ଏହା ବଦଳରେ ଫ୍ୟାନ୍ ଆଗରେ କିମ୍ବା ଅଳ୍ପ ସୂର୍ଯ୍ୟକିରଣ ପଡୁଥିବା ଶୁଖିଲା ସ୍ଥାନରେ ରଖନ୍ତୁ।
- ଏକ ପାତ୍ରରେ ଚାଉଳ ନେଇ କିମ୍ବା ଚାଉଳ ରହୁଥିବା ବ୍ୟାଗ୍ ଅବା ଡବା ଭିତରେ

ଓଦା ମୋବାଇଲ୍ ପୂରାଇ ରଖିପାରିବେ। ଏହାଦ୍ୱାରା ଚାଉଳ ଫୋନ୍‌ର ଆର୍ଦ୍ରତାକୁ ସହଜରେ ଶୁଖାଇ ଦେଇଥାଏ। ତେବେ ଏହା ପୂର୍ବରୁ ଚାଉଳରେ ଯେପରି ଅଧିକ ଧୂଳି ନ ଥାଏ, ସେଥିପ୍ରତି ନଜର ଦିଅନ୍ତୁ।

- ଓଦା ଫୋନ୍‌କୁ ଚାର୍ଜରେ ବସାଇବା ଦ୍ୱାରା ଶର୍ଟ ସର୍କିଟ ହେବାର ଆଶଙ୍କା ରହିଥାଏ। ଏହାଦ୍ୱାରା ଫୋନ୍ ସମ୍ପୂର୍ଣ୍ଣ ଖରାପ ହୋଇଯାଇପାରେ। ବିଶେଷକରି ଘଡ଼ଘଡ଼ି ମାରୁଥିବା ସମୟରେ ଏପରି ଆଦୌ କରନ୍ତୁ ନାହିଁ।



ଇ- ଅପ୍‌ଡେଟ୍ ନିଶା

ବର୍ତ୍ତମାନ ସୋସିଆଲ୍ ମିଡିଆରେ ଆକ୍ଟିଭ୍ ରହିବାର କ୍ରେଜ୍ ଯେମିତି ସଭିଙ୍କୁ ମତୁଆଲା କରିଛି। ଯେଉଁ ଲିଷ୍ଟରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି। ହେଲେ ଅପରପକ୍ଷେ ଯେ ଏହା ବିଭିନ୍ନ ସମସ୍ୟାର କାରଣ ସାଜୁଛି, ସେ ଦିଗରେ ଅନେକେ ଅବଗତ ନାହାନ୍ତି। ତେଣୁ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...

ଅନ୍‌ଲାଇନ୍‌ରେ ବିଶେଷକରି ସୋସିଆଲ୍ ମିଡିଆରେ ଆକ୍ଟିଭ୍ ରହିବାର ନିଶା ଏବେ ଯୁବପିଢ଼ିଙ୍କଠାରେ ସବୁଠୁ ଅଧିକ ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା କେବେକେବେ ଅନେକଙ୍କୁ ବିଭିନ୍ନ ସମସ୍ୟାର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି। ତେଣୁ କେଉଁ ସବୁ ଦିଗ ପ୍ରତି ସତର୍କ ରହିଲେ ସୁରକ୍ଷିତ ଭାବେ ସୋସିଆଲ୍ ମିଡିଆ ବ୍ୟବହାର କରିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

ସାଜୁଛି ସ୍ୱାସ୍ଥ୍ୟ ସମସ୍ୟାର ପ୍ରମୁଖ କାରଣ:

- ଘଣ୍ଟା ଘଣ୍ଟା ମୋବାଇଲ୍ କିମ୍ବା କମ୍ପ୍ୟୁଟର ବ୍ୟବହାର କରିବା ଯୋଗୁ ଗୋଟିଏ ସ୍ଥାନରେ ବସି ରହିବା ଦ୍ୱାରା ଶାରୀରିକ ପରିଶ୍ରମ ହ୍ରାସ ପାଉଛି। ଫଳରେ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା, ଆଖିତଳ କଳାପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା ଆଦି ସମସ୍ୟା ଦେଖାଦେଉଛି।
- ଦୀର୍ଘସମୟ ମୋବାଇଲ୍ କିମ୍ବା କମ୍ପ୍ୟୁଟର ସ୍କ୍ରିନ୍‌କୁ ଦେଖିବା ଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ହେଉଛି। ଅଧିକ ସମୟ ଇୟରଫୋନ୍ ବ୍ୟବହାର ଯୋଗୁ ଶ୍ରବଣ ଶକ୍ତି ହ୍ରାସ ହେବା ସହ କାହା କାହାଠାରେ ଅଡିଓ ସେନ୍ସୋରି ନର୍ଭସ ସିଷ୍ଟମ ନଷ୍ଟ ହୋଇଯିବା ଦ୍ୱାରା ଶ୍ରବଣ ଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହେବାର ବି ଆଶଙ୍କା ରହିଛି।
- ତା' ଛଡ଼ା ଏସବୁର ବହୁଳ ବ୍ୟବହାର ଯୋଗୁ ସ୍ମରଣ ଶକ୍ତି ମଧ୍ୟ ପ୍ରଭାବିତ ହେଉଛି ଓ ବିଭିନ୍ନ ମାନସିକ ସମସ୍ୟା ସହିତ କେତେକ ଅସାଧ୍ୟ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ଏମିତିକି କେତେକଙ୍କଠାରେ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ମଧ୍ୟ ଦେଖାଦେଉଛି। ଫଳରେ କିଛି ସମୟ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ରାଗିବା, ଚିଡ଼ିବାଠାରୁ ଆରମ୍ଭ କରି କ୍ରୋଧରେ ବିଭିନ୍ନ ଭୁଲ କାମ କରୁଥିବାର ଦେଖିବାକୁ ମିଳୁଛି।
- ତେଣୁ ଏହାକୁ ବ୍ୟବହାର କରିବା ଲାଗି ଦୈନିକ ଅଳ୍ପ ସମୟ ଦିଅନ୍ତୁ। ସୁସ୍ଥ ରହିବା ଲାଗି ଖାଦ୍ୟପେୟ, ଠିକ୍ ଭାବେ ଶୋଇବା ଏବଂ ଶାରୀରିକ ବ୍ୟାୟାମ କରିବା ପ୍ରତି ଗୁରୁତ୍ୱ ଦିଅନ୍ତୁ।

ସାର୍ବଜନୀନ ହେଉଛି ବ୍ୟକ୍ତିଗତ ତଥ୍ୟ:

ଅପ୍‌ଡେଟ୍ ରହିବା ଲାଗି ସବୁବେଳେ ନିଜର ଦୈନନ୍ଦିନ କାର୍ଯ୍ୟ ଯେପରି କ'ଣ କିଣିଲେ, କ'ଣ ପିନ୍ଧିଲେ, କେଉଁ ଆଡ଼େ ବୁଲିବାକୁ ଗଲେ ତାହାର ଫଟୋ, ଭିଡିଓ ଅପ୍‌ଲୋଡ୍ କରିବା ନିଶାରେ ଅନେକେ ସେମାନଙ୍କ ପର୍ସନାଲ ଡାଟା ସାର୍ବଜନୀନ ହେଉଥିବା କଥା ଭୁଲିଯାଉଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ଅନେକେ ଏଥିପାଇଁ ବ୍ଲାକ୍‌ମେଲିଂ, ଚୋରି, ଡକାୟତି ଭଳି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାର ନଜିର ରହିଛି। ତେଣୁ ନିଜର ବ୍ୟକ୍ତିଗତ ତଥ୍ୟ ଯେପରି ସର୍ବସମ୍ମୁଖକୁ ନ ଯାଉ କିମ୍ବା କୌଣସି ଅସାମାଜିକ ବ୍ୟକ୍ତି ଏହାର ଅପବ୍ୟବହାର ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

କାଳ ହେଉଛି ସେଲ୍‌ଫି ଓ ରିଲ୍ସ ନିଶା:

କାହାର କେତେ ଭଲ ସେଲ୍‌ଫି ଓ ରିଲ୍ସ କରୁଛି, ତା'କୁ ନେଇ ଏବେ ସୋସିଆଲ୍ ମିଡିଆରେ କମ୍ପିଟିଶନ୍ ଜୋର୍। ଆଉ ନିଜ ସେଲ୍‌ଫି ଓ ରିଲ୍ସ ସବୁଠୁ ଡିଫରେଣ୍ଟ କରିବା ଆଳରେ କିଏ ଚଳନ୍ତା ଟ୍ରେନ୍ ଆଗରେ ତ କିଏ ସମୁଦ୍ର, ପାହାଡ଼ି ଝରଣା ଆଦି ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ଫଟୋ ଓ ଭିଡ଼ିଓ ନେଉଛନ୍ତି। ହେଲେ ଏଥିପାଇଁ ଅନେକଙ୍କ ପ୍ରାଣହାନି ହେବାର ଘଟଣା ବଢୁଥିବାର ଦେଖିବାକୁ ମିଳୁଛି। ତେଣୁ ଏସବୁ ଦିଗ ପ୍ରତି ବିଶେଷ ଭାବେ ସତର୍କ ରହିବା ଆବଶ୍ୟକ।

ବଢୁଛି ଅପରାଧ: ସୋସିଆଲ୍ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି କିଛି ଅସାମାଜିକ ବ୍ୟକ୍ତି ବିଭିନ୍ନ ଅପରାଧ ଘଟାଉଥିବାର ନଜିର ରହିଛି। ତେଣୁ ଏହାକୁ ବ୍ୟବହାର କରୁଥିଲେ ଅଜଣାଙ୍କ ଉପରେ ବିଶ୍ୱାସ କରି ନିଜର ସମସ୍ତ ତଥ୍ୟ ଦିଅନ୍ତୁ ନାହିଁ । କେହି ଅଳ୍ପ ଦିନ ମଧ୍ୟରେ ଖୁବ୍ ବିଶ୍ୱସ୍ତ ହୋଇ ଟଙ୍କା ମାଗିଲେ ନିଜର ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସ ଦେଇଦେବା ଭଳି ଭୁଲ ଆଦୌ କରନ୍ତୁ ନାହିଁ। ସର୍ବୋପରି ବର୍ତ୍ତମାନ ଯୁବବର୍ଗଙ୍କ ମଧ୍ୟରେ ସୋସିଆଲ୍ ମିଡିଆରୁ ବନ୍ଧୁତା, ଚାଟିଂ, ପ୍ରେମ ପୁଣି ଡେଟିଂ ଏବଂ ପରେ ପ୍ରତାରଣା, ଫଟୋ, ଭିଡିଓ ଆଦିକୁ ନେଇ ବ୍ଲାକ୍‌ମେଲିଂ ଏବଂ ଶେଷରେ ଝଗଡ଼ା ଓ ଆତ୍ମହତ୍ୟା କିମ୍ବା ହତ୍ୟା ପର୍ଯ୍ୟନ୍ତ ଘଟଣା ବି ଦେଖିବାକୁ ମିଳୁଛି। ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ।

ଜାଣନ୍ତୁ ଦୁନିଆ

ଅଦ୍ଭୁତ ସ୍ଥାପତ୍ୟ

ପୃଥିବୀରେ ଏମିତି ଅନେକ କଳାକୃତି ଏବଂ ସ୍ଥାପତ୍ୟ ରହିଛି, ଯାହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ତେବେ ଏହା ମଧ୍ୟରେ କେତେକ ଅଜବ ସ୍ଥାପତ୍ୟ ରହିଛି, ଯାହାକୁ ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ। ସେହିଭଳି କେତେକ ସ୍ଥାପତ୍ୟ ସମ୍ପର୍କରେ...

ଦି ଫୋର୍କ

ସୁଇଜରଲାଣ୍ଡର ଭିଭେ ସହରସ୍ଥିତ ଜେନେଭା ହ୍ରଦରେ ରହିଛି ଏକ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପ୍ରସ୍ତୁତ ଫୋର୍କର ସ୍ଥାପତ୍ୟ। ଆକାଶରୁ ପାଣି ଭିତରୁ ଖସୁଥିବା ଭଳି ଡିଜାଇନ୍ ହୋଇଥିବା ଏହି ଫୋର୍କର ଓଜନ ୯୨୯ ପାଉଣ୍ଡ ହୋଇଥିବା ବେଳେ ଉଚ୍ଚତା ୨୬ ଫୁଟ। ସେଥିପାଇଁ ପୃଥିବୀର ସବୁଠୁ ବଡ଼ ଫୋର୍କ ଭାବେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ସ୍ଥାନ ପାଇଛି। ତେବେ ପୃଥିବୀର ପ୍ରଥମ ଫୁଡ୍ ମ୍ୟୁଜିୟମ୍

ଆଲମେଣ୍ଟାରିଅମ୍‌ର ୧୦ମ ବାର୍ଷିକ ଉତ୍ସବ ଅବସରରେ ସ୍ୱିସ୍ ଆର୍ଟିଷ୍ଟ ଜିନ୍ ପିରେ ଜାଉଗ୍ ଏହି ଫୋର୍କକୁ ନିର୍ମାଣ କରିଥିଲେ। ଏହା ସେଠାକାର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ପାଲଟିଛି।

ହ୍ୟାଣ୍ଡ ଅଫ୍ ଦ ଡେଜର୍ଟ

ଚିଲିସ୍ଥିତ ଆଟାକାମ ମରୁଭୂମିରେ ରହିଛି ଏକ ବିଶାଳ ହାତର କଳାକୃତି। ଏହାକୁ ନିର୍ମାଣ କରିଛନ୍ତି ମ୍ୟାରିଓ ଇରାଜାବାଲ୍। ମରୁଭୂମି ଭିତରୁ ବାହାରିଥିବା ପ୍ରାୟ ୩୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ହାତ ଦେଖିବାକୁ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ।

ହ୍ୟାଙ୍ଗିଙ୍ଗ୍ ମ୍ୟାନ୍

ଚେକ୍ ରିପବ୍ଲିକ୍‌ର ପ୍ରାଗ୍ ସହରରେ ଗୋଟିଏ ପୋଲ୍‌ରୁ ଜଣେ ମଣିଷ ଓହଳିଥିବାର ଦେଖିବାକୁ ମିଳେ। ସତ ମଣିଷର ଭ୍ରମ ସୃଷ୍ଟି କରୁଥିବା ଏହି ଷ୍ଟାଚ୍ୟୁ ସେଠାକୁ ଆସୁଥିବା ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଚେକ୍ ମୂର୍ତ୍ତିକାର ଡେଭିଡ୍ କର୍ନି ସମ୍ପୂର୍ଣ୍ଣ ତମ୍ବାରେ ନିର୍ମାଣ କରି ଏହି ମୂର୍ତ୍ତିକୁ ସାଇକୋଆନାଲିସିସ୍‌ର ଜନକ ସିଗ୍‌ମଣ୍ଡ ଫ୍ରଡ୍‌ଙ୍କ ପାଇଁ ସମର୍ପିତ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨ ଜୁଲାଇ, ୨୦୨୩ Bhubaneswar, Sunday, July 2, 2023

ପ୍ରଥମ ଥର ୱେଷ୍ଟଇଣ୍ଡିଜ୍ ବିନା ବିଶ୍ୱକପ୍

ସ୍କଟଲାଣ୍ଡ ୭ ଉଇକେଟରେ ହରାଇଲା

ସ୍କଟଲାଣ୍ଡଠାରୁ ହାରିବା ପରେ ପଡ଼ିଆ ଛାଡୁଛନ୍ତି ୱେଷ୍ଟଇଣ୍ଡିଜ୍ ଖେଳାଳି।

ହରାରେ, ୧୭(ପି.ଟି.)

୧୯୭୫ରେ ପ୍ରଥମ ଥର କ୍ରିକେଟ ବିଶ୍ୱକପରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ୱେଷ୍ଟଇଣ୍ଡିଜ। ଏକଦା ବିଶ୍ୱ କ୍ରିକେଟର ସବୁଠାରୁ ଦୁର୍ଦ୍ଧର୍ଷ ଦଳ ରହିଥିବା ୱେଷ୍ଟଇଣ୍ଡିଜ୍ ବିନା ପ୍ରଥମ ଥର ପାଇଁ ଖେଳାଯିବ ବିଶ୍ୱକପ୍। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଖେଳୁଥିବା ୱେଷ୍ଟଇଣ୍ଡିଜ୍ କର ବା ମର ସ୍ଥିତିରେ ରହିଥିଲା। ଏପରି ସ୍ଥିତିରେ ଶନିବାର ସୁପର୍ ସିକ୍ସରେ ସ୍କଟଲାଣ୍ଡ ନିକଟରୁ ପରାଜିତ ହେବା ସହିତ ଦଳ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ଟୁର୍ନାମେଣ୍ଟରୁ ବାଦ୍‌ପଡ଼ିଛି ଏହି ବିଶ୍ୱ ଚାମ୍ପିୟନ ଦଳ। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୪୩.୫ ଓଭରରେ ୧୮୧ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ସ୍କଟ୍‌ଲାଣ୍ଡ ୪୩.୩ ଓଭରରେ ୩ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ବ୍ରାଣ୍ଡନ ମ୍ୟକମୁଲେନ(୬୯ ରନ୍ ଓ ୩ ଉଇକେଟ) ସ୍କଟଲାଣ୍ଡ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଟସ୍ ହାରି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୯ ରନ୍‌ରେ ପ୍ରଥମ ଉଇକେଟ ହରାଇଥିଲା। ବ୍ୟାଟିଂ ବିପର୍ଯ୍ୟୟ କାରଣରୁ ଦଳ ୬୦ ରନ୍‌ରେ ୫ ଓ ୮୧ ରନ୍‌ରେ ୬ ଉଇକେଟ ହରାଇଥିଲା। ଓପନିଂ ବୋଲର ମ୍ୟାକମଲେନ୍ ୩ ଉଇକେଟ ନେଇ ବିପର୍ଯ୍ୟୟର ନାୟକ ସାଜିଥିଲେ। ତେବେ ଅଲରାଉଣ୍ଡର ଜାସନ୍ ହୋଲ୍ଡର(୪୫ ରନ୍) ଓ ରୋମାରିଓ ଶେଫର୍ଡ(୩୬ ରନ୍) ସପ୍ତମ ଉଇକେଟରେ ୭୫ ରନ୍ ଯୋଡ଼ି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ହୋଲ୍ଡର ୭୯ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ସ୍କଟଲାଣ୍ଡ ପକ୍ଷରୁ ମ୍ୟକମୁଲେନ୍ ୩ ଉଇକେଟ ନେଇଥିବା ବେଳେ କ୍ରିସ୍ ସୋଲ୍, ମାର୍କ ୱାଟ୍ ଓ କ୍ରିସ୍ ଗ୍ରିଭ୍‌ସ ଦୁଇଟି ଲେଖାଏ ଉଇକେଟ୍ ନେଇଥିଲେ।

୧୮୨ ରନ୍ ଲକ୍ଷ୍ୟ ନେଇ ସ୍କଟ୍‌ଲାଣ୍ଡର ଆରମ୍ଭ ମଧ୍ୟ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ପ୍ରଥମ ବଲରେ ହୋଲ୍ଡର ଓପନର କ୍ରିଷ୍ଟୋଫର ମ୍ୟାକ୍‌ବ୍ରାଇଡଙ୍କୁ ଆଉଟ କରିଥିଲେ। ତେବେ ଉଇକେଟ କିପର ମାଥ୍ୟୁ କ୍ରସ୍(୭୪* ରନ୍) ଓ ବ୍ରାଣ୍ଡନ୍ ମ୍ୟକମୁଲେନ୍(୬୯) ଦ୍ୱିତୀୟ ଉଇକେଟରେ ୧୨୫ ରନ୍ ଯୋଡ଼ିଥିଲେ। ପରବର୍ତ୍ତୀ ବ୍ୟାଟର ଜର୍ଜ ମୁନ୍‌ସି ୧୮ ଓ ଅଧିନାୟକ ରିଚି ବାରିଙ୍ଗଟନ୍ ଅପରାଜିତ ୧୩ ରନ୍ କରି ଦଳକୁ ବିଜୟୀ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସନ ହୋଲ୍ଡର, ରୋମାରିଓ ଶେଫର୍ଡ ଓ ଅକିଲ ହୋସେନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଜାସନ୍ ହୋଲ୍ଡରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ୍ ୪୩.୫ ଓଭରରେ ୧୮୧/୧୦(ଜାସନ୍ ହୋଲ୍ଡର-୪୫, ରୋମାରିଓ ଶେଫର୍ଡ-୩୬, ବ୍ରାଣ୍ଡନ୍ କିଙ୍ଗ-୨୨, ବ୍ରାଣ୍ଡନ୍ ମ୍ୟାକମଲେନ୍-୩/୩୨, ମାର୍କ ୱାଟ୍-୨/୨୫, କ୍ରିସ୍ ଗ୍ରିଭ୍ସ-୨/୩୦)। ସ୍କଟଲାଣ୍ଡ ୪୩.୩ ଓଭରରେ ୧୮୫/୩(ମାଥ୍ୟୁ କ୍ରସ୍-୭୪*, ବ୍ରାଣ୍ଡନ୍ ମ୍ୟକମୁଲେନ୍-୬୯, ଜର୍ଜ ମୁନ୍‌ସୀ-୧୮, ଅକିଲ ହୋସେନ୍-୧/୨୬, ରୋମାରିଓ ଶେଫର୍ଡ-୧/୨୮, ଜାସନ ହୋଲ୍ଡର-୧/୩୭)।

ଭାରତକୁ ସୁରକ୍ଷା ଦଳ ପଠାଇବ ପାକିସ୍ତାନ

ଦିନିକିଆ କ୍ରିକେଟ ବିଶ୍ୱକପ୍

କରାଚୀ,୧୭(ପି.ଟି.): ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଭେନ୍ୟୁଗୁଡ଼ିକ ଯାଞ୍ଚ କରିବା ଲାଗି ପାକିସ୍ତାନ ଏକ ସୁରକ୍ଷା ଦଳ ଭାରତକୁ ପଠାଇବ। ଏହି ଦଳଠାରୁ ସବୁଜ ସଙ୍କେତ ପାଇବା ପରେ ପାକିସ୍ତାନ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ଖେଳିବା ଲାଗି ଭାରତ ଗସ୍ତରେ ଯିବ। ଇଦ୍ ଛୁଟି ଶେଷ ହେବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ନୂଆ ଚେୟାରମ୍ୟାନ ନିର୍ବାଚିତ ହେବେ। ତା'ପରେ ଯାଇ ସୁରକ୍ଷା ଦଳ କେବେ ପଠାଯିବ ତାହା ଦେଶର ବହିର୍ବ୍ୟାପାର ଓ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ସ୍ଥିର କରିବ ବୋଲି ଆନ୍ତଃ ରାଜ୍ୟ ସମନ୍ୱୟ (କ୍ରୀଡ଼ା) ମନ୍ତ୍ରଣାଳୟର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ସୁରକ୍ଷା ଦଳରେ ପିସିବିର ପ୍ରତିନିଧି ରହିବେ। ବିଶ୍ୱକପ୍ ବେଳେ ପାକିସ୍ତାନ ଯେଉଁସବୁ ଭେନ୍ୟୁରେ ମ୍ୟାଚ ଖେଳିବ ସେଥିଲାଗି କି ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି ତାହା ଯାଞ୍ଚ କରି ଦେଖିବ। ପ୍ରତିନିଧି ଦଳ ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଲକାତା ଏବଂ ଅକ୍ଟୋବର ୧୫ରେ ଭାରତ-ପାକିସ୍ତାନ ମ୍ୟାଚ ପାଇଁ ମନୋନୀତ ଅହମଦାବାଦ ଗସ୍ତ କରିବେ। ପଡ଼ୋଶୀ ରାଷ୍ଟ୍ର ଭାରତକୁ କୌଣସି ଟୁର୍ ପୂର୍ବରୁ ପିସିବି ସରକାରଙ୍କ ଅନୁମତି ମାଗିଥାନ୍ତି। ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଲାଗି ସରକାର ଏକ ପ୍ରତିନିଧି ଦଳ ପଠାଇଥାନ୍ତି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ଅଫିସିଆଲ ଜଣକ କହିଛନ୍ତି। ଟୁର୍ନାମେଣ୍ଟ ପାଇଁ ଗସ୍ତ କରିବାକୁ ଥିବା ଖେଳାଳି, ଅଫିସିଆଲ, ସମର୍ଥକ ଓ ମିଡିଆ ସକାଶେ କି ପ୍ରକାର ସୁରକ୍ଷା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି ସେ ନେଇ ପ୍ରତିନିଧି ଦଳ ଅଫିସିଆଲଙ୍କ ସହ କଥାବାର୍ତ୍ତା ହେବେ। ମନୋନୀତ ଭେନ୍ୟୁଗୁଡ଼ିକ ମଧ୍ୟରୁ ଯଦି କୌଣସିଟିରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଶଙ୍କା ରୁହେ ଏହାର ବିକଳ୍ପ ଭେନ୍ୟୁକୁ ରିପୋର୍ଟରେ ଉଲ୍ଲେଖ କରିବାକୁ ପଡ଼ିଥାଏ।

ଦୁଲୀପ୍ ଟ୍ରଫି ଉତ୍ତରାଞ୍ଚଳ, କେନ୍ଦ୍ରାଞ୍ଚଳ ସେମିରେ

ବେଙ୍ଗାଲୁରୁ, ୧୭(ପି.ଟି.): ଘରୋଇ କ୍ରିକେଟର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫିର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଉତ୍ତରାଞ୍ଚଳ ଓ କେନ୍ଦ୍ରାଞ୍ଚଳ। ଆଲୁରରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳ ୧୭୦ ରନ୍‌ରେ ପୂର୍ବାଞ୍ଚଳକୁ ପରାସ୍ତ କରିଥିବା ବେଳେ ଚିନ୍ନାସ୍ୱାମୀରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟରରେ ନର୍ଥଇଷ୍ଟକୁ ୫୧୧ରନ୍‌ରେ ପରାସ୍ତ କରିଛି ଉତ୍ତରାଞ୍ଚଳ। ସୌରଭ କୁମାରଙ୍କ ୮ ଉଇକେଟ ସଫଳତା କାରଣରୁ ପୂର୍ବାଞ୍ଚଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୨୯ ରନ୍‌ରେ ଅଲଆଉଟ ହୋଇଥିଲା। ଅସମାପ୍ତ ୬୯/୬ରୁ ଖେଳ ଆରମ୍ଭ କରି ପୂର୍ବାଞ୍ଚଳ ଆଉ ୬୦ ରନ୍ ଯୋଡ଼ି ୪ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆକାଶ ଦୀପ୍ ସର୍ବାଧିକ ୨୪ ରନ୍ କରିଥିଲେ। ସୌରଭ କୁମାର ୩୩ ରନ୍ ଦେଇ ୮ ଉଇକେଟ ନେଇଥିଲେ। ଚମତ୍କାର ବୋଲିଂ ସହିତ ୧୧ ଉଇକେଟ ନେଇଥିବା ସୌରଭଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ କ୍ୱାର୍ଟରରେ ନର୍ଥଇଷ୍ଟକୁ ୫୧୧ ରନ୍‌ରେ ପରାସ୍ତ କରିଛି ଉତ୍ତରାଞ୍ଚଳ। ୬୬୬ ରନ୍‌ର ବିଶାଳ ଲକ୍ଷ୍ୟର ପିଛା କରି ନର୍ଥଇଷ୍ଟ ମାତ୍ର ୧୫୪ ରନ୍‌ରେ ଅଲଆଉଟ ହୋଇଥିଲା। ପୁଲକିତ ନାରଙ୍ଗ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ନିଶାନ୍ତ ସିନ୍ଧୁ ୨ ଉଇକେଟ ନେଇଥିଲେ। ନିଶାନ୍ତଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଜୁଲାଇ ୫ରୁ ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ କେନ୍ଦ୍ରାଞ୍ଚଳ ଓ ପଶ୍ଚିମାଞ୍ଚଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

ନୀରଜଙ୍କୁ ୨ୟ ଡାଇମଣ୍ଡ ଲିଗ୍ ଟାଇଟଲ୍

ନୀରଜ ଚୋପ୍ରା

ଲାଉସାନ୍ନେ, ୧୭(ପି.ଟି.)

ଅଲିମ୍ପିକ୍ସ ଚାମ୍ପିୟନ ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା କ୍ରମାଗତ ଦ୍ୱିତୀୟ ଡାଇମଣ୍ଡ ଲିଗ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲରେ ନୀରଜ ୮୭.୬୬ ମିଟରର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ। ୯୦ ମିଟର ବ୍ରାକେଟ ହାସଲ କରିବାରେ ବିଫଳ ହୋଇଥିଲେ ମଧ୍ୟ ନୀରଜ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ଏକ ମାସର ଆହତ ସମସ୍ୟାରୁ ଫେରିଥିବା ନୀରଜ ଲାଉସାନ୍ନେର ଚ୍ୟାଲେଞ୍ଜିଂ ପରିବେଶରେ ସଫଳତା ହାସଲ କରିଛନ୍ତି। ୨୫ ବର୍ଷୀୟ ନୀରଜଙ୍କ ମାଂସପେଶୀ ଟାଣି ହୋଇଯିବା କାରଣରୁ ସେ ୩ଟି ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରି ପାରି ନ ଥିଲେ। ଏହା ପୂର୍ବରୁ ମେ ୫ ତାରିଖରେ ଡାଇମଣ୍ଡ ଲିଗ୍‌ର ଦୋହା ସଂସ୍କରଣରେ ୮୮.୬୭ ମିଟର ଦୂରତା ସହିତ ଟାଇଟଲ ଜିତିଥିଲେ।

ସାଧାରଣତଃ ନୀରଜ ନିଜର ପ୍ରଥମ ଦୁଇ ପ୍ରୟାସରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥାନ୍ତି। ମାତ୍ର ଶୁକ୍ରବାର ନୀରଜ ପଞ୍ଚମ ପୟାସରେ ସଫଳତା ହାସଲ କରିଥିଲେ। ଚତୁର୍ଥ ରାଉଣ୍ଡ ଶେଷ ସୁଦ୍ଧା ନୀରଜ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ପଞ୍ଚମ ରାଉଣ୍ଡ ଶେଷ ବେଳକୁ ପ୍ରଥମ ସ୍ଥାନରେ ପହଞ୍ଚିଥିଲେ। ଶୁକ୍ରବାର ଲାଉସାନ୍ନେରେ ତାପମାତ୍ରା ୧୭ ଡିଗ୍ରୀ ରହିଥିବା ବେଳେ ଆର୍ଦ୍ରତା ୭୮ ପ୍ରତିଶତ ରହିଥିଲା। ଆହତ ସମସ୍ୟାରୁ ଫେରିଥିବା ବେଳେ ଏହା ତାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିଥିବା ନୀରଜ କହିଛନ୍ତି। ନୀରଜଙ୍କ ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

ଆଜି ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ

ସମଗ୍ର ବିଶ୍ୱରେ କାର୍ଯ୍ୟରତ କ୍ରୀଡ଼ା ଖବରଦାତାମାନଙ୍କ ଉଦ୍ଦେଶ୍ୟରେ ଜୁଲାଇ ୨ ତାରିଖକୁ ବିଶ୍ୱ କ୍ରୀଡା ଖବରଦାତା ଦିବସ (ୱାର୍ଲ୍ଡ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଡେ) ଭାବରେ ପାଳନ କରାଯାଏ। ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ପ୍ରେସ୍ ମହାସଂଘ(ଏଆଇପିଏସ୍)ର ୭୦ ତମ ପ୍ରତିଷ୍ଠା ଦିବସ ଅବସରରେ ୧୯୯୪ ମସିହାରେ ଏହି ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସାମ୍ବାଦିକତା ବିଶ୍ୱର ଏକ ପୁରାତନ ବୃତ୍ତି ହୋଇଥିବା ବେଳେ ସ୍ପୋର୍ଟ୍ସ ଜର୍ନାଲିଜମ ୧୮୦୦ ଶତାବ୍ଦୀରେ ଆରମ୍ଭ ହୁଏ। ତତ୍କାଳୀନ ସମୟର କିଛି ଲୋକପ୍ରିୟ ଖେଳକୁ ନେଇ ଏହି ସାମ୍ବାଦିକତା ଜାରି ରହିଥିଲା। ୧୯୨୦ ପରଠାରୁ ବିଭିନ୍ନ ଖବରକାଗଜ ଓ ମାଗାଜିନ୍‌ରେ କ୍ରୀଡା ବିଭାଗକୁ ଅଧିକ ସ୍ଥାନ ମିଳିବା ଆରମ୍ଭ ହୁଏ। ୧୮୦୦ ଶତାବ୍ଦୀରେ କ୍ରୀଡ଼ା ସାମ୍ବାଦିକତା ଆରମ୍ଭ ହୋଇଥିବା ବେଳେ ୧୮୨୦ ଓ ୧୮୩୦ ବେଳକୁ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ପରିସଂଖ୍ୟାନ ଅନୁଯାୟୀ ୧୮୮୦ରେ ଗୋଟିଏ ଖବରକାଗଜର ୦.୪% କ୍ରୀଡ଼ା ସାମ୍ବାଦିକତା ପାଇଁ ଉତ୍ସର୍ଗୀକୃତ ରହିଥିଲା। ମାତ୍ର ୧୯୨୦ ବେଳକୁ ଏହା ବୃଦ୍ଧି ପାଇ ୨୦ ପ୍ରତିଶତରେ ପହଞ୍ଚିଥିଲା। କ୍ରୀଡା ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା ଏହି ଦିବସ ପାଳନର ଏକମାତ୍ର ଲକ୍ଷ୍ୟ।

ଚଳିତ ବର୍ଷର ଲକ୍ଷ୍ୟ

ଚଳିତ ବର୍ଷର କ୍ରୀଡା ସାମ୍ବାଦିକ ଦିବସ ଅବସରରେ ଏକ କ୍ରୀଡା ଆଲେଖ୍ୟ ପଢ଼ିବା ପାଇଁ ଏଆଇପିଏସ୍ ପକ୍ଷରୁ କୁହାଯାଇଛି। କୌଣସି ଏକ ଚ୍ୟାନେଲର ସ୍ପୋର୍ଟ୍ସ ବ୍ରଡ୍‌କାଷ୍ଟକୁ ଦେଖନ୍ତୁ ଅଥବା ଶୁଣନ୍ତୁ। ଏହାସହିତ #worldsports-journalism ହାଶ୍ ଟ୍ୟାଗ୍ ସହିତ ନିଜର ସୋସିଆଲମିଡିଆରେ ଏକପୋଷ୍ଟ କରନ୍ତୁ।

ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲରେ ଜାପାନ

ସିଡ୍‌ନୀ, ୧୭(ଏପି)

ଏସିଆ କପ୍ ମହିଳା ବାସ୍କେଟବଲ୍

ଏସିଆ କପ୍ ମହିଳା ବାସ୍କେଟବଲ୍‌ର ଏକ ସେମିଫାଇନାଲରେ ଜାପାନ ୮୮-୫୨ରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଚଳିତ ସପ୍ତାହ ପ୍ରଥମ ଭାଗରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୨୫ ପଏଣ୍ଟରେ ପରାସ୍ତ କରି ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିନେଇଥିଲା। ଆସନ୍ତାବର୍ଷର ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଜାପାନ ଆରମ୍ଭରୁ ନ୍ୟୁଜିଲାଣ୍ଡକୁ ମ୍ୟାଚରେ କବ୍‌ଜା କରିବା ଲାଗି କୌଣସି ସୁଯୋଗ ଦେଇ ନ ଥିଲା। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଚାଇନା ମଧ୍ୟରେ ଖେଳାଯାଉଥିବା ଅନ୍ୟ ସେମିଫାଇନାଲ ମ୍ୟାଚ ବିଜେତା ସହ ଜାପାନ ରବିବାର ଫାଇନାଲ ଖେଳିବ। ୮ଟି ଆଞ୍ଚଳିକ ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ସେମିଫାଇନାଲିଷ୍ଟ ଜାପାନ, ଅଷ୍ଟ୍ରେଲିଆ, ଚାଇନା ଓ ନ୍ୟୁଜିଲାଣ୍ଡ ପ୍ୟାରିସ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ମଦର୍ସ ବାସ୍କେଟବଲ୍ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧୭ (ବିଜୟ ରଣା)

ସ୍ଥାନୀୟ ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲରେ ୭ମ ମଦର୍ସ ବାସ୍କେଟବଲ୍ ଲିଗ୍ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଜ୍ୟରୁ ୧୬୦ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରଛନ୍ତି। ୧୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ବାଳକ ବର୍ଗରେ ୮ ଏବଂ ବାଳିକା ବଗରେ ୪ ଦଳ ଭାଗ ନେବେ। ବାଳକ ବିଭାଗରେ ୧୦୦ ଜଣ ଖେଳାଳିଙ୍କୁ ଡଙ୍କର୍ସ, ହୁପର୍ସ, ସ୍ପାର୍ଟନସ, ହରିକେନ୍ସ, ଆଭେଞ୍ଜର୍ସ, ୟଙ୍ଗଷ୍ଟର୍ସ, ଓଲ୍‌ଭୋରିନ୍ସ ଏବଂ ୱାରିୟର୍ସ ଆଦି ୧୦ଟି ଦଳରେ ବିଭକ୍ତ କରାଯାଇଛି। ସେହିପରି ବାଳିକାମାନଙ୍କୁ ଆଭେଞ୍ଜର୍ସ, ହୁପର୍ସ ସ୍ପାର୍ଟନ୍ସ ଓ ୱାରିୟର୍ସ ଆଦି ୪ଟି ଦଳରେ ବିଭକ୍ତ କରାଯାଇଛି। ପୂର୍ବରୁ ନିଲାମ ପ୍ରକ୍ରିୟା ଜରିଆରେ ବିଭିନ୍ନ ଦଳ ପାଇଁ ଖେଳାଳି ମନୋନୟନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ବାସ୍କେଟବଲ୍ ଆସୋସିଏଶନର ସମ୍ପାଦକ ଅଶୋକ ସାହୁ ମୁଖ୍ୟଅତିଥି, ମଦର୍ସ ଗ୍ରୁପ୍ ଅଫ୍ ଏଜୁକେଶନର ପରିଚାଳନା ନିର୍ଦ୍ଦେଶକ ଶ୍ରୀଜିତ୍ ପଟ୍ଟନାୟକ ଓ ମଦର୍ସ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ଯୋଗ ଦେଇଥିଲେ। ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ୧୦,୦୦୦ ଟଙ୍କା ସହ ଟ୍ରଫି ଏବଂ ପ୍ରତ୍ୟେକ ମ୍ୟାଚର ଶ୍ରେଷ୍ଠ ଖେଳାଳି ତଥା ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯିବ।

ମଦର୍ସ ବାସ୍କେଟବଲ୍ ଲିଗ୍‌ର ଉଦ୍‌ଘାଟନୀ ଅବସରରେ ଅତିଥି ଓ କର୍ମକର୍ତ୍ତାଙ୍କ ସହ ଖେଳାଳିମାନେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ